DHARITRI

ଭୁବନେଶ୍ୱର, ବୁଧବାର, ମେ' ୨୪/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, May 24/2023 | Page 16 | ₹ 7.00

୪୯ଶ ଭାଗ ୧୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 178 | ମୂଲ୍ୟ ₹୭/-



**ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ ପଦକ**

ବାହାରିନ୍‌ର ମାନାମାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୨ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୬

୦୨

**ଜାକ୍‌ଲିନ୍‌ଙ୍କୁ ବିଦେଶ ଯିବା ଲାଗି ଅନୁମତି**

ମନିଲଣ୍ଡରିଂ ମାମଲାରେ ଅଭିଯୁକ୍ତ ବଲିଉଡ୍ ଅଭିନେତ୍ରୀ ଜାକ୍‌ଲିନ୍ ଫର୍ନାଣ୍ଡିସ୍‌ଙ୍କୁ ବିଦେଶ ଯିବା ଲାଗି ଦିଲ୍ଲୀର ଏକ ଅଦାଲତ ଅନୁମତି ଦେଇଛନ୍ତି।



# ଆରମ୍ଭ ମାତ୍ର

ଓଡ଼ିଶା ସରକାର ଶୈବପୀଠଗୁଡ଼ିକରେ ଗଞ୍ଜେଇ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସବୁ ଜିଲାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନଙ୍କୁ ପଦକ୍ଷେପ ନେବା ଲାଗି ଲେଖିଛନ୍ତି। ରାଜ୍ୟରେ ଏବେ ସରକାରଙ୍କର ଏଭଳି ପଦକ୍ଷେପ ସମ୍ପର୍କରେ ଆଲୋଚନା ସମାଲୋଚନା ଆରମ୍ଭ ହୋଇଛି। ଅନେକ ସମୟରେ ଗଞ୍ଜେଇ ଉତ୍ପାଦନ, ବ୍ୟବହାର ତଥା କାରବାରର ଆଇନଗତ ଦିଗକୁ ନେଇ ପ୍ରଶ୍ନ ଉଠିଆସିଛି ଏବଂ ଏହା ଉପରେ ଦଣ୍ଡବିଧାନ ଆଇନ ଏନ୍‌ଡିପିଏସ୍‌ରେ ପରିବର୍ତ୍ତନ ଓ କୋହଳ କରାଯାଉଛି। ତେବେ ଏହା ସ୍ପଷ୍ଟ ଯେ, ମଦ ବ୍ୟବସାୟୀଙ୍କ ପାଖରେ ଥିବା ଶକ୍ତିର ପ୍ରୟୋଗ ଯୋଗୁ ଗଞ୍ଜେଇକୁ ବେଆଇନ କରି ରଖିବାର ଉଦ୍ୟମ ଲାଗିରହିଛି। ଗଞ୍ଜେଇ ସେବନ କରୁଥିବା ବ୍ୟକ୍ତିର ପ୍ରଭାବରେ ପରିବାରର ଅର୍ଥନୀତି ଧ୍ୱଂସ ପାଏ ନାହିଁ କିମ୍ବା ସେହି ବ୍ୟକ୍ତି ଗୁରୁତର ଭାବେ ରୋଗାକ୍ରାନ୍ତ ହୋଇ ଘରୁ ଅର୍ଥ ଖର୍ଚ୍ଚ କରାଇଦିଏ ନାହିଁ। ଗଞ୍ଜେଇ ବିରୋଧୀ ଲବିର ଚାବି ରହିଛି ଦେଶୀମଦ ଭାଟି ମାଲିକଙ୍କ ପାଖରେ। ଗ୍ରାମାଞ୍ଚଳରେ ମଦ ରାନ୍ଧୁଥିବା ଭାଟି ମାଲିକ ଏବଂ ତା' ସହିତ ଥିବା ଗୁଣ୍ଡାଙ୍କ ପାଖରେ ଅନେକ କୋଟି ଖର୍ଚ୍ଚ କରିବାର ଶକ୍ତି ରହିଛି। ଅଧିକାଂଶ ଥାନା ଏବଂ ଅବକାରୀ କର୍ମଚାରୀ ଏହି ଭାଟି ମାଲିକଙ୍କ କବ୍‌ଜାରେ ରହି କାର୍ଯ୍ୟ କରନ୍ତି। ଯେତେବେଳେ ଗ୍ରାମାଞ୍ଚଳରେ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନ କରନ୍ତି ସେତେବେଳେ ଉଭୟ ପୋଲିସ ଓ ଅବକାରୀ ବିଭାଗ ନିଜ ଇଚ୍ଛାରେ ମାଡ଼ିଯାଇ ମହିଳାମାନଙ୍କୁ ଦମନ କରନ୍ତି। ଏହି ଦୃଶ୍ୟ ସମଗ୍ର ଓଡ଼ିଶାରେ ଦେଖିବାକୁ ମିଳେ।

ମନେରଖିବାକୁହେବ ଯେ, ୧୯୮୫ ଯାଏ ମନୋରଞ୍ଜନ କ୍ଷେତ୍ରରେ ଗଞ୍ଜେଇର ବ୍ୟବହାର ଭାରତରେ ଅପରାଧ ଶ୍ରେଣୀଭୁକ୍ତ ନ ଥିଲା। ପରେ ରାଜୀବ ଗାନ୍ଧୀ ସରକାରଙ୍କ ସମୟରେ ଏହା ଉପରେ କଟକଣା ଅଣାଗଲା। ଗଞ୍ଜେଇ ଓ ଭାଙ୍ଗ ଉପରେ ଭାରତରେ କଟକଣା ରହିଥିଲେ ବି ଧାର୍ମିକ ଓ ସାମାଜିକ କ୍ଷେତ୍ରରେ ଏହାର ସମ୍ପର୍କ ରହିଆସିଛି। ଆମ ପରମ୍ପରାରେ ଏହା ପୁରାତନ ଯୁଗରୁ ରହିଛି। ଔଷଧୀୟ ଗୁଣରେ ଗଞ୍ଜେଇର ମଧ୍ୟ ଅନେକ ଗୁରୁତ୍ୱ ଅଛି।

**ତଥାଗତ ସତପଥୀ**

ମଦ ଓ ଗୁଟ୍‌ଖା ଘଟାଉଥିବା କ୍ଷତି ତୁଳନାରେ ଗଞ୍ଜେଇର ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ କ୍ଷୁଦ୍ର ନକାରାତ୍ମକ ପ୍ରଭାବ ଥାଏ ବୋଲି ବିଶେଷଜ୍ଞମାନେ ମତ ଦେଇଆସୁଛନ୍ତି। ଏହା ବ୍ୟତୀତ ହେରୋଇନ ଏବଂ ବିଭିନ୍ନ ଟାବଲେଟ ଭଳି ଘାତକ ନିଶାଦ୍ରବ୍ୟ କଥା ବିଚାରକୁ ନେଲେ ଭାରତରେ ଏହା ଏବେ କାୟା ମେଲାଇ ସାରିଲାଣି ଓ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଓଡ଼ିଶାର ରାସ୍ତାକଡ଼, ଗାଁଗହଳିରେ ମଦ ଉତ୍ପାଦନ ଓ କାରବାରକୁ ଲକ୍ଷ୍ୟ କଲେ ନିଶା କ୍ଷେତ୍ରରେ ଗଞ୍ଜେଇ ପ୍ରାୟତଃ କ୍ଷୀଣ ମନେହୁଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗଞ୍ଜେଇ ପଛରେ କ୍ଷୁଦ୍ର ଚାଷୀ ବ୍ୟତୀତ କୌଣସି ବ୍ୟବସାୟିକ ଧନ ଶକ୍ତି ନାହିଁ। ଅପରପକ୍ଷରେ ଆମେରିକା ଭଳି ଦେଶରେ ଅଧିକାଂଶ ରାଜ୍ୟ ଗଞ୍ଜେଇ ଚାଷକୁ ଆଇନସିଦ୍ଧ କରିସାରିଲେଣି। କାରଣ ବିଶ୍ୱବ୍ୟାପୀ ଗଞ୍ଜେଇର ସକାରାତ୍ମକ ଦିଗକୁ ବୈଜ୍ଞାନିକମାନେ ଚିହ୍ନିବା ଆରମ୍ଭ କଲେଣି। ଏଥିରୁ ପ୍ରସ୍ତୁତ ହେଉଥିବା ଔଷଧ ଅନେକ ଦେଶରେ କର୍କଟ ଆକ୍ରାନ୍ତ ରୋଗୀଙ୍କଠାରୁ ଆରମ୍ଭ କରି ମାଇଗ୍ରେନ୍ ଭଳି ଉତ୍କଟ ମୁଣ୍ଡବ୍ୟଥାରେ ପୀଡ଼ିତ ରୋଗୀଙ୍କୁ ଔଷଧ ଭାବେ ଏଲୋପ୍ୟାଥି ଡାକ୍ତରମାନେ ଦେଉଛନ୍ତି। ଆହୁରି ମଧ୍ୟ କୁହାଯାଇପାରେ ଯେ, ପୂର୍ବରୁ ଥାଇଲାଣ୍ଡ ଭଳି ଦେଶରେ ଗଞ୍ଜେଇ ବ୍ୟବହାରକାରୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଉଥିଲା। ସେହି ଦେଶରେ ନିକଟ ଅତୀତରେ ଆଇନ ବଦଳାଯାଇ ଗଞ୍ଜେଇ ଚାଷ ଏବଂ ବ୍ୟବହାରକୁ ସମ୍ପୂର୍ଣ୍ଣ ସ୍ୱୀକୃତି ଦିଆଯାଇଛି।

ଗଞ୍ଜେଇ ହେଉଛି ଭାରତକୁ ମିଳିଥିବା ପ୍ରକୃତିର ଆଶୀର୍ବାଦ। ହିମାଳୟ ଅଞ୍ଚଳରେ ବିଭିନ୍ନ ପ୍ରକାର ଚେରମୂଳିକୁ ନେଇ ଆୟୁର୍ବେଦ ଆରମ୍ଭ ହୋଇଥିଲା। ସେହି ଅଞ୍ଚଳରେ ଗଞ୍ଜେଇଗଛ ମନକୁ ମନ ଜଙ୍ଗଲୀ ବୃକ୍ଷ ଭାବେ ବଢ଼ିଥାଏ। ସେଠାରୁ ମଞ୍ଜି ନେଇ ଆଜି ବିଶ୍ୱବ୍ୟାପୀ ଗଞ୍ଜେଇ ଚାଷ କରାଯାଉଛି। ଗଞ୍ଜେଇର ସକାରାତ୍ମକ ଦିଗକୁ ଦେଖିବା ପରିବର୍ତ୍ତେ ଭାରତୀୟ ବ୍ୟବସ୍ଥା କେବଳ ମଦ ଲବିର ପଇସାରେ ଉତ୍‌ଫୁଲ୍ଲିତ ହୋଇ ବିଭିନ୍ନ ଆଇନ ସୃଷ୍ଟି କରିବାରେ ଲାଗିଛି। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଏହି ରାଜ୍ୟର ପରମ୍ପରାକୁ ବିରୋଧ କରୁଛି। ଯେତେବେଳେ ଜାଲିକାଟୁ ଭଳି ନୃଶଂସ ପରମ୍ପରାକୁ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟ ମଧ୍ୟ ଅସଫଳ ହୋଇଛନ୍ତି ସେହି ସମୟରେ ଓଡ଼ିଶା ସରକାରଙ୍କର ପରମ୍ପରା ସହିତ ସମ୍ପୃକ୍ତ ଗଞ୍ଜେଇ ବିରୋଧୀ ନୀତି ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ଏକ ଆଗୁଆ ରାଜ୍ୟ ଭାବେ ବିଶ୍ୱବ୍ୟାପୀ ପରିଚିତ ଥିଲା, କାରଣ ଏଠାରେ ସରକାରୀ ଦୋକାନରେ ଗଞ୍ଜେଇ କିଣିବା ଆଜି ମଧ୍ୟ ସମ୍ଭବପର। ସେଭଳି ପ୍ରଚ୍ଛଦପଟରେ ଓଡ଼ିଆ ସଂସ୍କୃତି ଏବଂ ପରମ୍ପରାକୁ ଭାଙ୍ଗୁଥିବା ଅଣ ଓଡ଼ିଆ ନୀତି ରାଜ୍ୟକୁ କ୍ଷତି ପହଞ୍ଚାଇବ। ଇଂଲିଶରେ କୁହାଯାଏ 'ପଲିସି କ୍ରିପ୍', ଏହାର ଅର୍ଥ ହେଲା କ୍ଷୁଦ୍ର ଏବଂ ଛୋଟ ନୀତି କିମ୍ବା ଆଇନ ପ୍ରଣୟନ କରି ସାଧାରଣ ନାଗରିକଙ୍କର ଜୀବନଯାପନରେ ପ୍ରଭାବ ପକାଇବା। ଯେଉଁ ସରକାର ଏଭଳି ଆଇନ ପ୍ରଣୟନ କରନ୍ତି ତାହା ଏବେ କ୍ଷୁଦ୍ର ଲାଗିପାରେ କିନ୍ତୁ ଏହା କେବଳ ଆରମ୍ଭ ମାତ୍ର।



## ଟ୍ରକ୍‌ରେ ଦିଲ୍ଲୀରୁ ଚଣ୍ଡିଗଡ଼ ଗଲେ ରାହୁଲ: ଡ୍ରାଇଭରମାନଙ୍କ ମନ କଥା ଶୁଣିଲେ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ରାତିରେ ଦିଲ୍ଲୀରୁ ଚଣ୍ଡିଗଡ଼ ଏକ ଟ୍ରକ୍‌ରେ ଯାତ୍ରା କରିଛନ୍ତି। ଟ୍ରକ୍ ଡ୍ରାଇଭରମାନଙ୍କର ମନର କଥା ଶୁଣିବା ଥିଲା ଏହି ଯାତ୍ରାର ଉଦ୍ଦେଶ୍ୟ। ଡ୍ରାଇଭରମାନେ ସେମାନଙ୍କ ପେସାରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜ ସମ୍ପର୍କରେ ରାହୁଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରାହୁଲ ଏକ ଢାବାରେ ମଧ୍ୟ ଡ୍ରାଇଭରମାନଙ୍କ ସହ କଥା ହୋଇଥିଲେ। ଦେଶରେ ପ୍ରାୟ ୯୦ ଲକ୍ଷ ଟ୍ରକ୍ ଡ୍ରାଇଭର ଅଛନ୍ତି, ଯେଉଁମାନଙ୍କର ନିଜସ୍ୱ ସମସ୍ୟା ରହିଛି। ରାହୁଲ ସେମାନଙ୍କ ମନ୍ କୀ ବାତ୍ ଶୁଣିଥିଲେ ବୋଲି କଂଗ୍ରେସ କହିଛି।

# ଏକସଙ୍ଗେ ୫ ଶିଶୁକନ୍ୟା ଜନ୍ମଦେଲେ ମହିଳା

**ରାଞ୍ଚି, ୨୩।୫**

ଏକ ବିରଳ ଘଟଣା କ୍ରମରେ ଝାଡ଼ଖଣ୍ଡର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଆର୍‌ଆଇଏମ୍‌ଏସ୍)ରେ ସୋମବାର ଜଣେ ମହିଳା ଏକସଙ୍ଗେ ୫ କନ୍ୟାସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ଅଙ୍କିତା ନାମ୍ନୀ ଏହି ମହିଳାଙ୍କ ଘର ଚତ୍ରା ଜିଲା ଇଟ୍‌ଖୋରି ଅଞ୍ଚଳରେ। ସେ ୭ ମାସ ହେଲା ଗର୍ଭବତୀ ଥିଲେ। ସମୟ ପୂର୍ବରୁ ପ୍ରସବ ହୋଇଥିବାରୁ ପିଲାମାନଙ୍କ ଓଜନ ସ୍ୱାଭାବିକଠାରୁ କମ୍ ରହିଛି। ପିଲାମାନଙ୍କୁ ନିଓନାଟାଲ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଏନ୍‌ଆଇସିୟୁ)ରେ ରଖାଯାଇଛି। ଆର୍‌ଆଇଏମ୍‌ଏସ୍ ପକ୍ଷରୁ ନବଜାତକମାନଙ୍କ ଫଟୋ ସହ ଟୁଇଟ୍ କରାଯାଇଛି। ଡାକ୍ତର ଶଶୀବାଳା ସିଂଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ସନ୍ତାନ ପ୍ରସବ କରାଯାଇଥିଲା ବୋଲି ଏଥିରେ କୁହାଯାଇଛି। ଅଙ୍କିତାଙ୍କ ଗର୍ଭରେ ୫ ଶିଶୁ ରହିଥିବା ଅଲ୍‌ଟ୍ରାସାଉଣ୍ଡରୁ ଜଣାପଡ଼ିଥିଲା। ସେମାନଙ୍କୁ ଜନ୍ମ ଦେବା ବିପଦପୂର୍ଣ୍ଣ ଓ ଆମ ପାଇଁ ଚ୍ୟାଲେଞ୍ଜ ଥିଲା ବୋଲି ଡାକ୍ତର ଶଶୀବାଳା କହିଛନ୍ତି। ତେବେ ସଫଳତାର ସହ ପିଲାମାନଙ୍କୁ ପ୍ରସବ କରାଯାଇଥିବାବେଳେ ମାଆ ଓ ଶିଶୁମାନେ ସୁସ୍ଥ ରହିଛନ୍ତି। ତେବେ ପିଲାମାନେ କମ୍ ଓଜନର ଥିବାରୁ ସେମାନଙ୍କୁ ଏନ୍‌ଆଇସିୟୁରେ ରଖାଯାଇଥିବା ଡ. ଶଶୀବାଳା କହିଛନ୍ତି। ଘରକୁ ଗୋଟିଏ ନୁହେଁ, ଏକସଙ୍ଗେ ୫ ଲକ୍ଷ୍ମୀ ଆସିଥିବାରୁ ସେ ବହୁତ ଖୁସି ବୋଲି ଅଙ୍କିତା କହିଛନ୍ତି। ବିବାହର ୭ ବର୍ଷ ପରେ ସେ ଗର୍ଭବତୀ ହୋଇଥିଲେ। ତାଙ୍କ ସ୍ୱାମୀ ଜଣେ ଫଳ ବ୍ୟବସାୟୀ। ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିବାରୁ ଝିଅମାନଙ୍କ ଲାଳନପାଳନ ଓ ଉପଯୁକ୍ତ ଶିକ୍ଷା ପାଇଁ ଅଙ୍କିତା ଲୋକମାନଙ୍କ ସହାୟତା ଚାହିଁଛନ୍ତି।

# ବରଗଡ଼ରେ ୪ ଜଣଙ୍କୁ ହତ୍ୟା

## ପୁତୁରାଙ୍କ ବଂଶ ବୁଡ଼ାଇଲେ କାକା

**ବରଗଡ଼ ଅଫିସ୍, ୨୩।୫**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଜାଣ୍ଡୋଲ ଏବଂ ଆଖିଫୁଟା ଗ୍ରାମର ଗଣହତ୍ୟା ଘଟଣା ଲୋକଙ୍କ ଆଖିରୁ ଲିଭି ନ ଥିବାବେଳେ ସୋମବାର ଏହି ଜିଲାର ଭଟଲି ଥାନା ନାରଙ୍ଗପୁର ପଞ୍ଚାୟତ ଝିଙ୍କିଝିକି ଗ୍ରାମରେ ଘଟିଥିବା ପୁଣି ଏକ ଗଣହତ୍ୟା ଜିଲାବାସୀଙ୍କୁ ସ୍ତବ୍ଧ କରିଛି। ଗ୍ରାମର ଶିବ ବାଗ(୫୮) ଏକ ଲୁହା ଶାବଳରେ ଆକ୍ରମଣ କରି ତାଙ୍କ ପୁତୁରା ଗୁରୁଦେବ(୪୫)ଙ୍କ ପରିବାରକୁ ନିଶ୍ଚିହ୍ନ କରି ଦେଇଛନ୍ତି। ଏହି ଆକ୍ରମଣରେ ଗୁରୁଦେବ ଓ ତାଙ୍କ ସ୍ତ୍ରୀ ଶିବାଗ୍ରୀ(୪୦), ପୁଅ ଚୂଡ଼ାମଣି(୧୫) ଏବଂ ଝିଅ ଶ୍ରାବଣୀ(୧୦)ଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ସକାଳୁ ପୋଲିସ ଅନୁସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଅନ୍ୟପଟେ ଅଭିଯୁକ୍ତ ଶିବ ହତ୍ୟାକାଣ୍ଡ ଭିଆଇଥିବା ସ୍ୱୀକାର କରିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଏ ନେଇ ଭଟଲି ☞ପୃଷ୍ଠା-୪






# ପାଗଳା କୁକୁର କାମୁଡ଼ାରେ ୨୧ରୁ ଊର୍ଦ୍ଧ୍ୱ ଆହତ

**କଣାସ, ୨୩।୫(ସ୍ୱ.ପ୍ର.):** ପୁରୀ ଜିଲା କଣାସ ବ୍ଲକର ନୂଆଜଗନ୍ନାଥ ସଡ଼କ ଓ ଆଖପାଖ ଗ୍ରାମରେ ମଙ୍ଗଳବାର ପାଗଳା କୁକୁର କାମୁଡ଼ାରେ ୨୧ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ଆହତମାନଙ୍କୁ କଣାସ, ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏହି ଘଟଣା ନେଇ କଣାସ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

ସୂଚନା ଅନୁଯାୟୀ, ତ୍ରିଲୋଚନପୁର, କାତପଡ଼ା, ସିରେଇ, ଦୟାବିହାର, ନୂଆଦୋକନ୍ଦା, ଜଙ୍କିଆ, ଗଡ଼ବଳଭଦ୍ରପୁର, ଖୁଣ୍ଟିଆବାଣପୁର ଗ୍ରାମର ୨୧ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପାଗଳା କୁକୁର କାମୁଡ଼ିଥିଲା। ଦୟାବିହାର ଗ୍ରାମର ତ୍ରିଲୋଚନ ବେହେରା, ଖୁଣ୍ଟିଆବାଣପୁର ଗ୍ରାମର ଆଶୁତୋଷ ହରିଚନ୍ଦନ, ବଳଭଦ୍ରପୁର ଗ୍ରାମର ଏମ୍. ମଙ୍ଗରାଜଙ୍କ ସମେତ ଅନ୍ୟ ଆହତମାନେ ପ୍ରଥମେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଆବଶ୍ୟକ ଇଞ୍ଜେକ୍‌ସନ୍ ଉପଲବ୍ଧ ନ ଥିଲା। ତେଣୁ ସେମାନଙ୍କୁ ପୁରୀ ଓ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଯେଉଁମାନେ ସାମାନ୍ୟ ଆହତ ହୋଇଛନ୍ତି ସେମାନଙ୍କୁ କଣାସ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

# ସିଭିଲ୍ ସର୍ଭିସ୍ ପରୀକ୍ଷା: ୯୩୩ ଜଣ କୃତକାର୍ଯ୍ୟ

- ଈଶିତା ଦେଶରେ ଟପ୍ପର
- ପ୍ରଥମ ୪ ସ୍ଥାନରେ ମହିଳା



ଅନୁପ ଦାସ (ର୍‍ୟାଙ୍କ-୩୮)

## ଓଡ଼ିଆଙ୍କ ସଫଳତା

- ଅନୁପ ଦାସ (ର୍‍ୟାଙ୍କ୍ ୩୮)
- ପ୍ରଣିତା ଦାଶ (ର୍‍ୟାଙ୍କ୍ ୪୨)
- କସ୍ତୁରୀ ପଣ୍ଡା (ର୍‍ୟାଙ୍କ୍ ୬୭)
- ସୌମ୍ୟରଞ୍ଜନ ଦାସ (ର୍‍ୟାଙ୍କ୍ ୧୩୬)
- ସୋନାଲି ମିଶ୍ର (ର୍‍ୟାଙ୍କ୍ ୧୪୦)
- ଦୁର୍ଗା ପ୍ରସାଦ ଅଧିକାରୀ (ର୍‍ୟାଙ୍କ୍ ୧୬୨)
- ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ (ର୍‍ୟାଙ୍କ୍ ୧୭୬)
- ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆ (ର୍‍ୟାଙ୍କ୍ ୨୪୮)
- ଆକ୍ରିତି ସେଠୀ (ର୍‍ୟାଙ୍କ୍ ୨୪୯)
- ସତ୍ୟ ପ୍ରକାଶ ମିଶ୍ର (ର୍‍ୟାଙ୍କ୍ ୨୬୧)
- ଆୟୁଷୀ ପ୍ରଧାନ (ର୍‍ୟାଙ୍କ୍ ୩୩୪)
- ରଶ୍ମୀ ପ୍ରଧାନ (ର୍‍ୟାଙ୍କ୍ ୪୦୫)
- ତେଜସ୍ୱିନୀ ବେହେରା (ର୍‍ୟାଙ୍କ୍ ୫୧୬)
- ରାକେଶ କୁମାର ସାହୁ (ର୍‍ୟାଙ୍କ୍ ୫୭୫)
- ପ୍ରଥମା ପ୍ରତୀକ୍ଷା ପ୍ରଧାନ (ର୍‍ୟାଙ୍କ୍ ୬୭୦)
- ଶୁଭସ୍ମିତା ସେଠୀ (ର୍‍ୟାଙ୍କ୍ ୬୮୦)
- ମାନସଜ୍ୟୋତି ଦାସ (ର୍‍ୟାଙ୍କ୍ ୮୮୧)
- ସିଦ୍ଧାନ୍ତ ବେସ୍ରା (ର୍‍ୟାଙ୍କ୍ ୮୮୭)
- ହରେକୃଷ୍ଣ ମେହେର (ର୍‍ୟାଙ୍କ୍ ୯୩୧)

**ନୂଆଦିଲ୍ଲୀ, ୨୩।୫(ପି.ଟି.)**

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ମଙ୍ଗଳବାର ସିଭିଲ୍ ସର୍ଭିସ୍ ପରୀକ୍ଷା-୨୦୨୨ ଫଳାଫଳ ପ୍ରକାଶ କରିଛି। ଏଥର ମୋଟ ୯୩୩ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ଦିଲ୍ଲୀ ୟୁନିଭର୍ସିଟିର ସ୍ନାତକଧାରୀ ଈଶିତା କିଶୋର ଟପ୍ପର ହୋଇଛନ୍ତି। ପରୀକ୍ଷାରେ ଶୀର୍ଷ ୪ ର୍‍ୟାଙ୍କ୍ ମହିଳାମାନେ ହାତେଇଛନ୍ତି। ଗାରିମା ଲୋହିଆ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଉମା ହାରାଥି ଏନ୍ ଏବଂ ସ୍ମିତି ମିଶ୍ରା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ର୍‍ୟାଙ୍କରେ ରହିଛନ୍ତି। ଲୋହିଆ ଏବଂ ମିଶ୍ରା ଦିଲ୍ଲୀ ୟୁନିଭର୍ସିଟିର ଗ୍ରାଜୁଏଟ୍ ହୋଇଥିବାବେଳେ ହାରାଥି ହେଉଛନ୍ତି ଆଇଆଇଟି ହାଇଦ୍ରାବାଦର ବି.ଟେକ୍ ଡିଗ୍ରୀଧାରୀ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ସିଭିଲ ସର୍ଭିସ ପରୀକ୍ଷାର ଶୀର୍ଷ ୩ ର୍‍ୟାଙ୍କରେ କେବଳ ମହିଳା ରହିଛନ୍ତି। ୨୦୨୧ ପରୀକ୍ଷାରେ ଶ୍ରୁତି ଶର୍ମା, ଅଙ୍କିତା ଅଗ୍ରୱାଲ ଏବଂ ଗାମିନି ସିଙ୍ଗ୍‌ଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ର୍‍ୟାଙ୍କ୍ ହାସଲ କରିଥିଲେ। ଏଥିରେ ବହୁ ଓଡ଼ିଆ କୃତକାର୍ଯ୍ୟ ହୋଇଛନ୍ତି। ଜଗତ୍‌ସିଂହପୁର ଜିଲା ନାଉଗାଁ କୋକିଡିହ ଗାଁର ଅନୁପ ଦାସ ୩୮ ର୍‍ୟାଙ୍କ୍ ହାସଲ କରିଛନ୍ତି। ସେ ଆଇଆର୍‌ଏସ୍ ପାଇ ଦିଲ୍ଲୀରେ ଆୟକର ବିଭାଗରେ କାର୍ଯ୍ୟରତ ଅଛନ୍ତି। ହସ୍ତଗତ ସୂଚନା ଅନୁଯାୟୀ ଅନୁପ ରାଜ୍ୟ ଟପ୍ପର ହୋଇଛନ୍ତି। ଏଥର ସିଭିଲ୍ ସର୍ଭିସ ପରୀକ୍ଷାରେ ୯୩୩ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୧୩ ଜଣ ଛାତ୍ର ଓ ୩୨୦ ଜଣ ଛାତ୍ରୀ ଅଛନ୍ତି। ଶୀର୍ଷ ୨୫ ପ୍ରାର୍ଥୀଙ୍କ ମଧ୍ୟରୁ ୧୪ ଜଣ ଛାତ୍ରୀ ହୋଇଥିବାବେଳେ ୧୧ ଜଣ ଛାତ୍ର। ୟୁପିଏସ୍‌ସି ଦ୍ୱାରା ସିଭିଲ ସର୍ଭିସ ପରୀକ୍ଷା ☞ପୃଷ୍ଠା-୪





ଅଧିକୃତ କଶ୍ମୀରରେ ପର୍ଯ୍ୟଟନ ସମ୍ମିଳନୀ କରି ଭାରତ ଜି୨୦ ଅଧ୍ୟକ୍ଷତାର ଦୁରୁପଯୋଗ କରୁଛି।

-ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ

## ସଂକ୍ଷେପରେ

### ପାର୍ଲାମେଣ୍ଟ ବିଲ୍ଡିଂ ଉଦ୍‌ଘାଟନକୁ ବର୍ଜନ କରିବେ ଟିଏମ୍‌ସି, ବାମପନ୍ଥୀ, ଏଏପି

**ନୂଆଦିଲ୍ଲୀ, ୨୩।୫:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପାର୍ଲାମେଣ୍ଟର ନୂଆ ବିଲ୍ଡିଂକୁ ଉଦ୍‌ଘାଟନ କରିବେ। ତୃଣମୂଳ କଂଗ୍ରେସ,ବାମପନ୍ଥୀ ଏବଂ ଆମ୍ ଆଦ୍‌ମୀ ପାର୍ଟି ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବର୍ଜନ କରିବେ। କଂଗ୍ରେସ ସମେତ କେତେକ ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ରାଷ୍ଟ୍ରପତି ନୂଆ ପାର୍ଲାମେଣ୍ଟ ବିଲ୍ଡିକୁ ଉଦ୍‌ଘାଟନ କରିବା ଉଚିତ ବୋଲି ମତ ଦେଇଛନ୍ତି। ଦଳଗୁଡ଼ିକ ଆନୁଷ୍ଠାନିକ ନିମନ୍ତ୍ରଣ ପାଇବା ପରେ ବୁଧବାର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏକ ବିବୃତିରେ କୁହାଯାଇଛି।

### ପଶ୍ଚିମବଙ୍ଗରୁ ବିପୁଳ ବିସ୍ଫୋରକ, ବାଣ ଜବତ: ୧୦୦ ଗିରଫ

**କୋଲକାତା, ୨୩।୫ (ପି.ଟି.):** ପଶ୍ଚିମବଙ୍ଗ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ସାଙ୍ଗକୁ ବେଆଇନ ବାଣ ଜବତ କରିଛି। ବେଆଇନ ବାଣ କାରଖାନା ଚଳାଇବା ଅଭିଯୋଗରେ ୧୦୦ ଜଣଙ୍କୁ ଗିରଫ କରାଯିବା ସହ ମୋଟ ୧୩୨ ମାମଲା ରୁଜୁ ହୋଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ନଦିଆ, ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ସୋମବାରଠାରୁ ଚଢ଼ାଉ ଜାରି ରହିଥିଲା। ମଙ୍ଗଳବାର ସୁଦ୍ଧା ୩୪,୦୦୦ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ ଓ ବେଆଇନ ବାଣ ଜବତ ହୋଇଛି। ଗତ ୮ ଦିନ ମଧ୍ୟରେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୭ ଜଣଙ୍କ ଜୀବନ ଗଲାଣି।

### କେଜରିୱାଲଙ୍କୁ ଗୁଜରାଟ କୋର୍ଟର ସାନି ସମନ

**ଅହମଦାବାଦ, ୨୩।୫:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ଡିଗ୍ରୀ ଉପରେ ପ୍ରଶ୍ନ ଉଠାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଭା ସଦସ୍ୟ ସଞ୍ଜୟ୍ ସିଂଙ୍କୁ ଜୁନ୍ ୭ରେ ହାଜର ହେବା ଲାଗି ଗୁଜରାଟର ଏକ ସ୍ଥାନୀୟ ଅଦାଲତ ମଙ୍ଗଳବାର ସାନି ସମନ ଜାରି କରିଛନ୍ତି। ଗୁଜରାଟ ୟୁନିଭର୍ସିଟି ପକ୍ଷରୁ ଉଭୟଙ୍କ ନାଁରେ ମାନହାନି ମାମଲା ଦାଏର କରାଯାଇଥିଲା। ମେ' ୨୩ରେ ହାଜର ହେବା ଲାଗି ପୂର୍ବରୁ କେଜ୍‌ରିୱାଲ ଓ ସିଂଙ୍କୁ ସମନ ଜାରି ହୋଇଥିଲା। ସେମାନେ ହାଜର ନ ହେବାରୁ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଏସ୍‌ଜେ ପଞ୍ଚାଲଙ୍କ କୋର୍ଟ ସାନି ସମନ ଜାରି କରିଛନ୍ତି।

### ୨୦ ବାଇକ୍ ଜଳିଗଲା

**ଲକ୍ଷ୍ନୌ, ୨୩।୫:** ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ସିଭିଲ କୋର୍ଟ ପରିସର ବାହାରେ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗି ୨୦ଟି ବାଇକ୍ ଜଳିଯାଇଛି। କୋର୍ଟର ଦୁଇ ନମ୍ବର ଗେଟ୍ ବାହାରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିଲା। ଏହା ସଙ୍ଗେ ସଙ୍ଗେ ରାସ୍ତା ପାର୍ଶ୍ୱରେ ପାର୍କିଂ ହୋଇଥିବା ଗାଡ଼ି ପାଖକୁ ବ୍ୟାପିଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ୨୦ଟି ଦୁଇଚକିଆ ଯାନ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଝୁଲି ରହିଥିବା ବିଦ୍ୟୁତ ତାର ସମ୍ପର୍କରେ ଓକିଲମାନେ ପୂର୍ବରୁ ଏଲ୍‌ଇଏସ୍‌ଏ ଏବଂ ଏଲ୍‌ଏମ୍‌ସି ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକାର କରା ନ ଯିବାରୁ ଏତେ ସଂଖ୍ୟାରେ ଗାଡ଼ି ପୋଡ଼ିଗଲା। ଏଥିପାଇଁ ପୂର୍ଣ୍ଣ କ୍ଷତିପୂରଣ ଦାବିରେ ଓକିଲମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ପୋଲିସ୍ ଗାଡ଼ି ଭଙ୍ଗାରୁଜା ନେଇ ଅଭିନେତ୍ରୀ ଡିମ୍ପଲଙ୍କ ନାଁରେ ମାମଲା

**ହାଇଦ୍ରାବାଦ, ୨୩।୫:** ଜଣେ ଆଇପିଏସ୍ ଅଫିସରଙ୍କ କାର୍ ଭଙ୍ଗାରୁଜା ଅଭିଯୋଗରେ ଟଲିଉଡ୍ ଅଭିନେତ୍ରୀ ଡିମ୍ପଲ ହାୟାଥି ଓ ତାଙ୍କ ପୁରୁଷ ବନ୍ଧୁଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଡିସିପି (ଟ୍ରାଫିକ୍-୧) ରାହୁଲ ହେଗ୍‌ଡେ ତାଙ୍କ କାର୍‌କୁ ଜୁବିଲି ହିଲ୍ସ ସ୍ଥିତ ଆପାର୍ଟମେଣ୍ଟର ଅଣ୍ଡରଗ୍ରାଉଣ୍ଡ ପାର୍କିଂ ସ୍ଥାନରେ ରଖିଥିବାବେଳେ ଡିମ୍ପଲ ଓ ତାଙ୍କ ପୁରୁଷ ବନ୍ଧୁ ଉଦ୍ଦେଶ୍ୟମୂଳକ ଭାବେ ଏହାକୁ କ୍ଷତି ପହଞ୍ଚାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଡିସିପିଙ୍କ ଡ୍ରାଇଭର ଥାନାରେ ଏତଲା ଦେଇଥିଲେ। କାର୍ ରଖିବା ସମୟରେ ବାରମ୍ବାର ଡିମ୍ପଲ ଓ ତାଙ୍କ ପୁରୁଷ ବନ୍ଧୁ ରାସ୍ତା ଅବରୋଧ କରୁଥିଲେ। ସେମାନେ ଗାଡ଼ି କାଢ଼ିବା ବେଳେ ଜାଣିଶୁଣି ଡିସିପିଙ୍କ କାର୍‌ରେ ପିଟି କ୍ଷତିଗ୍ରସ୍ତ କରିଥିବା ଡ୍ରାଇଭର କହିଛନ୍ତି।



ଡିମ୍ପଲ ହାୟାଥି

# ୪ କଶ୍ମୀରୀ ଖବରଦାତାଙ୍କୁ ତୁରନ୍ତ ଛାଡ଼

**ନୂଆଦିଲ୍ଲୀ, ୨୩।୫**

ପ୍ୟାରିସରେ ମୁଖ୍ୟାଳୟ ଥିବା ମିଡିଆ ୱାଚ୍‌ଡଗ୍ ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ଏବର୍ଷ ୧୮୦ ଦେଶକୁ ନେଇ ପ୍ରସ୍ତୁତ କରିଥିବା ୱାର୍ଲ୍ଡ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ ବା ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତକୁ ୧୬୧ତମ ସ୍ଥାନରେ ରଖିଛି। ସର୍ବବୃହତ୍ ଗଣତନ୍ତ୍ରର ଏହା ହେଉଛି ସର୍ବନିମ୍ନ ପାହ୍ୟା। ଚଳିତ ବର୍ଷ ଜି୨୦ର ଅଧ୍ୟକ୍ଷତା କରୁଥିବା ଭାରତ ପକ୍ଷରୁ ଜମ୍ମୁ-କଶ୍ମୀରରେ ସୋମବାରଠାରୁ ୩ ଦିନିଆ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକ ଚାଲିଛି। ଏହି ପରିପ୍ରେକ୍ଷୀରେ ଉପତ୍ୟକାରେ ଗଣମାଧ୍ୟମ ଉପରେ ସରକାରୀ କଟକଣା ଏବଂ ଖବରଦାତାମାନଙ୍କ ଗିରଫଦାରିକୁ ଏକ ଅଗ୍ରଣୀ ୱାଚ୍‌ଡଗ୍ ପକ୍ଷରୁ ଦୃଢ଼ନିନ୍ଦା କରାଯାଇଛି। ନ୍ୟୁୟର୍କସ୍ଥିତ କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟ (ସିପିଜେ) ବେଆଇନ ଭାବେ ଗିରଫ କରାଯାଇଥିବା ୪ ଜଣ କଶ୍ମୀରୀ ଖବରଦାତାଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ଦାବି କରିଛି।

## ସିପିଜେର ଦାବି

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହିନ୍ଦୁ ଜାତୀୟତାବାଦୀ ସରକାର ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରି ଏହାର ସ୍ୱାୟତ୍ତତାକୁ ସୀମିତ କରିବା ସହ ଶାସନକୁ ନୂଆଦିଲ୍ଲୀର ପ୍ରତ୍ୟକ୍ଷ ନିୟନ୍ତ୍ରଣକୁ ନେଇଯାଇଛନ୍ତି। ନୂଆଦିଲ୍ଲୀ ସମ୍ପୃକ୍ତ ଅଞ୍ଚଳରେ କଡ଼ା ଶାସନ ଚଳାଇବା ସହ ବରିଷ୍ଠ ରାଜନେତା, ଆକ୍ଟିଭିଷ୍ଟ, ଖବରଦାତା ଓ ଆଇନଜୀବୀଙ୍କ ସମେତ ଅନେକ ହଜାର ଲୋକଙ୍କୁ ଗିରଫ କରିଛି। ସେବେଠୁ ମୋଦି ସରକାର ବିଭିନ୍ନ ଆଇନ ଓ ନୀତି ପ୍ରଣୟନ କରିଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କ ଅଧିକାରଗୁଡ଼ିକୁ ନ୍ୟୂନକରି ଜୀବିକାରୁ ଉଚ୍ଛେଦ କରିବା ପାଇଁ ଏସବୁ ଉଦ୍ଦିଷ୍ଟ ବୋଲି ଅଭିଯୋଗ ଆଣୁଛନ୍ତି। କଶ୍ମୀରୀ ଖବରଦାତାମାନେ କୁହନ୍ତି, ୨୦୧୯ରୁ ସେମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଅନେକ ଖବରଦାତାଙ୍କ ଘରେ ଚଢ଼ାଉ କରାଯାଉଛି। ସେମାନଙ୍କୁ ପୋଲିସ ଜେରା ପାଇଁ ଡାକୁଛି। ପର୍ଯ୍ୟବେକ୍ଷକମାନେ ଏହି ପଦକ୍ଷେପକୁ ଜମ୍ମୁ-କଶ୍ମୀରରେ ବାସ୍ତବଧର୍ମୀ ରିପୋର୍ଟିଂକୁ ନୀରବ କରିଦେବା ପାଇଁ ଭାରତର ଉଦ୍ୟମ ବୋଲି ଅଭିହିତ କରିଛନ୍ତି। ୩୭୦ ଉଚ୍ଛେଦ ପରଠୁ ଉପତ୍ୟକାରେ ଜି୨୦ ଭଳି ବଡ଼ ଧରଣର କୂଟନୈତିକ ସମ୍ମିଳନୀ ଆୟୋଜିତ ହୋଇ ନ ଥିଲା। ବିବାଦୀୟ ଭୂଖଣ୍ଡ ଜମ୍ମୁ-କଶ୍ମୀରରେ ବାରମ୍ବାର ମାନବାଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ ଆଣି ଅନ୍ତର୍ଜାତୀୟ ମଞ୍ଚଗୁଡ଼ିକରେ ପାକିସ୍ତାନ, ଚାଇନା, ତୁର୍କୀ, ସାଉଦି ଆରବ, ଇଜିପ୍ଟ ଭଳି ଦେଶ ସ୍ୱର ଉତ୍ତୋଳନ କରି ଜି୨୦କୁ ବର୍ଜନ କରିଥିବାବେଳେ ଏଠାରେ ସବୁକିଛି ଠିକ୍ ଚାଲିଛି ବୋଲି ବିଶ୍ୱକୁ ଦେଖାଇବାକୁ ଭାରତ ଉଦ୍ୟମ କରିଛି। ଜି୨୦ ଟୁରିଜମ୍ ବୈଠକରେ ୬୦ ଦେଶର ପ୍ରତିନିଧି ଯୋଗଦେଇଛନ୍ତି। ତେଣୁ ଏହା ଉପରେ ସାରା ବିଶ୍ୱର ନଜର ରହିଛି। ଏହି ଅବସରରେ ସୋମବାର ସିପିଜେ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବିବାଦୀୟ କ୍ଷେତ୍ର କଶ୍ମୀରକୁ ସ୍ୱାଭାବିକ ସ୍ଥିତି ଫେରିଆସିଛି ବୋଲି ଭାରତ ଦର୍ଶାଇବାକୁ ଉଦ୍ୟମ କରୁଥିଲା ହେଲେ ଏଠାରେ ଗଣମାଧ୍ୟମର ସ୍ୱାଧୀନତା ବିପନ୍ନ ହୋଇଛି। ଭାରତ ସରକାର ମିଡିଆ ଉପରେ ବର୍ବର କଟକଣା ଶେଷ କରି ତୁରନ୍ତ ୪ ଖବରଦାତାଙ୍କୁ ମୁକ୍ତ କରନ୍ତୁ ବୋଲି ସିପିଜେ ପକ୍ଷରୁ ଟୁଇଟ୍ କରାଯାଇଛି। ସେହି ସାମ୍ବାଦିକମାନେ ହେଲେ ଆସିଫ୍ ସୁଲତାନ, ଫହାଦ୍ ଶାହ, ସଜାଦ ଗୁଲ ଓ ଇରଫାନ୍ ମେହରାଜ ସୁଲତାନ। କଶ୍ମୀର ନେରେଟର ମାଗାଜିନରେ ରିପୋର୍ଟିଂ କରୁଥିବା ସୁଲତାନଙ୍କୁ ୨୦୧୮ରେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ ଓ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଭଳି ଅଭିଯୋଗ ରହିଛି। କିନ୍ତୁ ତାଙ୍କ ପରିବାର ଏହାକୁ ଖଣ୍ଡନ କରିଛି। ସୁଲତାନଙ୍କୁ ତାଙ୍କ ରିପୋର୍ଟିଂ ପାଇଁ ଟାର୍ଗେଟ କରାଯାଇଥିବା ପରିବାର ଲୋକେ କହିଛନ୍ତି। ସେହିପରି କଶ୍ମୀର ୱାଲା ୱେବ୍‌ସାଇଟ୍ ସମ୍ପାଦକ ଫହାଦ୍‌ଙ୍କୁ ଗତବର୍ଷ ଫେବୃୟାରୀରେ ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏ ବଳରେ ଗିରଫ କରାଯାଇଥିଲା। ତାଙ୍କ ଆଲେଖ୍ୟଗୁଡ଼ିକରେ ଆତଙ୍କବାଦକୁ ମହିମାମଣ୍ଡନ କରାଯାଇଥିବା ପୋଲିସ କହିଥିଲା। ଫହାଦ୍‌ଙ୍କ ମାଗାଜିନରେ କାର୍ଯ୍ୟରତ ସଜାଦଙ୍କୁ ଗତବର୍ଷ ଜାନୁୟାରୀରେ ଦେଶର ଏକମାତ୍ର ମୁସଲମାନ ବହୁଳ ଅଞ୍ଚଳରେ ଭାରତୀୟ ଶାସନ ବିରୋଧରେ ମିଥ୍ୟା ପ୍ରଚାର ବିସ୍ତାର ଅଭିଯୋଗରେ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ସାଧାରଣ ସୁରକ୍ଷା ଆଇନ ବଳରେ ମାମଲା ରୁଜୁ ହୋଇଛି। ଏହି ଆଇନ ବଳରେ ଗିରଫ ବ୍ୟକ୍ତିଙ୍କୁ ବର୍ଷେ କିମ୍ବା ତଦୂର୍ଦ୍ଧ୍ୱ ଅବଧି ପର୍ଯ୍ୟନ୍ତ ବିନା ଜାମିନରେ ଜେଲରେ ରଖାଯାଇପାରିବ। ଅନୁରୂପ ଭାବେ ସ୍ଥାନୀୟ ମାନବାଧିକାର ଗୋଷ୍ଠୀ ଜମ୍ମୁ ଓ କଶ୍ମୀର କୋଆଲିଶନ୍ ଅଫ୍ ସିଭିଲ୍ ସୋସାଇଟିରେ ପୂର୍ବରୁ ଜଣେ ଗବେଷକ ଭାବେ କାର୍ଯ୍ୟରତ ମେହରାଜଙ୍କୁ ୨ ମାସ ତଳେ ଆତଙ୍କବାଦୀଙ୍କ ସହ ସମ୍ପର୍କ ରଖିବା ଅଭିଯୋଗରେ ଗିରଫ କରାଯାଇଥିଲା। ଉପରୋକ୍ତ ୪ ଖବରଦାତାଙ୍କୁ ଅନ୍ୟ ରାଜ୍ୟର ଜେଲଗୁଡ଼ିକୁ ପଠାଇଦିଆଯାଇଛି। ଫଳରେ ପରିବାର ଲୋକେ ସେମାନଙ୍କୁ ଭେଟିପାରୁ ନାହାନ୍ତି।

**ସୌଜନ୍ୟ: ଅଲ୍ ଜଜିରା**

As India holds a G20 meeting on tourism in Srinagar, four Kashmiri journalists– **Aasif Sultan, Sajad Gul, Fahad Shah,** and **Irfan Mehraj**– are detained under draconian anti-terror or preventative detention laws.



ଆସିଫ୍ ସୁଲତାନ | ସଜାଦ ଗୁଲ | ଫହାଦ୍ ଶାହ | ଇରଫାନ୍ ମେହରାଜ ସୁଲତାନ

### ଜି୨୦ ପ୍ରତିନିଧିଙ୍କୁ ଉପତ୍ୟକାର ବାସ୍ତବ ଚିତ୍ର ଦେଖିବାକୁ ସୁଯୋଗ ମିଳିବା ସନ୍ଦେହ





"କଶ୍ମୀରକୁ ଜି୨୦ ସମ୍ମିଳନୀ ପାଇଁ କ୍ୟୁବାରେ ଆମେରିକାର ସାମରିକ କାରାଗାର ଗୁଆଣ୍ଟାନାମୋ ବେ' ସଦୃଶ କରିଦିଆଯାଇଛି।

**-ମେହବୁବା ମୁଫ୍‌ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ**



"ଭାରତ ସରକାର କଶ୍ମୀରରେ ଜି୨୦ ବୈଠକ ଆୟୋଜନ କରି ଏଠାକୁ ସ୍ୱାଭାବିକ ସ୍ଥିତି ଫେରିଆସିଛି ବୋଲି ଦର୍ଶାଇବାକୁ ବହୁ ଉଦ୍ୟମ କରିଛନ୍ତି। କିନ୍ତୁ ଚାଇନାର ଅନୁପସ୍ଥିତି ମ ନୂଆଦିଲ୍ଲୀ ଦର୍ଶାଉଥିବା ଭ୍ରାନ୍ତ ସ୍ୱାଭାବିକତା ପାଇଁ ଏକ ଶକ୍ତ ଝଟ୍‌କା।

**-ସାଦ୍ଦିକ ୱାହିଦ, କଶ୍ମୀରୀ ରାଜନୈତିକ ବିଶ୍ଳେଷକ**



"କଶ୍ମୀରର ମନଲୋଭା ଦୃଶ୍ୟକୁ ସୁରକ୍ଷା ଆଳରେ ବଙ୍କରଗୁଡ଼ିକ ପଛରେ ଲୁଚାଇଦେବା ଉପତ୍ୟକାରେ ପ୍ରେସ୍ ସ୍ୱାଧୀନତାର ପ୍ରକୃତ ସ୍ଥିତିକୁ ଦର୍ଶାଉଛି। ଖବରଦାତାମାନଙ୍କୁ ଜେଲରେ ପୂରାଇ ଅନ୍ୟମାନଙ୍କ ଯାତାୟାତ ଉପରେ ମଧ୍ୟ କଟକଣା ଲଗାଯାଇଛି। ଜି୨୦ ପ୍ରତିନିଧିମାନଙ୍କୁ ବାସ୍ତବ ଚିତ୍ର ସହ ଓତପ୍ରୋତ ହେବାକୁ ଦିଆଯିବ କି?

**-ଗୀତା ସେସୁ, ଫ୍ରି ସ୍ପିଚ୍ କଲେକ୍ଟିଭ୍ ସହପ୍ରତିଷ୍ଠାତ୍ରୀ**



"ଜମ୍ମୁ-କଶ୍ମୀରରେ ଗଣମାଧ୍ୟମ ନିରଙ୍କୁଶ ସ୍ୱାଧୀନତା ଉପଭୋଗ କରେ। ଏଠାରେ ୪୦୦ରୁ ଊର୍ଦ୍ଧ୍ୱ ଖବରକାଗଜ ପ୍ରକାଶିତ ହେଉଛି।

**-ମନୋଜ ସିହ୍ନା, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ**

# ସିଡ୍‌ନୀର ହାରିସ୍ ପାର୍କ ଏବେ 'ଲିଟିଲ୍ ଇଣ୍ଡିଆ'

**ସିଡନୀ, ୨୩।୫**

### ପାରସ୍ପରିକ ଆସ୍ଥା ଓ ସମ୍ମାନ ଭାରତ-ଅଷ୍ଟ୍ରେଲିଆ ସମ୍ପର୍କର ମୂଳଦୁଆ: ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଆଣ୍ଟୋନି ଆଲବାନିଜ୍ ମଙ୍ଗଳବାର ସିଡନୀରେ ଦୁଇ ଦେଶର ବନ୍ଧୁତ୍ୱର ନିଦର୍ଶନ ସ୍ୱରୂପ 'ଲିଟିଲ୍ ଇଣ୍ଡିଆ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଭାରତୀୟ ବଂଶୋଦ୍ଭବ ବହୁଳ ହ୍ୟାରିସ୍ ପାର୍କରେ ଉଭୟ ଦୀପାବଳି ଓ ଅଷ୍ଟ୍ରେଲିଆ ଦିବସ ପାଳନ କରାଯାଏ। କୁଡୋସ୍ ବ୍ୟାଙ୍କ ଆରେନାଠାରେ ଆଲବାନିଜ୍‌ଙ୍କ ସହ ଏକ ମେଗା ଇଭେଣ୍ଟକୁ ସମ୍ବୋଧିତ କରି ମୋଦି କହିଛନ୍ତି, ପାରସ୍ପରିକ ଆସ୍ଥା ଓ ସମ୍ମାନ ଭାରତ-ଅଷ୍ଟ୍ରେଲିଆ ସମ୍ପର୍କର ସବୁଠୁ ଶକ୍ତିଶାଳୀ ଓ ବୃହତ୍ ମୂଳଦୁଆ। ହାରିସ୍ ପାର୍କ ଗେଟ୍‌ୱେ ଦୁଇ ଦେଶର ସମ୍ପର୍କ, ଯାହାକି ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ରହିଥିବା ବନ୍ଧୁତ୍ୱର ପ୍ରତୀକ। ଏହି ଅବସରରେ ସେ ଅଷ୍ଟ୍ରେଲିଆର ନିର୍ମାଣରେ ଭାରତୀୟଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ରଣନୈତିକ ସହଯୋଗିତା ବୃଦ୍ଧି ପାଇବାରେ ଲାଗିଛି। ୫ ବର୍ଷ ମଧ୍ୟରେ ବାଣିଜ୍ୟିକ କାରବାର ମଧ୍ୟ ଦୁଇଗୁଣାରୁ ଅଧିକ ହେବାକୁ ଯାଉଛି। ଏଥିପାଇଁ ଆମେ ଏକ ବିସ୍ତୃତ ଆର୍ଥିକ ସହଯୋଗ ଏବଂ ବାଣିଜ୍ୟ କାରବାର ଉପରେ କାର୍ଯ୍ୟ କରୁଛୁ ବୋଲି ମୋଦି କହିଥିଲେ। ଏହି ଅବସରରେ ଆଲବାନିଜ୍ ମଧ୍ୟ ଭାରତୀୟ ବଂଶୋଦ୍ଭବମାନଙ୍କୁ ସମ୍ବୋଧିତ କରି ଧନ୍ୟବାଦ ଦେଇଥିଲେ। ବାଣିଜ୍ୟ ଓ ଶିକ୍ଷା କ୍ଷେତ୍ରରେ ଦୁଇ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରାଯାଉ ବୋଲି ସେ କହିଥିଲେ। ସେହିପରି ବ୍ରିସ୍‌ବେନ୍‌ରେ ଭାରତୀୟ ବଂଶୋଦ୍ଭବଙ୍କ ଦାବି ଅନୁସାରେ ନୂଆଦିଲ୍ଲୀ ପକ୍ଷରୁ ଏକ କନ୍‌ସୁଲେଟ ଖୋଲାଯିବ ବୋଲି ମୋଦି ସୂଚନା ଦେଇଛନ୍ତି। ସିଡନୀ, ମେଲବୋର୍ନ ଓ ପର୍ଥରେ ପୂର୍ବରୁ ଭାରତୀୟ କନ୍‌ସୁଲେଟ ରହିଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କ ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଆଣ୍ଟୋନି ଆଲବାନିଜ।

# ଜାକ୍‌ଲିନ୍‌ଙ୍କୁ ବିଦେଶ ଗସ୍ତ ଅନୁମତି

**ନୂଆଦିଲ୍ଲୀ, ୨୩।୫**

ମହାଠକ ସୁରେଶ ଚନ୍ଦ୍ରଶେଖରଙ୍କ ସହ ସମ୍ପୃକ୍ତି ଏବଂ ମନିଲଣ୍ଡରିଂ ମାମଲାରେ ଅଭିଯୁକ୍ତ ବଲିଉଡ୍ ଅଭିନେତ୍ରୀ ଜାକ୍‌ଲିନ୍ ଫର୍ନାଣ୍ଡିସ୍‌ଙ୍କୁ ବିଦେଶ ଯିବା ଲାଗି ମଙ୍ଗଳବାର ଦିଲ୍ଲୀର ଏକ ଅଦାଲତ ଅନୁମତି ଦେଇଛନ୍ତି। ସେ ମେ'୨୫ରୁ ଜୁନ୍ ୧୨ ମଧ୍ୟରେ ବିଦେଶ ଯାଇପାରିବେ। ଆଇଆଇଏଫ୍‌ଏ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେବା ଲାଗି ମେ' ୨୫ରୁ ୨୭ ଆବୁଧାବୀ ଯିବା ନିମନ୍ତେ ଜାକ୍‌ଲିନ୍ ଆବେଦନ କରିଥିଲେ। ସ୍ୱତନ୍ତ୍ର ବିଚାରପତି ଶୈଳେନ୍ଦ୍ର ମଲିକ ଏଥିପାଇଁ ତାଙ୍କୁ ଅନୁମତି ଦେଇଛନ୍ତି। ଏଥିସହିତ ଏକ ଚଳଚ୍ଚିତ୍ର ଶୁଟିଂ ନିମନ୍ତେ ମେ' ୨୮ରୁ ଜୁନ୍ ୧୨ ପର୍ଯ୍ୟନ୍ତ ଇଟାଲୀର ମିଲନ ଗସ୍ତ ଲାଗି ତାଙ୍କୁ ଅନୁମତି ମିଳିଛି। ଗତବର୍ଷ ନଭେମ୍ବର ୧୫ରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ରେଲିଗେୟାର ଏଣ୍ଟରପ୍ରାଇସେସ୍‌ର ପୂର୍ବତନ ପ୍ରମୋଟର ଶିବିନ୍ଦର ମୋହନ ସିଂଙ୍କ ସ୍ତ୍ରୀ ଅଦିତି ସିଂଙ୍କଠାରୁ ଚନ୍ଦ୍ରଶେଖର ବହୁକୋଟି ଟଙ୍କା ଠକିନେବା ଘଟଣାରେ ଦିଲ୍ଲୀ ପୋଲିସର ଇଓଡବ୍ଲ୍ୟୁ ପକ୍ଷରୁ ଦାଏର ଏତଲା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲା ରୁଜୁ କରିଥିଲା। ଜାକ୍‌ଲିନ୍ ଉକ୍ତ ମନିଲଣ୍ଡରିଂରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା।



# ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ବିମୁଦ୍ରୀକରଣ ନୁହେଁ

**ନୂଆଦିଲ୍ଲୀ, ୨୩।୫ (ପି.ଟି.)**

### ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଲା ଆର୍‌ବିଆଇ
### ପିଆଇଏଲ୍ ଦାଏର କରିଥିଲେ ଅଶ୍ୱିନୀ ଉପାଧ୍ୟାୟ

୨,୦୦୦ ଟଙ୍କିଆ ନୋଟ୍‌କୁ ପ୍ରତ୍ୟାହାର କରିନେବା ବିମୁଦ୍ରୀକରଣ ନୁହେଁ ବରଂ ବୈଧାନିକ କାର୍ଯ୍ୟ ବୋଲି ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛି। ପରିଚାଳନାଗତ ସୁବିଧା ପାଇଁ ଉକ୍ତ ନୋଟ୍ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଥିବା ଆର୍‌ବିଆଇ କହିଛି। ୨,୦୦୦ ଟଙ୍କିଆ ନୋଟ ସାଧାରଣରେ ବିଶେଷ ବ୍ୟବହାର ହେଉ ନ ଥିଲା। ମୁଦ୍ରା ଆବଶ୍ୟକତାକୁ ଅନ୍ୟ ବ୍ୟାଙ୍କ ନୋଟ୍‌ଗୁଡ଼ିକ ପୂରଣ କରିବ ବୋଲି ଆର୍‌ବିଆଇ ପକ୍ଷରୁ ବରିଷ୍ଠ ଆଇନଜୀବୀ ପରାଗ ପି. ତ୍ରିପାଠୀ କହିଛନ୍ତି। ବିନା ରିକ୍ୟୁଜିଶନ ସ୍ଲିପ୍ ଏବଂ ପରିଚୟ ପ୍ରମାଣରେ ୨,୦୦୦ ଟଙ୍କିଆ ବ୍ୟାଙ୍କନୋଟ୍ ବଦଳାଇବାକୁ ଅନୁମତି ଦିଆଯାଇଥିବାରୁ ଏହା ବିରୋଧରେ ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ଦିଲ୍ଲୀ ହାଇକୋର୍ଟରେ ସୋମବାର ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ୍ ସୁବ୍ରମଣ୍ୟମ ପ୍ରସାଦଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ଉପଯୁକ୍ତ ରାୟ ଦେବେ ବୋଲି କହିଛନ୍ତି। ଆର୍‌ବିଆଇ ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଜାରି ବିଜ୍ଞପ୍ତି ମନମାନି, ତର୍କହୀନ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୪ ପ୍ରତି ଅପମାନ ବୋଲି ସେ ପିଟିଶନରେ ଦର୍ଶାଇଥିଲେ। ବିପୁଳ ପରିମାଣରେ ୨,୦୦୦ ଟଙ୍କିଆ ନୋଟ୍ ବ୍ୟକ୍ତିବିଶେଷଙ୍କ ଲକରରେ ରହିଥିବ କିମ୍ବା ବିଚ୍ଛିନ୍ନତାବାଦୀ, ଆତଙ୍କବାଦୀ, ମାଓବାଦୀ, ନିଶା ଚୋରାବେପାରୀ, ଖଣି ମାଫିଆ ଓ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଗଚ୍ଛିତ ରଖିଥିବେ। ୨,୦୦୦ ଟଙ୍କିଆ ନୋଟ୍ କାରବାର ଦୁର୍ନୀତିର ମୁଖ୍ୟ ଉତ୍ସ ଏବଂ ଏହା ବେଆଇନ କାର୍ଯ୍ୟରେ ଲାଗୁଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟରେ ସେହି ନୋଟ୍ ଜମା କରିବା ଲାଗି ଆର୍‌ବିଆଇ ଏବଂ ଏସ୍‌ବିଆଇ ବ୍ୟବସ୍ଥା କରିବାକୁ ପିଟିଶନରେ ଦାବି କରାଯାଇଥିଲା।

# ଯୌନକ୍ରିୟା ଅପରାଧ ନୁହେଁ

### ଅଟକ ଯୌନକର୍ମୀଙ୍କୁ ମୁକ୍ତ କଲେ ଅଦାଲତ

**ମୁମ୍ବାଇ, ୨୩।୫**

ଯୌନକ୍ରିୟା ଅପରାଧ ନୁହେଁ। ଜଣେ ସର୍ବସାଧାରଣ ସ୍ଥାନରେ ଯୌନକ୍ରିୟାରେ ଲିପ୍ତ ହୋଇ ଅନ୍ୟମାନଙ୍କୁ ଉତ୍ତେଜିତ କରାଇଲେ, ଏହାକୁ ଅପରାଧ କୁହାଯାଇପାରିବ ବୋଲି ମୁମ୍ବାଇର ଏକ ସେସନ୍ସ କୋର୍ଟ ରାୟ ଦେଇଛନ୍ତି। ମାଜିଷ୍ଟ୍ରେଟ୍ କୋର୍ଟଙ୍କ ରାୟକୁ ସେସନ୍ସ କୋର୍ଟ ଖାରଜ କରିଦେବା ସହ ୩୪ ବର୍ଷୀୟା ଯୌନକର୍ମୀଙ୍କୁ ସେଲ୍ଟର ହୋମ୍‌ରୁ ମୁକ୍ତ କରିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମାର୍ଚ୍ଚ ୧୫ରେ ମାଜିଷ୍ଟ୍ରେଟ୍ କୋର୍ଟ ମହିଳା ଯୌନକର୍ମୀଙ୍କୁ ମୁମ୍ବାଇର ଏକ ସୁଧାର ଗୃହରେ ବର୍ଷେ ଅଟକ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟ ବିରୋଧରେ ମହିଳା ଜଣକ ସେସନ୍ସ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ସେସନ୍ସ ଜଜ୍ ସି.ଭି. ପାଟିଲ ମାଜିଷ୍ଟ୍ରେଟ୍ କୋର୍ଟ ରାୟକୁ ଖାରଜ କରିଦେଇଛନ୍ତି। ଗତ ଫେବୃୟାରୀରେ ମୁଲୁଣ୍ଡସ୍ଥିତ ଏକ ବେଶ୍ୟାଳୟରେ ଚଢ଼ାଉ କରାଯିବା ସମୟରେ ମହିଳାଙ୍କ ସହ ଅନ୍ୟ ୨ ଜଣ ଗିରଫ ହୋଇଥିଲେ।

# କାମି ରୀତାଙ୍କ ବିଶ୍ୱ ରେକର୍ଡ

### ୨୮ ଥର ଏଭେରେଷ୍ଟ ଆରୋହଣ

**କାଠମାଣ୍ଡୁ, ୨୩।୫**

ବର୍ଷୀୟାନ ପର୍ବତାରୋହୀ କାମି ରୀତା ଶେର୍ପା ମଙ୍ଗଳବାର ୨୮ତମ ଥର ଏଭେରେଷ୍ଟ ଆରୋହଣ କରି ତାଙ୍କର ପୂର୍ବରେକର୍ଡକୁ ଭାଙ୍ଗିଛନ୍ତି। ସର୍ବାଧିକ ଥର ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ଏଭେରେଷ୍ଟ ଆରୋହଣ କରିବାରେ ଏହା ବିଶ୍ୱ ରେକର୍ଡ। ପର୍ବତାରୋହୀମାନଙ୍କ ଗାଇଡ୍ ଭାବେ କାର୍ଯ୍ୟ କରୁଥିବା ୫୩ ବର୍ଷୀୟା କାମି ରୀତା ମଙ୍ଗଳବାର ସକାଳ ୯ଟା ୨୦ ମିନିଟ ସମୟରେ ଏଭେରେଷ୍ଟର ୮୮୪୮.୮୬ ମିଟର ଉଚ୍ଚରେ ପହଞ୍ଚିଥିଲେ। ଉକ୍ତ ପର୍ବତାରୋହଣ ଅଭିଯାନ ଆୟୋଜନ କରିଥିବା ସେଭେନ୍ ସମିଟ୍ ଟ୍ରେକ୍ ଏକ୍ସପେଡିଶନ ମ୍ୟାନେଜର ଛାଙ୍ଗ ଦାୱା ଶେର୍ପା ଏହି ସୂଚନା ଦେଇଛନ୍ତି। ଚଳିତ ମାସରେ କାମି ରୀତା ଦୁଇଥର ଏଭେରେଷ୍ଟ ଆରୋହଣ କରିଛନ୍ତି। ଗତ ୧୭ ତାରିଖରେ ସେ ୨୭ତମ ଥର ଏହି ସଫଳତା ହାସଲ କରିଥିଲେ। ସୋମବାର ଅନ୍ୟତମ ଶେର୍ପା ଗାଇଡ୍ ପାସାଙ୍ଗ ଦାୱା ୨୭ତମ ଏଭରେଷ୍ଟ ଆରୋହଣ କରିଥିଲେ।

ପୂର୍ବ ନେପାଳର ସୋଲୁଖୁମ୍ବୁ ଜିଲା ବାସିନ୍ଦା କାମି ରୀତା ପ୍ରଥମେ ୧୯୯୪ ମେ' ୧୩ରେ ଏଭେରେଷ୍ଟରେ ପହଞ୍ଚିଥିଲେ। କାଠମାଣ୍ଡୁସ୍ଥିତ ସେଭେନ୍ ସମିଟ୍ ଟ୍ରେକ୍ସରେ ସେ ବରିଷ୍ଠ ଆରୋହଣ ଗାଇଡ୍ ଭାବେ କାର୍ଯ୍ୟ କରନ୍ତି। ସେ ଏଭେରେଷ୍ଟ ବ୍ୟତୀତ ମାଉଣ୍ଟ କେ୨, ମାଉଣ୍ଟ ଲୋଟ୍‌ସେ, ମାଉଣ୍ଟ ମାନାସ୍ଲୁ ଏବଂ ମାଉଣ୍ଟ ଚୋ ଓୟୁ ଆରୋହଣ କରିଛନ୍ତି।



ଏଭେରେଷ୍ଟ ଶିଖରରେ କାମି ରୀତା।

**ଆଜି ସାତକୋଶିଆ ସ୍ଥିତି ଅନୁଧ୍ୟାନ କରିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍**

**ଅନୁଗୋଳ ଅଫିସ:** ମହାନଦୀ ଜଳ ବିବାଦକୁ ନେଇ ଗଠିତ ଟ୍ରିବ୍ୟୁନାଲ ଟିମ୍ ବୁଧବାର ଓଡ଼ିଶା ଗସ୍ତର ୪ର୍ଥ ଦିନରେ ଅନୁଗୋଳ ଜିଲାର ସାତକୋଶିଆ ଗଣ୍ଡ ପରିଦର୍ଶନ କରିବେ। ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ସମେତ ୯ ଜଣିଆ ଟିମ୍ ଓ ଓଡ଼ିଶା ଏବଂ ଛତିଶଗଡ଼ର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଏହି ପରିଦର୍ଶନରେ ସାମିଲ ହେବେ। ଏ ନେଇ ଟିକରପଡ଼ାଠାରେ ହେଲିପ୍ୟାଡ୍ ନିର୍ମାଣ କରାଯାଉଥିବାବେଳେ ଅନ୍ୟାନ୍ୟ ପ୍ରସ୍ତୁତି ମଧ୍ୟ ଶେଷ କରାଯାଇଛି।






# ଶିବ ମନ୍ଦିରରେ ଗଞ୍ଜେଇ ନିଷେଧକୁ ନେଇ ଧାର୍ମିକ ଦ୍ୱନ୍ଦ୍ୱ

**ଭୁବନେଶ୍ୱର,୨୩।୫(ବ୍ୟୁରୋ)**

ଶୈବପୀଠରେ ଗଞ୍ଜେଇ ବ୍ୟବହାରକୁ ନିଷେଧ କରିବା ଲାଗି ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ପରେ ଏହି ପ୍ରସଙ୍ଗରେ ଭିନ୍ନ ମତ ଦେଖା ଦେଇଛି। କେତେକ ମହଲରେ ଏହାକୁ ସ୍ୱାଗତ କରାଯାଇଥିବା ବେଳେ ଆଉ କେତେକେ ବିରୋଧ କରିଛନ୍ତି। ମନ୍ଦିରଗୁଡ଼ିକରେ ଗଞ୍ଜେଇ ବ୍ୟବହାର ନିଷେଧ ପାଇଁ ଅନନ୍ତ ବଳିଆ ଟ୍ରଷ୍ଟ ତରଫରୁ ସଂସ୍କୃତି ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲା। ଏ ନେଇ ଚଳିତ ମାସ ୧୦ ତାରିଖରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ବିଜ୍ଞପ୍ତି ମାଧ୍ୟମରେ ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ଚିଠି କରିଥିଲେ। ଏଥିରେ ଶୈବପୀଠଗୁଡ଼ିକରେ ଗଞ୍ଜେଇ ବ୍ୟବହାର ବନ୍ଦ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା।

ଶିବଙ୍କଠାରେ ଗଞ୍ଜେଇ ଭୋଗ ଲାଗିବା ପୁରାତନ କାଳରୁ ରହିଆସିଛି। ହେଲେ ଏହାର ଅଧିକ ବ୍ୟବହାର ଦ୍ୱାରା ଅସାମାଜିକ ସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି। ସରକାରୀ ପଦକ୍ଷେପ ପରେ ଧାର୍ମିକ ରୀତିନୀତିରେ ଏକ ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ କେତେଜଣଙ୍କ ମତକୁ ଏଠାରେ ସ୍ଥାନିତ କରାଗଲା।

ବ୍ରହ୍ମା ଫଳରସ ପିଅନ୍ତି। ନାରାୟଣ ଭାଙ୍ଗ ଖାଆନ୍ତି। ଶିବ ଗଞ୍ଜେଇ ସେବନ କରନ୍ତି। ତେଣୁ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅଦରକାରୀ। ପ୍ରତି ମନ୍ଦିରରେ ଗଞ୍ଜେଇ, ଭାଙ୍ଗ, ଫଳରସ ମାଗଣା ମିଳେ। ଓଡ଼ିଶାରେ ହଠାତ୍ ଏଭଳି ନିଷ୍ପତ୍ତି କାହିଁକି। ଯଦି ଗଞ୍ଜେଇ ବ୍ୟବହାର ଦ୍ୱାରା ମନ୍ଦିରର କ୍ଷତି ହେଉଛି କି ବେଶି ଧୂଆଁ କରିବା ଅନୁଚିତ ସେ କଥା କୁହାଯାଉ। କିନ୍ତୁ ବିଲକୁଲ ଖାଇବେ ନାହିଁ ତାହା କେମିତି ହେବ। ଦିଅଁ ତ ଗଞ୍ଜେଇ ଖାଆନ୍ତି। ଏହା ଭୋଗରେ ଯାଏ। ଏହା ସମ୍ପୂର୍ଣ୍ଣ ବନ୍ଦ କରିବା ଠିକ୍ ହୋଇନାହିଁ ବୋଲି ବିଧାୟକ ସୁର ରାଉତରାୟ କହିଛନ୍ତି।



ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଶିବ ମନ୍ଦିରରେ ଗଞ୍ଜେଇ ନିଷେଧ କରିଛନ୍ତି। ଏହା ଅତ୍ୟନ୍ତ ପଶ୍ଚାତ୍‌ପଦ ପଦକ୍ଷେପ ଏବଂ ଓଡ଼ିଆ ବିରୋଧୀ ମନୋଭାବର ପରିଚୟ ଦେଉଛି। ଆଜିକାଲିର ପ୍ରଶାସକମାନେ ଓଡ଼ିଆ ସଂସ୍କୃତି କ’ଣ ତାହା ଜାଣିନାହାନ୍ତି। ଏଭଳି ବିଜ୍ଞପ୍ତିକୁ ଦୃଢ଼ ନିନ୍ଦା କରିବା ସହ ତତ୍‌କ୍ଷଣାତ୍ ଏହାର ପ୍ରତ୍ୟାହାର ଦାବି କରିଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥା ପୂର୍ବତନ ସାଂସଦ ତଥାଗତ ସତପଥୀ।

ଗଞ୍ଜେଇ ଆୟୁର୍ବେଦ ଉପଚାରରେ ଲାଗେ। ବିଭିନ୍ନ ଦେବାଳୟରେ ବିଶେଷକରି ଶୈବପୀଠରେ ଦେବତାଙ୍କୁ ଲାଗି ହୋଇଥାଏ। ଉତ୍ତର ଭାରତର ବିଭିନ୍ନ ଶୈବପୀଠରେ ଏହାର ମଧ୍ୟ ବ୍ୟବହାର ହେଉଛି। ସରକାରୀ ସ୍ୱୀକୃତିପ୍ରାପ୍ତ କେନ୍ଦ୍ରରୁ ବିକ୍ରୟ ହେଉଛି। ଏହା ଗୋଟିଏ ଗଛରୁ ସୃଷ୍ଟି। ଏହାକୁ କିଏ ଭାଙ୍ଗ, ପତି କୁହେ ତ କିଏ ଗଞ୍ଜେଇ। ତେଣୁ ଏହାକୁ ବେଆଇନ କହି ହେବନାହିଁ। ତେଣୁ ଧାର୍ମିକ ରୀତିନୀତିରେ ବାହ୍ୟ ହସ୍ତକ୍ଷେପ ବିଶୃଙ୍ଖଳା ସୃଷ୍ଟି କରିଥାଏ ବୋଲି ଲିଙ୍ଗରାଜ ମନ୍ଦିରର ପୂଜାପଣ୍ଡା ନିଯୋଗ ସମିତିର ସମ୍ପାଦକ କାଶୀନାଥ ପୂଜାପଣ୍ଡା କହିଛନ୍ତି।

ଅନ୍ୟପକ୍ଷରେ ଶୈବପୀଠରେ ଗଞ୍ଜେଇ ବ୍ୟବହାର ଉପରେ ସରକାରୀ କଟକଣାକୁ ବାବା ବଳିଆ ସ୍ୱାଗତ କରିଛନ୍ତି। ଗଞ୍ଜେଇ ଟାଣିବା ଦ୍ୱାରା ଯୁବପିଢ଼ି ବେମାରିଆ, ଅଳ୍ପାୟୁଷ ହେଉଛନ୍ତି। ଶିବଙ୍କ ଭୋଗରେ ଭାଙ୍ଗ ପଡ଼େ, ଗଞ୍ଜେଇ ପଡ଼େ ବୋଲି ସେ ଜାଣି ନ ଥିବା କହିଛନ୍ତି। ଗଞ୍ଜେଇ ବ୍ୟାନ୍ ପାଇଁ ଭାରତ ଏବଂ ଓଡ଼ିଶା ସରକାରଙ୍କୁ ସେ ଚିଠି ଲେଖିଥିଲେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଏ ନେଇ ପଦକ୍ଷେପ ଗ୍ରହଣକରି ମନ୍ଦିରରେ ଗଞ୍ଜେଇ ସେବନକୁ ନିଷିଦ୍ଧ କରିଥିବାରୁ ସେ ଖୁସି ବୋଲି କହିଛନ୍ତି।

ଶୈବକ୍ଷେତ୍ରରେ ଗଞ୍ଜେଇ ସେବନ ବନ୍ଦ ହେବା ଆବଶ୍ୟକ। ଗଞ୍ଜେଇ ସେବନ ଦ୍ୱାରା ମନ୍ଦିରର ପରିବେଶ କଳୁଷିତ ହେଉଛି। ଗଞ୍ଜେଇ ଖାଇ ଗାଳିମନ୍ଦ ଦେଉଛନ୍ତି। ଆମେମାନେ ମଧ୍ୟ ମନାକଲେ ଆମକୁ ଛାଡୁନାହାନ୍ତି। ସନ୍ଧ୍ୟା ସମୟରେ ପରିବାର, ଝିଅ, ବୋହୂ, ସ୍ତ୍ରୀ ଲୋକମାନେ କେହି ଯାଇପାରୁନାହାନ୍ତି। କପିଳେଶ୍ୱର ମନ୍ଦିର ପାଖେ ହାଜିରା ମଣ୍ଡପ ରହିଛି। ସେଠି ପ୍ରତ୍ୟେକ ଦିନ କେତେଜଣ ଲୋକ ବସି ଗଞ୍ଜେଇ ଟାଣୁଛନ୍ତି। ଏ ନେଇ ଆମେ ମଧ୍ୟ ବହୁବାର ଲିଙ୍ଗରାଜ ଥାନାରେ ଅନୁରୋଧ କରିଛୁ ଯେ, ଜଣେ ୨ଜଣ ପୋଲିସ ଆସି ବୁଲିଗଲେ ସେମାନଙ୍କ ମନରେ ଭୟ ହୁଅନ୍ତା। ସରକାରଙ୍କ ନିର୍ଦ୍ଦେଶ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ ହେବା ଆବଶ୍ୟକ ବୋଲି କପିଳେଶ୍ୱର ମନ୍ଦିରର ପୂଜକ ଅରବିନ୍ଦ ମାଲିଆ କହିଛନ୍ତି।

# ବିଡିଓଙ୍କ ଜାଲ୍ ଦସ୍ତଖତ କରି ଭାଜପା ନେତା ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨୩।୫ (ଡି.ଏନ୍.ଏ.)**

## ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଥିଲେ

ଖୋର୍ଦ୍ଧା ଜିଲା ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କ ଦସ୍ତଖତକୁ ଜାଲ୍ କରି ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଥିବା ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ଜଣେ ଠିକାଦାରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଚିଲିକା ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ତଥା ଭାଜପା ନେତା କିଶୋର ବେହେରା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପାରି ଏବଂ କୁହୁଡ଼ି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ପାଇଁ କିଶୋର ଟେଣ୍ଡର ପାଇଥିଲେ। ଏହି କାମ କରିବା ପାଇଁ କିଶୋର ବ୍ଲକ ପ୍ରଶାସନ ସହ ଏଗ୍ରିମେଣ୍ଟ କରିଥିଲେ। ଏହି ଏଗ୍ରିମେଣ୍ଟ ଅନୁସାରେ ସିକ୍ୟୁରିଟି ବାବଦକୁ ୧୫ ଲକ୍ଷରୁ ଅଧିକ ଟଙ୍କାର ୪ଟି ଟିଡିଆର ନିଜ ନାମରେ ସୋରଣ ସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଶାଖାରେ ଫିକ୍ସ ଡିପୋଜିଟ୍ କରି ବିଡିଓଙ୍କ ନାମରେ ପ୍ଲେଜ୍ କରିଥିଲେ। ନିୟମ ଅନୁସାରେ କାମ ସରିବା ପରେ ବ୍ଲକ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ ସେ ସେହି ଜମା ଅର୍ଥ ଉଠାଣ କରିଥାନ୍ତେ। ହେଲେ କାମ ଆରମ୍ଭ କରିବା ପୂର୍ବରୁ ବିଡିଓ ସାମନ୍ତରାୟଙ୍କ ଦସ୍ତଖତକୁ ଜାଲ କରି କିଶୋର ସେହି ଟଙ୍କା ଉଠାଇ ନେଇଥିବା ଜଣାପଡିଥିଲା। ବ୍ଲକର ଆକାଉଣ୍ଟ ନମ୍ବର ୭୪୫୪୦୯୬୧୪୮ରୁ ୨୮,୧୭୪ ଟଙ୍କା, ଆକାଉଣ୍ଟ ନଂ.୭୪୫୪୦୯୦୭୧୪ରୁ ୨୮,୧୭୪ ଟଙ୍କା, ଆକାଉଣ୍ଟ ନଂ. ୭୫୫୪୧୦୨୬୯୭ରୁ ୭,୪୫,୧୮୮ ଏବଂ ଆକାଉଣ୍ଟ ନଂ.୭୪୫୪୯୦୧୮୩୭ରୁ ୭,୪୫,୧୮୮ ଟଙ୍କା ଏପରି ୪ଟି ପର୍ଯ୍ୟାୟରେ ଦୁଇଦିନ ମଧ୍ୟରେ ୧୫ ଲକ୍ଷ ୪୬ହଜାର ୭୨୪ ଟଙ୍କା ଉଠାଇ ନେଇଥିଲେ। ଏହି ଘଟଣା ଜଣାପଡିବା ପରେ ବିଡିଓ ସାମନ୍ତରାୟ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୧୪/୨୩) ରୁଜୁ କରି ତଦନ୍ତ ଚଳାଇବା ସହ ସୋମବାର ରାତିରେ କିଶୋରଙ୍କୁ ଗିରଫ କରିଥିଲା। ପ୍ରକାଶ ଯେ, ଅଭିଯୁକ୍ତ କିଶୋର ଭାଜପାର ଜଣେ ଟାଣୁଆ ସଙ୍ଗଠକ ଭାବେ ଜଣାଶୁଣା। ତାଙ୍କର ଠିକାଦାରି ଲାଇସେନ୍ସ ଥିବାରୁ ସେ ଏହି ନିର୍ମାଣ କାମ ହାତେଇଥିଲେ।


କିଶୋର ବେହେରା

# ଗାଇସିଲେଟ ଥାନା ଆଇଆଇସି ଗିରଫ

**ବରଗଡ଼ ଅଫିସ୍,୨୩।୫**

## ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ବରଗଡ଼ ଜିଲା ଗାଇସିଲେଟ ଥାନା ଆଇଆଇସି ବୀରବର ଭଗତଙ୍କୁ ଭିଜିଲାନ୍ସ ଗିରଫ କରିଛି । ଗିରଫ ପରେ ମଙ୍ଗଳବାର ତାଙ୍କୁ ସମ୍ବଲପୁର ସ୍ପେଶାଲ ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ମାମଲାରେ ସୋମବାର ସକାଳୁ ଭିଜିଲାନ୍ସ ପକ୍ଷରୁ ଭଗତଙ୍କ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନୁଗୁଳିଆ ପଡ଼ା ବାସଭବନ, ଗାଇସିଲେଟ ଥାନା ପରିସରରେ ରହିଥିବା ସରକାରୀ କ୍ୱାର୍ଟର, ଥାନା ଚ୍ୟାମ୍ବର, ସମ୍ବଲପୁର ଜିଲା ସଦର ଥାନା କବରାପାଲି ସ୍ଥିତ ଫାର୍ମ ହାଉସ୍‌ରେ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କର ସମୁଦାୟ ୧କୋଟି ୧୧ଲକ୍ଷ ଟଙ୍କାର ସମ୍ପତ୍ତି ଆକଳନ କରାଯାଇଥିଲା। ପଚରାଉଚୁରା ବେଳେ ଭଗତ ଭିଜିଲାନ୍ସକୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଅନ୍ୟପଟେ ଭଗତଙ୍କ ଠାବ ହୋଇଥିବା ସମ୍ପତ୍ତିର ପରିମାଣ ତାଙ୍କ ଆୟଠାରୁ ୧୭୯ ପ୍ରତିଶତରୁ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ବଳାତ୍କାର ମାମଲାରେ ବିଚାରାଧୀନ ବନ୍ଦୀଙ୍କ ସହ ପୀଡ଼ିତାଙ୍କ ବିବାହ

**ଦେବଗଡ଼,୨୩।୫(ଡି.ଏନ୍.ଏ.)**

ବଳାତ୍କାର ଅଭିଯୋଗରେ ୪ ବର୍ଷ ଧରି ବିଚାରାଧୀନ ବନ୍ଦୀ ଥିବା ଜଣେ ଯୁବକଙ୍କ ସହ ପୀଡ଼ିତାଙ୍କ ସୋମବାର ଅପରାହ୍ନରେ ବିବାହ ସମ୍ପନ୍ନ ହୋଇଛି। ଜେଲ କର୍ତ୍ତୃପକ୍ଷ ଓ ପୋଲିସ ବିଭାଗ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଯୁବକ ହେଲେ ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ କୁଶଖଲିଆ ଗ୍ରାମର ବଇକୁଳି ଶବର (୨୬) ଓ ପୀଡ଼ିତା ଯୁବତୀ ଜଣକ ହେଲେ ସେହି ଗ୍ରାମର। ପୋଲିସ ଉପସ୍ଥିତିରେ ପ୍ରଥମେ ଉଭୟେ ରେଜେଷ୍ଟ୍ରି କାର୍ଯ୍ୟାଳୟରେ ବିବାହ କରିଥିଲେ। ପରେ ଦେବଗଡ଼ ସହର ଶାସନ ସାହିସ୍ଥିତ ଗୋକର୍ଣ୍ଣେଶ୍ୱର ଶିବ ମନ୍ଦିରରେ ଉଭୟ ପରିବାରର ଉପସ୍ଥିତିରେ ଯୁବତୀଯୁବକ ପରସ୍ପରକୁ ମାଳ ପିନ୍ଧାଇ ଥିଲେ। ପରିବାର ଲୋକ ଉଭୟଙ୍କୁ ଗ୍ରହଣ କରିବା ସହିତ ଖୁସିରେ ମିଠା ବଣ୍ଟନ କରିଥିଲେ। ବିବାହ ପରେ ଯୁବକ ଜଣକ ଜେଲକୁ ଫେରିଯାଇଥିବାବେଳେ ଯୁବତୀ ନିଜ ବାପ ଘରକୁ ଯାଇଛନ୍ତି। ଯୁବକଙ୍କ ଓକିଲ ଆବଶ୍ୟକ କାଗଜପତ୍ର କୋର୍ଟରେ ଦାଖଲ କରିବା ପରେ ତାଙ୍କୁ ଜେଲରୁ ମୁକୁଳା ଯିବ। ସୂଚନାଯୋଗ୍ୟ, ୨୦୧୮ରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତେବେ ସେମାନଙ୍କ ବିବାହ ପାଇଁ ଉଭୟଙ୍କ ପରିବାର ଲୋକ ରାଜି ହୋଇ ନ ଥିଲେ। ଏନେଇ ଯୁବତୀଙ୍କ ବାପା ଥାନାରେ ବଇକୁଳି ତାଙ୍କ ଝିଅକୁ ବଳାତ୍କାର କରିଥିବା ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବଇକୁଳିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଉଭୟ ପରିବାର ଲୋକଙ୍କ ମଧ୍ୟରେ ବିବାହ ପାଇଁ ଆଗ୍ରହ ପ୍ରକାଶ ପାଇବା ପରେ ବିଚାରାଧୀନ ବନ୍ଦୀ ଥିବା ବଇକୁଳି ଓ ଯୁବତୀଙ୍କ ବିବାହ ହୋଇଛି।




**ଆଜିର ମନ୍ତବ୍ୟ**

"ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଏହା ଉପରେ କହିବାର କୌଣସି ଅଧିକାର ପାକିସ୍ତାନର ନାହିଁ। ଇସଲାମାବାଦ ନିଜ ଲୋକଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଉ।
– ଜି. କିଷନ ରେଡ୍ଡୀ, କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଦରୀ ଲୋ,
ଗୋଡ଼ ତଳକୁ ଅନା।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଉଥିବାର ଦେଖିବାକୁ ମିଳିଥାଏ। ଏଭଳି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ୍ୟ ସେମାନେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏଭଳି ଦୋଷଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ଏଠାରେ ଉପଦେଶ ଦିଆଯାଇଛି।

**ଗୋରସ ଆମିଷ,
ଏକାଠେଇଁ ବିଷ।**

ଗୋରସ ଅର୍ଥ କ୍ଷୀର ବା ଦୁଗ୍ଧ। କ୍ଷୀର ସହିତ ଆମିଷ ଖାଦ୍ୟ ବିଷ ସଦୃଶ ହୋଇଥିବାବେଳେ ଏପରି ଖାଦ୍ୟ ଖାଇବା ନେଇ ଏଠାରେ ବାରଣ କରାଯାଇଛି।

ନିର୍ବାଚିତ ଉଗଡମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାଘ ଆକ୍ରମଣରେ ମଇଁଷିର ମୃତ୍ୟୁ ଅଭିଯୋଗ

**କେନ୍ଦୁଝର,୨୩।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡ ଓ କେନ୍ଦୁଝର ବନଖଣ୍ଡ ସୀମା ଅଟେଇ ସଂରକ୍ଷିତ ଜଙ୍ଗଲରୁ ଗୋଟିଏ ମଇଁଷିର କ୍ଷତବିକ୍ଷତ ମୃତଦେହ ମିଳିଛି। ଉକ୍ତ ମଇଁଷିକୁ ବାଘ ମାରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଥିବା ବେଳେ ଏ ନେଇ ବନ ବିଭାଗ କୌଣସି ସ୍ପଷ୍ଟ କରି ନାହିଁ। ସୂଚନା ଅନୁଯାୟୀ, ଅଟେଇ ସଂରକ୍ଷିତ ଜଙ୍ଗଲରେ ମହାବଳ ସହିତ ଏକ କଲରାପତରିଆ ବାଘ ବୁଲୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ବାଘର ଗତିବିଧି ନିରୀକ୍ଷଣ ପାଇଁ ଜଙ୍ଗଲରେ କ୍ୟାମେରା ଲଗାଯାଇଛି। ପୂର୍ବରୁ ଏଭଳି ତିନୋଟି ମଇଁଷିଙ୍କ ମୃତଦେହ ମିଳିଥିଲା। ମହାବଳ ବାଘ ଆକ୍ରମଣରେ ସେମାନଙ୍କ ମୃତ୍ୟୁ ହୋଇଥିବା ନେଇ ଅଦ୍ୟାବଧି ବନ ବିଭାଗ ସ୍ପଷ୍ଟ କରି ନାହିଁ। ମୃତ ମଇଁଷିର ମାଲିକଙ୍କୁ କ୍ଷତିପୂରଣ ଦିଆଯାଇଥିବା ଏବଂ ଜଙ୍ଗଲକୁ ଲୋକଙ୍କ ଯାତାୟତ ନେଇ ବାରଣ କରାଯାଇଥିଲା। ଏ ନେଇ ଘଟଗାଁ ରେଞ୍ଜ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

# ୪୦ ଡିଗ୍ରୀ ଉପରେ ୨୨ ସହର: ବଲାଙ୍ଗୀର ୪୩.୩

**ଭୁବନେଶ୍ୱର,୨୩।୫(ବ୍ୟୁରୋ):** ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ମଙ୍ଗଳବାର ରାଜ୍ୟର ୨୨ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୩.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ସମ୍ବଲପୁର ୪୨.୯, ଝାରସୁଗୁଡ଼ା ୪୨.୮, ସୋନପୁର ୪୨.୬, ଭୁବନେଶ୍ୱର ୪୨.୬, ବରଗଡ଼ ୪୨.୪, ହୀରାକୁଦ ୪୨.୧, ବାରିପଦା ୪୨, ସୁନ୍ଦରଗଡ଼ ୪୧.୮, ତାଳଚେର ୪୧.୮, ଅନୁଗୋଳ ୪୧.୭, ରାଉରକେଲା ୪୧.୬, ଖୋର୍ଦ୍ଧା ୪୧.୫, ଢେଙ୍କାନାଳ ୪୧.୪, ବୌଦ୍ଧ ୪୧, କଟକ ୪୧, ଚାନ୍ଦବାଲି ୪୦.୭, କେନ୍ଦ୍ରାପଡ଼ା ୪୦.୬, ଯାଜପୁର ୪୦.୫, ଟିଟିଲାଗଡ଼ ୪୦, ନୂଆପଡ଼ା ୪୦ ଏବଂ ଜଗତ୍‌ସିଂହପୁରରେ ସର୍ବାଧିକ ତାପମାତ୍ରା ୪୦.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଉପକୂଳରେ ଦିନତମାମ ପ୍ରଚଣ୍ଡ ଖରା ହେଉଥିବା ବେଳେ ଅପରାହ୍ନରେ କେତେକ ସ୍ଥାନରେ ଝଡ଼ବର୍ଷା ଯୋଗୁ ପରିବେଶ ଶୀତଳ ହେଉଛି। ଗରମ ପ୍ରଭାବ ଜାରି ରହିଛି। ଆସନ୍ତା ସପ୍ତାହେ ଯାଏ ପାଗରେ ସେପରି କିଛି ପରିବର୍ତ୍ତନର ସମ୍ଭାବନା ନାହିଁ। ତେବେ ଆସନ୍ତା ୨୮ ତାରିଖ ଯାଏ ରାଜ୍ୟର ଅନେକ ଜିଲାରେ ଝଡ଼ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, ନୟାଗଡ଼, କନ୍ଧମାଳ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

# ଭିନ୍ନକ୍ଷମ କଲ୍ୟାଣ ବୋର୍ଡ ପୁନର୍ଗଠନ ନିର୍ଦ୍ଦେଶ

## ଓଡ଼ିଶା ବ୍ଲାଇଣ୍ଡ ଆସୋସିଏଶନ ହାଇକୋର୍ଟରେ ପକ୍ଷରୁ ମାମଲା

**କଟକ ଅଫିସ,୨୩।୫:** ଓଡ଼ିଶା ବ୍ଲାଇଣ୍ଡ ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ଦାଏର ଏକ ମାମଲାର ଶୁଣାଣି କରି ଭିନ୍ନକ୍ଷମ କଲ୍ୟାଣ ବୋର୍ଡ ପୁନର୍ଗଠନ ପାଇଁ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏହି ବୋର୍ଡ ପୁନର୍ଗଠନ ସହ ସ୍ୱତନ୍ତ୍ର ଭାବେ ରାଜ୍ୟ ଭିନ୍ନକ୍ଷମ କମିଶନର ନିଯୁକ୍ତି ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆସନ୍ତା ଅଗଷ୍ଟ ୩ରେ ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ସରକାରୀ ଚାକିରିରେ ଭିନ୍ନକ୍ଷମଙ୍କ ପାଇଁ ୪% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଓ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଭିନ୍ନକ୍ଷମ ଭତ୍ତା ବୃଦ୍ଧି କରାଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ମୃଣାଳିନୀ ପାଢ଼ୀ ମାମଲା ପରିଚାଳନା କରୁଛନ୍ତି।

# 'ଇସ୍ତାହାରରେ କୁହାଯାଇଥିଲା ହଜାରେ, ସରିଲାଣି ୬୮୦୦'

**ଭୁବନେଶ୍ୱର, ୨୩।୫(ବ୍ୟୁରୋ)**




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ତ୍ତ ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସରକାରଙ୍କର ନିର୍ବାଚନୀ ଇସ୍ତାହାର-୨୦୧୯ର କାର୍ଯ୍ୟକାରିତା ଉପରେ ଆଲୋକପାତ କରି କହିଛନ୍ତି, ରାଉରକେଲାଠାରୁ ଆମପାଣି ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ୍ ୱେ (ଦୈର୍ଘ୍ୟ ୫୪୬ କି.ମି.) କାର୍ଯ୍ୟ ରେକର୍ଡ ସମୟ ମଧ୍ୟରେ ସମାପ୍ତ କରାଯାଇଛି। ବ୍ରହ୍ମପୁରଠାରୁ ଜୟପୁର ପର୍ଯ୍ୟନ୍ତ ୩୧୮ କି.ମି. ଦୀର୍ଘ ପ୍ରସ୍ତାବିତ ବିଜୁ ଏକ୍ସପ୍ରେସ୍ ୱେ-୨ ରାସ୍ତା କାର୍ଯ୍ୟ ହାତକୁ ନିଆଯାଇଛି। ବିଜୁ ଏକ୍ସପ୍ରେସ୍ ୱେ କେବଳ ଏକ ରାସ୍ତା ନୁହେଁ ବରଂ ଏହା ଏକ ଇକୋନୋମିକ୍ କରିଡର ଯାହା ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ନିର୍ବାଚନୀ ଇସ୍ତାହାରରେ ହଜାରେ କି.ମି. ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଗତ ୪ ବର୍ଷ ଭିତରେ ୬୮୦୦ କି.ମି. ରାସ୍ତା ନିର୍ମାଣ କରାଯାଇଛି। ଯାହା ଧାର୍ଯ୍ୟ ଲକ୍ଷ୍ୟର ୬୮୦ ପ୍ରତିଶତ। ଏଥିପାଇଁ ୧୮,୫୦୦ କୋଟି ଟଙ୍କା ବ୍ୟୟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ମଲ୍ଲିକ ଆହୁରି କହିଛନ୍ତି, ୫୫ଟି ଶିଳ୍ପାଞ୍ଚଳ ଯଥା ବଲାଙ୍ଗୀର ଜିଲାର ଇଣ୍ଡିଆନ୍ ଅର୍ଡନାନ୍ସ ଫ୍ୟାକ୍ଟ୍ରି, ଢେଙ୍କାନାଳ ଜିଲାର ଭୂଷଣ ଷ୍ଟିଲ୍ ଲି., ଯାଜପୁର ଜିଲାର ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ (ପ୍ରା) ଲି., ଝାରସୁଗୁଡ଼ା ଜିଲାର ବେଦାନ୍ତ ଲିମିଟେଡ୍, କେଉଁଝର ଜିଲାର ଟାଟା ଷ୍ଟିଲ୍ ଲି., ଫେରୋ ଆଲଏକ୍ ପ୍ଲାଣ୍ଟ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଇତ୍ୟାଦିକୁ ୨ ଲେନ୍/୪ ଲେନ୍ ରାସ୍ତା ଦ୍ୱାରା ସଂଯୋଗ କରାଯାଇଛି। ଏହାବ୍ୟତୀତ ଆଉ ୧୫ଟି ଶିଳ୍ପାଞ୍ଚଳକୁ ରାସ୍ତା ସଂଯୋଗୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। ରାଜ୍ୟର ୧୨ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଯଥା ବାଲେଶ୍ୱର ଜିଲାର ଚାନ୍ଦିପୁର, ତାଳସାରି, କଟକ ଜିଲାର ଲଳିତଗିରି, ଗଞ୍ଜାମ ଜିଲାର ତାରାତାରିଣୀ, ଖୋର୍ଦ୍ଧା ଜିଲାର ଚିଲିକା, ଧଉଳି ଓ ସାଲିଆ ଡ୍ୟାମ୍, କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି, କୋରାପୁଟ ଜିଲାର ଗୁପ୍ତେଶ୍ୱର, ପୁରୀ ଜିଲାର ସାତପଡ଼ା, ସମ୍ବଲପୁର ଜିଲାର ହୁମା ଏବଂ ସୁନ୍ଦରଗଡ଼ ଜିଲାର ଘୋଗରକୁ ୨ ଲେନ୍ ରାସ୍ତା ଦ୍ୱାରା ସଂଯୋଗ କରାଯାଇଛି। ଏହାଛଡ଼ା ଆଉ ୫ଟି ପର୍ଯ୍ୟଟନ ସ୍ଥଳୀକୁ ମାର୍ଚ୍ଚ ୨୦୨୪ ସୁଦ୍ଧା ୨ ଲେନ୍ ରାସ୍ତା ଦ୍ୱାରା ସଂଯୋଗ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ପ୍ରମୁଖ ରାସ୍ତାରେ ୫୦ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି। ମିଶନ ଶକ୍ତି ବିଭାଗ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଉକ୍ତ କେନ୍ଦ୍ରଗୁଡ଼ିକୁ ପରିଚାଳନା କରିବେ। ଏ ଦିଗରେ ଏହା ଦେଶର ପ୍ରଥମ ମଡେଲ ଭାବେ ପରିଗଣିତ ହେବ। ରାଜ୍ୟର ପ୍ରମୁଖ ସହର ଯଥା ଭଦ୍ରକ, ବ୍ରହ୍ମପୁର, ବାରିପଦା, ବାଲେଶ୍ୱର, ଭବାନୀପାଟଣା, ବଲାଙ୍ଗୀର, ବରଗଡ଼, କଟକ, ଝାରସୁଗୁଡ଼ା ଏବଂ ସମ୍ବଲପୁରରେ ନୂତନ ରିଂ ରୋଡ୍ ନିର୍ମାଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ମନ୍ତ୍ରୀ ଆହୁରି କହିଛନ୍ତି, ଗତ ୨ ଦଶନ୍ଧି ମଧ୍ୟରେ ପୂର୍ତ୍ତ ବିଭାଗର ରାସ୍ତା ୧୬,୦୪୧ରୁ ୩୧,୩୧୭ କି.ମି.କୁ ବୃଦ୍ଧି ପାଇଛି। ଏହି ଅବଧି ମଧ୍ୟରେ ସମୁଦାୟ ୫୨୧ ସେତୁ ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ମହାନଦୀ ଉପରେ ୧୨ଟି, ବ୍ରାହ୍ମଣୀ ଉପରେ ୫ଟି, ବୈତରଣୀ ଉପରେ ୬ଟି, ବୁଢ଼ାବଳଙ୍ଗ ଉପରେ ୩ ଟି ଏବଂ ଖରସ୍ରୋତା ଉପରେ ୩ଟି ସେତୁ ଅନ୍ତର୍ଭୁକ୍ତ। ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳକୁ ସଂଯୋଗ କରୁଥିବା ବହୁ ପ୍ରତୀକ୍ଷିତ ଗୁରୁପ୍ରିୟା ସେତୁ କାର୍ଯ୍ୟ ମଧ୍ୟ ଉକ୍ତ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟସ୍ଥଳୀରେ ପରିଣତ କରିବା ପାଇଁ ଅବଢ଼ା ଯୋଜନାରେ ୪୨୨୪ କୋଟି ଟଙ୍କା ବିନିମୟରେ ୨୧ଟି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ସମଲେଶ୍ୱରୀ ମନ୍ଦିର ବିକାଶ ନିମନ୍ତେ ୩୦ ଏକର ପରିମିତ ଜାଗାରେ ୧୯୩ କୋଟି ଟଙ୍କା ବିନିମୟରେ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ଉକ୍ତ କାର୍ଯ୍ୟକୁ ନଭେମ୍ବର ୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଲିଙ୍ଗରାଜ ମନ୍ଦିର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ନିମନ୍ତେ ୨୧୪ କୋଟି ଟଙ୍କା ବିନିମୟରେ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ସେ କହିଛନ୍ତି।

## ପୂର୍ତ୍ତ ବିଭାଗ ସମୀକ୍ଷା

# ଦର୍ପଦଳନ ରଥକୁ ଧକ୍କା ଦେଲା ଅଟୋ

**ପୁରୀ ଅଫିସ, ୨୩।୫**



ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାମ ଜାରି ରହିଛି। ମହାରଣା ସେବକ ଓ ଭୋଇ ସେବକମାନେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ବଡ଼ଦାଣ୍ଡରେ ନିର୍ମାଣାଧୀନ ତିନିରଥ ଦଣ୍ଡାୟମାନ ରହିଛି। ଏଭଳି ସମୟରେ ମଙ୍ଗଳବାର ଏକ ଅଘଟଣ ଦେଖିବାକୁ ମିଳିଛି। ମା' ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଏକ ବ୍ୟାଟେରିଚାଳିତ ଅଟୋ ଧକ୍କା ଦେଇଛି। ଗାଡ଼ିଟି ନିୟନ୍ତ୍ରଣ ହରାଇ ରଥ ଆଗ ଚକର ଅଖକୁ ଧକ୍କା ଦେଇଥିଲା। ରଥର ଅଖ ଗାଡ଼ିର କାଚରେ ମାଡ଼ ହେବାରୁ କାଚ ଭାଙ୍ଗିଯାଇଥିଲା। ତେବେ ଦୁର୍ଘଟଣାରେ କେହି ଆହତ ହୋଇନାହାନ୍ତି। ଗାଡ଼ି ବୁଲାଇବାବେଳେ ଚାଳକଙ୍କ ଅସାବଧାନତାରୁ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଓ ବରିଷ୍ଠ ଭକ୍ତମାନଙ୍କୁ ଶ୍ରୀମନ୍ଦିର ନିକଟରୁ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କ ପର୍ଯ୍ୟନ୍ତ ନେବା ଆଣିବା ପାଇଁ ବ୍ୟାଟେରିଚାଳିତ ଅଟୋର ବ୍ୟବସ୍ଥା କରାଯାଇଛି। ତନ୍ମଧ୍ୟରୁ ଗୋଟିଏ ଅଟୋ ଏହି ଦୁର୍ଘଟଣା ଘଟାଇଛି।

# ରାଜ୍ୟରେ କାର୍ଯ୍ୟକ୍ଷମ ହେବ ୬ ନୂଆ ପରିବେଶ ପର୍ଯ୍ୟଟନ କେନ୍ଦ୍ର: ମନ୍ତ୍ରୀ

**ଭୁବନେଶ୍ୱର,୨୩।୫(ବ୍ୟୁରୋ)**

## ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

୨୦୧୯ ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ପରିବେଶ ପର୍ଯ୍ୟଟନ ବିକଶିତ କରାଯାଇଛି। ଏହି ବିଭାଗ ଅଧୀନରେ ୪୯ ପରିବେଶ ପର୍ଯ୍ୟଟନ କେନ୍ଦ୍ର ବିକାଶ କରାଯାଇ କାର୍ଯ୍ୟକ୍ଷମ ହୋଇଛି। ଆଉ ୬ ନୂତନ କେନ୍ଦ୍ର କାର୍ଯ୍ୟକ୍ଷମ କରାଯିବାର ଅଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଗତ ୪ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ପରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଅମାତ କହିଛନ୍ତି, ଏହି ପରିବେଶ ପର୍ଯ୍ୟଟନ କେନ୍ଦ୍ର ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୬୫୦ ସ୍ଥାନୀୟ ବାସିନ୍ଦା ସିଧାସଳଖ ରୋଜଗାର ପାଇଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ଏବେ ବାର୍ଷିକ ୧୩ କୋଟି ଟଙ୍କାର ରାଜସ୍ୱ ଆଦାୟ ସମ୍ଭବ ହୋଇଛି। ଏହା ସହ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଓଡ଼ିଶା ଜଙ୍ଗଲ ବିଭାଗ କୋଡ୍ ସଂଶୋଧନ, ପରିବେଶ ପର୍ଯ୍ୟଟନର ବିକାଶ, ଭରତପୁର ଓ ଚନ୍ଦକା ଅଭୟାରଣ୍ୟଠାରେ ପ୍ରାକୃତିକ ଉଦ୍ୟାନର ବିକାଶ, ମଣିଷ ଓ ହାତୀ ଲଢ଼େଇର ପ୍ରତିକାର, ପ୍ଲାଷ୍ଟିକର ଏକକ ବ୍ୟବହାର ଉପରେ କଟକଣା, ୧୪,୦୦୦ ହେକ୍ଟର ଭୂମି ବ୍ୟାଙ୍କ ପ୍ରତିଷ୍ଠା ଇତ୍ୟାଦି କାର୍ଯ୍ୟକ୍ରମ ଅତ୍ୟନ୍ତ ସଫଳତାର ସହ କରାଯାଇଛି।

ମନ୍ତ୍ରୀ ଅମାତ ଆହୁରି କହିଛନ୍ତି, ଗତବର୍ଷଗୁଡ଼ିକରେ ରାଜ୍ୟ ମଧ୍ୟରେ ୫୩୭ ବର୍ଗ କି.ମି. ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଓ ୩୫୬ ବର୍ଗ କି.ମି.ର ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ଅଭିବୃଦ୍ଧି ହୋଇପାରିଛି। ଫଳରେ ମୋଟ କ୍ଷେତ୍ରଫଳର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ୩୩.୫% ତଥା ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ୩୬.୭୧% କୁ ବୃଦ୍ଧିପାଇଛି। ଏହା ଦେଶରେ ୩ୟ ଓ ୨ୟ ସ୍ଥାନ ଅଧିକାର କରିପାରିଛି। ଦେଶରେ ବିଭାଗ ଦ୍ୱାରା ସର୍ବାଧିକ ୮ ବର୍ଗ କି.ମି.ର ହେନ୍ତାଳ ବନ ଅଭିବୃଦ୍ଧି ଘଟିଛି, ଯାହା ଦେଶର ସର୍ବାଧିକ। ବନୀକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ସ୍ୱରୂପ ଗତ ୪ ବର୍ଷରେ ରାଜ୍ୟରେ ମୋଟ ୩,୭୧,୧୬୩ ହେକ୍ଟର ଜମିରେ ନୂତନ ବନୀକରଣ ଓ ପଥପାର୍ଶ୍ୱ ବନୀକରଣ ଯୋଜନାରେ ୧୬,୩୪୬ ରନିଂ କି.ମି.ର ବନୀକରଣ କରାଯାଇଛି। ରାଜ୍ୟର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦେଶରେ ସର୍ବୋତ୍କୃଷ୍ଟ ବର୍ଗରେ ସ୍ଥାନିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ମନୁଷ୍ୟ ବନ୍ୟପ୍ରାଣୀଙ୍କ ସଂଘର୍ଷଜନିତ ଅନୁକମ୍ପା ରାଶିର ବୃଦ୍ଧି କରାଯାଇଛି। ସେହିପରି ୨ଟି ପର୍ଯ୍ୟାୟରେ ପ୍ରାୟ ୮ ଲକ୍ଷ ୧୫ ହଜାର କେନ୍ଦୁପତ୍ର ହିତାଧିକାରୀଙ୍କ ନିମନ୍ତେ ମୋଟ ୧୯୪ କୋଟିଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ପ୍ରତ୍ୟେକ ତୋଳାଳିଙ୍କୁ ୨୦୦୦ ଟଙ୍କା ସହ ପାଣି ବୋତଲ ଏବଂ ଚପଲ ପାଇଁ ଯଥାକ୍ରମେ ୨୦୦ ଟଙ୍କା ଓ ୧୨୦ ଟଙ୍କା ପ୍ରଦାନ କରାଯାଇଛି। ବନ୍ଧାଳି ଓ ଋତୁକାଳୀନ କର୍ମଚାରୀଙ୍କୁ ୩୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ଭିତରକନିକା, ଚିଲିକା, ଶିମିଳିପାଳ, ଚନ୍ଦକା ଓ ଭରତପୁର ଅଭୟାରଣ୍ୟକୁ ବିକଶିତକରି ସର୍ବୋତ୍ତମ ବନ୍ୟଜନ୍ତୁ ଆବାସସ୍ଥଳୀ ଓ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମନ୍ତ୍ରୀ ଅମାତ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପୂର୍ବବିବାଦକୁ କେନ୍ଦ୍ରକରି ଶତ୍ରୁମାନଙ୍କ ଦ୍ୱାରା ପୀଡ଼ିତ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ନିଜର ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି।

**ବୃଷ**
ଆଜି ବନ୍ଧୁଙ୍କ ସାହାଯ୍ୟରେ ଅସ୍ୱସ୍ତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ**
ପାରିବାରିକ ଅସ୍ଥିରତାକୁ ଠିକ୍ ମାର୍ଗରେ ସମାଧାନ କରିପାରିବେ। ଆଜି ସାୟାହ୍ନେ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ**
ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ମଧ୍ୟ ସମ୍ମାନିତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ସିଂହ**
ଆଜି ସକାଳୁ ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ନିକଟସ୍ଥ ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ପ୍ରତ୍ୟୁଷରୁ ତରବରିଆ ଯାତ୍ରା କରିବା ପୂର୍ବରୁ ଜିନିଷପତ୍ରକୁ ଆଉଥରେ ଦେଖିନେବା ଭଲ ହେବ। ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ କିନ୍ତୁ ବହୁତ ଝଗଡ଼ା ପରେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା**
ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଅଫିସ ଭିତରେ ସହକର୍ମୀଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**
ଆଜି ସକାଳୁ ଯାତ୍ରା କରିବେ ଓ ଅନ୍ୟଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରିବେ। ପଡ଼ୋଶୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ**
ବିଭିନ୍ନ ସମସ୍ୟାରେ ଜଡ଼ିତ ହୋଇଥିବାରୁ ମନ ବିଚଳିତ ରହିବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଆଶା କରାଯାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟକୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କୁଟୀରଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ଭଲ ରହିବ।

**ମକର**
କର୍ମକ୍ଷେତ୍ରରେ ଅସଜଡ଼ା ପରିସ୍ଥିତିକୁ ସହକର୍ମୀଙ୍କ ଜରିଆରେ ସଜାଡ଼ି ନେବେ। ପ୍ରକଳ୍ପ କାର୍ଯ୍ୟ, ପରିବହନ, ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁର୍ଭାବନା ଉଦ୍ରେକ ହୋଇପାରେ। ଅବଶ୍ୟ ମିତ୍ରମାନେ ପରୋକ୍ଷ ଭାବେ ମିତ୍ରତା ଆଚରଣ କରିବେ।

**କୁମ୍ଭ**
ଯେଉଁ କାମରେ ହାତ ଦେବା ପାଇଁ ଚିନ୍ତା କରୁଛନ୍ତି, ତାହା ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ପକାଇପାରେ। ନିଜକୁ ନିୟନ୍ତ୍ରଣରେ ରଖି ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଅନୁକୂଳ ରହିବ। ଜମିଜମା କାରବାର, ଯାନ୍ତ୍ରିକ ଶିଳ୍ପ, ନିର୍ମାଣ କ୍ଷେତ୍ର, ସମସ୍ୟା ମୁକ୍ତ ରହିବାର ସମ୍ଭାବନା ରହିଛି।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଭଲକୁ ଭେଲ କ୍ରମରେ ମନକୁ ଆସିବ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଲଦିପାରନ୍ତି। ବ୍ୟବସାୟ ଓ ପାରିବାରିକ କ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ସାମ୍ବାଦିକତା, ନୂତନ ବନ୍ଧୁ ସମ୍ପର୍କରେ ବିଶେଷ ଉନ୍ନତି କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ୫ମୀ ବୁଧବାର, ଅଦ୍ୟ ଶ୍ରୀମନ୍ଦିର ସମେତ ସର୍ବତ୍ର ଶିବ ବିବାହୋତ୍ସବ, ମେ ୨୪ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଘ.୦୮.୨୭ମି. ଗତେ, କର୍କଟ ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭.୪୮ମି. ଗତେ ଘ.୦୮.୨୭ମି. ମଧ୍ୟେ, ଘ.୧୦.୦୫ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

**ପ୍ରଥମ ପୃଷ୍ଠାରୁ...**

## ସିଭିଲ୍ ସର୍ଭିସ୍...


ଈଶିତା କିଶୋର
(ର୍‍ୟାଙ୍କ-୧)

ପ୍ରତିବର୍ଷତିନିପର୍ଯ୍ୟାୟ(ପ୍ରିଲିମିନାରୀ, ମେନ୍ ଏବଂ ସାକ୍ଷାତ୍‌କାର)ରେ ହୋଇଥାଏ। ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍), ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଏବଂ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଫିସର ଚୟନ ଲାଗି ଏହି ପରୀକ୍ଷା କରାଯାଇଥାଏ। ଈଶିତା କିଶୋର ପଲିଟିକାଲ୍ ସାଇନ୍ସ ଓ ଇଣ୍ଟରନ୍ୟାଶନାଲ ରିଲେଶନ୍ସକୁ ଇଚ୍ଛାଧୀନ ବିଷୟ ରଖି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଦିଲ୍ଲୀ ୟୁନିଭର୍ସିଟିର ଶ୍ରୀରାମ କଲେଜ୍ ଅଫ୍ କମର୍ସରୁ ଅର୍ଥନୀତି (ଅନର୍ସ)ରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେହିପରି କମର୍ସ ଓ ଆକାଉଣ୍ଟାନ୍ସି ଅପ୍‌ସନାଲ ବିଷୟରେ ଦ୍ୱିତୀୟ ର୍‍ୟାଙ୍କ୍ ରଖିଥିବା ଲୋହିଆ ହେଉଛନ୍ତି କିରୋରିମାଲ କଲେଜର ବାଣିଜ୍ୟ ଛାତ୍ରୀ। ତୃତୀୟ ସ୍ଥାନ ହାସଲ କରିଥିବା ହାରାଥି ଆନ୍ଥ୍ରୋପୋଲୋଜିକୁ ଇଚ୍ଛାଧୀନ ବିଷୟ ରଖିଥିବାବେଳେ ମିରଣ୍ଡା ହାଉସ୍ କଲେଜର ବି.ଏସ୍‌ସି ଛାତ୍ରୀ ମିଶ୍ରାଙ୍କର ଇଚ୍ଛାଧୀନ ବିଷୟ ଥିବା ପ୍ରାଣୀବିଜ୍ଞାନ।

ବାୟୁସେନା ଅଧିକାରୀଙ୍କ ଝିଅ ଈଶିତା ସିଭିଲ ସର୍ଭିସ ପରୀକ୍ଷାରେ ଶୀର୍ଷସ୍ଥାନ ହାସଲ କରିବା ସମ୍ପର୍କରେ କହିଛନ୍ତି, ତାଙ୍କୁ ସ୍ୱପ୍ନ ସତ ହେଲା ଭଳି ଲାଗୁଛି। ଆଇଏଏସ୍ ଅଫିସର ହେବା ପରେ ସେ ମହିଳା ସଶକ୍ତୀକରଣ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ୨୬ ବର୍ଷୀୟ ଈଶିତା ତୃତୀୟ ଉଦ୍ୟମରେ ଏହି ସଫଳତା ପାଇଛନ୍ତି। ପରୀକ୍ଷାରେ ସଫଳତା ପାଇଁ କ୍ରମାଗତ ଭାବେ ଉତ୍ସାହିତ କରିଆସୁଥିବା ପରିବାର ସଦସ୍ୟଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

## ବରଗଡ଼ରେ ୪...

ଥାନା ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା (ନଂ.୧୧୮/୨୩) ରୁଜୁ କରିଛି। ତେବେ ଏହି ଗଣହତ୍ୟାରେ କେବଳ ଶିବ ନା ଆଉ କେହି ସମ୍ପୃକ୍ତ ଅଛନ୍ତି, ସେ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ବରଗଡ଼ ଏସ୍‌ଡିପିଓ ଅମ୍ରିତ କୁମାର ପଣ୍ଡା କହିଛନ୍ତି।

ଅଭିଯୁକ୍ତ ଶିବ ଏବଂ ଗୁରୁଦେବଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେଲା ଜମିଜମାକୁ ନେଇ ବିବାଦ ଲାଗି ରହିଥିଲା। ଉଭୟଙ୍କ ଘର ପାଖାପାଖି ଲାଗି ରହିଥିବାରୁ ଏକ ପାଇଖାନା ନିର୍ମାଣକୁ ନେଇ ପୁଣି ବିବାଦ ଉପୁଜିଥିଲା। ଶିବ ଏକ ପାଇଖାନା ନିର୍ମାଣ କରିଥିଲେ। ସୋମବାର ସକାଳେ ଗୁରୁଦେବ ସେହି ପାଇଖାନାକୁ କୁଆଡ଼େ ଭାଙ୍ଗୁଥିଲେ ଏବଂ ତାର ପ୍ରତିବାଦ କରିବାରୁ ଗୁରୁଦେବ ଗଣ୍ଡଗୋଳ ସୃଷ୍ଟି କରିଥିଲେ ବୋଲି ଶିବଙ୍କ ସ୍ତ୍ରୀ ପାର୍ବତୀ କହିଛନ୍ତି। ଏହି ଘଟଣାର ସମାଧାନ ପାଇଁ ଶିବ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ଘରକୁ ଡାକିଥିଲେ। ମାତ୍ର କୌଣସି ସମାଧାନର ବାଟ ବାହାରି ପାରି ନ ଥିଲା। ଫଳରେ ଥାନାକୁ ଯିବା ପାଇଁ କହି ଭଦ୍ରବ୍ୟକ୍ତିମାନେ ତାଙ୍କ ଘରୁ ଚାଲିଯାଇଥିଲେ ଏବଂ ସେ ଗାଧୋଇବାକୁ ଯାଇଥିଲେ ବୋଲି ପାର୍ବତୀ କହିଛନ୍ତି।

ଦିନ ପ୍ରାୟ ୧୧ଟାରେ ପାର୍ବତୀ ଗାଧୋଇ ସାରି ଘରକୁ ଫେରିବା ପରେ କକା, ପୁତରା ପୁଣି ଗଣ୍ଡଗୋଳ ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସ୍ୱାମୀ ଶିବଙ୍କୁ ପଚାରିବାରୁ ସେ ଶାବଳରେ ଗୁରୁଦେବଙ୍କ ପରିବାର ସଦସ୍ୟଙ୍କୁ ଜଣେ ପରେ ଜଣଙ୍କୁ ମାରି ଦେଇଥିବା ଏବଂ ମୃତଦେହଗୁଡ଼ିକୁ ଗୁହାଳ ନିକଟ ଏକ ବନ୍ଦ କୋଠରୀରେ ରଖି ଦେଇଥିବା କହିଥିଲେ ବୋଲି ଅଭିଯୁକ୍ତ ଶିବଙ୍କ ସ୍ତ୍ରୀ ପାର୍ବତୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଭୟରେ କ'ଣ କରିବେ ବୋଲି ସୋମବାର ଘଟଣା ସମ୍ପର୍କରେ ସେମାନେ କାହାକୁ କିଛି କହି ନ ଥିଲେ ଏବଂ ମଙ୍ଗଳବାର ସକାଳୁ ଶିବ ଏ ନେଇ ସ୍ଥାନୀୟ ୱାର୍ଡମେମ୍ବରଙ୍କୁ ଜଣାଇଥିଲେ ବୋଲି ପାର୍ବତୀ କହିଛନ୍ତି। ମଙ୍ଗଳବାର ସକାଳୁ ୱାର୍ଡମେମ୍ବରଙ୍କଠାରୁ ସୂଚନା ପାଇ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର, ଏସ୍‌ଡିପିଓ ଅମ୍ରିତ କୁମାର ପଣ୍ଡା ଏବଂ ଭଟଲି ଥାନାଧିକାରୀ ରଞ୍ଜିତ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଭଟଲି ତହସିଲଦାର ଜି. ରଶ୍ମିରେଖାଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

ସୂଚନାଥାଉକି, ଗତ ବର୍ଷ ଅକ୍ଟୋବର ୩୦ରେ ଏଭଳି ଏକ ଗଣହତ୍ୟାରେ ଭେଡ଼େନ ଥାନା ଜାଣ୍ଡୋଲ ଗ୍ରାମର ଗୋଟିଏ ପରିବାରର ୪ଜଣ ଏବଂ ଗତ ଏପ୍ରିଲ ୧୬ତାରିଖ ବିଳମ୍ବିତ ରାତିରେ ଭେଡ଼େନ ଥାନା ଆଖିଫୁଟା ଗ୍ରାମର ୩ଜଣଙ୍କ ମୃତ୍ୟୁ ହେବା ସହ ୨ପରିବାର ନିଶ୍ଚିହ୍ନ ହୋଇଯାଇଥିଲା।

**ଗଞ୍ଜେଇ ଗାଡ଼ି ଛାଡ଼ିବା ନେଇ ଲାଞ୍ଚ ମାମଲା: ମହିଳା ଏସ୍ଆଇ ନିଲମ୍ବିତ**

ପାରଳାଖେମୁଣ୍ଡି,୨୩।୫ (ଡି.ଏନ୍.ଏ.): ଏକ ଗଞ୍ଜେଇ ଭର୍ତ୍ତି ଅଟୋକୁ ଛାଡ଼ିଦେବାକୁ ଲାଞ୍ଚ ନେବା ମାମଲାରେ ଗଜପତି ଜିଲା ମୋହନାର ତତ୍କାଳୀନ ମହିଳା ଏସ୍ଆଇ ଜ୍ୟୋତ୍ସ୍ନା ରାୟ ମଙ୍ଗଳବାର କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ମହିଳା ସବ୍ଇନ୍ସପେକ୍ଟର ଜ୍ୟୋତ୍ସ୍ନା ଜବତ ଅଟୋକୁ ମୁକ୍ତ କରିବା ପାଇଁ ୨୦ହଜାର ଟଙ୍କା ଲାଞ୍ଚ ନେଇ ଫେରାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ଭୟରେ ଏପ୍ରିଲ ୨୭ରେ ଅଟୋ ମାଲିକ ପ୍ରେରିତ ମାଝୀଙ୍କୁ ଅପହରଣ କରିଥିବା ନେଇ ମାମଲା ରୁଜୁ ହୋଇଥିଲା।



ଯାଜପୁର ରଗଡ଼ିସ୍ଥିତ ସରକାରୀ ପଲିଟେକ୍ନିକ୍ କଲେଜରେ ମଙ୍ଗଳବାର ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଓ ବିଚାରକମଣ୍ଡଳୀ।


ବକ୍ତୃତା ପ୍ରତିଯୋଗିତାରେ ଯୋଗଦେଇଥିବା ସରକାରୀ ପଲିଟେକ୍ନିକ୍ କଲେଜର ଛାତ୍ରୀଛାତ୍ର।

# ଗଣମାଧ୍ୟମ ଓ ଯୁବପିଢ଼ି ଗଣତନ୍ତ୍ରର ରକ୍ଷାକବଚ

## ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା

ଯାଜପୁର ଅଫିସ/ କଳିଙ୍ଗନଗର (ଡି.ଏନ.ଏ.), ୨୩।୫

ଗଣତନ୍ତ୍ରରେ ଯେପରି ବିରୋଧୀ ନ ଥିଲେ ଶାସନ ବ୍ୟବସ୍ଥା ଭୁଶୁଡ଼ି ପଡ଼େ, ସେହିପରି ଗଣମାଧ୍ୟମ ଓ ଯୁବପିଢ଼ି ଗଣତନ୍ତ୍ରର ରକ୍ଷାକବଚ ସାଜିଥାଆନ୍ତି। ବିଶେଷକରି କହିବାକୁ ଗଲେ ସରକାର ଓ ଲୋକଙ୍କ ମଧ୍ୟରେ ଗଣମାଧ୍ୟମ ସମନ୍ୱୟର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଯାଜପୁର ଜିଲା ରଗଡ଼ି ସରକାରୀ ପଲିଟେକ୍ନିକ କଲେଜରେ ମଙ୍ଗଳବାର ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବକ୍ତା ଓ ପ୍ରତିଯୋଗୀମାନେ ଏହି ମତବ୍ୟକ୍ତ କରିଛନ୍ତି। ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅଧ୍ୟକ୍ଷତା କରି କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ପୃଷ୍ଟି କହିଥିଲେ, ବୈଷୟିକଭିତ୍ତିକ କଲେଜରେ ସାହିତ୍ୟ ଏବଂ ସାଧାରଣ ଜ୍ଞାନର ବି ଆବଶ୍ୟକତା ରହିଛି। ରାଜନୀତି ଓ ଗଣମାଧ୍ୟମ ସମ୍ପର୍କରେ ଜାଣିବା ସମସ୍ତ ଛାତ୍ରୀଛାତ୍ରଙ୍କ ପ୍ରାଥମିକତା ହେବା ଉଚିତ । ବରିଷ୍ଠ ସାହିତ୍ୟିକା ତଥା ଅରେଇକଣା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ଅତିଥି ଏବଂ ବିଚାରକ ଭାବେ ଯୋଗଦେଇ ଗଣତନ୍ତ୍ରର ନକାରାତ୍ମକ ଓ ସକାରାତ୍ମକ ଦିଗ ଉପରେ ଗଣମାଧ୍ୟମ ସବୁବେଳେ ତା'ର କର୍ତ୍ତବ୍ୟ ତୁଲାଇ ଆସୁଛି ବୋଲି କହିଛନ୍ତି। ଗଣମାଧ୍ୟମ ନ ଥିଲେ ଗଣତନ୍ତ୍ର ଦିଗହରା ହୋଇପଡ଼ନ୍ତା। ଏହାସହ ଯୁବପିଢ଼ି ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ ବୋଲି ସେ କହିଥିଲେ। ଧରିତ୍ରୀର ଡେପୁଟି ନିଉଜ୍ ଏଡିଟର ଲାଲା ସୁନୀଲ କୁମାର ରଥ ଯୋଗଦେଇ ଧରିତ୍ରୀର ୫୦ ବର୍ଷର ଅତୀତର କିଛି କାହାଣୀ, ଗଣମାଧ୍ୟମର ଦାୟିତ୍ୱ ଏବଂ କର୍ତ୍ତବ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏହାସହ ସମସ୍ତ ଯୁବପିଢ଼ି ଜଣେ ଜଣେ ଖବରଦାତାଙ୍କ ଭୂମିକା ନେବା ଉଚିତ ବୋଲି ସେ କହିଥିଲେ। ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠପଢ଼ା ସହ ଶୃଙ୍ଖଳା ଏବଂ ଦୃଢ଼ ମନୋବଳ, କଠୋର ପରିଶ୍ରମ ଭଲ ମଣିଷ ହେବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହାସହ ଗଣତନ୍ତ୍ରରେ ଗଣମାଧ୍ୟମ ଏବଂ ଯୁବପିଢ଼ିଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ ଗଣମାଧ୍ୟମ ଏକ ଛୋଟ ବିଷୟବସ୍ତୁ ନୁହେଁ, ଗଣମାଧ୍ୟମକୁ ବୁଝିବାକୁ ହେଲେ ବହୁତ ଗଭୀରକୁ ଯିବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମରେ କଲେଜର ପ୍ରାୟ ୨ଶହ ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ୧୨ ଜଣ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ସାହିତ୍ୟିକା ମହାପାତ୍ରଙ୍କ ସମେତ କଲେଜର ମେକାନିକାଲ ବିଭାଗ ମୁଖ୍ୟ ଗୀତାଞ୍ଜଳି ସେଠୀ, ଇଂଲିଶ ଅଧ୍ୟାପକ ରୋଜାଲିନ ନାଥ ଏବଂ ମେଟ୍ରୋଲୋଜି ବିଭାଗର ଶୁଭେନ୍ଦୁ ମୁଦୁଲି ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ମେଟାଲୋଜି ବିଭାଗର ୪ର୍ଥ ସେମିଷ୍ଟର ଛାତ୍ର ସୂର୍ଯ୍ୟକାନ୍ତ ଖିଲାର ପ୍ରଥମ, ମାଇନିଂ ବିଭାଗର ୬ଷ୍ଠ ସେମିଷ୍ଟର ଛାତ୍ର ପ୍ରିୟାଂଶୁ ରଞ୍ଜନ ନାଗ ଓ ମେଟାଲୋଜି ବିଭାଗର ୪ର୍ଥ ସେମିଷ୍ଟର ଛାତ୍ର ବିକାଶ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ କଲେଜର କର୍ମଚାରୀ ଓ ଅଧ୍ୟାପିକା, ଅଧ୍ୟାପକମାନେ ସହଯୋଗ କରିଥିଲେ।

**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା ୧୯୦୮ ଅନୁଯାୟୀ ନୋଟିସ**
**ଏଲ୍.ଏ.କେସ୍ ନଂ.୩୫୧/୨୦୨୧**

ଭୂମି ଅଧିଗ୍ରହଣ ଅଧିକାରୀ ଓ କଲେକ୍ଟର, ଖୋର୍ଦ୍ଧା.... ଆବେଦନକାରୀ
ବନାମ
ଭୀମସେନ ଦାସ, ପୁତ୍ର:ଯଦୁମଣି ଦାସ
ସା:ମାଳିପଡ଼ା,ଥା:ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା
......ବିରୋଧୀପକ୍ଷ

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣ ପାଇଁ କ୍ଷତିପୂରଣ, ଆର୍ଥିକ ରାଶି ପ୍ରଦାନ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ,କଟକ, ସି.ବି-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ୍,କଟକଙ୍କ ଅଦାଲତରେ ମୋକଦ୍ଦମା ରୁଜୁ କରି ଅଛନ୍ତି । ଅଧିଗୃହୀତ ଜମିର ତଫସିଲ: ମୌଜା:ଗୋଠପାଟଣା, ଥାନା:ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ. ୪୪୧, ପ୍ଲଟ୍ ନଂ.-୧୨୩୬ ଓ ୧୨୩୭ ରକବା ଯଥାକ୍ରମେ ଏ ୦.୦୨୦ ଡି ଓ ଏ୦.୦୨୩ଡି ଅଟେ । ଉକ୍ତ ବିରୋଧୀପକ୍ଷ ଯଦି ଜୀବିତ ଥାଆନ୍ତି ବା ମୃତ ଥାଆନ୍ତି ତେବେ ସେ ନିଜେ ବା ତାଙ୍କର ଉତ୍ତରାଧିକାରୀମାନେ ଏହି ମୋକଦ୍ଦମାରେ ତାଙ୍କର ସ୍ୱତ୍ୱ ଓ ସ୍ୱାର୍ଥ ସମ୍ପର୍କରେ ନିଜର ସବିଶେଷ ସଫେଇ ଅଦାଲତରେ ପ୍ରକାଶ କରିବା ହେବେ ।

ଏଣୁ ଉକ୍ତ ଅଦାଲତ ବିରୋଧୀ ପକ୍ଷଙ୍କୁ ନିର୍ଦ୍ଦେଶ ଦେଉଅଛି କି, ତା.୦୬ ରିଖ ୦୬ ମାସ ୨୦୨୩ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ନିଜେ ବା ଓକିଲଙ୍କ ମାଧ୍ୟମରେ / କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ଦ୍ୱାରା ସ୍ଥିରୀକୃତ ଆର୍ଥିକ ରାଶି କାହାକୁ କେତେ ପରିମାଣ ମଞ୍ଜୁର କରାଯିବ ତାହାର କାରଣ ଦର୍ଶାଇବା ହେବେ । ଏଥିରେ ଖିଲାପ କଲେ ସେମାନଙ୍କ ଅନୁପସ୍ଥିତିରେ ଅଦାଲତ ଆଇନ ଅନୁସାରେ ବିଚାର କରି ଆଦେଶ ପ୍ରଦାନ କରିବେ । ତା.୨୦ ରିଖ ୦୪ ମାସ ୨୦୨୩ ।

ସ୍ୱା./-ପ୍ରିଜାଇଡିଙ୍ଗ ଅଫିସର
ଭୂ-ଅର୍ଜନ ଥଇଥାନ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ସିଭିଲ୍ ସର୍ଭିସ ପରୀକ୍ଷାରେ କୃତୀ ଓଡ଼ିଆ

# ଧୈର୍ଯ୍ୟ ସହ ପରୀକ୍ଷାକୁ ବୁଝିନେଲେ ସଫଳତା ନିଶ୍ଚିତ: ଶୁଭାଙ୍ଗୀ

ଭଦ୍ରକ ଅଫିସ/ସ୍ୱ.ପ୍ର., ୨୩।୫

ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ୨୪୮ ର୍ୟାଙ୍କ୍‌ରେ ସ୍ଥାନ ପାଇଛନ୍ତି ଭଦ୍ରକ ଜିଲାର ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆ(୨୬)। ଭଦ୍ରକ ବଙ୍କସାହିର ସାଇବର ଦୋକାନୀ ସତ୍ୟନାରାୟଣ ଖୁଣ୍ଟିଆ ଓ ସବିତା ଖୁଣ୍ଟିଆଙ୍କ ଝିଅ ଶୁଭାଙ୍ଗୀ। ସେ ପୂର୍ବରୁ ୯୭ ର୍ୟାଙ୍କ ରଖି ଓଏଏସ୍ ପାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଟ୍ରେନିଂରେ ଥିବା ସହ ଭାରତୀୟ ପ୍ରଶାସନିକ ସେବା ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ୨୦୨୨ରେ ଆଇଏଏସ୍ ପରୀକ୍ଷା ଦେଇଥିଲେ। ମଙ୍ଗଳବାର ଅପରାହ୍ନରେ ତାଙ୍କ ସାଙ୍ଗ ପାଖରୁ ଆଇଏଏସ୍‌ରେ ୨୪୮ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ଫୋନ କଲ୍ ପାଇବା ପରେ ବିଶ୍ୱାସ କରି ନ ପାରି ନିଜେ ରୋଲ୍ ନମ୍ବରକୁ ର୍ୟାଙ୍କିଙ୍ଗ୍ ତାଲିକାରେ ୪ଥର ମିଳାଇବା ପରେ ସେ ନିଶ୍ଚିତ ହୋଇଥିଲେ ବୋଲି କହିଛନ୍ତି। ସୁଯୋଗ ମିଳିଲେ ଜଣେ ଭଲ ସିଭିଲ ସର୍ଭାଣ୍ଟ ଭାବେ ଶିକ୍ଷା ବିଭାଗର ସଚିବ ଭାବେ କାର୍ଯ୍ୟ କରିବା ପାଇଁ ସେ ଇଚ୍ଛା ପ୍ରକାଶ କରିଛନ୍ତି। ଗ୍ରାଜୁଏଶନ ପରେ ପ୍ରଥମ ଥର ୨୦୧୯ରେ ସେ ଆଇଏଏସ୍ ପରୀକ୍ଷା ଦେଇଥିବା ବେଳେ ଏହା ତାଙ୍କର ୪ର୍ଥ ଥର ଥିଲା। ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ପରିଶ୍ରମ ସାର୍ଥକ ହୋଇଛି। ଧୈର୍ଯ୍ୟ ଧରିବା ସହ ପରୀକ୍ଷାକୁ ବୁଝିନେଲେ ସଫଳତା ନିଶ୍ଚିତ ମିଳିବ ବୋଲି ଶୁଭାଙ୍ଗୀ ଅନ୍ୟମାନଙ୍କୁ ବାର୍ତ୍ତା ଦେଇଛନ୍ତି। ଶୁଭାଙ୍ଗୀ ହାଇଦ୍ରାବାଦ ଗୁଣ୍ଟୁରରେ ବିଏସ୍‌ସି ଏଗ୍ରିକଲଚରରେ ୟୁନିଭର୍ସିଟିରେ ଗୋଲ୍ଡ ମେଡାଲ ପାଇଥିଲେ। ଦିଲ୍ଲୀର ବାଜିରାମ ଏଣ୍ଡ ରବି ଏବଂ ଜାମିଆ ମିଲିଆ ଇସ୍‌ଲାମିଆରେ କୋଚିଂ ନେଉଥିଲେ। ସେଠାକାର ପ୍ରତିଯୋଗିତା ଓ ପ୍ରେରଣା ପାଇଁ ଆଜି ଏ ସଫଳତା ମିଳିଛି। ବାପା, ମା', ବଡ଼ଭାଇ ଓ ସମ୍ପର୍କୀୟଙ୍କୁ ତାଙ୍କର ଏହି ସଫଳତା ପାଇଁ ଶ୍ରେୟ ଦେଇଛନ୍ତି। ଶୁଭାଙ୍ଗୀଙ୍କ ବାପା ଭଦ୍ରକ ସହରର ଟାଉନହଲ୍ ଛକରେ ଏକ ସାଇବର କାଫେ କରି ପରିବାର ପ୍ରତିପୋଷଣ କରନ୍ତି। ଏହି ରୋଜଗାରରେ ଦୁଇପୁଅ ଓ ଏକମାତ୍ର ଝିଅକୁ ବହୁ କଷ୍ଟରେ ପାଠ ପଢ଼ାଇଛନ୍ତି। ଝିଅର ରେଜଲ୍ଟ ଖବର ପାଇବା ପରେ ପରିବାରରେ ଖୁସିର ମାହୋଲ ଖେଳିଯାଇଥିବା ବେଳେ ବାପା ସତ୍ୟନାରାୟଣ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି।


ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆ

### ଆଇଏଫ୍ଏସ୍‌ରେ ଯୋଗଦେବାକୁ ଆଗ୍ରହୀ

୨୦୧୯ରେ ସିଭିଲ୍ ସର୍ଭିସରେ ଉତ୍ତୀର୍ଣ୍ଣ ହୋଇଥିଲି। ବର୍ତ୍ତମାନ ଦିଲ୍ଲୀରେ ଇନ୍‌କମ୍ ଟ୍ୟାକ୍ସ ବିଭାଗରେ କାର୍ଯ୍ୟରତ ଅଛି। ତେବେ ଭଲ ର୍ୟାଙ୍କ ପାଇଁ ଦ୍ୱିତୀୟ ଥର ପରୀକ୍ଷା ଦେଇଥିଲି। ଆଇଏଫ୍ଏସ୍‌ରେ ଯୋଗଦେବାକୁ ଆଗ୍ରହ ରହିଛି। ସର୍ବଭାରତୀୟସ୍ତରରେ ୩୮ର୍ୟାଙ୍କ ରହିଥିବାରୁ ଖୁସି ଅଛି। ଜଗତ୍‌ସିଂହପୁର ନାଉଗାଁ କୋକିଡିହ ଗ୍ରାମରେ ମୋର ଘର। ବାପା, ମା' ଓ ଜେଜେମା'ଙ୍କୁ ମୋର ସଫଳତାର ଶ୍ରେୟ ଦେବି। **– ଅନୁପ ଦାସ, ର୍ୟାଙ୍କ ୩୮**

### ମା'ବାପାଙ୍କ ଖୁସି ର୍ୟାଙ୍କଠୁ ବଳିଗଲା

ଫଳାଫଳ ପ୍ରକାଶ ପରେ ପ୍ରଥମେ ବିଶ୍ୱାସ ହୋଇ ନ ଥିଲା। ପରେ ରୋଲ୍ ନମ୍ବର ଦେଖି ଆଉ ଥରେ ଚେକ୍ କଲି। ତେବେ ଏସମ୍ପର୍କରେ ମା'ବାପା ଜାଣିବା ପରେ ଯେଉଁ ଖୁସି ହୋଇଥିଲେ ତାହା ଏହି ର୍ୟାଙ୍କ ପାଇବା ଖୁସିଠାରୁ ବହୁତ ଅଧିକ ଥିଲା। ମୋର ଏହା ଦ୍ୱିତୀୟ ପ୍ରଚେଷ୍ଟା ଥିଲା। କେବଳ ଲିଷ୍ଟରେ ନାଁ ଆସିଯାଉ ଭାବୁଥିଲି। ୬୭ ର୍ୟାଙ୍କ ପାଇଛି। ଆଶାଠାରୁ ଅଧିକ ପାଇବା ପରେ ବହୁତ ଖୁସି ଅଛି। ମୁଁ ପିଲାବେଳୁ ଲୋକଙ୍କ ସହ ଚଳିଛି। ତେଣୁ ଲୋକଙ୍କ ସେବା କରିବା ପାଇଁ ଏଇଟା ଗୋଟେ ସୁଯୋଗ। ପ୍ରଥମଥର ସଫଳ ନ ହେବାରୁ ଅବସାଦକୁ ଚାଲିଯାଇଥିଲି। ତେବେ ପରେ ଖୁବ୍ ପରିଶ୍ରମ କରିଥିଲି। ପରିବାରର ବହୁତ ସହଯୋଗ ରହିଛି। କେତେ ସମୟ ପଢୁଛନ୍ତି ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ, ତା'ଠାରୁ ଅଧିକ ହେଉଛି କେତେ ଧ୍ୟାନକେନ୍ଦ୍ରିତ ବା ଆଗ୍ରହର ସହ ପଢୁଛନ୍ତି। **–କସ୍ତୁରୀ ପଣ୍ଡା, ର୍ୟାଙ୍କ ୬୭**



### ନିର୍ଦ୍ଦିଷ୍ଟ ବିଷୟ ଉପରେ ଗୁରୁତ୍ୱ ଦେଉଥିଲି

ଭୁବନେଶ୍ୱରରେ ସ୍କୁଲ ପାଠପଢ଼ା କରିଛି। ଆଇଆଇଟି କାନପୁରରେ ମୁଁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ କରିଥିଲି। ଏହାପରେ ଚାକିରି କରିବା ସହ ସିଭିଲ୍ ସର୍ଭିସ୍ ପାଇଁ ୨୦୨୦ ଶେଷ ବେଳକୁ ପ୍ରସ୍ତୁତି ଆରମ୍ଭ କରିଥିଲି। ପ୍ରଥମ ଚେଷ୍ଟାରେ ଇଣ୍ଟରଭ୍ୟୁ ଦେଇଥିଲି। ମାତ୍ର ଫାଇନାଲ ଲିଷ୍ଟରେ ନାଁ ଆସି ନ ଥିଲା। ଏହାପରେ ଦ୍ୱିତୀୟ ଚେଷ୍ଟାରେ ପ୍ରିଲିମ୍ ପରୀକ୍ଷା ପରେ ଚାକିରି ଛାଡ଼ିଦେଇଥିଲି। କେବଳ ପଢ଼ାରେ ଧ୍ୟାନ ଦେଉଥିଲି। କିଛି ନିର୍ଦ୍ଦିଷ୍ଟ ବିଷୟକୁ ବାରମ୍ବାର ପଢୁଥିଲି। ଅଧିକ ଟେଷ୍ଟ ଦେଉଥିଲି। ସମୟ ନଷ୍ଟ ଆଦୌ କରୁ ନ ଥିଲି। ମନ ହାଲ୍‌କା କରିବା ପାଇଁ ମୁଁ ବ୍ୟାଡ୍‌ମିଣ୍ଟନ ଖେଳେ ଓ ସ୍କେଚ୍ କରେ। ତେବେ ପ୍ରଶାସନିକ ସେବା ପାଇଁ ଇଚ୍ଛା ରହିଛି। ତେଣୁ ଆଉଥରେ ପରୀକ୍ଷା ଦେବି। ଯାହାଦ୍ୱାରା ଆଉ ଟିକେ ଭଲ ର୍ୟାଙ୍କ ମିଳିପାରିବ। ପରିବାର ଓ ବନ୍ଧୁବର୍ଗ ନୈତିକ ଭାବେ ମାନସିକ ଭାବେ ଅନେକ ସହଯୋଗ କରିଛନ୍ତି।

**– ସୌମ୍ୟରଞ୍ଜନ ଦାସ, ର୍ୟାଙ୍କ ୧୩୬**



### କଠିନ ପରିଶ୍ରମର ଫଳ

ମହାପ୍ରଭୁଙ୍କ ଦୟାରୁ ର୍ୟାଙ୍କ ଲିଷ୍ଟରେ ନାଁ ଆସିଛି। ଆଉଟିକେ ଭଲ ର୍ୟାଙ୍କ ଆସି ପାରିଥାନ୍ତା। ମାତ୍ର ଯାହା ବି ଆସିଛି ମୁଁ ସନ୍ତୁଷ୍ଟ। ଏଇଟି ମୋର ଚତୁର୍ଥ ପ୍ରଚେଷ୍ଟା ଥିଲା। ପ୍ରଥମରୁ କୋଚିଂ ନ ନେବା ପାଇଁ ନିର୍ଣ୍ଣୟ ନେଇଥିଲି। କିନ୍ତୁ ଯେଉଁମାନେ ସିଭିଲ ସର୍ଭିସରେ ଥିଲେ ସେମାନଙ୍କଠାରୁ ପ୍ରେରଣା ପାଇଛି। କଠିନ ପରିଶ୍ରମ ସହ ପ୍ରସ୍ତୁତି କରୁଥିଲି ତେଣୁ ସଫଳତା ପାଇଛି।

**–ସତ୍ୟପ୍ରକାଶ ମିଶ୍ର, ୨୬୧**



# ଜଳେଶ୍ୱର ଝିଅ ରଶ୍ମିଙ୍କ କମାଲ

ଜଳେଶ୍ୱର, ୨୩।୫(ଡି.ଏନ୍.ଏ)

ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଝାଡପିମ୍ପଳ ଗାଁର ଝିଅ ରଶ୍ମି ପ୍ରଧାନ ସର୍ବଭାରତୀୟ ସ୍ତରରେ ୪୦୫ ର୍ୟାଙ୍କ ରଖି ସଫଳତା ହାସଲ କରିଛନ୍ତି। ରଶ୍ମିଙ୍କ ବାପା ରାଧାଶ୍ୟାମ ଭୁବନେଶ୍ୱରର ଭୂତଳଜଳ ଉନ୍ନୟନ ବିଭାଗର ବରିଷ୍ଠ ତତ୍ତ୍ୱବିତ୍ ଥିବା ବେଳେ ମା' ମୀନାକୁମାରୀ ନିକଟସ୍ଥ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ପିଲାଦିନରୁ ରଶ୍ମି ମେଧାବୀ ଥିଲେ। ୨୦୧୯ ଓୟୁଏଟି ବିଶ୍ୱବିଦ୍ୟାଳୟରୁ କୃଷି ସ୍ନାତକରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୨୦ରେ ସେ ଓଏଏସ୍ ଓ ୨୦୨୧ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ। ଏବେ ସେ ଦିଲ୍ଲୀଠାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗରେ କାର୍ଯ୍ୟ କରୁଥିବା ବେଳେ ପୁଣି ୟୁପିଏସ୍‌ସି ପରୀକ୍ଷା ଦେଇଥିଲେ । ଏହି ଖବର ଜଣାପଡିବା ପରେ ଜଳେଶ୍ୱର ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି ।


ରଶ୍ମି ପ୍ରଧାନ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଗ୍ରୋସରି ଦୋକାନ ପାଇଁ ପିଲା ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି। ଶହୀଦନଗର, ଭୁବନେଶ୍ୱର।
9861078181, 7978618134

**ଆବଶ୍ୟକ**
ନିଜ ଏରିଆରେ କାମ କରିବା ପାଇଁ ପାର୍ଥୀ / ପାର୍ଥୀନି ଆବଶ୍ୟକ । ଯୋଗ୍ୟତା- 7th to +3,ITI, Diploma
salary - 8000 to 28000
ଯୋଗାଯୋଗ ମୋବାଇଲ ନମ୍ବର
9556974947

**APPOINTMENT**
ଭୁବନେଶ୍ୱରରେ ଘରକାମ, ରୋଷେଇ ଏବଂ ଛୋଟପିଲାର ଯତ୍ନ ନେବା ପାଇଁ ଝିଅପିଲା ଆବଶ୍ୟକ। ଖାଇବା, ରହିବା ମାଗଣା । ଦରମା- ୯୦୦୦/- ।
9437140878, 9124057878

**APPOINTMENT**
ITI Pass/Continue required - 4 Nos.
PROJECTRONICS
71, Bapuji Nagar, Bhubaneswar,
Ph./W. - 9776414425

**RECRUITMENTS**
Mentors & Head of Departments - Secondary & Senior Secondary School
English, Mathematics, Physics, Chemistry, Social Science & Music
Trained qualified educators who share commitment to deliver standards of excellence may apply.
Accommodation provided.
THE PRESIDENTIAL SCHOOL
Affiliated to Central Board of Secondary Education
Seethammadhara, North Extension, Visakhapatnam-530013
9866565451, 9989377979.
Resume to be mailed at presidentialschool@gmail.com
Login www.thepresidentialschool.in

## AUCTION NOTICE

**Condemned Technical Equipments of SIB Bhubaneswar are to be disposed off.**

Interested parties may inspect during office hours from 10.00 hrs to 13.00 hrs & 15.00 hrs to 18.00 hrs on any working day before 06.06.2023 and submit the sealed quotations by 17.00 hrs on 06.06.2023. Quotation should be submitted either by hand or by DAK in a sealed cover superscribed as "Quotation for Technical Store" and addressed to Assistant Director, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2395680. Quotations will be opened in presence of supervising officers and parties present on 08.06.2023 at 11.30 hrs.

Quotations of the highest bidder will be accepted as a whole to the best advantage of Govt. and decision of the supervising officers will be final. The highest bidder has to deposit 25% of the bid value on the spot and the remaining 75% of the total bid value will be deposited within seven days before lifting of auctioned articles, failing of which the offer will be rejected and the amount deposited is to be seized. GST of 5% is to be deposited in Government account by the highest bidder, having NGT Certificate and GST of 18% is to be deposited in Government account by the highest bidder, not having NGT Certificate. GST deposit receipt is to be submitted before lifting of articles. The prospective bidder has to deal with the hazardous waste/scrap batteries/e-waste as per NGT guidelines with their responsibility. The Head of the Office reserves the right to cancel any bid without assigning any reason thereof.

**Office Address: SIB Office (MHA), Govt. of India, Bidyut Marg, Unit-V, Bhubaneswar**

**Sd./- Assistant Director**



ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ –ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି–ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି – ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାଗ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। –ଶ୍ରୀଅରବିନ୍ଦ



# ଶ୍ରମଶକ୍ତିରେ ମହିଳାଙ୍କ ଭାଗୀଦାରି



ବିଚିତ୍ର ବିଶ୍ୱାଳ

ଆମ ଦେଶରେ ଶ୍ରମଶକ୍ତିରେ ମହିଳାଙ୍କ ଭାଗୀଦାରିକୁ ଦେଖିଲେ ଲିଙ୍ଗଗତ ବିସମତା ସ୍ୱଷ୍ଟ ଭାବେ ପ୍ରତିଫଳିତ ହେଉଛି। ଅନ୍ୟ ଅର୍ଥରେ କହିଲେ ଲିଙ୍ଗଗତ ବିସମତାର ଏକ ପରିମାପକ ଭାବେ ଶ୍ରମଶକ୍ତିରେ ମହିଳାଙ୍କ ଭାଗୀଦାରି ତଥ୍ୟକୁ ନିଆଯାଇପାରେ। ନ୍ୟାସନାଲ୍ ସାମ୍ପଲ୍ ସର୍ଭେ ଅର୍ଗାନାଇଜେସନ୍ ଦ୍ୱାରା କରାଯାଇଥିବା ଶ୍ରମଶକ୍ତି ଅଧ୍ୟୟନର ସଦ୍ୟତମ ତଥ୍ୟ ଅନୁସାରେ ଆମ ଦେଶରେ ଶ୍ରମଶକ୍ତି କ୍ଷେତ୍ରରେ ମାତ୍ର ୧୭.୫% ମହିଳା ଭାଗ ନେଉଥିବା ବେଳେ ପୁରୁଷଙ୍କ ହାର ହେଉଛି ୫୫.୫%। ଆଜିର ସମୟରେ ମହିଳାଙ୍କ କର୍ମ ନିଯୁକ୍ତିକୁ ବିକାଶ ତଥା ପ୍ରଗତିର ଏକ ମୁଖ୍ୟ ପରିମାପକ ଭାବେ ପରିଗଣନା କରାଯାଉଛି। ଗୋଟିଏ ପଟେ ଆମେ ବିଶ୍ୱଗୁରୁ ହେବାର ବାହାସ୍ଫୋଟ ମାରୁଥିବା ବେଳେ ଆମ ଦେଶର ୮୦%ରୁ ଊର୍ଦ୍ଧ୍ୱ ମହିଳା ଶ୍ରମଶକ୍ତିରେ ଭାଗୀଦାରି ନୁହନ୍ତି। ଏହା ଯେତିକି ଲଜ୍ଜାଜନକ ସେତିକି ଚିନ୍ତାର ବିଷୟ। ଆମ ଦେଶରେ ଏତେ ସଂଖ୍ୟକ ମହିଳା ଶ୍ରମଶକ୍ତିରୁ ବାହାରେ ରହିବା ଏକାଧାରାରେ ଅନେକ ଢାଞ୍ଚାଗତ ଦୁର୍ବଳତା ଦିଗରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଆମ ଶିକ୍ଷା ବ୍ୟବସ୍ଥା, ଦକ୍ଷତା ବୃଦ୍ଧି ଯୋଜନା ଆଦିର କାର୍ଯ୍ୟ ଦକ୍ଷତା ଉପରେ ଏହି ତଥ୍ୟ ଏକ ବିରାଟ ପ୍ରଶ୍ନବାଚୀ ଠିଆ କରୁଛି। ଶ୍ରମଶକ୍ତିରେ ମହିଳା ଓ ପୁରୁଷଙ୍କ ଭାଗୀଦାରିତା ତଥ୍ୟକୁ ଦେଖିଲେ ଆମ ସମାଜର ପୁରୁଷ ପ୍ରାଧାନ୍ୟତା ଅଧିକ ସ୍ୱଷ୍ଟ ଭାବେ ଉଜାଗର ହୋଇ ଦିଶୁଛି।

ଶ୍ରମଶକ୍ତିରେ ମହିଳାଙ୍କ ଭାଗୀଦାରିକୁ ବଢ଼େଇବା ପାଇଁ ବେଶ୍ କିଛି ବର୍ଷ ହେବ ସରକାର ଚେଷ୍ଟିତ ଅଛନ୍ତି ବୋଲି ଦର୍ଶାଉଛନ୍ତି। ମହିଳାମାନଙ୍କୁ ଶିକ୍ଷା କ୍ଷେତ୍ରରେ ବୃତ୍ତି ପ୍ରଦାନ କରିବା, ଦକ୍ଷତା ବୃଦ୍ଧି ତାଲିମ୍ ପ୍ରଦାନ କରିବା, ସଂରକ୍ଷଣ ପ୍ରଦାନ କରିବା ଆଦି ବିଭିନ୍ନ ପ୍ରକାର ଯୋଜନା ଆମ ଦେଶରେ କାର୍ଯ୍ୟକାରୀ ହେଉଛି। କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ଏହି ସବୁ ପ୍ରୟାସ ଆଦୌ ବି ସଫଳ ହୋଇପାରିନାହିଁ, ଯାହା ସଦ୍ୟତମ ତଥ୍ୟରୁ ଜଣାଯାଉଛି। ଉପରୋକ୍ତ ଯୋଜନାଗୁଡ଼ିକର ସୁଚାରୁ ରୂପେ ପ୍ରଣୟନରେ ବିଫଳତା, ସାମାଜିକ ପ୍ରଥା, ପରମ୍ପରା ତଥା ନୀତି ନିୟମ ଆଦି ଅନେକ କାରଣ ଏହା ପଛରେ ରହିଛି। ତଥ୍ୟ ଅନୁସାରେ ୫୧.୫% ମହିଳା ଯେଉଁମାନେ ଧନ୍ଦାମୂଳକ ତଥା ଜ୍ଞାନକୌଶଳ ଦକ୍ଷତା ବୃଦ୍ଧି ତାଲିମ୍ ନେଇଥିଲେ, ସେମାନେ ଶ୍ରମଶକ୍ତିରୁ ବାହାରି ଯାଇଛନ୍ତି ଓ ୧୦% ମହିଳା କୌଣସି ପ୍ରକାର କର୍ମନିଯୁକ୍ତି ପାଇନାହାନ୍ତି। ଅନ୍ୟପକ୍ଷରେ କର୍ମ ନିଯୁକ୍ତିରେ ଥିବା ମହିଳାଙ୍କ ମଧ୍ୟରୁ ୫୪.୮% ମହିଳା ଅଣସଂଗଠିତ ଓ ଅନୌପଚାରିକ କ୍ଷେତ୍ରରେ କର୍ମ ନିଯୁକ୍ତ ଅଛନ୍ତି।

ଶ୍ରମଶକ୍ତିରେ ମହିଳାଙ୍କ ଭାଗୀଦାରି କମିବାର ମୁଖ୍ୟ କାରଣ ହେଉଛି, ଆମ ଶିକ୍ଷା ବ୍ୟବସ୍ଥା ଓ ଶ୍ରମଶକ୍ତି ଭାଗୀଦାରି ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କର ଅଭାବ। ଦେଖାଯାଉଛି ଯେ, ଅତ୍ୟନ୍ତ ନିମ୍ନ ସ୍ତରର ଶିକ୍ଷା କ୍ଷେତ୍ରରେ ଯାହି ତାହି ଶାରୀରିକ ଶ୍ରମଭିତ୍ତିକ, ଅଣକୁଶଳୀ ନିମ୍ନ ସ୍ତରର ନିଯୁକ୍ତି ମିଳିଯାଉଥିବା ବେଳେ ଅତି ଉଚ୍ଚ ସ୍ତରର ଶିକ୍ଷାପ୍ରାପ୍ତ କ୍ଷେତ୍ରରେ ଉଚ୍ଚ ପଦବୀର କର୍ମ ନିଯୁକ୍ତି ମିଳୁଛି। କିନ୍ତୁ ମଧ୍ୟମ ସ୍ତରର ଶିକ୍ଷା କ୍ଷେତ୍ରରେ କର୍ମ ନିଯୁକ୍ତି ମିଳିବା ସମ୍ଭବ ହୋଇପାରୁନାହିଁ। ସେମାନେ ନା ତଳସ୍ତରର କର୍ମ ନିଯୁକ୍ତିକୁ ଗ୍ରହଣ କରିପାରୁଛନ୍ତି ନା ଉଚ୍ଚ ସ୍ତରର କର୍ମ ନିଯୁକ୍ତି ପାଇପାରୁଛନ୍ତି! ଅର୍ଥାତ୍ ଯେଉଁମାନେ ଅତି କମ୍ ପଢ଼ିଛନ୍ତି ସେମାନେ ଯାହି ତାହି ଭାବେ କିଛି ଅଣକୁଶଳୀ କର୍ମ ନିଯୁକ୍ତି ପାଉଥିବା ବେଳେ ଉଚ୍ଚ ଶିକ୍ଷା ଲାଭ କରିଥିବା ମହିଳାମାନେ କିଛି କର୍ମ ନିଯୁକ୍ତି ପାଉଛନ୍ତି। କିନ୍ତୁ ମଧ୍ୟମ ସ୍ତରର ଶିକ୍ଷା ଲାଭ କରିଥିବା ଅର୍ଥାତ୍ ଉଚ୍ଚ ବିଦ୍ୟାଳୟ କିମ୍ବା ମାଧ୍ୟମିକ ବିଦ୍ୟାଳୟ ଯାଏ ପଢ଼ିଥିବା ମହିଳାମାନେ କର୍ମନିଯୁକ୍ତି ପାଇବାକୁ ସକ୍ଷମ ହୋଇପାରୁନାହାନ୍ତି। ଏହା ହିଁ ଆମ ଶିକ୍ଷା ବ୍ୟବସ୍ଥାର ସବୁଠୁ ବଡ଼ ଦୁର୍ବଳତା। ଆମ ବ୍ୟବସ୍ଥା ଶିକ୍ଷିତ ମହିଳାମାନଙ୍କ ପାଇଁ କାମ ଯୋଗାଇ ପାରୁନାହିଁ। ଚିନ୍ତାର ବିଷୟ , ଉଭୟ ଶ୍ରମଶକ୍ତି ଓ ଶିକ୍ଷା କ୍ଷେତ୍ରରେ ଅଂଶଗ୍ରହଣ କରୁଥିବା ସାବାଳିକା ମହିଳାଙ୍କ ପ୍ରତିଶତ ୫୫ରୁ ୬୦ ମଧ୍ୟରେ। ଆହୁରି ଦେଖାଯାଉଛି ଯେ, ପରିବାରର ଖରାପ ଆର୍ଥିକ ପରିସ୍ଥିତି ସମୟରେ କର୍ମକ୍ଷେତ୍ରକୁ ପ୍ରବେଶ କରୁଥିବା ମହିଳାମାନେ ସମୟକ୍ରମେ ପରିବାରର ସ୍ଥିତି ସୁଧୁରିଲେ କର୍ମ ନିଯୁକ୍ତିରୁ ବାହାର ହୋଇଯାଉଛନ୍ତି। ଏହା ପଛରେ ଆମ ସମାଜରେ ମହିଳାମାନଙ୍କ କାମ କରିବାକୁ ନେଇ ଥିବା ନକାରାତ୍ମକ ଭାବନା ହିଁ କାରଣ। ଲୋକମାନେ ଭାବୁଛନ୍ତି, ଯଦି ପରିସ୍ଥିତି ଠିକ୍‌ଠାକ୍ ଅଛି, ତେବେ ଜଣେ ମହିଳାର କର୍ମନିଯୁକ୍ତିର ଆବଶ୍ୟକତା ନାହିଁ। କାରଣ ମହିଳାଙ୍କ କାମ ହେଲା ଘର ସମ୍ଭାଳିବା, ଏଭଳି ଏକ ପଥର ଖୋଦେଇ ନିୟମ ସମାଜରେ ବଳବତ୍ତର ଅଛି। ବିବାହ କରିସାରିବା ପରେ ଅନେକ ମହିଳା ମଧ୍ୟ କର୍ମକ୍ଷେତ୍ର ପରିତ୍ୟାଗ କରି ଘରକରଣାକୁ ଆପଣେଇ ନେବା ପରି ଘଟଣା ବହୁଳ ଭାବେ ଦେଖାଯାଉଛି। ଆମ ସମାଜରେ ଆଉ ଗୋଟିଏ କଥା ଦେଖାଯାଏ, ଯଦି କର୍ମନିଯୁକ୍ତିର ଅଭାବ ଅଛି, ତେବେ ସାଧାରଣ ଧାରଣା ପୋଷଣ କରାଯାଏ ଯେ କର୍ମନିଯୁକ୍ତି ଉପରେ ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଅଧିକାର ଅଧିକ ଅଛି। 'ପିଉ' ଅନୁଷ୍ଠାନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନର ତଥ୍ୟ ଅନୁସାରେ ୮୪ ପ୍ରତିଶତ ଭାରତୀୟ ଏହା ବିଶ୍ୱାସ କରିଥାନ୍ତି। ଏହା ଆମ ସମାଜର ପୁରୁଷ ପ୍ରାଧାନ୍ୟତାକୁ ସ୍ୱଷ୍ଟ ଭାବେ ସୂଚାଉଛି। ମହିଳାମାନେ ମଧ୍ୟ ପୁରୁଷମାନଙ୍କ ପରି ମୁକ୍ତ ଭାବେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇପାରନ୍ତି ନାହିଁ କିମ୍ବା ନିଜ କର୍ମନିଯୁକ୍ତିର ଆବଶ୍ୟକତା ଅନୁସାରେ ସ୍ଥାନ ପରିବର୍ତ୍ତନ କରିପାରନ୍ତି ନାହିଁ।



କାରଣ ମହିଳାଟିଏ ନିଜ ନିଷ୍ପତ୍ତି ନିଜେ ନେଇପାରେ ନାହିଁ ଓ ପରିବାରର ରକ୍ଷଣାବେକ୍ଷଣର ଦାୟିତ୍ୱ ପ୍ରଥମତଃ ମହିଳାଙ୍କର ବୋଲି ବିଚାର କରାଯାଏ। ଗତ ଦଶ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରୁ ଯାଇ ସହରାଞ୍ଚଳରେ କର୍ମନିଯୁକ୍ତି ପାଇଥିବା ମହିଳାଙ୍କ ସଂଖ୍ୟାରେ ମାତ୍ର ୦.୨୪% ବୃଦ୍ଧି ହୋଇଛି। ଏହି ଅଭିବୃଦ୍ଧି ଅତ୍ୟନ୍ତ ନଗଣ୍ୟ। ଏତଦ୍‌ବ୍ୟତୀତ କର୍ମ କ୍ଷେତ୍ରରେ ମହିଳାମାନଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇ ଦେବାରେ କର୍ମନିଯୁକ୍ତି ବ୍ୟବସ୍ଥା ମଧ୍ୟ ଆଶାନୁରୂପ ଭାବେ ସଫଳ ହୋଇପାରି ନାହିଁ। ଅନେକ ମହିଳା ପରିସ୍ଥିତିରେ ପଡ଼ି ବାଧ୍ୟବାଧକତାରେ କାମ କରୁଛନ୍ତି ନଚେତ୍ କାମ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ତଥ୍ୟ ଅନୁସାରେ ଉଚ୍ଚ ସାମାଜିକ ଓ ଆର୍ଥିକ ବର୍ଗର ମହିଳାମାନଙ୍କ ଅପେକ୍ଷା ଦୁର୍ବଳ ସାମାଜିକ ଆର୍ଥିକ ବର୍ଗର ମହିଳାମାନେ ଅଧିକ ପରିମାଣରେ କର୍ମନିଯୁକ୍ତି କ୍ଷେତ୍ରରେ ଅଛନ୍ତି। ଏଥିରୁ ବୁଝିହେଉଛି ଯେ, ମହିଳାମାନେ ନିଜ ପସନ୍ଦ ଅନୁସାରେ କର୍ମ କ୍ଷେତ୍ର ଚୟନ କରିପାରୁନାହାନ୍ତି। ବାଧ୍ୟବାଧକତାରେ ତଥା ପରିସ୍ଥିତିର ଚାପରେ ଯାହିତାହି କର୍ମନିଯୁକ୍ତିକୁ ଆପଣେଇ ପରିବାରର ଗୁଜୁରାଣ ମେଣ୍ଟେଇବାକୁ ଚେଷ୍ଟା କରୁଛନ୍ତି। ଶ୍ରମ ବିଭାଗର ତଥ୍ୟ ଅନୁସାରେ ଏହି ସବୁ ନିମ୍ନ ବର୍ଗର ମହିଳାମାନେ କର୍ମକ୍ଷେତ୍ରରେ ମୌଳିକ ସୁବିଧା ସୁଯୋଗରୁ ବି ବଞ୍ଚିତ ହେଉଛନ୍ତି। ସେମାନଙ୍କ ସହିତ କୌଣସି ଲିଖିତ ଚୁକ୍ତି ହେଉନାହିଁ, କମ୍ ଦରମା ମିଳୁଛି ଓ ସ୍ୱଳ୍ପ ଅବଧି କାମରେ ନିଯୁକ୍ତି ଦିଆଯାଉଛି। ଶ୍ରମ ବିଭାଗ ତରଫରୁ ହୋଇଥିବା ଏହି ଅଧ୍ୟୟନରେ କେବଳ ମହିଳାମାନଙ୍କର ଶ୍ରମଶକ୍ତିରେ ଭାଗୀଦାରି ବିଷୟରେ ଉଲ୍ଲେଖ ହୋଇଛି। କିନ୍ତୁ ଉପଯୁକ୍ତ ଗୁଣବତ୍ତା ଭିତ୍ତିକ କାମ, କାର୍ଯ୍ୟ ସ୍ଥଳରେ ଯୌନ ନିର୍ଯାତନା, ଯିବା ଆସିବାରେ ସ୍ୱଚ୍ଛନ୍ଦତା, ସମୟର ସଦୁପଯୋଗ ଆଦି ବିଷୟରେ ବେଶି କିଛି କୁହାଯାଇନାହିଁ। କେବଳ ନ୍ୟାସନାଲ୍ କ୍ରେଚ୍ ଯୋଜନା ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ବାଦ୍ ଦେଲେ ଅନ୍ୟ କୌଣସି ସରକାରଙ୍କ ଜୀବନଜୀବିକା ଯୋଜନାରେ ମହିଳାଙ୍କ ପାଇଁ କାର୍ଯ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ଦେବାର ବ୍ୟବସ୍ଥା ନାହିଁ।

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଓ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ମହିଳାମାନଙ୍କୁ ତାଲିମ୍ ଦିଆଯାଇ ଭିନ୍ନ ଭିନ୍ନ ସଂସ୍ଥାରେ କର୍ମନିଯୁକ୍ତି ଦିଆଯାଉଛି। ଯେଉଁ ଘରୋଇ ସଂସ୍ଥାମାନେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଉଛନ୍ତି, ସେମାନେ ସଂଖ୍ୟା ଆଧାରରେ ଅର୍ଥାତ୍ କେତେ ଜଣଙ୍କୁ ତାଲିମ୍ ଦେଲେ ଓ କେତେ ଜଣଙ୍କୁ ନିଯୁକ୍ତି କରେଇଲେ, ସେହି ହିସାବରେ ସରକାରଙ୍କଠାରୁ ଅର୍ଥ ପାଉଛନ୍ତି। କିନ୍ତୁ ଦେଖାଯାଉଛି ଯେ, ସେମାନେ କେବଳ ସଂଖ୍ୟା ବଢ଼ାଇବା ପାଇଁ ମହିଳାମାନଙ୍କୁ ଯାହିତାହି ଭିନ୍ନ ଭିନ୍ନ ଘରୋଇ କମ୍ପାନୀରେ ନିଯୁକ୍ତ କରିଦେଉଛନ୍ତି। ବହୁତ କ୍ଷେତ୍ରରେ ଦେଖାଯାଉଛି ଯେ, ନିଯୁକ୍ତି ଦେଉଥିବା କମ୍ପାନୀମାନେ ମାସେ ଦୁଇମାସ ଭିତରେ ମହିଳାମାନଙ୍କୁ ବାହାର କରିଦେଉଛନ୍ତି ନଚେତ୍ ଏମିତି ପରିସ୍ଥିତି ତିଆରି କରୁଛନ୍ତି, ଯେପରି ମହିଳାମାନେ ନିଜେ ନିଜେ ଛାଡ଼ି ଚାଲିଯିବେ। ତେଣୁ ଏହି ଯୋଜନାଗୁଡ଼ିକ ଆଜି କେବଳ ପରିହାସ ହୋଇ ରହିଯାଇଛି। ଏହି ଅବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଉପରୋକ୍ତ ଯୋଜନା ଦ୍ୱୟରେ କେବଳ ମହିଳାମାନଙ୍କର ସଂଖ୍ୟାକୁ ଗଣିବା ବ୍ୟତୀତ ଯୋଜନାର ଗୁଣାତ୍ମକ କାର୍ଯ୍ୟାନ୍ୱୟନକୁ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି।

ଆମ ସମାଜର ଗୁଣାତ୍ମକ ବିକାଶ ପାଇଁ ପୁରୁଷ ଓ ମହିଳା ଉଭୟଙ୍କୁ ସମାନ ଭାବରେ ଭିନ୍ନ ଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ିବାର ଆବଶ୍ୟକତା ରହିଛି। ମହିଳାମାନଙ୍କୁ କେବଳ ଘର ଭିତରେ ସୀମିତ ରଖି ଯଦି ଆମେ ଏକ ବିକଶିତ ଦେଶର ସ୍ୱପ୍ନ ଦେଖିବା ବା ବିଶ୍ୱଗୁରୁ ହେବାର ପରିକଳ୍ପନା କରିବା ତେବେ ତାହା କେବଳ ପରିକଳ୍ପନାରେ ହିଁ ରହିଯିବ, ବାସ୍ତବତାରେ ପରିଣତ ହୋଇପାରିବ ନାହିଁ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ–୯୪୩୮୪୬୮୪୭୪**

## ଏଇ ଭାରତରେ

ଭାରତରେ ୨୦୦୦ ଟଙ୍କିଆ ନୋଟ ଏବେ ବ୍ୟାଙ୍କରେ ଫେରାଇବା ପ୍ରକ୍ରିୟା ଜାରି ରହିଛି। ତେବେ ଏହା ମଧରେ ଏକ ନିଆରା ଖବର ସାମ୍ନାକୁ ଆସିଛି। ଜଣେ ଭକ୍ତ ହିମାଚଳ ପ୍ରଦେଶର ମା'ଜ୍ୱାଳାମୁଖୀ ମନ୍ଦିରରେ ୪୦୦ଟି ୨୦୦୦ ଟଙ୍କିଆ ନୋଟ ଅର୍ଥାତ୍ ୮ଲକ୍ଷ ଟଙ୍କା ଦାନ କରିଛନ୍ତି। ବର୍ତ୍ତମାନ ଏହି ପରିମାଣର ଦାନ ଚର୍ଚ୍ଚାର ବିଷୟ ପାଲଟିଛି। ମନ୍ଦିରର ଆକବରଙ୍କ ଛତା ନିକଟରେ ରଖାଯାଇଥିବା ଦାନବାକ୍ସରେ ଏହି ରାଶି ଦାନ କରାଯାଇଥିଲା। ମନ୍ଦିରର ଜୁନିୟର ଇଞ୍ଜିନିୟର ସୁରେଶ କୁମାର କହିଛନ୍ତି, ଅନେକ ଭକ୍ତ ମା'ଙ୍କ ପାଖକୁ ଆସନ୍ତି। କିଏ କିଏ ପ୍ରାୟତଃ ମା'ଙ୍କ ପାଦତଳେ ଏପରି ଭେଟି ଚଢ଼ାଇ ଥାନ୍ତି। କିନ୍ତୁ ଦାନ ବାକ୍ସରେ ଏତେ ପରିମାଣର ଟଙ୍କା ଦାନ କରାଯିବା ସମସ୍ତଙ୍କୁ ବିସ୍ମିତ କରିଛି। ଏଥି ସହିତ ଜ୍ୱାଳାମୁଖୀ ମ୍ୟୁନିସିପାଲିଟି କାଉନ୍‌ସିଲ୍‌ର ଅଧକ୍ଷ ଧର୍ମେନ୍ଦ୍ର ଶର୍ମା କହିଛନ୍ତି, ସେପ୍ଟେମ୍ବର ମଧରେ ବ୍ୟାଙ୍କରେ ୨୦୦୦ ଟଙ୍କିଆ ନୋଟସବୁ ବଦଳାଯିବା ପରେ ତାହାକୁ ମନ୍ଦିରରେ ଭକ୍ତଙ୍କ ସୁବିଧା ପାଇଁ ଖର୍ଚ୍ଚ କରାଯିବ। ଏପରି ପରିସ୍ଥିତିରେ ଯଦି ମନ୍ଦିର ଦାନ ବାକ୍ସରେ ୨୦୦୦ ଟଙ୍କିଆ ନୋଟ ଜମା ହୁଏ, ତେବେ ନିଶ୍ଚିତ ଭାବରେ ଏହାଦ୍ୱାରା ମନ୍ଦିରର ବିକାଶ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୪ ମେ ୧୯୯୮

- ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ରାଜ୍ୟ ଭାଜପାରୁ ଶିବ ପ୍ରସାଦ ହୋତା ବହିଷ୍କୃତ।
- ଇଞ୍ଜିନିୟରିଂ କଲେଜଗୁଡ଼ିକରେ ନାମଲେଖା ଅନିୟମିତତା ଘଟଣାରେ ଅଭିଯୁକ୍ତ ବିହାରର ପୂର୍ବତନ ବିଜ୍ଞାନ ଓ କାରିଗରି କୌଶଳ ମନ୍ତ୍ରୀ ବ୍ରଜ ବିହାରୀ ପ୍ରସାଦଙ୍କ ଜାମିନ ଆବେଦନ ଖାରଜ।
- ସ୍ୱରାଷ୍ଟ୍ର ମନ୍ତ୍ରୀ ଏଲ୍.କେ. ଆଡଭାନୀଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ଜାମ୍ମୁ–କାଶ୍ମୀର ବିଭାଗର ଦାୟିତ୍ୱ ପ୍ରଦାନ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 6 | | | 8 | | | |
| 4 | | | | 7 | | | 5 | |
| | 9 | 2 | | | | | 3 | 4 |
| | 1 | 3 | | 2 | | 8 | | 6 |
| | | | | | | 2 | | |
| | 8 | 9 | | | 1 | | | |
| | | | | 5 | | 4 | 2 | |
| | | | | | | | | 1 |
| | | | 2 | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 5 | 4 | 3 | 2 | 9 | 6 | 1 |
| 2 | 6 | 1 | 9 | 8 | 5 | 3 | 7 | 4 |
| 9 | 4 | 3 | 1 | 7 | 6 | 2 | 5 | 8 |
| 4 | 2 | 7 | 5 | 9 | 8 | 1 | 3 | 6 |
| 3 | 9 | 6 | 2 | 4 | 1 | 7 | 8 | 5 |
| 1 | 5 | 8 | 7 | 6 | 3 | 4 | 9 | 2 |
| 8 | 7 | 9 | 6 | 2 | 4 | 5 | 1 | 3 |
| 5 | 3 | 2 | 8 | 1 | 7 | 6 | 4 | 9 |
| 6 | 1 | 4 | 3 | 5 | 9 | 8 | 2 | 7 |

ଗତକାଲିର ଉତ୍ତର

# ପ୍ରଥମ ବନ୍ଧୁ ପଡ଼ୋଶୀ



ଶୁଭନାରାୟଣ ଶତପଥୀ

ସାଧାରଣତଃ ଗାଁ ବା ସହରରେ ଆମ ଘର ଚାରିପାଖରେ ରହୁଥିବା ପରିବାରମାନେ ହେଉଛନ୍ତି ପଡୋଶୀ। ସେହି ପଡୋଶୀମାନଙ୍କୁ ପ୍ରଥମ ବନ୍ଧୁ ବୋଲି କୁହାଯାଏ। ଏହା ସମାଜ ସ୍ୱୀକୃତ। କାରଣ ସେମାନେ ପ୍ରତ୍ୟେକଟି ଦୁଃଖସୁଖର ଘଟଣାରେ ଆମ ସହ ଯୋଡି ହୋଇ ରହନ୍ତି ଓ ଉପସ୍ଥିତ ହୁଅନ୍ତି। ଆମର ପ୍ରତ୍ୟେକ ଘଟଣା ସହ ଜଡିତ ହୋଇ ସକାରାତ୍ମକ ନିରୀକ୍ଷଣ ମଧ୍ୟ କରିଥାନ୍ତି। ତେବେ ଯେଉଁଠି ପଡୋଶୀଙ୍କ ସହ ମନାନ୍ତର ଘଟିଥାଏ, ସେଠି ଉଭୟ ପରିବାର ପକ୍ଷେ ଚଳିବା ମୁସ୍କିଲ ହୁଏ। ଏଣୁ ପ୍ରତ୍ୟେକ ପରିବାର ତାଙ୍କ ପଡୋଶୀଙ୍କ ସହ ଉତ୍ତମ ସମ୍ପର୍କ ରଖି ଚଳିବା ଜରୁରୀ। ଯେମିତି ଘରେ ସବୁ ଭଲ ମନ୍ଦକୁ ଆଦରି ଚଳିବାକୁ ପଡେ ସେମିତି ପଡୋଶୀ ଭଲ ହୁଅନ୍ତୁ ବା ଖରାପ ତାଙ୍କ ସହ ଉତ୍ତମ ସମ୍ପର୍କ ଓ ବୁଝାମଣା ରଖିବା ହେଉଛି ବୁଦ୍ଧିମାନ ବ୍ୟକ୍ତିଙ୍କର ଏକ କଳା। କାରଣ ଅଧିକାଂଶ କ୍ଷେତ୍ରରେ ପଡୋଶୀଙ୍କ ନଜର ସବୁବେଳେ ଆମ ଘର, ପରିବାର, ବ୍ୟକ୍ତିବିଶେଷଙ୍କ ଚାଲିଚଳଣିକୁ ମାର୍ଜିତ କରେ ଓ ସୁରକ୍ଷା ଦିଏ। ପରିବାରର ସମ୍ମାନକୁ ଉଚ୍ଚା କରେ। କହିବାର ତତ୍ପର୍ଯ୍ୟ ହେଉଛି ଯେଉଁଠି ପଡୋଶୀଙ୍କ ସହ ମନୋମାଳିନ୍ୟ ଥାଏ ସେଠି ପଡୋଶୀଙ୍କ ଦୃଷ୍ଟିକୋଣ ନକାରାତ୍ମକ ରହିବା ସ୍ୱାଭାବିକ କଥା। କିନ୍ତୁ ପଡୋଶୀଙ୍କ ନକାରାତ୍ମକ ଆଚରଣକୁ ସକାରାତ୍ମକ ଦିଗରେ ପ୍ରତିଫଳିତ କରିବା ଉଦ୍ଦେଶ୍ୟରେ ସେମାନଙ୍କ ସହ ଉତ୍ତମ ସମ୍ପର୍କ ରଖିବା ଜଣେ ବୁଦ୍ଧିମାନ ମୁରବିଙ୍କ ଦକ୍ଷତା ବୋଲି କୁହାଯାଇପାରେ। କାରଣ ଘରର ଆନ୍ତଃ ଓ ବାହ୍ୟ ପରିଚାଳନାରେ ପଡୋଶୀଙ୍କ ଭୂମିକା ବେଶ୍ ଆବଶ୍ୟକ।

କହିବା ବାହୁଲ୍ୟ ଯେ ବାହାଘର, ବ୍ରତଘର ଆଦି ମାଙ୍ଗଳିକ କାର୍ଯ୍ୟଠାରୁ ଶୁଦ୍ଧିକ୍ରିୟା, ଅନୁକୂଳଠାରୁ ଅନ୍ତ୍ୟେଷ୍ଟି ଓ ଶିଶୁ ଜନ୍ମଠାରୁ ମୃତ୍ୟୁଶଯ୍ୟା ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ପଡୋଶୀ ପାଖରେ ଥାଆନ୍ତି। ବିପଦ ଆପଦ, ଦୁଃଖସୁଖରେ ସାହସ, ଧୈର୍ଯ୍ୟ ବଢାଇବା ସହ ସମସ୍ତ କାର୍ଯ୍ୟକୁ ସୁରୁଖୁରୁରେ ସମାପନ କରିବାକୁ ବାଟ ବତାନ୍ତି। ଏତେ ସବୁ ସତ୍ତ୍ୱେ ସ୍ଥଳବିଶେଷରେ ପଡୋଶୀଙ୍କ ସହ ଛୋଟମୋଟ କଳିଗୋଳ ଲାଗିବାର ନଜିର ଦେଖିବାକୁ ମିଳେ। ଅନେକ ସ୍ଥାନରେ ପରିବାର ସହ ପଡୋଶୀଙ୍କ ଶତ୍ରୁତା ବିପଦପୂର୍ଣ୍ଣ ବୋଲି ଜଣାପଡିଛି। ପଡୋଶୀ ଯଦି ଶତ୍ରୁ ହୁଏ, ଏହି ଶତ୍ରୁ ଆମ ପାଖରେ ରହି ଆମ ବିଷୟରେ ସବୁକଥା ଜାଣେ ଓ ଅସୁବିଧାରେ ପକାଇବାକୁ ଏକ ଭଲ ସୁଯୋଗକୁ ଅପେକ୍ଷା କରିଥାଏ। ଏପରିସ୍ଥିତିରେ ନିଜକୁ, ନିଜ ପରିବାରକୁ ଜଗୁଜଗୁ ନିଦ ହଜିଯାଇଥାଏ। ଦିନରାତି ସତର୍କତାର ସହ ବିତାଇବାକୁ ପଡେ।

ଆବଶ୍ୟକତାକୁ ଉପଲବ୍ଧି କରି ଅଧୁନା ସହରରେ ପଡୋଶୀଙ୍କ ସହ ଆତ୍ମୀୟତା ଧୀରେ ଧୀରେ ବୃଦ୍ଧି ପାଇଲାଣି। କିନ୍ତୁ ଗାଁ ଗଣ୍ଡାରେ ଏହା ବାରିହୋଇପଡେ। ପଡୋଶୀଙ୍କ ନକାରାତ୍ମକ ଦୃଷ୍ଟି ଚୋରି, ଡକାୟତି, ବଳାତ୍କାର ଭଳି ବଡବଡ ଅପରାଧର ସୂତ୍ରପାତ କରାଏ। ଆଉ ସକାରାତ୍ମକ ମନୋଭାବ ଏକ ବନ୍ଧୁତ୍ୱ ଓ ସୁରକ୍ଷିତପୂର୍ଣ୍ଣ ପରିବେଶକୁ ଜନ୍ମ ଦିଏ। ଉଦାହରଣସ୍ୱରୂପ, କନ୍ୟା ସନ୍ତାନଙ୍କ ସୁରକ୍ଷାକୁ ବିଚାରକୁ ନିଆଯାଉ। କନ୍ୟା ସନ୍ତାନଟି ପାଇଁ ମଧ୍ୟ ଗାଁ, ସହର, ସାହିପଡୋଶୀଙ୍କ ସହ ଖେଳିବା ବୁଲିବା ପାଇଁ ଏକ ସୁରକ୍ଷିତ ପରିବେଶର ଆବଶ୍ୟକତା ରହିଛି। ଏପରିସ୍ଥଳେ ଶିଶୁକନ୍ୟାଟିଏ ଘରୁ କେଉଁଆଡେ ଯାଉଛି, ତା' ସହ କିଏ କଥାବାର୍ତ୍ତା କରୁଛି, କିଏ ଖେଳୁଛି, ତାକୁ ପ୍ରଲୋଭିତ କିଏ କରୁଛି, କିଏ ଖରାପ ବ୍ୟବହାର ପ୍ରଦର୍ଶନ କରୁଛି, ଏସବୁ ବିଷୟର ଖବର ସହ ଗାଁଦାଣ୍ଡରେ ଶିଶୁଟିର ସୁବିଧା ଅସୁବିଧା ପ୍ରତି ବିଶେଷ ସଚେତନ ଓ ଯତ୍ନବାନ ଥାନ୍ତି ପଡୋଶୀ। ଏ କ୍ଷେତ୍ରରେ ପଡୋଶୀ ହେଉଛନ୍ତି ପରିବାରର ପ୍ରତିରୂପ। ଏମିତି କୌଣସି ସ୍ଥିତି ପଡୋଶୀଙ୍କ ନଜରକୁ ଆସିଲେ ସେ ତୁରନ୍ତ ଆମକୁ ଜଣାନ୍ତି। ଏହି ଖବର ଆମକୁ ଜଣାଇବା କ୍ଷଣି ତାହାକୁ ଆମେ ଯେତେ ଗମ୍ଭୀରତାର ସହ ନେଉ ପଡୋଶୀଙ୍କ ସହ ଆମ ସମ୍ପର୍କ ସେତେ ଗଭୀର ହୋଇଥାଏ। ଏହି ସମ୍ପର୍କ କଥାବାର୍ତ୍ତାର ଶୈଳୀ, ପାରସ୍ପରିକ ଯୋଗାଯୋଗ ସମ୍ପର୍କ ଉପରେ ନିର୍ଭର କରେ ସତ, କିନ୍ତୁ ପଡୋଶୀଙ୍କ ନଜର କେବେ ଆମ କାର୍ଯ୍ୟଧାରାରୁ ହଟେ ନାହିଁ। ତେବେ ପଡୋଶୀ ଦେଉଥିବା କୌଣସି ଏକ ସମ୍ବେଦନଶୀଳ ଖବରକୁ ସକାରାତ୍ମକ ଭାବେ ଗମ୍ଭୀରତାର ସହ ଗ୍ରହଣ କରି ଯଦି ଉଚିତ ପଦକ୍ଷେପ ନେବା ତେବେ ସମ୍ଭାବ୍ୟ ବିପଦରୁ ନିଜକୁ ସୁରକ୍ଷିତ ରଖିବା ସହ ପଡୋଶୀଙ୍କ ଦୃଷ୍ଟିଭଙ୍ଗୀକୁ ଆମେ ଉତ୍ସାହିତ କରିପାରିବା, ନଚେତ ଉକ୍ତ ଖବରରେ ଥିବା ସତ୍ୟତା ବା ମିଥ୍ୟା ଏକ ବଡ ଦୁର୍ଘଟଣାକୁ ଜନ୍ମ ଦେଇପାରେ।



ସବୁ ପଡୋଶୀମାନେ ସାମାଜିକ ଦାୟିତ୍ୱ ନିର୍ବାହ କଲାବେଳେ ସାମାଜିକସ୍ତରରେ ଆମ ପରିବାରର ଗୁରୁତ୍ୱ ବଢାଇଥାନ୍ତି ଓ ସମର୍ଥନ କରିଥାନ୍ତି। ତେବେ ପଡୋଶୀଙ୍କ ନଜର ଯେମିତି ସବୁବେଳେ ଆମ ପରିବାରରେ ଥିବା ଶିଶୁଙ୍କଠାରୁ ବୟୋଜ୍ୟେଷ୍ଠ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ସକାରାତ୍ମକ ରହିବ ସେଥିପ୍ରତି ଆମେ ଯତ୍ନଶୀଳ ହେବା ଉଚିତ। ଏହି ନଜର, ଆମ ଅଜାଣତରେ ଓ ଅନୁପସ୍ଥିତିରେ ଅନେକ ସମସ୍ୟାକୁ ସମାଧାନ କରେ ତାହା ନୁହେଁ ବରଂ ଆମର ଭବିଷ୍ୟତ ବଂଶଧରଙ୍କ ପାଇଁ ସାମାଜିକ ଚଳଣିର ଶିକ୍ଷା ପ୍ରଦାନ କରିଥାଏ, ଯାହା ନିରାପଦ ଓ ସୁରକ୍ଷିତ ପରିବେଶଟିଏ ଯୋଗାଇଦିଏ। ପଡୋଶୀଙ୍କର ଏହି ଦୃଷ୍ଟି ଓ ବାର୍ତ୍ତା ସତେଯେମିତି ଗୋଷ୍ଠୀର ଏକ ପୋଲିସିଂ ବ୍ୟବସ୍ଥା ପରି ମନେହୁଏ। ତେବେ ସମ୍ପର୍କ ଉତ୍ତମ ଥାଉ ବା ଖରାପ, ପଡୋଶୀଙ୍କ ପ୍ରସ୍ତାବ, ମତ, ଖବର ଇତ୍ୟାଦିର ପରୀକ୍ଷା କରାଯାଇ ମଧ୍ୟ ପଦକ୍ଷେପ ନିଆଯାଇପାରେ। ଥରେ ଯିଏ ପଡୋଶୀଙ୍କୁ ଛାଡି ଏକ ପଡୋଶୀବିହୀନ ପରିବେଶରେ ରହିଛି ସେ ପରବର୍ତ୍ତୀ ସମୟରେ ପଡୋଶୀଙ୍କ ମହତ୍ତ୍ୱ ଉପଲବ୍ଧି କରିଛି। ପଡୋଶୀଙ୍କ ପୋଲିସ ପଣିଆକୁ ଏକ ନକାରାତ୍ମକ ଢଙ୍ଗରେ ନ ନେଇ ତା'ର ପ୍ରୟୋଗାତ୍ମକ ଦିଗକୁ ସମୀକ୍ଷା କରିବା ଉଚିତ। କାରଣ ଏହା ନିଜକୁ ଓ ସାମାଜିକ ବ୍ୟବସ୍ଥାକୁ ଆହୁରି ମାର୍ଜିତ କରେ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ–୯୪୩୮୪୩୨୦୨୩**

# ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରାଜି



ଡା. ଶୈଳେଶ୍ୱର ନନ୍ଦ

ଉପେନ୍ଦ୍ର ଭଞ୍ଜ ଘୁମୁସର ରାଜ ପରିବାରରେ ଜନ୍ମ ନେଇଥିଲେ ସୁଦ୍ଧା ରାଜସୁଖ, ରାଜ ଐଶ୍ୱର୍ଯ୍ୟକୁ ଜଳାଞ୍ଜଳି ଦେଇ ଅମିୟ ମଧୁର କାବ୍ୟ କବିତାର ସର୍ଜନାକରି ଉତ୍କଳୀୟ ସାରସ୍ୱତ ଦରବାରର କବି ସମ୍ରାଟ ଆସନରେ ବସିପାରିଥିଲେ। ତାରକ ମନ୍ତ୍ର ସିଦ୍ଧ କରି ପ୍ରଭୁ ଶ୍ରୀରଘୁନାଥ ଓ ଶ୍ରୀଜଗନ୍ନାଥଙ୍କୁ ନିଜର ସମସ୍ତ ସୃଷ୍ଟି ନିବେଦନକରି ନିଜକୁ ଜଣେ ଅନନ୍ୟ ଜାତୀୟ କବି ରୂପେ ପ୍ରତିଷ୍ଠା କରିଯାଇଛନ୍ତି। ଓଡ଼ିଆ ଭାଷାରେ କାବ୍ୟ ରଚନା କରିଥିଲେ ବି ସେ ନିଜକୁ ଉତ୍କଳ ଭୂଖଣ୍ଡରେ ସୀମିତ ନ ରଖି ସମଗ୍ର ଭାରତର ଚିତ୍ର ନିଜ କାବ୍ୟରେ କରିଛନ୍ତି। ଭାରତୀୟ ସାମାଜିକ ଓ ସାଂସ୍କୃତିକ ଜୀବନକୁ ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ନିଜର ସୃଷ୍ଟିରେ ସ୍ଥାନ ଦେଇଛନ୍ତି। ତାଙ୍କର କାବ୍ୟ ନାୟକ ନାୟିକାମାନେ ସିଂହଳ, କର୍ନାଟକ, କେରଳ, କଶ୍ମୀର, ଗୁଜରାଟଠାରୁ ଉତ୍କଳ ଭୂଖଣ୍ଡ ପର୍ଯ୍ୟନ୍ତ ପରିବ୍ୟାପ୍ତ।

ହିନ୍ଦୁ ସନାତନ ଧର୍ମର ଚାରି ବିଶିଷ୍ଟ ଧାମର ସୁନ୍ଦର ରୂପାୟନ ତାଙ୍କ ସୃଷ୍ଟିରେ ସ୍ଥାନ ପାଇଛି। ଲାବଣ୍ୟବତୀ କାବ୍ୟରେ ନାୟିକା ସିଂହଳର ଓ ନାୟକ ଚନ୍ଦ୍ରଭାନୁ କର୍ନାଟକର। ସେମାନଙ୍କର ପ୍ରୀତି ପ୍ରଣୟର ମିଳନପୀଠ ହୋଇଛି ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ। ସେହିପରି ତାଙ୍କର ଆଉ ଏକ ଆଳଙ୍କାରିକ କାବ୍ୟ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର ନାୟିକା ପ୍ରଭୁ ବଦ୍ରିନାଥଙ୍କର ଆଶୀର୍ବାଦରୁ ହୋଇଛି। ଏଣୁ ବଦ୍ରିକାଶ୍ରମର ମନୋଜ୍ଞ ବର୍ଣ୍ଣନାରେ ଏହି କାବ୍ୟ ମୁଖରିତ। ଅନ୍ୟତମ ମହାକାବ୍ୟ 'ସୁଭଦ୍ରା ପରିଣୟ'ରେ ଭାରତର ପଶ୍ଚିମ ସୀମାରେ ଥିବା ଦ୍ୱାରକାର ମନୋଜ୍ଞ ବର୍ଣ୍ଣନା ପରିଲକ୍ଷିତ। ଅନ୍ୟ ଏକ କାବ୍ୟ 'ରସିକ ହାରାବଳୀ' କାବ୍ୟରେ ପୁରୁଷୋତ୍ତମ ଧାମ ପୁରୀର ମନୋରମ ବର୍ଣ୍ଣନା ହୃଦୟସ୍ପର୍ଶୀ। ଉତ୍କଳର ଜେମା ରସିକ ହାରାବଳୀ କୋଶଳ ରାଜକୁମାରଙ୍କୁ ଭେଟିଛି ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରା ସମୟରେ। ଏଣୁ ଏହି କାବ୍ୟରେ ଉତ୍କଳର ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ମନୋଜ୍ଞ ବର୍ଣ୍ଣନା ଦ୍ରଷ୍ଟବ୍ୟ। ସର୍ବୋପରି ତାଙ୍କ ଶ୍ରେଷ୍ଠ କାବ୍ୟ 'ବୈଦେହୀଶ ବିଳାସ'ରେ ସମଗ୍ର ଭାରତବର୍ଷର ନଦୀ, ପର୍ବତ,ବୃକ୍ଷଲତା ଓ ପଶୁପକ୍ଷୀଙ୍କର ବର୍ଣ୍ଣନା ଦ୍ରଷ୍ଟବ୍ୟ। ତେଣୁ ଉପେନ୍ଦ୍ର ଭଞ୍ଜ ଜଣେ ଜାତୀୟ କବି। ତାଙ୍କ ସୃଷ୍ଟିର ପରିସୀମା ସମୁଦାୟ ଭାରତବର୍ଷ। ନାୟକନାୟିକାମାନେ ଭାରତର ବିଭିନ୍ନ କୋଣ ବିକୋଣରୁ ଆସି ଜାତୀୟ ସଂହତି କରିବାକୁ ସମର୍ଥ। ପ୍ରଦେଶ ପ୍ରଦେଶ ମଧରେ ପ୍ରେମ, ବିବାଦ, ମିଳନ ଆଞ୍ଚଳିକ ମନୋଭାବକୁ ମଜଭୁତକରି ଏକ ମହାଭାରତୀୟ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା କରିପାରିଛି।

ଉପେନ୍ଦ୍ର ଭଞ୍ଜ ନିଜର କ୍ଷୁଦ୍ର କାବ୍ୟ 'ରସପଞ୍ଚକ'ର ପଞ୍ଚମ ପଞ୍ଚକରେ ଭାରତର ଭିନ୍ନ ଭିନ୍ନ ଅଞ୍ଚଳର ନାରୀମାନଙ୍କର ସ୍ୱଭାବ, ଚରିତ, ଅଙ୍ଗଭଙ୍ଗୀ, ପ୍ରସାଧାନ ଶୈଳୀ, ଜୁଡ଼ାବନ୍ଧା, ପୁଷ୍ପସଜ୍ଜା, ପ୍ରେମ କରିବାର ରୀତିନୀତି, ଚୁମ୍ବନ ଆଦିର ଭିନ୍ନତା ଦର୍ଶାଇ ଅଛନ୍ତି। ଭାରତର ରାଷ୍ଟ୍ରୀୟ ନଦୀ ଗଙ୍ଗାନଦୀ। ଏହାର ସୁନ୍ଦର ବର୍ଣ୍ଣନାରେ ସେ ବୈଦେହୀଶ ବିଳାସ କାବ୍ୟରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ପ୍ରବାହିତ ଗଙ୍ଗାନଦୀର ବୈଶିଷ୍ଟ୍ୟ ଦର୍ଶାଇ କୁହନ୍ତି–

''ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ
ହରେ ସୁର ବର ତାପ ଚାରୁ ଧାରା ସେ...''

ସେହିଭଳି କମଳ ବା ପଦ୍ମ ଜାତୀୟ ପୁଷ୍ପ। ଭ୍ରମର ଜାତୀୟ ପୌରୁଷର ପ୍ରତୀକ। ଏମାନଙ୍କୁ ଅଳଙ୍କାରମୟ ପଦାବଳୀରେ ପ୍ରକାଶ କରି କୁହନ୍ତି–

''ଦେଖରେ ନଳିନୀ ନଳିନୀ ନଳିନୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମର ଏ ଶୋଭିତ।''

ସେହିପରି କୋକିଳ ରାଷ୍ଟ୍ରୀୟ ପକ୍ଷୀ, ରାଷ୍ଟ୍ରୀୟ ସୌନ୍ଦର୍ଯ୍ୟ ଧାରଣ କରେ ବସନ୍ତଋତୁ। ଏ ସବୁର ମନୋଜ୍ଞ ବର୍ଣ୍ଣନା ଭଞ୍ଜ ନିଜ ସୃଷ୍ଟିର ଛତ୍ରେ ଛତ୍ରେ କରିଛନ୍ତି।

''ଏହି ସମୟରେ ସୁନ୍ଦରୀ ଛାମୁଁରେ ପ୍ରଭାମଞ୍ଜୁଳା
ଜଣାଇଲା
ଅତି ମଧୁର ମଧୁ ଋତୁ ପ୍ରବେଶ କିଛିଦିନ ହେଲା
ହୋଇଲା...''

ଉପେନ୍ଦ୍ର ଭଞ୍ଜଙ୍କର ଭାରତୀୟ ସଂସ୍କୃତି ଓ ହିନ୍ଦୁ ସନାତନ ପରମ୍ପରା ପ୍ରତି ଥିବା ଅତୁଟ ସମ୍ମାନ ତାଙ୍କର ସୃଷ୍ଟିରେ ସୁସ୍ପଷ୍ଟ। କାଳିଦାସ, ମାଘ, ଶ୍ରୀହର୍ଷ ବା ଭାରବୀଙ୍କ ପରି ବା ସଂସ୍କୃତ ବ୍ୟତୀତ ଅନ୍ୟ ଭାଷାର କବି ତୁଳସୀ ଦାସ, କବିର, ସୁର ଦାସଙ୍କ ପରି ସେ ଜଣେ ସର୍ବଭାରତୀୟ କବି। ସମଗ୍ର ଭାରତକୁ ନିଜ ମାନସ ଚକ୍ଷୁକୁ ଆଣି ଉପେନ୍ଦ୍ର ଭଞ୍ଜ ଯେଉଁ ସାରସ୍ୱତ ସୃଷ୍ଟି କରିଯାଇଛନ୍ତି ତାକୁ ଭାରତୀୟ ସାହିତ୍ୟ ଦରବାରରେ ଉପଯୁକ୍ତ ସ୍ଥାନ ମିଳିବା ଉଚିତ। ଭଞ୍ଜ ରାମାୟଣ ଭାରତୀୟ ରାମ ସାହିତ୍ୟ ପରମ୍ପରାରେ ଏକ ଅମଳିନ ସୃଷ୍ଟି। ଏଣୁ ହେ ଉପେନ୍ଦ୍ର! ତୁମେ କେବଳ ଓଡ଼ିଆ ସାହିତ୍ୟକୁ ସଂସ୍କୃତ ସାହିତ୍ୟ ସମକକ୍ଷ କରାଇ ନାହଁ ବରଂ ଭାରତୀୟ ସାରସ୍ୱତ ଜଗତକୁ ସମୃଦ୍ଧ କରିଛ।

ମୋ:୯୪୩୭୦୧୮୬୮୬

## ଚିରନ୍ତନୀ

ନୀତି ଧର୍ମ ସ୍ନେହ ପ୍ରେମ ତଳେ ଯେତେ
ଭଣ୍ଡାମି ଛଳନା
କରିଛ ପ୍ରକାଶ ସବୁ, ମୂଲ୍ୟ ତା'ର
କରିଛ କଳନା।
–(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟ ହୋଇଥିଲେ ସାଂଘାତିକ

ମହାଶୟ,

ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଓ ଅକ୍ସଫୋର୍ଡ ମାନବୀୟ ବିକାଶ ସଂସ୍ଥାନ ଦ୍ୱାରା ୨୦୨୨ ବର୍ଷ ପାଇଁ ପ୍ରକାଶିତ ବିଶ୍ୱ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ଅନୁସାରେ ଦାରିଦ୍ର୍ୟ କ୍ଷେତ୍ରରେ ଓଡ଼ିଶା ଦେଶର ୯ଟି ଦରିଦ୍ରତମ ରାଜ୍ୟ ମଧ୍ୟରୁ ଅନ୍ୟତମ। ପୁନଶ୍ଚ ଦାରିଦ୍ର୍ୟ ମାପକାଠିର ମୋଟ ୧୦୦ ନମ୍ବର ମଧ୍ୟରୁ ଓଡ଼ିଶା ପାଇଛି ମାତ୍ର ୪୧ ନମ୍ବର। ଜାତୀୟ ସ୍ତରରେ ହାରାହାରି ନମ୍ବର ୬୦। ୨୦୧୮ ମସିହାରେ ଓଡ଼ିଶା ପାଇଥିଲା ୫୯ ନମ୍ବର। ୨୦୧୯ରେ ଏହା ୪୭କୁ ହ୍ରାସ ପାଇଥିଲା। ୩/୪ ବର୍ଷ ପରେ ଏହା ୪୧କୁ ଖସି ଆସିଛି। ଏହା ସୂଚିତ କରୁଛି ଯେ, ଦେଶର ଦାରିଦ୍ର୍ୟ ହାରଠାରୁ ଓଡ଼ିଶାର ଦାରିଦ୍ର୍ୟ ହାର ଅଧିକ। ଏହି ତଥ୍ୟ ସତ୍ୟ ହୋଇଥିଲେ ସାଂଘାତିକ। ରାଜ୍ୟ ସରକାର ପ୍ରତିବର୍ଷ ୪୧ଟି ବିଭାଗ ଅଧୀନରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କା ଶହ ଶହ ଯୋଜନା ମାଧମରେ ଖର୍ଚ୍ଚ କରୁଛନ୍ତି। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଓଡ଼ିଶା ସରକାର ମାଳ ମାଳ ପୁରସ୍କାର ପାଉଛନ୍ତି। ଏହା ସତ୍ତ୍ୱେ ଓଡ଼ିଶାର ମୁଖ୍ୟ ସମସ୍ୟା ଦାରିଦ୍ର୍ୟ ଦୂରୀକରଣରେ ଏ ବିଫଳତା କାହିଁକି । ବିଶେଷଜ୍ଞଙ୍କ ମତରେ ବ୍ୟାପକ ନିଯୁକ୍ତି ଓ କର୍ମ ନିଯୁକ୍ତି ସୃଷ୍ଟି କରାଗଲେ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ହେବ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏଚ୍ଏମ୍ଆଇଏଫ୍‌ର ଟେଲି ମେଡିସିନ କ୍ଲିନିକ୍ ‘ସ୍ୱର୍ଣ୍ଣ ସଞ୍ଜୀବନୀ’

ଭୁବନେଶ୍ୱର,୨୩।୫

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍(ଏଚ୍ଏମ୍ଆଇଏଲ୍)ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ଅନୁଷ୍ଠାନ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ (ଏଚ୍ଏମ୍ଆଇଏଫ୍) ପକ୍ଷରୁ ଓଡ଼ିଶାର ଗଞ୍ଜାମ ଓ ନୟାଗଡ଼ ଜିଲାରେ ୫ଟି ଟେଲି ମେଡିସିନ କ୍ଲିନିକ୍ ‘ସ୍ୱର୍ଣ୍ଣ ସଞ୍ଜୀବନୀ’ର ଶୁଭାରମ୍ଭ କରାଯାଇଛି।

ଏ ସମ୍ପର୍କରେ ଏଚ୍ଏମ୍ଆଇଏଲ୍‌ର କର୍ପୋରେଟ୍ ଆଫେୟାର୍ସ ଏଭିପି ଏବଂ ଭର୍ଟିକାଲ ହେଡ୍ ପୁନୀତ ଆନନ୍ଦ କହିଛନ୍ତି, ଗଞ୍ଜାମ ଜିଲାର ହୁମ୍ମା, ରମ୍ଭା, ପାଟପୁର ଏବଂ ନୟାଗଡ଼ ଜିଲାର ରାଜ ରଣପୁର ଓ ଗୋଡ଼ିପଡ଼ା ଗ୍ରାମରେ ଟେଲି ମେଡିସିନ କ୍ଲିନିକ୍ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ ଟେଲି ମେଡିସିନ କ୍ଲିନିକ୍‌ଗୁଡ଼ିକ ଏଚ୍ଏମ୍ଆଇଏଫ୍‌ର ସାମାଜିକ ପ୍ରସାରଣ ପଦକ୍ଷେପ ‘ସ୍ୱର୍ଣ୍ଣ ସଞ୍ଜୀବନୀ’ର ଏକ ସମ୍ପ୍ରସାରିତ ରୂପ ହୋଇଥିବା ବେଳେ ଟେକ୍ନୋଲୋଜି ମାଧ୍ୟମରେ ଗ୍ରାମୀଣ ଭାରତର ଜନସାଧାରଣଙ୍କୁ ଗୁଣାତ୍ମକ ତଥା ସୁଲଭ ଚିକିତ୍ସା ସେବା ଉପଲବ୍ଧ କରାଇବା ଉପରେ ଅନୁଷ୍ଠାନ ଗୁରୁତ୍ୱାରୋପ କରୁଛି। ସେହିଭଳି ଓଡ଼ିଶାରେ ନୂତନ ଭାବେ ଖୋଲିଥିବା ଏହି କ୍ଲିନିକ୍‌ଗୁଡ଼ିକ ଦ୍ୱାରା ୨ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ। ଏହି ଟେଲି ମେଡିସିନ କ୍ଲିନିକ୍‌ଗୁଡ଼ିକ ବିଶେଷକରି ନର୍ସ ସହାୟକ କ୍ଲିନିକ ଭାବେ ଜଣାଶୁଣା। ଯେଉଁଠାରେ ରୋଗୀଙ୍କୁ ପ୍ରଥମେ ନର୍ସଙ୍କ ଦ୍ୱାରା ସହାୟତା ଉପଲବ୍ଧ କରାଯାଇଥାଏ। ପରବର୍ତ୍ତୀ ସମୟରେ ନର୍ସ ରୋଗୀର ସ୍ଥିତି ସମ୍ପର୍କରେ ଅବଗତ ହୋଇ ଏକ ଭିଡିଓ କଲ୍ ମାଧ୍ୟମରେ ତାଲିକାଭୁକ୍ତ ଉପଯୁକ୍ତ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରିଥାନ୍ତି। ସେହିଭଳି ପୋଷ୍ଟ ପରାମର୍ଶ, ନର୍ସ ପ୍ରେସ୍କ୍ରିପ୍‌ଶନ ଲେଖି ଔଷଧ ବିତରଣ ମଧ୍ୟ କରନ୍ତି। ଏହି ସିଷ୍ଟମ ଫଲୋ ଅପ୍ ମଧ୍ୟ କାର୍ଯ୍ୟକାରୀ କରିଥାଏ। ଔଷଧ ସହିତ ଏହି ସମ୍ପୂର୍ଣ୍ଣ ସେବା ମାତ୍ର ୧୦୦ ଟଙ୍କାରେ ଉପଲବ୍ଧ। ଏ କ୍ଷେତ୍ରରେ କାର୍ଯ୍ୟକରୁଥିବା ଏକ ଅଗ୍ରଣୀ ସାମାଜିକ ଉଦ୍ୟୋଗ କର୍ମା ହେଲ୍‌ଥ କେୟାର ସହିତ ଆମେ ମିଳିତ ଭାବେ କାର୍ଯ୍ୟ କରୁଛୁ ବୋଲି ଏଚ୍ଏମ୍ଆଇଏଫ୍ ପକ୍ଷରୁ କୁହାଯାଇଛି।



ଏଚ୍ଏମ୍ଆଇଏଫ୍ ପକ୍ଷରୁ ନିକଟରେ ଗଞ୍ଜାମ ଜିଲା ରମ୍ଭାଠାରେ ସ୍ୱର୍ଣ୍ଣ ସଞ୍ଜୀବନୀ ସାଟେଲାଇଟ୍ କ୍ଲିନିକ୍‌ର ଶୁଭାରମ୍ଭ ଅବସରରେ ରମ୍ଭା ପୌର ପରିଷଦର ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ସମେତ ଏଚ୍ଏମ୍ଆଇଏଲ୍‌ର କର୍ପୋରେଟ ଆଫେୟାର୍ସ ଏଭିପି ଏବଂ ଭର୍ଟିକାଲ ହେଡ୍ ପୁନୀତ ଆନନ୍ଦ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଓଡ଼ିଶାରେ ଜିଓର ନୂତନ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୨୩।୫: ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓର ‘ଜିଓ ଟ୍ରୁ-୫ଜି ସେବା’ ଓଡ଼ିଶାରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ରାଜ୍ୟର ସମସ୍ତ ଜିଲା ମୁଖ୍ୟାଳୟ ସମେତ ୨୦୦ରୁ ଅଧିକ ପ୍ରମୁଖ ସହର ଓ ନଗରରେ ଉପଲବ୍ଧ ହୋଇପାରିଛି ବୋଲି ଜିଓ ପକ୍ଷରୁ ଘୋଷଣା କରାଯାଇଛି। ସେହିଭଳି ରାଜ୍ୟର ୨୦୦ ସହର ଓ ନଗରର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଶତାଧିକ ଗ୍ରାମର ଜିଓ ଗ୍ରାହକମାନେ ମଧ୍ୟ ବର୍ତ୍ତମାନ ଜିଓ ଟ୍ରୁ-୫ଜି ସେବା ଉପଭୋଗ କରିପାରିବେ। ଏପରିକି ବିନା କୌଣସି ଅତିରିକ୍ତ ମୂଲ୍ୟରେ ୧ ଜିବିପିଏସ୍‌ରୁ ଅଧିକ ସ୍ପିଡ଼ର ଅସୀମିତ ଡାଟାକୁ ଉପଭୋଗ କରିବା ଲାଗି ଏହି ସମସ୍ତ ସହର, ନଗର ଓ ଗ୍ରାମର ଜିଓ ବ୍ୟବହାରକାରୀମାନଙ୍କୁ ଜିଓ ୱେଲକମ୍ ଅଫର ଜରିଆରେ ଆମନ୍ତ୍ରଣ କରାଯାଉଛି। ଏ ସମ୍ପର୍କରେ ଜିଓର ପ୍ରବକ୍ତା କହିଛନ୍ତି, ସାରା ଓଡ଼ିଶାର ସମସ୍ତ ଜିଲା ମୁଖ୍ୟାଳୟ ଏବଂ ୨୦୦ରୁ ଅଧିକ ପ୍ରମୁଖ ସହର ଓ ନଗରରେ ଜିଓ ଟ୍ରୁ-୫ଜିର ଉପଲବ୍ଧତା ବିଷୟରେ ଘୋଷଣାକରି ଆମେ ବେଶ୍ ଆନନ୍ଦିତ। ଏପରିକି ରାଜ୍ୟର ମୋବାଇଲ ବ୍ୟବହାରକାରୀମାନଙ୍କ ଲାଗି ଜିଓ ସର୍ବାଧିକ ପସନ୍ଦର ଅପରେଟର ତଥା ସବୁଠୁ ଅଧିକ ପସନ୍ଦ କରାଯାଉଥିବା ପ୍ରଯୁକ୍ତି ବ୍ରାଣ୍ଡ୍ ଭାବେ ଉଭା ହୋଇଛି।

# ଖିମ୍‌ଜୀରେ ଅଳଙ୍କାର-ଅଫରର ସମ୍ଭାର

## କଟକ ଷ୍ଟୋରର ୧୨ତମ ବାର୍ଷିକୀ ଉତ୍ସବ

କଟକ,୨୩।୫

ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର କଟକ ଷ୍ଟୋର ପକ୍ଷରୁ ମଙ୍ଗଳବାର ୧୨ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏପରିକି ଖିମ୍‌ଜୀ ଜୁଏଲର୍ସର କଟକ ଷ୍ଟୋର ପକ୍ଷରୁ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ବିଶେଷକରି ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୩୦%ର ରିହାତି ଦିଆଯାଉଥିବାବେଳେ ହୀରା ଗହଣା ଉପରେ ଫ୍ଲାଟ୍ ୨୦% ଏବଂ ରୁପା ଜିନିଷର ଓଜନର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୨୦% ଓ ରୁପା ସାମଗ୍ରୀର କ୍ରୟ ମୂଲ୍ୟ ଉପରେ ୧୦% ରିହାତି ଦିଆଯାଉଛି। ଏହି ଅଫର ୨୦୨୩ ମେ ୩୧ ପର୍ଯ୍ୟନ୍ତ ବୈଧ ରହିଛି। ସେହିଭଳି ଏହାର ଗ୍ରାହକମାନେ ସୁନା, ପ୍ଲାଟିନମ୍, ହୀରା ଓ ରୁପାର ସୂକ୍ଷ୍ମ କାରିଗରି ଉପରେରେ ନିର୍ମିତ ଆକର୍ଷଣୀୟ ଅଳଙ୍କାର କିଣିବା ପାଇଁ ମଧ୍ୟ ସୁଯୋଗ ପାଇପାରିବେ।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ବର୍ଷ ବର୍ଷ ଧରି କଟକବାସୀଙ୍କ ସହ ଖିମ୍‌ଜୀ ଜୁଏଲର୍ସ ଉତ୍ତମ ସମ୍ପର୍କ ସ୍ଥାପନ କରିଆସିଛି। ଏପରିକି କଟକବାସୀଙ୍କ ଭଲପାଇବା ଓ କୃତଜ୍ଞତାର ଏକ ପ୍ରତୀକ ଭାବେ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏଭଳି ଏକ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି। ବିଶେଷକରି ଗ୍ରାହକମାନେ ନିଶ୍ଚୟ ଏହାର ଲାଭ ଉଠାଇବେ ଓ ଖିମ୍‌ଜୀ ଜୁଏଲର୍ସ ସହ ଯୋଡ଼ିହୋଇ ସେମାନଙ୍କ ଅଭିବୃଦ୍ଧି ଯାତ୍ରା ଜାରି ରଖିବେ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି କଟକବାସୀଙ୍କୁ କୃତଜ୍ଞତା ଜଣାଇବା ସହ ସେମାନଙ୍କ ସମର୍ଥନ ଏବଂ ବିଶ୍ୱାସ ଖିମ୍‌ଜୀ ପାଇଁ ମହତ୍ତ୍ୱପୂର୍ଣ୍ଣ ବୋଲି ମିତେଶ ମତବ୍ୟକ୍ତ କରିଛନ୍ତି।




# ଲାଲ୍‌ଚାନ୍ଦରେ ସର୍ବୋତ୍କୃଷ୍ଟ ବ୍ରାଇଡାଲ କଲେକ୍ସନ

ଭୁବନେଶ୍ୱର,୨୩।୫

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଲାଲଚାନ୍ଦ ଜୁଏଲେରି ପକ୍ଷରୁ ଭାରତର ସର୍ବୋତ୍କୃଷ୍ଟ ବ୍ରାଇଡାଲ କଲେକ୍ସନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ବିବାହ ଋତୁ ପାଇଁ ଲାଲଚାନ୍ଦ ଜୁଏଲେରିର ସୁନା, ରୁପା ଓ ହୀରା ଗହଣାର ଗଢ଼ା ମୂଲ୍ୟ ଉପରେ ଆକର୍ଷଣୀୟ ରିହାତି ସହିତ ‘ଭାରତର ସର୍ବୋତ୍କୃଷ୍ଟ ବ୍ରାଇଡାଲ ଜୁଏଲେରି ଏବେ ଆପଣଙ୍କର’ ଅଫର ଆରମ୍ଭ କରାଯାଇଛି। ସେହିଭଳି ଲାଲଚାନ୍ଦ ଜୁଏଲେରି ପକ୍ଷରୁ ଏଚ୍‌ୟୁଆଇଡି ହଲ୍‌ମାର୍କ ଯୁକ୍ତ ସୁନା ଏବଂ ସାର୍ଟିଫାଏଡ୍ ହୀରା ଓ ପ୍ଲାଟିନମ୍ ସହିତ ଶୁଦ୍ଧ ରୁପା ଗହଣାର ବ୍ରାଇଡାଲ କଲେକ୍ସନ ଉପରେ ବିଶେଷ ରିହାତି ରହିଛି। ଅପରପକ୍ଷରେ ଏଚ୍‌ୟୁଆଇଡି ହଲ୍‌ମାର୍କ ଯୁକ୍ତ ସୁନା ଗହଣା କ୍ରୟ ଉପରେ ଲାଲଚାନ୍ଦ ଜୁଏଲେରି ସର୍ବନିମ୍ନ ଗଢ଼ା ମୂଲ୍ୟ ପ୍ରଦାନ କରୁଛି, ଏପରିକି ଗଢ଼ା ମୂଲ୍ୟ ଉପରେ ଗ୍ରାମ୍ ପିଛା ଫ୍ଲାଟ୍ ୮୭୫ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ହୀରା ମୂଲ୍ୟ ଉପରେ ୨୦% ରିହାତି ରହିଛି। ସେହିପରି ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ ୫୦% ରିହାତି ରହିଥିବା ବେଳେ ମନୋନୀତ ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ଘଣ୍ଟା ଉପରେ ଗ୍ରାହକଙ୍କୁ ଫ୍ଲାଟ ୧୦% ରିହାତି ପ୍ରଦାନ କରାଯାଇଛି। ଏହି ଅଫର୍ ଓଡ଼ିଶାର ସମସ୍ତ ଲାଲଚାନ୍ଦ୍ ଶୋ’ରୁମ୍‌ରେ ଉପଲବ୍ଧ।

# ଋଷି ସିଂ ଓଜିବିର ନୂଆ ଚେୟାରମ୍ୟାନ

ଭୁବନେଶ୍ୱର,୨୩।୫

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)ର ନୂତନ ଚେୟାରମ୍ୟାନ୍ ଭାବେ ଋଷି ସିଂ ନିକଟରେ ଯୋଗଦେଇଛନ୍ତି। ଓଜିବିରେ ଯୋଗଦାନ କରିବା ପୂର୍ବରୁ ସେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ବାଙ୍ଗାଲୋର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ରୂପେ କାର୍ଯ୍ୟ କରୁଥିଲେ। ବିଶେଷକରି ଗ୍ରାମୀଣ ଋଣ ପ୍ରଦାନ, କର୍ପୋରେଟ୍ କ୍ରେଡିଟ୍ ଏବଂ ବୈଦେଶିକ ମୁଦ୍ରା ବିନିମୟରେ ତାଙ୍କର ୨୩ ବର୍ଷର ଦୀର୍ଘ ଅଭିଜ୍ଞତା ରହିଛି। ଏପରିକି ଗ୍ରାମାଞ୍ଚଳର ବିକାଶ ଏବଂ ଓଜିବି ଟେକ୍ନୋଲୋଜିର ଉନ୍ନତିକୁ ପ୍ରାଧାନ୍ୟ ଦେଇ କାମ କରିବାକୁ ସିଂ ପ୍ରାଥମିକତା ଦେବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍_କଣ୍ଟ୍ରାକ୍ଟ_ଆର୍ଏସ୍‌ପି_ଏସ୍‌ପିଏଲ୍‌ରିପେୟାର୍, ତାରିଖ: ୨୨।୦୫।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ମେକାନିକାଲ ଇଞ୍ଜିନିୟର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି, ଯାହା ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । କାର୍ଯ୍ୟର ନାମର ବିବରଣୀ ତଥା ଏହାର ଅବସ୍ଥିତି: ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର, ଚକ୍ରଧରପୁର ଏବଂ ଆଦ୍ରା ଡିଭିଜନରେ ୨୦୦୦ ଗୋଟି ୱାଗନ୍‌ର ସ୍ୱତନ୍ତ୍ର ମରାମତି । କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୨୦,୨୬,୧୮,୭୦୪/- । ଅମାନତ ରାଶି: ₹୧୧,୬୩,୧୦୦/- । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୧୨।୦୬।୨୦୨୩ରିଖ ୧୧.୩୦ ଘଟିକା । ୱେବ୍‌ସାଇଟ୍ ସବିଶେଷ ଏବଂ ବିବରଣୀ: www.ireps.gov.in । ବିଡ଼ିଂ ଆରମ୍ଭ ତାରିଖ: ତା୨୯।୦୫।୨୦୨୩ରିଖ । (PR-185)

**ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୨୯/୩୦ ତାରିଖ: ୧୯।୦୫।୨୦୨୩

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୩-୨୯ | ୨୯।୦୫।୨୦୨୩ | ୧୧.୦୦ ଘଟିକା | ୧୭.୩୦ ଘଟିକା |
| ୨. | ପାର୍ସଲ | ଲିଜ୍-କେଜିପି-୨୩-୩୦ | ୦୧।୦୬।୨୦୨୩ | ୧୧.୦୦ ଘଟିକା | ୧୬.୫୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-193) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

# ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ

## କ୍ଷମତାପ୍ରାପ୍ତ ଭୂଅର୍ଜନ ପ୍ରାଧିକାରୀ
## (ଜାତୀୟ ରାଜପଥ-୫୫), ତିର୍ତ୍ତୋଲ, ଜିଲ୍ଲା-ଜଗତ୍‌ସିଂହପୁର

## ସର୍ବସାଧାରଣ ନୋଟିସ

**No.XXV-02**: ଜାତୀୟ ରାଜପଥ ଆଇନ ୧୯୫୮ (Act 48 of 1956) ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O.317 (E)ତା.୧୯ ଜାନୁଆରୀ ରିଖରେ ଉଲ୍ଲେଖିତ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଓଡିଶା ରାଜ୍ୟର ଜତସିଂହପୁର ଜିଲ୍ଲା ଅନ୍ତର୍ଗତ ତିର୍ତ୍ତୋଲ ତହସିଲର ଜାତୀୟ ରାଜପଥ -୫୫ ସଂପ୍ରସାରଣ, ନିର୍ମାଣ, ପରିଚାଳନା ଓ ଟୋଲପ୍ଲାଜା ପାଇଁ ଧାରା-୩ (ଘ) ର ଉପଧାରା-୧ ମୁତାବକ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅଧିସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରି ଅଧିସୂଚନା ଜାରି ହୋଇଅଛି । ଯେହେତୁ ପ୍ରୋକ୍ତ ଆଇନର ଧାରା-୩ (G) ଉପଧାରା ୧,୨,୩,୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ନିମିତ୍ତ ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ସେମାନେ ଆବଶ୍ୟକୀୟ ସମସ୍ତ କାଗଜାତ ସହ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ କାର୍ଯ୍ୟ ସମୟ ମଧ୍ୟରେ ଉପସ୍ଥିତ ରହି ଅଧିଗ୍ରହଣ ହୋଇଥିବା ଜମି ସମ୍ବନ୍ଧରେ ଦାବି ଉପସ୍ଥାପନ କରିବେ, ନଚେତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ କରାଯିବ । ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ ।

ସ୍ୱା- ତହସିଲଦାର ତଥା କ୍ଷମତାପ୍ରାପ୍ତ ପ୍ରାଧିକାରୀ
(ଜାତୀୟ ରାଜପଥ-୫୫), ତିର୍ତ୍ତୋଲ, ଜିଲ୍ଲା-ଜଗତସିଂହପୁର

### ଅଧିସୂଚନା

**ନୂଆଦିଲ୍ଲୀ, ତା.୧୯ ଜାନୁଆରୀ ୨୦୨୩**

ଏସ୍.317 (ଇ) ଜାତୀୟ ରାଜପଥ ଅଧିନିୟମ 1956 (1956 ର 48) (ଏହା ପରେ ଏଥିରେ ପୂର୍ବୋକ୍ତ ଅଧିନିୟମ ଭାବରେ ବର୍ଣ୍ଣିତ କରାଯାଉଛି) ର ଧାରା-3 (କ) ଅଧୀନସ୍ଥ ଉପଧାରା (1) ଆଧାରରେ ଜାରି କରାଯାଇଥିବା ଭାରତର ରାଜପତ୍ରରେ ପ୍ରକାଶିତ ବିଜ୍ଞପ୍ତିର ଅସାଧାରଣ ଭାଗ-2, ଧାରା-3, ଉପଧାରା-2ରେ ସଂଲଗ୍ନ ଅନୁସୂଚିଭୁକ୍ତ ଏସ୍. ଓ ନଂ. 3756 (E) ତା.10.08.2022 ରିଖ ଓଡିଶା ରାଜ୍ୟର ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ତହସିଲରେ ଏନ୍.ଏଚ-55 ଅନ୍ତର୍ଗତ କିମି 333.34 ରୁ କିମି 334.95 (ଗ୍ରାମ-ତିର୍ତ୍ତୋଲ) ପର୍ଯ୍ୟନ୍ତ ରାସ୍ତା ଟୋଲ ପ୍ଲାଜା ନିର୍ମାଣ (ପ୍ରଶସ୍ତୀ ନିର୍ମାଣ) ସହିତ ଦୁଇ ଲେନ୍/ଚାରି ଲେନ୍/ନିର୍ମାଣ, ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଏବଂ କାର୍ଯ୍ୟ ଅନୁପାଳନ ନିମନ୍ତେ ଭୂମି ଅଧିଗ୍ରହଣ ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଏବଂ ଯେପରିକି ବିଷୟଟି କଥିତ ଆଇନର ଧାରା 3 (କ) ର ଉପଧାରା (3) ଅନୁଯାୟୀ ଟାଇମସ ଅଫ୍ ଇଣ୍ଡିଆ ଓ ଧରିତ୍ରୀ ୧୫ ସେପ୍ଟେମ୍ବର ୨୦୨୨ କଥିତ ବିଜ୍ଞପ୍ତିର ଅଂଶ ପ୍ରକାଶିତ ହୋଇଥିଲା । ଏବଂ ଯେପରିକି ଆପତ୍ତିମାନ ଗ୍ରହଣ କରାଯାଇ ତାହାର ବିଚାର ପରେ ସକ୍ଷମ ଅଧିକାରୀଙ୍କ ଦ୍ୱାରା ଖାରଜ ହୋଇଛି । ଏବଂ ଯେପରିକି କଥିତ ଆଇନର ଧାରା-3 (ଘ)ର ଉପଧାରା -1 ଅନୁସରଣରେ ସକ୍ଷମ ଅଧିକାରୀ କେନ୍ଦ୍ରରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିସାରିଛନ୍ତି । ବର୍ତ୍ତମାନ, ସେଥିପାଇଁ ସକ୍ଷମ ଅଧିକାରୀଙ୍କ ଉପରୋକ୍ତ ରିପୋର୍ଟ ଆଧାରରେ ତଥାକଥିତ ଧାରା-3 (ଘ)ର ଉପଧାରା-୧ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କେନ୍ଦ୍ର ସରକାର ଏତଦ୍ୱାରା ଅନୁସୂଚୀରେ ନିର୍ଦ୍ଦିଷ୍ଟ କରାଯାଇଥିବା ଜମି ଉପରୋକ୍ତ ଉଦ୍ଦେଶ୍ୟରେ ଅଧିଗ୍ରହଣ ଯୋଗ୍ୟ ବୋଲି ଘୋଷଣା କରୁଛନ୍ତି । ଏବଂ କଥିତ ଆଇନର ଧାରା-୩ (ଘ)ର ଉପଧାରା-୨ ଅନୁସରଣରେ ସରକାର ଏତଦ୍ୱାରା ସରକାରୀ ରାଜପତ୍ରରେ ଏହି ବିଜ୍ଞପ୍ତି ପ୍ରକାଶ କରି ଉକ୍ତ ଅନୁସୂଚୀରେ ନିର୍ଦ୍ଦିଷ୍ଟ କରାଯାଇଥିବା ଜମି ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ସରକାରଙ୍କୁ ନ୍ୟସ୍ତ ହୋଇ ସମସ୍ତ ପ୍ରକାର ବାଧାମୁକ୍ତ ହେବା ଘୋଷଣା କରୁଛନ୍ତି ।

### ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ

ଓଡିଶା ରାଜ୍ୟର ଜଗତସିଂହପୁର ଜିଲ୍ଲାର କି.ମି. ୩୩୩.୩୪୦ ଠାରୁ କି.ମି. ୩୩୪.୯୫୦ (ତହସିଲଦାରଙ୍କ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜିଲ୍ଲା-ଜଗତସିଂହପୁରର ବିସ୍ତାରଣରେ ଥିବା ନୂତନ ପ୍ରସ୍ତାବିତ ଜାତୀୟ ରାଜପଥ ନମ୍ବର-୫୫ ରାସ୍ତାକୁ ସଂଯୋଗ କରୁଥିବା ସୟଲପୁର ନିକଟସ୍ଥ ଏନ୍.ଏଚ୍-୫୩ ରେଢାଖୋଲରୁ ଆରମ୍ଭ କରି ନୂଆଗାଁରେ ସମାପ୍ତ ହୋଇଛି, ଯାହାକି ଭୂମି ବିନିର୍ମାଣ (ପ୍ରଶସ୍ତ/ଚାରି ଲେନିଂ ଇତ୍ୟାଦି) ପାଇଁ ପ୍ରଯୁଜ୍ୟ ।

| କ୍ର. ନଂ. | ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମର ନାମ | ସର୍ଭେ ସଂଖ୍ୟା | ଜମିର ପ୍ରକାର | ଜମିର ପ୍ରକୃତି | ଅଧିଗ୍ରହଣ ଏରିଆ (ହେକ୍ଟରରେ) | ଟୋଟାଲ ଏରିଆ (ହେକ୍ଟରରେ) | ଜମି ମାଲିକଙ୍କ ନାମ |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | ଜଗତସିଂହପୁର | ତିର୍ତ୍ତୋଲ | 1.ଯାଁବେଢୁଆଁ | 1 | ବେସରକାରୀ | ବଗାୟତ ଦୁଇ | 0.0416 | 0.1497 | କେଳୁ ଚରଣ ସ୍ୱାଇଁ, ଯୋଗେନ୍ଦ୍ର ସ୍ୱାଇଁ, ଧରଣୀଧର ସ୍ୱାଇଁ, ପି:ବାବନ ସ୍ୱାଇଁ, ଜା: ଖଣ୍ଡାୟତ, ବା:ଇବ୍ରିସିଂ |
| | | | | 2 | ବେସରକାରୀ | ଚକ | 0.0955 | 0.2550 | ହରେକୃଷ୍ଣ ଦାସ, ପରମା ନନ୍ଦ ଦାସ, ଶ୍ରୀରାମ ଚନ୍ଦ୍ର ଦାସ, ପି:କସ୍ତୁରୀ ଦାସ, ଜା:ଖଣ୍ଡାୟତ, ବୈଷ୍ଣବ, ବା:ନିମୋଳ ଥାନା:ଏରସମା |
| | | | | 3 | ବେସରକାରୀ | ଚକ | 0.1455 | 0.2752 | ରବୀନ୍ଦ୍ର କୁମାର ସାହୁ, ସଞ୍ଜୟ ସାହୁ, ଗୀତାଞ୍ଜଳି ସାହୁ,ପି:ଗୋବିନ୍ଦ ଚନ୍ଦ୍ର ସାହୁ,ଜା:ତେଲି,ବା:ଇବ୍ରିସିଂ |
| | | | | 4 | ବେସରକାରୀ | ଚକ | 0.0479 | 0.0850 | ରାମ ପାଳ, ପି:ଧୋବେଇ ପାଳ, ଜା:ଖଣ୍ଡାୟତ, ବା:ବେଉଳ,ବଟ ଦାସ, ନଟ ଦାସ, ପି:ପୁନା ଦାସ, ଜା:ଖଣ୍ଡାୟତ,ବା: ଇବ୍ରିସିଂ |
| | | | | 5 | ବେସରକାରୀ | ଚକ | 0.0960 | 0.1295 | କସ୍ତୁରୀ ଚରଣ ଦାସ, ପି: କୃଷ୍ଣ ଚରଣ ଦାସ, ସୁର ଦାସ, ନୀର ଦାସ, ପି:ମହନି ଦାସ, ବାସୁ ଦାସ, ନୃସିଂହ ଦାସ, ଭଗବାନ ଦାସ, ପି: ସୁଦର୍ଶନ ଦାସ, ମୃଷି ଦାସ, ସ୍ୱା:ସୁଦର୍ଶନ ଦାସ, ମହି ଦାସ, ପି:ଚିନ୍ତାମଣି ଦାସ,ଜା:ଖଣ୍ଡାୟତ, ବା:ଇବ୍ରିସିଂ |
| | | | | 6 | ବେସରକାରୀ | ଚକ | 0.0160 | 0.2873 | ରଞ୍ଜନ କୁମାର ସ୍ୱାଇଁ, ପି-ଅଛୁତି ସ୍ୱାଇଁ, ଜା:ଖଣ୍ଡାୟତ,ବା:ଏରସମା,ଥାନା:ଏରସମା,ହା ବା :ନିମୋଳ |
| | | | | 10 | ବେସରକାରୀ | ଚକ | 0.0094 | 0.1133 | ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି, ପୁରୀ |
| | | | | 11 | ବେସରକାରୀ | ଚକ | 0.0487 | 0.0728 | ନେତ୍ରାନନ୍ଦ ଦାସ, ପି:ଜଗୁ ଦାସ, ଜା:ଖଣ୍ଡାୟତ,ବା:ଇବ୍ରିସିଂ |
| | | | | 17 | ବେସରକାରୀ | ଚକ | 0.0276 | 0.1538 | ଅଗାରି ମଳିକ, ପି:ଭଗି ମଳିକ, ଜା:କଣ୍ଡରା,ବା:ଇବ୍ରିସିଂ |
| | | | | 18 | ସରକାରୀ | ଚକ ରାସ୍ତା | 0.0050 | 0.0445 | ରକ୍ଷିତ |
| | | | | 19 | ବେସରକାରୀ | ଚକ | 0.0223 | 0.2995 | ଅନାଦି ଚରଣ ଘଡେଇ, ପି:ମଧୁ ଘଡେଇ, ଜା:କୁମ୍ଭାର,ବା:ନିଜଗାଁ |
| | | | | 38 | ବେସରକାରୀ | ଚକ | 0.0059 | 0.2307 | ନିତ୍ୟାନନ୍ଦ ଦାସ, ପି:ବରଜୁ ଦାସ, ଜା:କରଣ ବୈଷ୍ଣବ,ବା:ନିଜଗାଁ |
| | | | | 39 | ବେସରକାରୀ | ଚକ | 0.0243 | 0.0243 | ବଟକୃଷ୍ଣ ଦାସ, ନଟବର ଦାସ, ଗୌରହରି ଦାସ, ପି:ଜଗବନ୍ଧୁ ଦାସ, ଜା:ଗୋପାଳ,ବା:ଇବ୍ରିସିଂ |
| | | | | 40 | ବେସରକାରୀ | ଚକ | 0.0535 | 0.1700 | ହରେକୃଷ୍ଣ ଦାସ, ପରମା ନନ୍ଦ ଦାସ, ଶ୍ରୀରାମ ଚନ୍ଦ୍ର ଦାସ, ପି:କସ୍ତୁରୀ ଦାସ, ଜା:ଖଣ୍ଡାୟତ, ବୈଷ୍ଣବ, ବା:ନିମୋଳ ଥାନା:ଏରସମା |
| | | | | 41 | ବେସରକାରୀ | ଚକ | 0.0772 | 0.2671 | ଝରି ସାହୁ, ପି:ନନ୍ଦ ସାହୁ, ଜା:ଗୁଣ୍ଡି, ବା:ଇବ୍ରିସିଂ |
| | | | | 42 | ବେସରକାରୀ | ଚକ | 0.0868 | 0.5140 | ଆନନ୍ଦ ଚନ୍ଦ୍ର ସାହୁ, ଅନନ୍ତ ଚରଣ ସାହୁ, ବୃନ୍ଦାବନ ସାହୁ, ପି:ଚିନ୍ତାମଣି ସାହୁ, ଜା:ଗୁଡିଆ, ବା:ନିଜଗାଁ |
| | | | | 43 | ବେସରକାରୀ | ଚକ | 0.0554 | 0.2347 | ଅଭୟ କୁମାର ସ୍ୱାଇଁ, ସୁକାନ୍ତ କୁମାର ସ୍ୱାଇଁ, ପି:ଶ୍ୟାମ ସୁନ୍ଦର ସ୍ୱାଇଁ, ଜା:ଖଣ୍ଡାୟତ, ବା:ଇବ୍ରିସିଂ |
| | | | | 46 | ବେସରକାରୀ | ଚକ | 0.0705 | 0.2104 | ଦିନବନ୍ଧୁ ଦଳାଇ, ପି:ଆଦିକନ୍ଦ ଦଳାଇ, ଜା:ଖଣ୍ଡାୟତ,ବା:ନିଜଗାଁ |
| | | | | 47 | ବେସରକାରୀ | ଚକ | 0.0665 | 0.1983 | ଦିଲିପ ଓଝା, ପି:ଭଗବାନ ଓଝା, ରଂଜନ ଓଝା, ପି:ରଘୁନାଥ ଓଝା, ଜା:କମାର, ବା:ଇବ୍ରିସିଂ |
| | | | | 51 | ବେସରକାରୀ | ଚକ | 0.1494 | 0.3035 | ବନମାଳି ସ୍ୱାଇଁ, ପି:ଉଦ ସ୍ୱାଇଁ, ଜା:ଖଣ୍ଡାୟତ, ନିତ୍ୟାନନ୍ଦ ସାହୁ, ପି:ସୋବନି ସାହୁ, ଉଲ ସାହୁ, ସ୍ୱା:ସୋବନି ସାହୁ, ବନମାଳି ସାହୁ, ପି:ରଘୁ ସାହୁ, ବଳରାମ ସାହୁ, ଜଗବନ୍ଧୁ ସାହୁ, ଝୁମ୍ପା ସାହୁ, ପି:ବାବନ ସାହୁ, କେଲୁଣି ସାହୁ, ସ୍ୱା:ବାବନ ସାହୁ, ଜା:ତେଲି, ବା:ଇବ୍ରିସିଂ |
| | | | | 52 | ବେସରକାରୀ | ଚକ | 0.1453 | 0.2914 | ଶଙ୍କର ଦାସ, ଫୁଲ ନାୟକ, ପି:ନିଧି ଦାସ, ପଦ୍ମାଳୟା ଦାସ, ପି: ହରି ଦାସ,ଦୁର୍ଗା ଚରଣ ଦାସ, ରବିନ୍ଦ୍ର ଦାସ, କ୍ଷେତ୍ରମଣି ସ୍ୱାଇଁ, ନେତ୍ରମଣୀ ଦଳାଇ, ସୁକ ପାତ୍ର, ପି: ଧନୁ ଦାସ, ଚେମେଇ ଦାସ, ପି:ମାଧବ ଦାସ, ଜା:ଖଣ୍ଡାୟତ, ବା:ଇବ୍ରିସିଂ |
| | | | | 63 | ବେସରକାରୀ | ଚକ | 0.0898 | 0.2307 | ଦିବାକର ସ୍ୱାଇଁ, ପି:ମଣି ସ୍ୱାଇଁ, ଜା:ଖଣ୍ଡାୟତ, ବା:ବଡ଼ିଲୋ |
| | | | | 64 | ବେସରକାରୀ | ଚକ | 0.0189 | 0.0769 | ବଂଶୀଧର ଦାସ, ପି:ବିନୋଦ ଦାସ, ଜା:ଗୋପାଳ, ବା:ଇବ୍ରିସିଂ |
| | | | | 98 | ସରକାରୀ | ଚକ ନାଳ | 0.0074 | 0.0567 | ରକ୍ଷିତ |
| | | | | 99 | ସରକାରୀ | ଜଳାଶୟ ଦୁଇ | 0.0410 | 0.0971 | ରକ୍ଷିତ |
| | | | | 100 | ବେସରକାରୀ | ଚକ | 0.0050 | 0.1133 | ଶ୍ରୀକ୍ଷେତ୍ରପାଳ ଠାକୁର ବିଜେ ନିଜଗାଁ ମାର୍ଫତ-ବା:କସ୍ତୁରୀ ପଣ୍ଡା, ମନୁ ପଣ୍ଡା, ପି:ଶିବ ପଣ୍ଡା, ଅନନ୍ତ ପଣ୍ଡା, ପି:ଗଣି ପଣ୍ଡା, ଶୁକଦେବ ପଣ୍ଡା, ପି:ନାରାୟଣ ପଣ୍ଡା, ଅଚ୍ୟୁତ ପଣ୍ଡା, ପି:ମହେଶ୍ୱର ପଣ୍ଡା, ଜା:ବ୍ରାହ୍ମଣ, ବା:ନିମୋଳ, ଥାନା:ଏରସମା |
| | | | | 349 | ସରକାରୀ | ନୟନଯୋରୀ | 0.0153 | 0.5180 | ଜଳସେଚନ ବିଭାଗ |
| | | | | 350 | ସରକାରୀ | କେନାଲବନ୍ଧ | 0.0121 | 0.4775 | ଜଳସେଚନ ବିଭାଗ |
| | | | | 351 | ସରକାରୀ | କେନାଲ | 0.0217 | 0.4775 | ଜଳସେଚନ ବିଭାଗ |
| | | | | 352 | ସରକାରୀ | କେନାଲବନ୍ଧ | 0.0140 | 0.5423 | ଜଳସେଚନ ବିଭାଗ |
| | | | | 353 | ସରକାରୀ | ନୟନଯୋରୀ | 0.0269 | 0.6394 | ଜଳସେଚନ ବିଭାଗ |
| | | | | 409 | ବେସରକାରୀ | ଚକ | 0.1188 | 0.4816 | ଅଦ୍ୱୈତ କୁମାର ଦାସ, ପି:କସ୍ତୁରୀ ଚରଣ ଦାସ, କୃଷ୍ଣ ଚରଣ ଦାସ, ଦାଶ ଦାସ, ପି:ଦଧି ଦାସ, ସୁର ଦାସ, ନରି ଦାସ, ପି:ମହନି ଦାସ, ବାସୁ ଦାସ,ନୃସିଂହ ଦାସ, ଭଗବାନ ଦାସ, ପି:ସୁଦର୍ଶନ ଦାସ, ମୃଷି ଦାସ, ସ୍ୱା:ସୁଦର୍ଶନ ଦାସ, ଜା:ଖଣ୍ଡାୟତ, ବା:ଇବ୍ରିସିଂ |
| | | | | 417 | ସରକାରୀ | ଗୋଚର | 0.1548 | 0.9186 | ରକ୍ଷିତ |
| | | | | 418 | ସରକାରୀ | ପତିତ | 0.4800 | 3.8688 | ଆବାଦ ଯୋଗ୍ୟ ଅନାବାଦୀ |
| | | | | 419 | ସରକାରୀ | ପତିତ | 0.8883 | 6.9201 | ଆବାଦ ଯୋଗ୍ୟ ଅନାବାଦୀ |
| | | | | 422 | ସରକାରୀ | ରାସ୍ତା | 0.0662 | 0.3723 | ସର୍ବସାଧାରଣ |
| | | | | 423 | ସରକାରୀ | ଜଳ ନିଷ୍କାସନ ନାଳ | 0.0428 | 0.2671 | ରକ୍ଷିତ |
| | | | | 447 | ସରକାରୀ | ଗୋଚର | 0.2464 | 2.8530 | ରକ୍ଷିତ |
| | | | | 479 | ସରକାରୀ | ପାଣି ନାଳ | 0.5963 | 2.0558 | ରକ୍ଷିତ |
| | | | | 480 | ସରକାରୀ | ଜଳ ନିଷ୍କାସନ ନାଳ | 0.0663 | 0.1214 | ରକ୍ଷିତ |
| | | | | 481 | ସରକାରୀ | ରାସ୍ତା | 0.1479 | 0.6273 | ସର୍ବସାଧାରଣ |
| | | | | 482 | ବେସରକାରୀ | ଚକ | 0.0121 | 0.0121 | ନିରଞ୍ଜନ ନାୟକ, କ୍ଷୀରୋଦ ଚନ୍ଦ୍ର ନାୟକ, ପୂର୍ଣ୍ଣ ଚନ୍ଦ୍ର ନାୟକ, ପି:ଲକ୍ଷ୍ମୀଧର ନାୟକ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପି:ଶ୍ରୀଚରଣ ନାୟକ, ସୁନ୍ଦରମଣି ନାୟକ, ସ୍ୱା:ଶ୍ରୀଚରଣ ନାୟକ, ଜା:କରଣ, ବା:ସିଂହାର ସାହି, ଥାନା:ଏରସମା |
| | | | | 483 | ବେସରକାରୀ | ଚକ | 0.0366 | 0.1255 | ନିରଞ୍ଜନ ନାୟକ, କ୍ଷୀରୋଦ ଚନ୍ଦ୍ର ନାୟକ, ପୂର୍ଣ୍ଣ ଚନ୍ଦ୍ର ନାୟକ, ପି:ଲକ୍ଷ୍ମୀଧର ନାୟକ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପି:ଶ୍ରୀଚରଣ ନାୟକ, ସୁନ୍ଦରମଣି ନାୟକ, ସ୍ୱା:ଶ୍ରୀଚରଣ ନାୟକ, ଜା:କରଣ, ବା:ସିଂହାର ସାହି, ଥାନା:ଏରସମା |
| | | | | 490 | ବେସରକାରୀ | ଚକ | 0.0704 | 0.1538 | ବାନାମ୍ବର ପଟ୍ଟନାୟକ, ପି:ବିପିନ ବିହାରି ପଟ୍ଟନାୟକ, ଇନ୍ଦ୍ରମଣି ପଟ୍ଟନାୟକ, ସ୍ୱା:ବିପିନ ବିହାରୀ ପଟ୍ଟନାୟକ,ଜା:କରଣ, ବା:ସିଂହାର ସାହି, ଥାନା:ଏରସମା |
| | | | | 491 | ବେସରକାରୀ | ଚକ | 0.0489 | 0.0890 | ସରସ୍ୱତୀ ପଟ୍ଟନାୟକ,ସ୍ୱା:ନିରଞ୍ଜନ ପଟ୍ଟନାୟକ, ଜା:କରଣ, ବା:ସିଂହାର ସାହି, ଥାନା:ଏରସମା |
| | | | | 492 | ବେସରକାରୀ | ଚକ | 0.0233 | 0.0809 | କାର୍ତ୍ତିକ ଲେଙ୍କା, ଦିବାକର ଲେଙ୍କା, ପି:ଗୋବିନ୍ଦ ଲେଙ୍କା, ଜା:ଖଣ୍ଡାୟତ,ବା:ସିଂହାର ସାହି,ଥାନା:ଏରସମା |
| | | | | 493 | ବେସରକାରୀ | ଚକ | 0.0651 | 0.1538 | ନିତ୍ୟାନନ୍ଦ ପଟ୍ଟନାୟକ, ପି:ବିରକିଶୋର ପଟ୍ଟନାୟକ, ରଘୁନାଥ ପଟ୍ଟନାୟକ, ପି:ବଳରାମ ପଟ୍ଟନାୟକ, ନଗେନ୍ଦ୍ର ନାଥ ପଟ୍ଟନାୟକ, ଅର୍ଜୁନ ଚରଣ ପଟ୍ଟନାୟକ, କ୍ଷେତ୍ରମଣି ପଟ୍ଟନାୟକ, ସୀତା ପଟ୍ଟନାୟକ, ପି:ବାବନ ଚରଣ ପଟ୍ଟନାୟକ, ଜା:କରଣ, ବା:ସିଂହାର ସାହି, ଥାନା:ଏରସମା |
| | | | | 496 | ବେସରକାରୀ | ଚକ | 0.0523 | 0.1052 | ବୈଷ୍ଣବ ଚରଣ ନାୟକ, ପି:ସୂର୍ଯ୍ୟାନନ୍ଦ ନାୟକ,ଜା:କରଣ, ବା:ସିଂହାର ସାହି, ଥାନା:ଏରସମା |
| | | | | 498 | ବେସରକାରୀ | ଚକ | 0.0358 | 0.0647 | ବୈଷ୍ଣବ ଚରଣ ନାୟକ, ପି:ସୂର୍ଯ୍ୟାନନ୍ଦ ନାୟକ,ଜା:କରଣ, ବା:ସିଂହାର ସାହି, ଥାନା:ଏରସମା |
| | | | | 499 | ବେସରକାରୀ | ଚକ | 0.0652 | 0.1457 | ବୈଷ୍ଣବ ଚରଣ ନାୟକ, ପି:ସୂର୍ଯ୍ୟାନନ୍ଦ ନାୟକ,ଜା:କରଣ, ବା:ସିଂହାର ସାହି, ଥାନା:ଏରସମା |
| | | | | 500 | ବେସରକାରୀ | ଚକ | 0.0050 | 0.0121 | ବୈଷ୍ଣବ ଚରଣ ନାୟକ, ପି:ସୂର୍ଯ୍ୟାନନ୍ଦ ନାୟକ,ଜା:କରଣ, ବା:ସିଂହାର ସାହି, ଥାନା:ଏରସମା |
| | | | | 42/580 | ବେସରକାରୀ | ଚକ | 0.0238 | 0.1578 | ହରେକୃଷ୍ଣ ଦାସ, ପରମା ନନ୍ଦ ଦାସ, ଶ୍ରୀରାମ ଚନ୍ଦ୍ର ଦାସ, ପି:କସ୍ତୁରୀ ଦାସ, ଜା:ଖଣ୍ଡାୟତ, ବୈଷ୍ଣବ, ବା:ନିମୋଳ ଥାନା:ଏରସମା |
| | | | | 447/579 | ବେସରକାରୀ | ଚକ | 0.0773 | 0.2469 | ଅଜୟ କୁମାର ସ୍ୱାଇଁ, ପ୍ରମିଳା ସ୍ୱାଇଁ, ମିନତୀ ସ୍ୱାଇଁ,ପି:ଧରଣୀଧର ସ୍ୱାଇଁ, ଧୀରେନ୍ଦ୍ର କୁମାର ସ୍ୱାଇଁ,ପି:ଭୋଳି ସ୍ୱାଇଁ,ଜା:ଖଣ୍ଡାୟତ,ବା:ଇବ୍ରିସିଂ |
| | | | | 483/585 | ବେସରକାରୀ | ଚକ | 0.0432 | 0.0688 | ନିରଞ୍ଜନ ସ୍ୱାଇଁ, କ୍ଷିରୋଦ ଚନ୍ଦ୍ର ସ୍ୱାଇଁ, ପି:ଅଲେଖ ସ୍ୱାଇଁ, ଜା:ଖଣ୍ଡାୟତ, ବା: ଇବ୍ରିସିଂ |
| | | | | Total acquired area in hectare | | | 4.9092 | | |
| | | | 2.ଇବ୍ରିସିଂ | 1123 | ସରକାରୀ | ଚକ ରାସ୍ତା | 0.0074 | 0.0121 | ରକ୍ଷିତ |
| | | | | 1114 | ବେସରକାରୀ | ଚକ | 0.0447 | 0.1376 | କସ୍ତୁରୀ ଚରଣ ଦାସ, କାଞ୍ଚନ ଦାସ, ବଳରାମ ଦାସ, ପି:କୃଷ୍ଣଚନ୍ଦ୍ର ଦାସ, ଜା: ଖଣ୍ଡାୟତ, ବା:ନିଜଗାଁ |
| | | | | 1113 | ବେସରକାରୀ | ଚକ | 0.0064 | 0.0688 | ଗନ୍ଧର୍ବ ମଳିକ, ପି:ବିକେଇ ମଳିକ, ଗୁର ମଳିକ, ସ୍ୱା:ବିକେଇ ମଳିକ, ଜା: କଣ୍ଡରା, ବା:ସାନିଲୋ |
| | | | | 1122 | ବେସରକାରୀ | ଚକ | 0.0716 | 0.1416 | ଧ୍ରୁବ ଦାସ, ପି:ଉଦ ଦାସ, ଜା:ଖଣ୍ଡାୟତ, ବା:ନିଜଗାଁ |
| | | | | 1119 | ବେସରକାରୀ | ଚକ | 0.0721 | 0.0931 | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ:ପୁରୀ ମାଫଂତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ |
| | | | | 1120 | ବେସରକାରୀ | ଚକ | 0.0682 | 0.1052 | ନରହରି ଦାସ, ପି:ବନ୍ଧୁ ଦାସ, ଜା:ଖଣ୍ଡାୟତ, ବା:ନିଜଗାଁ |
| | | | | 1125 | ବେସରକାରୀ | ଚକ | 0.0247 | 0.0850 | ବିଷ୍ଣୁ ଚରଣ ଘଡେଇ, ବୈକୁଣ୍ଠ ଘଡେଇ, ମନୋରଂଜନ ଘଡେଇ, ସୁରେନ୍ଦ୍ର ଘଡେଇ, ପି:ନବକୃଷ୍ଣ ଘଡେଇ, ଜା:କୁମ୍ଭକାର, ବା:ଜାବେଢୁଆଁ |
| | | | | Total acquired area in hectare | | | 0.2951 | | |
| | | | | Grand Total Area | | | 5.2043 | | |

OIPR-24089/14/0001/2324

**ତହସିଲଦାର, ତିର୍ତ୍ତୋଲ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୪ ମେ ୨୦୨୩



## ସଂକ୍ଷେପରେ

### ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

ବାଲିପାଟଣା,୨୩।୫(ଡି.ଏନ୍.ଏ.): ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମଙ୍ଗଳବାର ବାଲିପାଟଣା ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୌଳିକତା, ସରଳୀକରଣ, ପଟ୍ଟା ପ୍ରଦାନ, ଜାତିଗତ ପ୍ରମାଣପତ୍ର, ଜମି କିଣାବିକା, ଘରବାରି ଆବେଦନର ନିୟମରେ ସ୍ୱଚ୍ଛତା, ନିୟମ ଅନୁସାରେ ବାଲିଘାଟ ନିଲାମ, ଅନ୍ୟ ଜିଲାରୁ ବାଲିପାଟଣା ଦେଇ ଆସୁଥିବା ବାଲି ଟ୍ରକ ଓଭର ଲୋଡିଂ, ତହସିଲଦାରଙ୍କ ରହିବା କ୍ୱାର୍ଟର୍ସ ନିର୍ମାଣ ଓ ତହସିଲ କାର୍ଯ୍ୟାଳୟର ମରାମତି, କାର୍ଯ୍ୟାଳୟରେ ସଭାଗୃହ ପାଇଁ ଏକ ସ୍ୱତନ୍ତ୍ର କୋଠରି ନିର୍ମାଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ତହସିଲଦାର ଓ ଉପନିବନ୍ଧକ ଜନସାଧାରଣଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ବିଭିନ୍ନ ପଦବୀ ଖାଲି ପଡିଥିବା ଯୋଗୁ କାମ ତୁରନ୍ତ ତ୍ୱରାନ୍ୱିତ ହୋଇପାରୁ ନ ଥିବା ଅଧିକାରୀଙ୍କ ଅଭିଯୋଗକୁ ଭିତ୍ତିକରି ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଗସ୍ତ ବେଳେ ତହସିଲଦାର ବୁଲ୍‌ବୁଲ୍ ବେହେରା, ଉପନିବନ୍ଧକ ପ୍ରାଚୀ ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ।

### ପରିମଳ ନିୟମ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୩।୫(ବ୍ୟୁରୋ): ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏଣିକି କଡ଼ା ପଦକ୍ଷେପ ନେବ। ପରିମଳ ନିୟମରେ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ। ସହର ପରିମଳକୁ ଆହୁରି ଉନ୍ନତ କରିବା ସହ ପରିମଳ କ୍ଷେତ୍ରରେ ୫-ଟି ନୀତି ଆପଣେଇବାକୁ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ୱାର୍ଡ ଅଫିସର, ସାନିଟାରି ଇନ୍ସପେକ୍ଟର, ସ୍ୱଚ୍ଛତା ସୁପରଭାଇଜର,ଏନ୍‌ଜିଓ ଏବଂ ଘରୋଇ ସଫେଇ ସଂସ୍ଥା କର୍ତ୍ତୃପକ୍ଷଙ୍କ ସହ କମିଶନର ଆଲୋଚନା କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନେକ ଯୋଜନା ହାତକୁ ନେବା ସତ୍ତ୍ୱେ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଆଗକୁ ରାସ୍ତାଘାଟରେ ଯେପରି ଅଳିଆ ନ ପଡ଼େ ସେଥିପ୍ରତି ଧ୍ୟାନ ଦେବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସଚେତନତା ସୃଷ୍ଟି ସହ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ଓ ଦୈନିକ ଫିଲ୍ଡ ରିପୋର୍ଟ ପଠାଇବାକୁ କୁହାଯାଇଛି। ସେହିପରି ଅନ୍‌ଲାଇନରେ ଜନସାଧାରଣ ଅଭିଯୋଗ କରିବା ପାଇଁ ହ୍ୱାଟ୍ସ ଆପ୍ ନମ୍ବର ଜାରି କରାଯାଇଛି।

### ମିଲେଟ୍ ଫୁଡ୍ ଫେଷ୍ଟିଭାଲ ଉଦ୍‌ଯାପିତ

ଭୁବନେଶ୍ୱର,୨୩।୫(ବ୍ୟୁରୋ): ରେଷ୍ଟୋରାଁ ମାଇକେଲ୍ସ କିଚେନ ସହଯୋଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ମିଲେଟ ଫୁଡ୍ ଫେଷ୍ଟିଭାଲ ଉଦ୍‌ଯାପିତ ହୋଇଯାଇଛି। ମିଲେଟର ସ୍ୱାସ୍ଥ୍ୟ ଉପକାରିତା ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୫ ଜଣ ଗୃହିଣୀଙ୍କୁ ନେଇ ୧୮ ତାରିଖରେ ରୋଷେଇ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ମାଇକେଲ, ଓଡ଼ିଶା ମିଲେଟ ମିଶନ ପକ୍ଷରୁ ରତିକାନ୍ତ ଏବଂ ନ୍ୟୁଟ୍ରିଷ୍ଟ ନିହାରିକା ଦାଶ ଷଡ଼ଙ୍ଗୀ ଦାୟିତ୍ୱ ତୁଲାଇଥିଲେ। ଫେଷ୍ଟିଭାଲର ଅନ୍ତିମ ଦିନରେ 'ମିକ୍ସ ମିଲେଟ୍ ଥଣ୍ଡାଇ' ପ୍ରସ୍ତୁତ କରିଥିବା ସୁଶ୍ରୀ ଧରିତ୍ରୀ ସାହୁଙ୍କୁ ବିଜୟିନୀ ଘୋଷିତ କରାଯାଇଥିଲା।

# ଟିକସ ଆଦାୟ ବୃଦ୍ଧି ପାଇଁ ବିଏମ୍‌ସିର ତାଗିଦ୍

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)

**ୱାର୍ଡ ଅଫିସରଙ୍କ ଉପରେ ବୋଝ ବଢ଼ିଲା**

- ଡୋର୍ ଟୁ ଡୋର୍ ବୁଲି ଚେକିଂ କରିବେ ଟ୍ୟାକ୍ସ କଲେକ୍ଟର
- ପ୍ରତିଦିନ ଫାଇଲ୍ ଦାଖଲ କରିବାକୁ କଡ଼ା ନିର୍ଦ୍ଦେଶ
- ୨୦୨୪-୨୫ ପାଇଁ ୩ଶହ କୋଟିର ହୋଲ୍ଡିଂ ଟିକସ ଲକ୍ଷ୍ୟ

ପରିମଳ ପରେ ଏବେ ଟିକସ ଆଦାୟକୁ ନେଇ ଟ୍ୟାକ୍ସ କଲେକ୍ଟର ବା ୱାର୍ଡ ଅଫିସରଙ୍କ ଉପରେ ସବୁ ଦାୟିତ୍ୱ ଲଦି ଦେଇଛି ବିଏମ୍‌ସି। ଲୋକଙ୍କ ପାଖକୁ ଯାଅ, ସେମାନଙ୍କୁ ଅନ୍‌ଲାଇନ୍‌ରେ ଟିକସ ପଇଠ କରିବା ପାଇଁ ବୁଝାଅ ଏବଂ ପ୍ରତିଦିନର ରିପୋର୍ଟ ଦାଖଲ କର। ନଚେତ୍ ବଦଳି, ଦରମା ବନ୍ଦ ଭଳି କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କର। ଏଭଳି ତାଗିଦ କରିବା ସହ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ବିଏମ୍‌ସି କମିଶନର। ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ ଟ୍ୟାକ୍ସ କଲେକ୍ଟରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ୱାର୍ଡ ଅଫିସରମାନଙ୍କୁ ଚେତାବନୀ ଦିଆଯିବା ସହ ଗ୍ରାଉଣ୍ଡକୁ ଯିବା ପାଇଁ କୁହାଯାଇଛି।

ଭୁବନେଶ୍ୱରରେ ଟିକସ ଆଦାୟକୁ ସମ୍ପୂର୍ଣ୍ଣ ରୂପେ ଅନ୍‌ଲାଇନ୍ ମୋଡ୍‌ରେ କରାଯାଇଛି। ମାତ୍ର ଏହା ଶତପ୍ରତିଶତ ସଫଳ ହେଉନାହିଁ। ସହରବାସୀ ନିଜ ପକ୍ଷରୁ ଟିକସ ପଇଠ କରିବା ପାଇଁ ଆଗ୍ରହ ଦେଖାଉ ନାହାନ୍ତି। ତେଣୁ କେତେଜଣ ଲୋକ ଟିକସ ଦେଉଛନ୍ତି, କେଉଁମାନେ ଦେଉ ନାହାନ୍ତି ଏବଂ ହୋଲ୍ଡିଂ ଟିକସ (ବ୍ୟବସାୟିକ, ଘରୋଇ ଭିତ୍ତିରେ) ଠିକ୍ ଭାବେ ଆସୁଛି କି ନାହିଁ ତାହାକୁ ତଦାରଖ କରିବାକୁ ଏବେ ୱାର୍ଡ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପିରିକି ଡୋର୍ ଟୁ ଡୋର୍ ଯାଇ ଚେକିଂ କରିବାକୁ ମଧ୍ୟ ତାଗିଦା କରାଯାଇଛି। ସେହିପରି ହୋଲ୍ଡିଂ ଟିକସ ଆଦାୟ ସହିତ ଆସେସ୍‌ମେଣ୍ଟ, ରି-ଆସେସ୍‌ମେଣ୍ଟ ଉପରେ ଗୁରୁତ୍ୱାରୋପ କରାଯିବା ସହ ପ୍ରତିଦିନ ଏ ସଂକ୍ରାନ୍ତ ଫାଇଲ୍ ଦାଖଲ କରିବାକୁ କୁହାଯାଇଛି। ଅପରପକ୍ଷେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଏମ୍‌ସି ପକ୍ଷରୁ କେବଳ ହୋଲ୍ଡିଂ ଟିକସ ଆଦାୟ ଲକ୍ଷ୍ୟ ୩ଶହ କୋଟି ରଖାଯାଇଛି। ପ୍ରତି ୱାର୍ଡକୁ ଶହେ କୋଟିର ହୋଲ୍ଡିଂ ଟିକସ ଟାର୍ଗେଟ ଦିଆଯାଇଛି। ତେବେ ୨୦୨୨-୨୩ ରେ ମୋଟ୍ ହୋଲ୍ଡିଂ ଟିକସ ଲକ୍ଷ୍ୟ ୧୨୦କୋଟି ରଖାଯାଇଥିଲା। ପରେ ଏହାକୁ କମ୍ କରାଯାଇଥିଲା ଏବଂ ମୋଟ୍ ୮୫କୋଟି ହୋଲ୍ଡିଂ ଟିକସ ଆଦାୟ ହୋଇଥିଲା। ତେଣୁ କେଉଁ ଭିତ୍ତିରେ କର୍ତ୍ତୃପକ୍ଷ ପ୍ରତି ଜୋନ୍‌କୁ ଶହେ କୋଟିର ଟିକସ ଆଦାୟ ଲକ୍ଷ୍ୟ ଦେଇଛନ୍ତି ତାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହାବାଦ୍ ଡିଜିଟାଲ୍ ଡୋର୍ ନମ୍ବରିଂ (ଡିଡିଏନ୍) ଠିକ୍ ଭାବେ ହୋଇଛି କି ନାହିଁ ତାକୁ ମଧ୍ୟ ତଦାରଖ କରିବାକୁ କୁହାଯାଇଛି। ଏକ ଘରୋଇ ସଂସ୍ଥା ଜରିଆରେ ଏନେଇ ସର୍ବେକ୍ଷଣ କରାଯାଇ ନମ୍ବରିଂ କରାଯାଇଥିଲା। ମାତ୍ର ଗୋଟିଏ ଘରକୁ ଗୋଟିଏ ନମ୍ବରିଂ କରିବା ପରିବର୍ତ୍ତେ କେଉଁଠି ୨ଟି ତ ଆଉ କେଉଁଠି ୪ଟି ନମ୍ବରିଂ କରାଯାଇଛି। ଏପରିକି ସରକାରୀ ଜାଗା ଜବରଦଖଲରେ ହୋଇଥିବା ଘରେ ବି ଡିଡିଏନ୍ ଲାଗିଛି। ତେବେ ଯେତିକି ଡିଡିଏନ୍ କରାଯାଇଥିଲା ସେଥି ମଧ୍ୟରୁ କେତେକ ଘରୁ ନମ୍ବର ଷ୍ଟିକର ଖସି ଯାଇଛି। ତେଣୁ ଏ ସବୁକୁ ଦେଖି ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସବୁ କାମ ବୋଝକୁ ନେଇ ୱାର୍ଡ ଅଫିସରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଏମ୍‌ସି ଟିକସ ଆଦାୟକୁ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ମୋଡ୍‌ରେ କରିଥିବାବେଳେ ପୁଣି କାହିଁକି ଘରକୁ ଘର ବୁଲିବୁ ବୋଲି କେତେଜଣ ୱାର୍ଡ ଅଫିସର ପ୍ରଶ୍ନ କରିଛନ୍ତି। ଜଣେ ୱାର୍ଡ ଅଫିସରଙ୍କ କହିବା ଅନୁଯାୟୀ, ସହରରେ ମୋଟ୍ ୪ରୁ ୫ଜଣ ବ୍ୟକ୍ତି ନିଜ ଆଡୁ ଟିକସ ଦାଖଲ ପାଇଁ ଆଗ୍ରହ ଦେଖାଉଛନ୍ତି। ବାକି ସମସ୍ତଙ୍କ ଘରକୁ ଯାଇ ସେମାନଙ୍କଠାରୁ ଟିକସ ଆଣି ଆମକୁ ଅନ୍‌ଲାଇନ୍‌ରେ ଦାଖଲ କରିବାକୁ ପଡୁଛି। ମାତ୍ର ବିଏମ୍‌ସି କର୍ତ୍ତୃପକ୍ଷ ସବୁକିଛି ମନକୁ ମନ ହୋଇଯାଉଛି ବୋଲି ଭାବି ବାହାବା ନେବାରେ ବ୍ୟସ୍ତ। ସେହିପରି ବିଏମ୍‌ସି ଅଧୀନରେ ମୋଟ୍ ୬୭ଟି ୱାର୍ଡ ଥିବାବେଳେ ଏବେ ପ୍ରାୟ ୩୪ଜଣ ୱାର୍ଡ ଅଫିସର ରହିଛନ୍ତି। ଜଣଙ୍କ ଉପରେ ୨ରୁ ୩ଟି ୱାର୍ଡର ଦାୟିତ୍ୱ ରହୁଛି। ଜଣେ ୱାର୍ଡଅଫିସର ୱାର୍ଡର ପ୍ରତ୍ୟେକ ଅଞ୍ଚଳ ବୁଲି ଡ୍ରେନ୍‌ଠାରୁ ଆରମ୍ଭ କରି ସଫେଇ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ୍, ପଲିଥିନ୍ ଚେକିଂ ଆଦି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଏଥିସହ ଏବେ ଘରକୁ ଘର ବୁଲି ଲୋକଙ୍କୁ ବୁଝାଇବା, ଡିଡିଏନ୍ ତଦାରଖ କରିବା ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି।

## ପାତ୍ରପଡ଼ା ଭି-୨ ମଲ୍‌ରେ ଅଗ୍ନିକାଣ୍ଡ



ଭୁବନେଶ୍ୱର,୨୩।୫(ବ୍ୟୁରୋ)

- ବେସ୍‌ମେଣ୍ଟ ପାର୍କିଂରେ ଲାଗିଥିଲା ନିଆଁ
- ଆୟତ୍ତ କଲା ଅଗ୍ନିଶମ ବାହିନୀ, ବଡ଼ କ୍ଷୟକ୍ଷତିରୁ ବର୍ତ୍ତିଲା

ଭୁବନେଶ୍ୱର ପାତ୍ରପଡ଼ାସ୍ଥିତ ଭି-୨ ଶପିଂ ମଲ୍‌ରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ବେସ୍‌ମେଣ୍ଟ ପାର୍କିଂରେ ଏହି ନିଆଁ ଲାଗିଥିବାବେଳେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ ପେପର୍, କାର୍ଟୁନ୍ ଆଦି ଜଳିଯାଇଛି। ଠିକ ସମୟରେ ନିଆଁ ଲିଭାଯାଇଥିବାରୁ ଉପର ମହଲାକୁ ନିଆଁ ବ୍ୟାପି ନ ଥିଲା। ଫଳରେ ମଲ୍‌ଟି ବଡ଼ କ୍ଷୟକ୍ଷତିରୁ ବର୍ତ୍ତି ଯାଇଥିବା ସ୍ଥାନୀୟ ଲୋକ କହିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ମଲ୍‌ର ବେସ୍‌ମେଣ୍ଟରେ କିଛି ପେପର, କାର୍ଟୁନ୍ ଆଦି ଆବର୍ଜନା ଆକାରରେ ଗଦା ହୋଇରହିଥିଲା। ଅପରାହ୍ନ ପ୍ରାୟ ୨ଟାରେ ସେଠାରୁ ଧୂଆଁ ବାହାରୁଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ପ୍ରଥମେ ମଲ୍ କର୍ମଚାରୀମାନେ ବାଲ୍‌ଟି ସାହାଯ୍ୟରେ ପାଣି ଢ଼ାଳି ନିଆଁକୁ ଲିଭାଇବା ପ୍ରକ୍ରିୟା ଆରମ୍ଭ କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ୨ଟି ଗାଡ଼ି ଦ୍ୱାରା ପାଣି ଢ଼ାଳି ନିଆଁକୁ ଆୟତ୍ତ କରିଥିଲେ। ତେବେ ଉକ୍ତ ବେସ୍‌ମେଣ୍ଟରେ ସ୍ଥାନୀୟ ଦୋକାନୀମାନେ ଦିନବେଳା ଶୁଅନ୍ତି। ତେଣୁ ସେମାନଙ୍କ ମଧ୍ୟରୁ କେହି ବିଡ଼ି କିମ୍ବା ସିଗାରେଟ୍ ଟାଣୁଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ବୋଲି ଡେପୁଟି ଫାୟାର ଅଫିସର ଅବନୀ ସ୍ୱାଇଁ କହିଛନ୍ତି।





ରାଜଭବନ ପରିସରରେ ସ୍ଥାପନ କରାଯାଇଥିବା ସୁଉଚ୍ଚ ଜାତୀୟ ପତାକା ସ୍ତମ୍ଭକୁ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନ ଅନୁ ଗର୍ଗ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

## ଲୋକଙ୍କ ପାଖରେ ସେବା ପହଞ୍ଚିବାକୁ ପ୍ରାଥମିକତା

ବାଲିଅନ୍ତା,୨୩।୫(ଡି.ଏନ୍.ଏ.)

ବାଲିଅନ୍ତା ତହସିଲର ନୂତନ ତହସିଲଦାର ରୂପେ ବିମଳ ଲେଙ୍କା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଅନୁଗୋଳର ତହସିଲଦାର ରୂପେ କାର୍ଯ୍ୟ କରୁଥିଲେ। ଏହି ନୂତନ ଦାୟିତ୍ୱ ନେବା ପରେ ସରକାରଙ୍କ ନିର୍ଦ୍ଧାରିତ ବିଭିନ୍ନ ସେବା ଲୋକଙ୍କ ପାଖରେ ପହଞ୍ଚିବା ଦିଗରେ ସେ ପ୍ରାଥମିକତା ଦେବେ ବୋଲି ତହସିଲଦାର ଲେଙ୍କା କହିଛନ୍ତି।

## କର୍ପୋରେଶନ ବୈଠକରେ ସମସ୍ୟା ସଂଖ୍ୟା କମାଇବା ଚିନ୍ତା

ଭୁବନେଶ୍ୱର,୨୩।୫(ବ୍ୟୁରୋ)

**ସମସ୍ୟା ଶୁଣିବାକୁ ଅଣ୍ଟୁନି ସମୟ**

ଆସନ୍ତା ୩୧ତାରିଖରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପରବର୍ତ୍ତୀ କର୍ପୋରେଶନ ବୈଠକ ବସିବ। ଏହା ପୂର୍ବରୁ ମଙ୍ଗଳବାର ବିଏମ୍‌ସି ମୁଖ୍ୟାଳୟରେ ଥିବା ଏକାମ୍ର ହଲରେ କର୍ପୋରେଟର ଓ ବିଏମ୍‌ସି ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଶନ ବୈଠକରେ ସମସ୍ୟା ବା ପ୍ରଶ୍ନ ଅଧିକ ହେଉଥିବାରୁ ସ୍ୱଳ୍ପ ସମୟରେ ଏହାର ସମାଧାନର ସୂତ୍ର ବାହାରିପାରୁନି। ପାଟିତୁଣ୍ଡ, ହୋ-ହଲ୍ଲା ଭିତରେ ବୈଠକ ସରିଯାଉଛି। ତେଣୁ କର୍ପୋରେଟରମାନେ ସେମାନଙ୍କର ୱାର୍ଡର ସମସ୍ୟାକୁ ଠିକ୍ ଭାବେ ଉପସ୍ଥାପନ କରିପାରୁନାହାନ୍ତି। ଏଥିପାଇଁ ୱାର୍ଡରେ ଦିନେ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତ କୁଲାଙ୍ଗେ ଲୋକଙ୍କ ପାଖକୁ ଯାଇ ସେମାନଙ୍କର ସମସ୍ୟା ଶୁଣୁଛନ୍ତି। ୱାର୍ଡବାସୀଙ୍କ ପ୍ରଶ୍ନରେ ଛନ୍ଦି ହୋଇ ପଡୁଥିବାରୁ ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ଲାଗି ସମସ୍ତ କର୍ପୋରେଟରଙ୍କୁ ନେଇ ଅନ୍ତରୀଣ ବୈଠକ କରାଯାଇଛି। କର୍ପୋରେଶନ ବୈଠକ ପୂର୍ବରୁ କିଭଳି ଅଧିକରୁ ଅଧିକ ସମସ୍ୟାର ସମାଧାନ ହେବ ଆଉ ଅଧିକାରୀଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିହେବ ସେନେଇ ସମସ୍ତ କର୍ପୋରେଟରଙ୍କୁ ବୈଠକରେ କୁହାଯାଇଛି। ଜଣକା ୧୦ରୁ ଅଧିକ ସମସ୍ୟା ନେଇ କର୍ପୋରେଟରମାନେ ବୈଠକରେ ବସୁଛନ୍ତି। ଫଳରେ ସବୁ କର୍ପୋରେଟରଙ୍କର ସମସ୍ୟାର ସମାଧାନ ସମ୍ଭବ ହୋଇପାରୁନି। ସମୟକୁ ଗୁରୁତ୍ୱ ଦେଇ ସମସ୍ୟା ଉପସ୍ଥାପନା ଓ ତା'ର ସମାଧାନ ଦିଗରେ କାର୍ଯ୍ୟ ପାଇଁ ଏହି ବୈଠକ ହୋଇଛି ବୋଲି କର୍ପୋରେଟର ଅମରେଶ ଜେନା ସୂଚନା ଦେଇଛନ୍ତି। ଏ ନେଇ ମେୟର କହିଛନ୍ତି, ୱାର୍ଡର ସମସ୍ୟା ସମ୍ବନ୍ଧରେ ଜାଣିବାକୁ ଏହି ବୈଠକ କରାଯାଉଛି। ବିଶେଷକରି ବର୍ଷା ଦିନ ଆସୁଥିବାରୁ ଡ୍ରେନେଜ କାମ ବିଷୟରେ ଆଲୋଚନା ହୋଇଛି। ଏଥିସହ ୱାର୍ଡଗୁଡ଼ିକୁ ଚଳିତବର୍ଷ ବଜେଟର ଯେଉଁ ଅର୍ଥ ଯାଇଛି, ତାହା କିଭଳି, କେଉଁ କାର୍ଯ୍ୟରେ ଉପଯୋଗ ହେଉଛି ତାହାର ସମୀକ୍ଷା କରାଯାଇଛି। କେତେ କାମ ଆଗକୁ ଆଗେଇଛି, ଆଉ କେତେ ରହିଛି ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଆଗକୁ କର୍ପୋରେଶନ ବୈଠକ ରାତି ଯାଏ ଚାଲିବ ବୋଲି ମେୟର ସୂଚନା ଦେଇଛନ୍ତି।

## ପାନୀୟ ଜଳ ଯୋଗାଣ ପାଇଁ ଦାବିପତ୍ର

ବାଲିଅନ୍ତା,୨୩।୫(ଡି.ଏନ୍.ଏ.)

ବଙ୍ଗଁଆ ପଞ୍ଚାୟତ ଅଧୀନ ଅରିଙ୍ଗଳ ଗ୍ରାମରେ ପାନୀୟ ଜଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ସମୟରେ ପିଇବା ପାଣି ଯୋଗାଇ ଦେବାକୁ ଗ୍ରାମର ମହିଳା ମଙ୍ଗଳବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅରିଙ୍ଗଳ ଗ୍ରାମର ରତ୍ନମଣି ନାୟକ, ସ୍ୱର୍ଣ୍ଣଲତା ନାୟକ, ଆଶାମଣି ନାୟକ ଓ ବିଳାଶ ନାୟକ ପ୍ରମୁଖ କହିଛନ୍ତି, ଗତ ବର୍ଷେ ହେଲା ଗ୍ରାମକୁ ସଂଯୋଗ ହୋଇଥିବା ପାଇପରେ ପାଣି ଆସୁନାହିଁ। ଗ୍ରାମରେ ଥିବା ନଳକୂପ ଓ କୂଅର ଜଳସ୍ତର ଗ୍ରୀଷ୍ମପ୍ରବାହ ଯୋଗୁ ତଳକୁ ଖସି ଗଲାଣି। ଫଳରେ ଗ୍ରାମର ୪୦ ପରିବାର ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ସମ୍ମୁଖୀନ ହେଉଛନ୍ତି। ଖରାଦିନ ପାଇଁ ଗ୍ରାମକୁ ତୁରନ୍ତ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଣ ନିମନ୍ତେ ସେମାନେ ବିଡିଓଙ୍କୁ ଅନୁରୋଧ କରିଛନ୍ତି।

## ଉତ୍ତର ଭୁବନେଶ୍ୱର ଦୁର୍ଗାପୂଜା ଭସାଣି କମିଟିର ବନ୍ଧୁମିଳନ ଉତ୍ସବ

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)

ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷରୁ ଉତ୍ତର ଭୁବନେଶ୍ୱର ଭସାଣି କମିଟି ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ଦାମୋଦର ପ୍ରଧାନୀଙ୍କ ସଭାପତିତ୍ୱରେ ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଦୁର୍ଗାପୂଜା ମଣ୍ଡପ ସମ୍ମୁଖରେ ଆୟୋଜିତ ଏହି ଉତ୍ସବରେ ୨୨ଟି ଦୁର୍ଗାପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଆଲୋଚନା ସହ ପରସ୍ପର ମଧ୍ୟରେ ଭାବବିନିମୟ କରିଥିଲେ। ସମସ୍ତଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବା ପାଇଁ ପ୍ରତି ମାସରେ ଗୋଟିଏ ବୈଠକ କରାଯିବା, ଭସାଣି କମିଟି ଦ୍ୱାରା ବିଭିନ୍ନ ଜନସେବା କାର୍ଯ୍ୟ କରାଯିବା, କୌଣସି ସମସ୍ୟା ଉପୁଜିଲେ ଏହାର ସମାଧାନ କରିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ଆସନ୍ତା ବର୍ଷ ଭସାଣି ଉତ୍ସବକୁ କିପରି ସରସ ସୁନ୍ଦର କରାଯିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସେହିପରି ଜୟଦେବ ବିହାର ନନ୍ଦନକାନନ ରାସ୍ତା ଭିଡ଼ ଓ ଟ୍ରାଫିକ ସମସ୍ୟା ପାଇଁ ଫ୍ଲାଏଓଭର ନିର୍ମାଣ, ନୂତନ ବଡ଼ ଡାକ୍ତରଖାନା ନିର୍ମାଣ, କ୍ଲବ୍‌ଟାଉନ ପାଖ ପଡ଼ିଆକୁ ଖେଳ ପଡ଼ିଆ ଘୋଷଣା କରାଯାଇ ଭସାଣି ଉତ୍ସବ ପାଇଁ ସଂରକ୍ଷିତ ରଖାଯିବାକୁ ଦାବି ଉତ୍ଥାପନ କରାଯାଇଥିଲା। ଉତ୍ସବରେ ସଂଘ ଉପଦେଷ୍ଟା ମଧୁମାଧବ ଜେନା, କିଶୋର ଜେନା, କର୍ପୋରେଟର ମିହିର କୁମାର ରାଉତ, ପ୍ରୀତିନନ୍ଦା ରାଉତରାୟ, ସୁରେଶ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଭସାଣି କମିଟି ସଂଯୋଜକ ସମରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ ଅଭିଭାଷଣ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।




ଅଲ୍ ଓଡ଼ିଶା ୬୬୨ (ଯୁକ୍ତ୨ ଓ ଯୁକ୍ତ୩) ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନକୁ ମଙ୍ଗଳବାର ୧୦୦ଦିନ ପୂରଣ ଅବସରରେ ଦୀପଜାଳି ଅଭିନବ ପ୍ରତିବାଦ କରାଯାଉଛି।

## ଶହୀଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନାର ଶୁଭାରମ୍ଭ

ବାଲୁଗାଁ,୨୩।୫(ଡି.ଏନ୍.ଏ.)

- ୨୭୬ ଡଙ୍ଗା ମାଲିକଙ୍କୁ ଜୀବନ ରକ୍ଷାକାରୀ ସରଞ୍ଜାମ ପ୍ରଦାନ
- ଜେଟିଗୁଡ଼ିକରେ ଲାଗିବ ସିସିଟିଭି

ଜଳଯାତ୍ରାରେ ପର୍ଯ୍ୟଟକ ତଥା ଯାତ୍ରୀଙ୍କ ସୁରକ୍ଷା ନିମିତ୍ତ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଶହୀଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାଲୁଗାଁ ନିକଟ ବଡ଼କୂଳ ପାନ୍ଥନିବାସଠାରେ ଆୟୋଜିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ମନ୍ତ୍ରୀ ଟୁକୁନି ସାହୁ। ଗୋଟିଏ ଡଙ୍ଗାରେ ୧୦ ଯାତ୍ରୀ ଏବଂ ଡ୍ରାଇଭର, ହେଲ୍ପରଙ୍କୁ ମିଶାଇ ମୋଟ୍ ୧୨ଜଣ ପରିବହନ ନିମନ୍ତେ ସରକାରୀ ନିୟମ ରହିଛି। ସେହି ଅନୁସାରେ ପ୍ରତି ଡଙ୍ଗାକୁ ୧୨ଟି ଲାଇଫ ଜ୍ୟାକେଟ୍, ୨ଟି ଲାଇଫ ବୟ ଏବଂ ୧ଟି ଅଗ୍ନି ନିର୍ବାପକ ଯନ୍ତ୍ର ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା ଜିଲା ଅଧୀନ ଚିଲିକାରେ ଯାତ୍ରୀ ପରିବହନ କରୁଥବା ଘରୋଇ ଡଙ୍ଗା ମାଲିକ ସଂଘ ସମେତ ସରକାରୀ ଲଞ୍ଚ ଆଦି ମୋଟ୍ ୨୭୬ଟି ଡଙ୍ଗାକୁ ୩୩୩୪ଟି ଲାଇଫ ଜ୍ୟାକେଟ୍, ୫୪୬ ଲାଇଫ ବୟ ଏବଂ ୨୭୬ଟି ଅଗ୍ନି ନିର୍ବାପକ ଯନ୍ତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଯୋଜନାର କାର୍ଯ୍ୟକାରିତା ଏବଂ ସଚେତନତା ଉପଲକ୍ଷେ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଏକ ସଭା ଆୟୋଜିତ ହୋଇଥିଲା। ରାଜ୍ୟ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ କହିଥିଲେ, ଚିଲିକାରେ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ସରକାର ଗୁରୁତ୍ୱ ଦେଇ ଆଗାମୀ ଦିନରେ ବହୁ ଯୋଜନା କାର୍ଯ୍ୟକାରୀ ପାଇଁ ସ୍ଥିର କରିଛନ୍ତି। ଏଥିସହ ଯାତ୍ରୀ ପରିବହନ କ୍ଷେତ୍ରରେ ନିୟମ ଅନୁପାଳନ ପାଇଁ ପର୍ଯ୍ୟଟକଙ୍କୁ ସଚେତନ କରାଇବା ଲାଗି ଡଙ୍ଗା ମାଲିକ ସଂଘକୁ ପରାମର୍ଶ ଦେଇଥିଲେ। ସମସ୍ତ ଡଙ୍ଗା ଏବଂ ମାଲିକମାନଙ୍କର ସରକାରୀ ପଞ୍ଜୀକରଣ ବାଧ୍ୟତାମୂଳକ ବୋଲି କହିଥିଲେ। ଚିଲିକାରେ ଯାତ୍ରୀ ସୁରକ୍ଷା ନିମନ୍ତେ ସରକାରୀ ନିୟମ ଠିକ୍‌ଭାବେ କାର୍ଯ୍ୟକାରୀ ହୋଇଛି କି ନାହିଁ ତାହାର ତଦାରଖ ପାଇଁ ଜେଟିଗୁଡ଼ିକରେ ସିସିଟିଭି ଲାଗିବ। ଏହାକୁ ଜିଲା ପ୍ରଶାସନ ଅଧିକାରୀ ଯାଞ୍ଚ କରିବା ସହ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପସ୍ଥିତ ଅଧିକାରୀଙ୍କୁ ମନ୍ତ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ଉପସ୍ଥିତ ଡଙ୍ଗାମାଲିକଙ୍କ ପକ୍ଷରୁ କାଳିଜାଈ ପୀଠରେ ଯାତ୍ରୀଙ୍କ ଅବତରଣରେ ସୁବିଧା ଏବଂ ପର୍ଯ୍ୟାପ୍ତ ସଂଖ୍ୟାରେ ଡଙ୍ଗା ରହଣି ପାଇଁ ଫ୍ଲୋଟିଂ ଜେଟିର ବ୍ୟବସ୍ଥା ସହ ଛୋଟପିଲାଙ୍କ ସୁରକ୍ଷା ନିମିତ୍ତ ଲାଇଫ ଜ୍ୟାକେଟର ବ୍ୟବସ୍ଥା ନିମନ୍ତେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ମନ୍ତ୍ରୀ ସାହୁ ଓ ବିଭାଗୀୟ ଅଧିକାରୀମାନେ ମା' କାଳିଜାଈଙ୍କ ମନ୍ଦିର ଗସ୍ତ କରି ଫେରିଥିଲେ।

## ସଂକ୍ଷେପରେ

### ୩୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ



ନିରାକାରପୁର,୨୩।୫(ଡି.ଏନ୍.ଏ.): ଟାଙ୍ଗୀ ଅବକାରୀ ବିଭାଗ ମଙ୍ଗଳବାର ସ୍ଥାନୀୟ ତାରିଣୀ ମନ୍ଦିର ନିକଟରେ ଚଢ଼ାଉ କରି ଜଣେ ବ୍ରାଉନ୍‌ସୁଗାର ବେପାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଙ୍କିଆ ଥାନା ଛଣଗିରି ଗ୍ରାମର ସଞ୍ଜୟ ମହାପାତ୍ର (୩୫)। ତାଙ୍କଠାରୁ ୩୦ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଇନ୍‌ସ୍ପେକ୍ଟର ଆଲୋକ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ଏକ ମାମଲା (ନଂ.୧୫/୨୩) ରୁଜୁ ହୋଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗ କର୍ମଚାରୀ ସୁନିତା ଦଳେଇ, ବିଶ୍ୱମ୍ଭର ବିଶ୍ୱାଳ, ତପନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

### ଚାଷୀ ପରିବାରର ଝିଅ ଲକ୍ଷ୍ମୀପ୍ରିୟା ପାଇଲେ ଆଇଏଏସ୍

ପିପିଲି,୨୩।୫(ଡି.ଏନ୍.ଏ.): ସର୍ବଭାରତୀୟ ସ୍ତରର ୟୁପିଏସ୍‌ସି ଦ୍ୱାରା ପରିଚାଳିତ ପ୍ରଶାସନିକ ସେବା ସର୍ଭିସ (ଆଇଏଏସ୍) ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶିତ ପାଇଛି। ଏଥିରେ ପୁରୀ ଜିଲାର ପିପିଲି ବ୍ଲକ ଅନ୍ତର୍ଗତ ସଙ୍ଗଲେଇ ଶାସନର ଝିଅ ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ ଉତ୍ତୀର୍ଣ୍ଣ ହୋଇ ନିଜ ଗାଁ ସମେତ ପିପିଲି ଅଞ୍ଚଳ ପାଇଁ ଗର୍ବ ଆଣି ଦେଇଛନ୍ତି। ଖବର ଅନୁଯାୟୀ, ସେ ପିପିଲିରୁ ପ୍ରଥମ ଆଇଏଏସ୍ ଅଟନ୍ତି। ଏହାର ମୁଖ୍ୟ ପରୀକ୍ଷାଟି ଦିଲ୍ଲୀସ୍ଥିତ ୟୁନିୟନ ପବ୍ଲିକ ସର୍ଭିସ କମିସନ ଅଫିସରେ ଅନୁଷ୍ଠିତ ହୋଇଥିଲା। ସେହି ପରୀକ୍ଷା ଫଳାଫଳରେ ମୋଟ ୯୩୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଲକ୍ଷ୍ମୀପ୍ରିୟା ୧୭୬ ସିରିଏଲ ନମ୍ବରରେ ରହି କୃତକାର୍ଯ୍ୟ ହୋଇଛନ୍ତି। ଏହା ପୂର୍ବରୁ ସେ ଦିଲ୍ଲୀରେ ପିଏଚ୍‌ଡି କରି ଏବେ ଓଡ଼ିଶା ବନ ବିଭାଗ ଉପ ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେ ପିଲାଟି ଦିନରୁ ଅତ୍ୟନ୍ତ ଗରିବ ଶ୍ରେଣୀର ମେଧାବୀ ଛାତ୍ରୀ ଥିଲେ। ପିତା ପ୍ରମୋଦ କୁମାର ଉପାଧ୍ୟାୟ ଏବଂ ମାତା ସୌଦାମିନି ପଣ୍ଡାଙ୍କ ଜ୍ୟେଷ୍ଠ କନ୍ୟା ଲକ୍ଷ୍ମୀପ୍ରିୟା। ପିତା ଜଣେ ଚାଷୀ ଅଟନ୍ତି। ଏହି ଖୁସି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟି ଥିବା ବେଳେ ଲକ୍ଷ୍ମିପ୍ରିୟା ଏହି ସଫଳତାର ଶ୍ରେୟ ତାଙ୍କ ମାତାପିତା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି।

### ଆବର୍ଜନାରୁ ପିତ୍ତଳ ନାଗ ମୂର୍ତ୍ତି ଉଦ୍ଧାର

ଗୋପ,୨୩।୫(ଡି.ଏନ୍.ଏ.): ଗୋପ ଥାନା ଅଧୀନ ନାଗପୁର ବଜାର ନିକଟ ଏକ ଆବର୍ଜନାରୁ ମଙ୍ଗଳବାର ପୂର୍ବାହ୍ନରେ ଗୋଟିଏ ପିତ୍ତଳ ନାଗ ଉଦ୍ଧାର ହୋଇଛି। ଏହି ପିତ୍ତଳ ନାଗକୁ ବଜାର କମିଟି ନିର୍ଦ୍ଦେଶରେ ନିକଟ ଶିବ ମନ୍ଦିରରେ ପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୂଚନା ମୁତାବକ, ନାଗପୁର ବଜାର ନିକଟ ଆବର୍ଜନାରେ ଗୋଟିଏ ପିତ୍ତଳ ନାଗ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଏହି ନାଗକୁ ଦେଖିବାକୁ ବଜାରରେ ଲୋକଙ୍କ ଭିଡ଼ ଲାଗିଥିଲା। ସ୍ଥାନୀୟ ବଜାର କମିଟି ସଦସ୍ୟ ସେଠାରେ ପଡ଼ିଥିବା ପିତ୍ତଳ ନାଗକୁ ଆଣିଥିଲେ। ପରେ ସ୍ଥାନୀୟ କମିଟି ଦ୍ୱାରା ଏହି ନାଗକୁ ରୀତିନୀତି ଅନୁସାରେ ନିକଟ ଶିବ ମନ୍ଦିରରେ ରଖାଯିବ ବୋଲି ଜଣାପଡିଛି। ପ୍ରକାଶ ଯେ, କିଛିଦିନ ତଳେ ଗୋପ ଥାନା ଅଞ୍ଚଳରେ କେତେକ ଶିବ ମନ୍ଦିରରୁ ପିତ୍ତଳ ନାଗ ସହ କିଛି ଜିନିଷ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ତେବେ କେହି ଦୁର୍ବୃତ୍ତ ଏହି ପିତ୍ତଳ ନାଗକୁ ଏହି ଆବର୍ଜନାରେ ଫୋପାଡ଼ି ଦେଇଥିବା ଜଣାପଡ଼ିଛି।

### ବରାଳ ବାଲୁଙ୍କେଶ୍ୱର ମନ୍ଦିର ହୁଣ୍ଡିବାକ୍ସରୁ ଚୋରି

ସାକ୍ଷୀଗୋପାଳ,୨୩।୫(ଡି.ଏନ୍.ଏ.): ସତ୍ୟବାଦୀ ଥାନା ଅନ୍ତର୍ଗତ ପଟ୍ଟନାୟିକିଆ/ସୁଆଣ୍ଡୋ ରାସ୍ତାର ବରାଳ ଗ୍ରାମରେ ପୂଜା ପାଉଥିବା ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିରରେ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ସେବକମାନେ ମନ୍ଦିରକୁ ଯିବା ସମୟରେ ମନ୍ଦିର ଦ୍ୱାର ଭଙ୍ଗା ଯିବା ସହ ମନ୍ଦିର ମଧ୍ୟରେ ଥିବା ହୁଣ୍ଡିବାକ୍ସ ଭଙ୍ଗାଯାଇ ଦାନ ଟଙ୍କା ଚୋରି ହୋଇଯାଇଥିଲା। ଏହି ଘଟଣା ଜଣାପଡିବା ପରେ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।

# କୋକସିଂହ ଗ୍ରାମରେ କଙ୍ଗାରୁ କୋର୍ଟ

## ଜନଶୁଣାଣି ଶିବିରରେ ଅଭିଯୋଗ

ବେଗୁନିଆ,୨୩।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ କୋକସିଂହ ଗ୍ରାମରେ କଙ୍ଗାରୁ କୋର୍ଟ ହୋଇଥିବା ନେଇ ଗତ ସୋମବାର ଆୟୋଜିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗତ ୯ ତାରିଖ ସକାଳ ୭ଟାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ନାମରେ ଥିବା ଏକ ରେକର୍ଡଭୁକ୍ତ ଜମି ଉପରେ ରାସ୍ତା ନେବାକୁ କେନ୍ଦ୍ରକରି କେତେଜଣ ଗ୍ରାମବାସୀ ରାସ୍ତାକଡ଼ରେ ଥିବା ତୃପ୍ତିମୟୀ ଚମ୍ପତିଙ୍କ ଘରକୁ ଭଙ୍ଗାରୁଜା କରିବା ସହିତ ତାଙ୍କୁ ଏବଂ ପରିବାର ଲୋକଙ୍କୁ ମାଡ଼ ମାରିବା ସହ ସେଠାରେ ଥିବା ଗଛଗୁଡ଼ିକୁ ଓପାଡ଼ି ଫୋପାଡ଼ି ଦେଇଥିଲେ। ସମ୍ପୃକ୍ତ ଜାଗାର ପରିବାର ଲୋକେ କାଗଜପତ୍ର ଦେଖାଇଥିଲେ ମଧ୍ୟ ଗ୍ରାମବାସୀ କିଛି ନ ଶୁଣିବା ସହ ୨ଟି ଫୋନ ଛଡାଇ ନେଇଥିଲେ। ଏପରିକି ଘରର ଆଜ୍‌ବେଷ୍ଟସ ଭାଙ୍ଗି ଦେଇଥିଲେ। ଏନେଇ ତୃପ୍ତିମୟୀ କେତେଜଣ ଗ୍ରାମବାସୀଙ୍କ ନାମରେ ଖୋର୍ଦ୍ଧା ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୫୧/୨୩) ରୁଜୁ କରିଛି। ଫଳରେ ଅଭିଯୁକ୍ତମାନେ ପ୍ରତିହିଂସାପରାୟଣ ହୋଇ ଗତ ୧୨ ତାରିଖରେ ଗ୍ରାମ ସଭାପତିଙ୍କ ସମେତ କେତେଜଣ ବ୍ୟକ୍ତି କଙ୍ଗାରୁ କୋର୍ଟ ଡକାଇ ସମ୍ପୃକ୍ତ ପରିବାରକୁ ସାମାଜିକ ବାସନ୍ଦ କରିଛନ୍ତି। ଫଳରେ ଉକ୍ତ ପରିବାର ନିଜର ମୌଳିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଏପରିକି ଗ୍ରାମର କେହି ବ୍ୟକ୍ତି ଉକ୍ତ ପରିବାର ସଙ୍ଗେ କଥା ହେଲେ ୫ଶହ ଟଙ୍କା ଜରିମାନା କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଦର ଥାନା ଅଧିକାରୀ ଗତ ୧୮ତାରିଖରେ କୋକସିଂହ ଗ୍ରାମକୁ ଆସି ସମ୍ପୃକ୍ତ ପରିବାରର ଭାଙ୍ଗିଥିବା ଘରକୁ ମରାମତି କରିବା ପାଇଁ ଗ୍ରାମ ସଭାପତିଙ୍କୁ ଦାୟିତ୍ୱ ଦେଇଥିଲେ ମଧ୍ୟ କାର୍ଯ୍ୟ ହୋଇନାହିଁ। ଦୟନୀୟଭାବେ ଜୀବନ ଅତିବାହିତ କରୁଥିବାବେଳେ ତାଙ୍କ ପରିବାରକୁ ସାମାଜିକ ବାସନ୍ଦରୁ ମୁକ୍ତ କରିବା ପାଇଁ ତୃପ୍ତିମୟୀ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଗୁହାରି କରିଛନ୍ତି। ଏ ନେଇ ଉକ୍ତ ଗ୍ରାମ ସଭାପତିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପଞ୍ଚଦଣ୍ଡାରେ ଆଗଆଣି, ପଛଆଣି ମୁହଁାଟ ସଂଯୋଗ



**ରଥଖଳାରୁ ...**

ପୁରୀ ଅଫିସ,୨୩।୫: ମହାପ୍ରଭୁଙ୍କ ସ୍ନାନଯାତ୍ରାକୁ ଆଉ ଅଳ୍ପଦିନ ବାକିଥିବା ବେଳେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ମଙ୍ଗଳବାର ତିନିରଥର ପଞ୍ଚ ଦଣ୍ଡାରେ ଆଗଆଣି ଏବଂ ପଛଆଣି ମୁହଁାଟ ସଂଯୋଗ ହୋଇଛି। ଆଗଆଣି ପଛଆଣି ମୁହଁାଟରେ ପାଞ୍ଚ ପାଞ୍ଚୋଟି ସାଲଗୁଜ ଉଠି ସେଥିରେ ଆଗ, ପଛ ନିରାଡ଼ି ସଂଯୋଗ ହୋଇଛି। ଏଥିସହ ତିନିରଥର ପ୍ରଥମ ଭୂଇଁ ଏବଂ ଦ୍ୱିତୀୟ ଭୂଇଁ ନିର୍ମାଣ ପାଇଁ ରଥ ଆମୀନ ଭୋଇ ସେବକଙ୍କ ମାଧ୍ୟମରେ ତିନି ରଥ ଚାଳିକୁ ଦୁଇଟି ଲେଖାଏ ୪ଟି ୧୨ ଫୁଟିଆ ଚଉପଟ ଧଉରା କାଠ ଏବଂ ୪ଟି ଲେଖାଏ ୮ଟି ଚଉପଟ ଭୂଇଁ ଖମ୍ବୀ ଯୋଗାଇଛନ୍ତି। ଏଥିରେ ତିନିରଥ ମହାରଣାମାନେ ମାପ ଚିହ୍ନ ଦେଇଛନ୍ତି। ସେଥିରେ ବିନ୍ଧ କାର୍ଯ୍ୟ ଜାରି ରହିଛି। ଦେବୀ ରଥର ୪ଟି ଚାରିନାହାକା ନିର୍ମାଣ ଶେଷ ହୋଇଥିବା ବେଳେ ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ଆଜି ସୁଦ୍ଧା ତିନୋଟି ଲେଖାଏ ନିର୍ମାଣ ଶେଷ ହୋଇ ଶେଷ ୨ଟି ଚାରି ନାହାକାର ନିର୍ମାଣ ଜାରି ରହିଛି। ତିନିରଥର ରୂପକାର ସେବକମାନେ ତିନିରଥର ସାଲଗୁଜ ଏବଂ ତିଖି ଗୁଜଗୁଡିକର ରୂପ ଖୋଦେଇ ଶେଷ କରି ତିନିରଥର ଶେଷ ଦୁଇଟି ଲେଖାଏ ତିଖି ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀଠାରେ ବସନ୍ତ ମହାରଣାଙ୍କ ନେତୃତ୍ୱରେ ପାହି ମହାରଣାମାନେ ଦେବ ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁଙ୍କ ରୁନ୍ଧା କାର୍ଯ୍ୟ ପାଇଁ ୬ଟି ଅଞ୍ଜନା ଖୁଣ୍ଟି (ସାଢ଼େ ୪ ରେ ସାଢ଼େ ୩ ସାଇଜ) ନିର୍ମାଣ ସାରି ୪ଟି ବେଶ ଘୋଡ଼ିଆ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ଦୁମ୍ବ ବିନ୍ଧ କାରିଗର ସହାୟତା କରୁଛନ୍ତି। ତିନିରଥର କରତି ସେବକମାନେ ଦେବୀରଥର ପୋଲ ଗୟଳର ଉଭୟ ପଟ ଚିତା କାର୍ଯ୍ୟ ଶେଷ କରି ଚିରଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦି କମାର ଶାଳରେ ତିନି ରଥର ଓଝା ସେବକମାନେ ତିନିରଥର ୧୨ଟି ଗରଗରା କଣ୍ଟା ନିର୍ମାଣ ଶେଷ କରି ଯୋଖା ଏବଂ ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ଶିବାଜୀ ପଟ୍ଟନାୟକ ସ୍ମୃତି ପ୍ଲାଜାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩।୫(ବ୍ୟୁରୋ)

ଭେଟେରାନ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଶିବାଜୀ ପଟ୍ଟନାୟକଙ୍କ ପ୍ରଥମ ମୃତ୍ୟୁବାର୍ଷିକୀ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିବାଜୀ ପଟ୍ଟନାୟକ ସ୍ମୃତିପ୍ଲାଜାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜୟଦେବ ବିହାରସ୍ଥିତ ସିପିଆଇ (ଏମ୍) କାର୍ଯ୍ୟାଳୟ ନିକଟରେ ୬୧୫ ବର୍ଗ ମିଟର ଜମିରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ଏହାର ନିର୍ମାଣ କରାଯିବ। ଶ୍ରମିକ ଶ୍ରେଣୀର ଉନ୍ନତି ଦିଗରେ ସ୍ୱର୍ଗତ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏହି କୋଠା ସ୍ଥାପନ କରାଯାଉଛି। ଏହାର ଇନ୍‌ଡୋର ଓ ଆଉଟ୍‌ଡୋର ଡିଜାଇନ ବିଡିଏ ଦ୍ୱାରା ଜାରି କରାଯାଇଛି। ଜୟଦେବବିହାର ଭଳି ଏକ ବ୍ୟସ୍ତ ବହୁଳ ବାଣିଜ୍ୟିକ ଅଞ୍ଚଳରେ ଏହି ପ୍ଲାଜା ରହିବା ଫଳରେ ଅଞ୍ଚଳରେ ଥିବା ଅବହେଳିତ ସର୍ବସାଧାରଣ ସ୍ଥାନ ତଥା ସହରାଞ୍ଚଳ ଶୂନ୍ୟସ୍ଥାନକୁ ଏକ ଜୀବନ୍ତ ରୂପ ଦେବ। ଏଥିରେ ବିଭିନ୍ନ ବୈଶିଷ୍ଟ୍ୟ ତଥା ସୁବିଧା, ଗତିବିଧି କରିଡର ଏବଂ ଇଣ୍ଟରାକ୍ଟିଭ ଡିସ୍‌ପ୍ଲେ ରହିବ ଯାହା ଶିବାଜୀ ପଟ୍ଟନାୟକଙ୍କ ଜୀବନ, ସଫଳତା ସହ କିଶାନ ଆନ୍ଦୋଳନ, ଖେତ ମଜଦୁର ୟୁନିୟନ, ରାଜ୍ୟରେ ଟ୍ରେଡ୍ ୟୁନିୟନ ଆନ୍ଦୋଳନ ଏବଂ ସମାଜର ଉନ୍ନତି ପାଇଁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପ୍ରଦର୍ଶନ କରାଯିବ। ପ୍ଲାଜାର ପାରିପାର୍ଶ୍ୱିକ ୭୦% ଅଂଶକୁ ଖୋଲାସ୍ଥାନ ରଖାଯିବା ସହ ଏହାର ବିକାଶ କରାଯିବ ବୋଲି ସୂଚନା ଦିଆଯାଇଛି। ସମାରୋହରେ ୫-ଟି ସଚିବ ଭି. କେ. ପାଣ୍ଡିଆନ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ସମେତ ବିଡିଏ ଅଧିକାରୀ, ସିପିଆଇ (ଏମ)ର ନେତୃବୃନ୍ଦ, ସଦସ୍ୟ ଓ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

ବାଲିପାଟଣା,୨୩।୫(ଡି.ଏନ୍.ଏ.)

ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମଙ୍ଗଳବାର ବାଲିପାଟଣା ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୌଳିକତା, ସରଳୀକରଣ, ପଟ୍ଟା ପ୍ରଦାନ, ଜାତିଗତ ପ୍ରମାଣପତ୍ର, ଜମି କିଣାବିକା, ଘରବାରି ଆବେଦନର ନିୟମରେ ସ୍ୱଚ୍ଛତା, ନିୟମ ଅନୁସାରେ ବାଲିଘାଟ ନିଲାମ, ଅନ୍ୟ ଜିଲାରୁ ବାଲିପାଟଣା ଦେଇ ଆସୁଥିବା ବାଲି ଟ୍ରକ ଓଭର ଲୋଡିଂ, ତହସିଲଦାରଙ୍କ ରହିବା କ୍ୱାର୍ଟର୍ସ ନିର୍ମାଣ ଓ ତହସିଲ କାର୍ଯ୍ୟାଳୟର ମରାମତି, କାର୍ଯ୍ୟାଳୟରେ ସଭାଗୃହ ପାଇଁ ଏକ ସ୍ୱତନ୍ତ୍ର କୋଠରି ନିର୍ମାଣ ନିମନ୍ତେ ଗ୍ରାମ୍ୟଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ତହସିଲଦାର ଓ ଉପନିବନ୍ଧକ ଜନସାଧାରଣଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ବିଭିନ୍ନ ପଦବୀ ଖାଲି ପଡିଥିବା ଯୋଗୁ କାମ ତୁରନ୍ତ ତ୍ୱରାନ୍ୱିତ ହୋଇପାରୁ ନ ଥିବା ଅଧିକାରୀଙ୍କ ଅଭିଯୋଗକୁ ଭିତ୍ତିକରି ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଗସ୍ତ ବେଳେ ତହସିଲଦାର ବୁଲ୍‌ବୁଲ୍ ବେହେରା, ଉପନିବନ୍ଧକ ପ୍ରାଚୀ ପ୍ରିୟଦର୍ଶନୀ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା ପାଇଁ ୧୦ହଜାର କି.ମି. ପଦଯାତ୍ରା



ଆଶୁତୋଷ ପାଣ୍ଡେ ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟୁଛନ୍ତି।

ପିପିଲି,୨୩।୫(ସ୍ୱ.ପ୍ର.)

ପରିବେଶ ସୁରକ୍ଷା ନେଇ ଭାରତର ଯୁବସମାଜକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ୧୦ହଜାର କିଲୋମିଟର ବନ୍ଦେ ଭାରତ ପଦଯାତ୍ରାରେ ଆସିଥିବା ଉତ୍ତରପ୍ରଦେଶ ଯୁବକଙ୍କୁ ପିପିଲିରେ ସ୍ୱାଗତ କରାଯାଇଛି। ମୁଣ୍ଡ ଉପରେ ସଚେତନତା ଫ୍ଲାକାର୍ଡ ଓ ଜାତୀୟ ପତକା ଧରି ପରିବେଶ ସୁରକ୍ଷାର ବାର୍ତ୍ତା ବାଣ୍ଟୁଛନ୍ତି ଉତ୍ତରପ୍ରଦେଶ ସୁଲତାନପୁରର ୨୬ବର୍ଷିୟା ଆଶୁତୋଷ ପାଣ୍ଡେ। ଆଶୁତୋଷ ନିଜ ସରକାରୀ ଚାକିରି ଛାଡ଼ି ଗତ ଡିସେମ୍ବର ୪ତାରିଖ ୨୦୨୨ରେ ଅଯୋଧ୍ୟାରୁ ସାରା ଦେଶରେ ପରିବେଶ ସୁରକ୍ଷା ସଚେତନତା ପାଇଁ ପଦଯାତ୍ରାରେ ବାହାରିଥିଲେ ବୋଲି କହିଥିବା ବେଳେ ମଙ୍ଗଳବାର ପିପିଲିରେ ପହଞ୍ଚିଛନ୍ତି। ପଦଯାତ୍ରା ମାଧ୍ୟମରେ ବିଭିନ୍ନ ସ୍ଥାନରେ ଯୁବକମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା କରାଇ ସେମାନଙ୍କ ସହ ବୃକ୍ଷ ରୋପଣ ମଧ୍ୟ କରୁଛନ୍ତି। ବୃକ୍ଷ ବିନା ମାନବ ସମାଜ ଜୀବିତ ରହିବା ଅସମ୍ଭବ, ସାରା ବିଶ୍ୱରେ ଯେଉଁଭଳି ପ୍ରଦୂଷଣ ବଢିଚାଲିଛି ତାହାକୁ ସାମ୍ନା କରିବା ପାଇଁ ସମସ୍ତେ ବୃକ୍ଷ ରୋପଣ କରିବା ନିତ୍ୟାନ୍ତ ଆବଶ୍ୟକ। ବର୍ତ୍ତମାନ ପରିସ୍ଥିତିରେ ପ୍ରତ୍ୟେକ ମଣିଷ ତା'ର ଜୀବନରେ ୨୦ରୁ ଉର୍ଦ୍ଧ୍ୱ ଚାରା ଲଗାଇ ତାହାର ରକ୍ଷଣାବେକ୍ଷଣା କରିବା ଜରୁରୀ ବୋଲି ଆଶୁତୋଷ କହିଥିଲେ। ଆଶୁତୋଷ ଆଜି ପର୍ଯ୍ୟନ୍ତ ୩୫ଶହ କିଲୋମିଟର ସଚେତନତା ପଦଯାତ୍ରାରେ ୪ଟି ରାଜ୍ୟ ପରିକ୍ରମା କରିସାରିଥିବା ବେଳେ ଦେଶରେ ୨୧ଟି ରାଜ୍ୟ ଭ୍ରମଣ କରି ସଚେତନତା କରିବାର ଲକ୍ଷ୍ୟ ରଖିଛନ୍ତି। ପିପିଲିରେ ଆଶୁତୋଷ ପହଞ୍ଚିବା ପରେ ମାରୱାଡି ସମ୍ପ୍ରଦାୟ ଓ ବିଶ୍ୱ ହିନ୍ଦୁ ପରିଷଦର ଯୁବକମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ପିପିଲି ପଦା ପଡିଆ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ପରେ ଆଶୁତୋଷ ନିକଟ ବସ୍ତିରେ ପିଲାମାନଙ୍କୁ ପରିବେଶ ସଚେତନତା ଉପରେ ବାର୍ତ୍ତା ଦେଇ ପୁରୀ ଅଭିମୁଖେ ଯାତ୍ରା କରିଥିଲେ।

## ମା'ଭୁଆସୁଣୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଘାଟିତ

ବେଗୁନିଆ,୨୩।୫(ଡି.ଏନ୍.ଏ.)



ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟ ଅତିଥି ମହୋତ୍ସବର ଶୁଭାରମ୍ଭ କରୁଛନ୍ତି।

ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତ ଅନ୍ତର୍ଗତ ଭୁଆସୁଣୀପାଟଣା ଗ୍ରାମସ୍ଥିତ ମା' ଭୁଆସୁଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମନ୍ଦିର କମିଟିର ସଭାପତି ବଂଶୀଧର ଦଳାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ମା'ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଦାସ ମହାପାତ୍ର ମୁଖ୍ୟବକ୍ତା, ଜିଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟା ତନୁଜା ପାଟ୍ଟଶାଣୀ, ସରପଞ୍ଚ ବିଜୟଲକ୍ଷ୍ମୀ ବେହେରା, ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଅଧିକାରୀ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀ, ଶ୍ରୀଜଗନ୍ନାଥଙ୍କ ପୂଜାପଣ୍ଡା ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ଶ୍ରୀଜଗନ୍ନାଥଙ୍କ ସିଂହାରୀ ରାମଚନ୍ଦ୍ର କର, ସାମାଜିକ କର୍ମୀ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ କବି ସୁଧାକର ସେଠୀଙ୍କ ରଚିତ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଡ.ଗଣେଶ୍ୱର ସ୍ୱାଇଁ ସଂଯୋଜନା କରିଥିବା ବେଳେ ପ୍ରମୋଦ କୁମାର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସର୍ବେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଦୀନକୃଷ୍ଣ ଦଳାଇ ଧନ୍ୟବାଦ ଦେଇଥିଲେ।

## ବଡ଼ଆଖଡ଼ା ମଠର କୋଠା ଭାଙ୍ଗିଲା ପ୍ରଶାସନ

ପୁରୀ ଅଫିସ, ୨୩।୫

ଶ୍ରୀମନ୍ଦିର ନିକଟ ବଡ଼ଆଖଡ଼ା ମଠର କୋଠାକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଐତିହ୍ୟ କରିଡର ପ୍ରକଳ୍ପ ଅନ୍ତର୍ଗତ ଅଞ୍ଚଳ ପରିସରରେ ବଡ଼ଆଖଡ଼ା ମଠ ରହିଥିବାରୁ ପୂର୍ବରୁ ଏହି ମଠର ଲୁଗାପଟ୍ଟି ସମେତ କିଛି ଅଂଶକୁ ପ୍ରଶାସନ ଭାଙ୍ଗିଦେଇଥିଲା। ମଙ୍ଗଳବାର ଏହି ମଠର ଗାଦିଘର ଓ ମନ୍ଦିରକୁ ଛାଡ଼ି ଅବଶିଷ୍ଟ ଅଂଶ ତଥା କୋଠାକୁ ଭଙ୍ଗାଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଚ୍ଛେଦ କାର୍ଯ୍ୟ ହୋଇଥିବାବେଳେ ଆଖପାଖ ଅଞ୍ଚଳକୁ ପୋଲିସ ପକ୍ଷରୁ ସିଲ୍ କରାଯାଇଥିଲା। ସେହିପରି କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ।

## ଅଭିଯୁକ୍ତ ବାବିନାଙ୍କ ବ୍ୟବସାୟିକ ଆଡ୍ଡା ଭାଙ୍ଗିଲା ପୋଲିସ

ଭୁବନେଶ୍ୱର,୨୩।୫(ବ୍ୟୁରୋ)

ପୂର୍ବ ଶତ୍ରୁତାରୁ ନବଘନ ପାଟ୍ଟଶାଣୀ ଓରଫ ବାଙ୍କା ନାମକ ବ୍ୟକ୍ତିଙ୍କୁ ଖଣ୍ଡାରେ ଆକ୍ରମଣ ମାମଲାରେ ଖଣ୍ଡଗିରି ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି ମୁଖ୍ୟ ଅଭିଯୁକ୍ତ ବାବିନା ଓରଫ ଶଶାଙ୍କ ଶେଖର ବଳିଆର୍‌ସିଂ। ତେବେ ଖୋଳତାଡ଼ ପରେ ପୋଲିସ ବାବିନାଙ୍କ ଆପରାଧିକ ସାମ୍ରାଜ୍ୟ ସମ୍ପର୍କରେ ବହୁ ତଥ୍ୟ ପାଇଛି। ବାବିନା ଖଣ୍ଡଗିରି ଥାନା ଅନ୍ତର୍ଗତ ତପୋବନ ଆଶ୍ରମ ନିକଟରେ ଏକ ସରକାରୀ ଜମିରେ କବାଡ଼ିଆ ଦୋକାନ ଖୋଲି ସେଠାରୁ ଆପରାଧିକ କାର୍ଯ୍ୟ ଜାରି ରଖିଥିଲେ। ତେଣୁ ପୋଲିସ ଟିମ୍ ମଙ୍ଗଳବାର ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସହାୟତାରେ ବାବିନାଙ୍କ ଉକ୍ତ ବ୍ୟବସାୟିକ ଆଡ୍ଡାକୁ ଡ୍ରୋଜର ସାହାଯ୍ୟରେ ମାଟିରେ ମିଶାଇଛି। ବାବିନାଙ୍କ ଘର ପୁରୀ ଜିଲା ବ୍ରହ୍ମପୁର ଅଞ୍ଚଳରେ ହୋଇଥିବାବେଳେ ସେ କିଛିବର୍ଷ ହେଲା ଭୁବନେଶ୍ୱରରେ ରହି ବ୍ୟବସାୟ କରୁଥିଲେ। ତାଙ୍କ ନାମରେ ପୁରୀର ବିଭିନ୍ନ ଥାନାରେ ୫ରୁ ଉର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ଏହି ମାମଲାରେ ହତ୍ୟା, ଆର୍ମସ ଆକ୍ଟ, ଲୁଟ୍ ଆଦି ରହିଛି। ତେବେ ବାବିନା ତାଙ୍କ ବ୍ୟବସାୟିକ ସ୍ଥଳରେ ସ୍ଥାନୀୟ ଅପରାଧୀଙ୍କ ସହ ମିଶି ଖଟି କରୁଥିଲେ। ଏପରିକି ସେଠାରୁ ଅପରାଧ କରିବାକୁ ଯୋଜନା କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସୂଚନାନୁସାରେ, ଗତ ୧୮ ତାରିଖ ସକାଳେ ବରମୁଣ୍ଡା ଅଞ୍ଚଳର ନବଘନ ନାକାଗେଟ୍ ପଟୁ ଖଣ୍ଡଗିରି ଅଭିମୁଖେ ଯାଉଥିବା ସମୟରେ ଅଭିଯୁକ୍ତ ବାବିନା ଓ ତାଙ୍କ ସହଯୋଗୀ ଖଣ୍ଡା ଧରି ଦୁଇଟି ମୋଟରସାଇକେଲରେ ତାଙ୍କର ପିଛା କରିଥିଲେ। ପରେ ନବଘନ ଖଣ୍ଡଗିରି ଛକ ନିକଟ ଏକ ଦୋକାନରେ ଚା' ପିଉଥିବାବେଳେ ଶଶାଙ୍କ ଶେଖର ଓ ଅନ୍ୟ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ନବଘନ ଗୁରୁତର ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୧୭/୨୦୨୩) ରୁଜୁ କରି ବାବିନାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା।

# ମା' ପାର୍ବତୀଙ୍କୁ ଚୋରିକଲେ ପଞ୍ଚମହାଦେବ

ପୁରୀ ଅଫିସ, ୨୩।୫



**ଶ୍ରୀକ୍ଷେତ୍ରରେ କନ୍ୟାଚୋରି ନୀତି ସମ୍ପନ୍ନ, ଆଜି ବିବାହ**

- ଶ୍ରୀଲୋକନାଥଙ୍କ ପୀଠରେ ନିଆରା ପରମ୍ପରା
- ଶ୍ରୀମନ୍ଦିର କୋଠଭୋଗ ସୁଆର ରାନ୍ଧିଲେ ମଙ୍ଗନହାଣ୍ଡି

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଚତୁର୍ଥୀ ଅବସରରେ ମଙ୍ଗଳବାର ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ପୀଠରେ କନ୍ୟାଚୋରି ନୀତି ସମ୍ପନ୍ନ ହୋଇଛି। ପରମ୍ପରା ମୁତାବକ, ପଞ୍ଚମହାଦେବ ପାର୍ବତୀଙ୍କୁ ଚୋରି କରିଛନ୍ତି। ବୁଧବାର ରୀତିନୀତି ଅନୁଯାୟୀ, ମା ପାର୍ବତୀଙ୍କୁ ମହାଦେବ ବିବାହ କରିବେ। ଗୁରୁବାର ପବିତ୍ର ଶୀତଳ ଷଷ୍ଠୀ ପାଳନ କରାଯିବ। କନ୍ୟାଚୋରୀ ଏବଂ ଶିବ ବିବାହ ଲାଗି ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପ୍ରଭୁ ଯମେଶ୍ୱର, ଶ୍ରୀଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଏବଂ ନୀଳକଣ୍ଠେଶ୍ୱରଙ୍କୁ ବିବେଚନା କରାଯାଇଥାଏ। ପରମ୍ପରା ଅନୁସାରେ, ପଞ୍ଚମହାଦେବ ନିଜ ନିଜ ଶ୍ୱଶୁର ଘର ନିକଟକୁ ଯାଇ ପାର୍ବତୀଙ୍କୁ ଚୋରି କରି ସାଙ୍ଗରେ ନେଇ ବିବାହ କରିଥାନ୍ତି। ଏଭଳି ପରମ୍ପରା କେବେଳ ଶ୍ରୀକ୍ଷେତ୍ର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନ ଥାଏ। ଏହି କନ୍ୟାଚୋରି ନୀତି ସମ୍ପନ୍ନ ହେବା ପରେ ପ୍ରତ୍ୟେକ ଠାକୁର ସ୍ୱମନ୍ଦିରକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କ ମାଘସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ସନ୍ଧ୍ୟାଧୂପ ଏବଂ ବଡ଼ସିଂହାର ନୀତି ସରି ପହୁଡ଼ ନୀତି ହୋଇଥିଲା। କନ୍ୟାଚୋରି ନୀତି ସମ୍ପର୍କରେ ଲୋକନାଥ ମନ୍ଦିରର ସେବକ କହନ୍ତି କନ୍ୟାଚୋରି ଏକମାତ୍ର ପର୍ବ, ଯାହାକି କେବଳ ଶ୍ରୀକ୍ଷେତ୍ରରେ ପାଳନ ହୁଏ। ଏଥିରେ ଭଗବାନ ଶଙ୍କର ମା' ପାର୍ବତୀଙ୍କୁ ଚୋରି କରି ବିବାହ କରିଥାନ୍ତି। ଶ୍ରୀଲୋକନାଥଙ୍କ ପୀଠରେ କନ୍ୟାଚୋରି ଦିନ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଶ୍ରୀଲୋକନାଥଙ୍କ ମଙ୍ଗନହାଣ୍ଡି ଶ୍ରୀମନ୍ଦିର କୋଠଭୋଗ ସୁଆରମାନେ ରାନ୍ଧିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସନ୍ଧ୍ୟାଧୂପ ବଢିବା ପରେ କୋଠଭୋଗ ସୁଆରମାନେ ଶ୍ରୀଲୋକନାଥଙ୍କ ମନ୍ଦିରକୁ ଯାଇ ସନ୍ଧ୍ୟାଧୂପ ଓ ବଡ଼ସିଂହାର ନିମନ୍ତେ କୋଠଭୋଗ ପ୍ରସ୍ତୁତ କରିଥାନ୍ତି। ଶ୍ରୀଲୋକନାଥ ମହାପ୍ରଭୁ ପାର୍ବତୀଙ୍କୁ ଚୋରି କରିନେଇ ମନ୍ଦିରକୁ ଫେରିବା ପରେ ଠାକୁର ଠାକୁରାଣୀ ମାଘସ୍ନାନ ହୋଇ ସନ୍ଧ୍ୟାଧୂପ ଓ ବଡ଼ସିଂହାର ଭୋଗ ଲାଗି ହୋଇଥାଏ। ସେହିପରି ଗୁରୁବାର ଶୀତଳଷଷ୍ଠୀ ଅବସରରେ ନବ ବିବାହିତ ଦେବଦମ୍ପତି ନଗର ପରିକ୍ରମା କରି ପନ୍ତିଭୋଗ ଖାଇବା ପରେ ଶ୍ରୀମନ୍ଦିରକୁ ବିଜେ କରିବେ। ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ସମେତ ବିଭିନ୍ନ ସାହିରେ ଥିବା ମହାଦେବମାନଙ୍କ ପକ୍ଷରୁ କନ୍ୟାଚୋରି ନୀତି ସମ୍ପନ୍ନ ହୋଇଛି।

## ସଂକ୍ଷେପରେ

### ଶ୍ରୀମନ୍ଦିର ପ୍ରଶାସନକୁ ୨ ବ୍ୟାଟେରି ଗାଡ଼ି ଦେଲା ଏସ୍‌ବିଆଇ

ପୁରୀ ଅଫିସ, ୨୩।୫ - ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ପୁରୀ ମୁଖ୍ୟ ଶାଖା ପକ୍ଷରୁ ଭକ୍ତଙ୍କ ଉଦ୍ଦେଶ୍ୟରେ ଦୁଇଟି ବ୍ୟାଟେରିଚାଳିତ ଗାଡ଼ି ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯାଇଛି। ଆଗକୁ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଓ ଘୋଷଯାତ୍ରା ଥିବାରୁ ଭକ୍ତମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ସେହିପରି ଶ୍ରୀକ୍ଷେତ୍ରରେ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ଆଗମନ ହେଉଥିବା ବେଳେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଭକ୍ତମାନେ ଏହି ବ୍ୟାଟେରି ଚାଳିତ ଗାଡ଼ିକୁ ନିଃଶୁଳ୍କ ଭାବେ ବ୍ୟବହାର କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଭୁବନେଶ୍ୱର ଷ୍ଟେଟ୍ ବ୍ୟାଙ୍କ ଜେନେରାଲ ମ୍ୟାନେଜର ଏମ୍. ପୁନମବଲମଙ୍କ ସହ ପୁରୀ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ଚିଫ୍ ମ୍ୟାନେଜର ବିଜୟ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

### ବରାଳ ବାଲୁଙ୍କେଶ୍ୱର ମନ୍ଦିର ହୁଣ୍ଡିବାକ୍ସରୁ ଚୋରି

ସାକ୍ଷୀଗୋପାଳ,୨୩।୫(ଡି.ଏନ୍.ଏ.)- ସତ୍ୟବାଦୀ ଥାନା ଅନ୍ତର୍ଗତ ପଇନାୟିକିଆ/ସୁଆଣ୍ଡୋ ରାସ୍ତାର ବରାଳ ଗ୍ରାମରେ ପୂଜା ପାଉଥିବା ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିରରେ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ସେବକମାନେ ମନ୍ଦିରକୁ ଯିବା ସମୟରେ ମନ୍ଦିର ଦ୍ୱାର ଭଙ୍ଗା ଯିବା ସହ ମନ୍ଦିର ମଧ୍ୟରେ ଥିବା ହୁଣ୍ଡିବାକ୍ସ ଭଙ୍ଗାଯାଇ ଦାନ ଟଙ୍କା ଚୋରି ହୋଇଯାଇଥିଲା। ଏହି ଘଟଣା ଜଣାପଡିବା ପରେ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକ୍ରମେ ସତ୍ୟବାଦୀ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅଫିସର ବୈଷ୍ଣବ ମହାରଣା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ, ଏହି ମନ୍ଦିରରୁ ୩ଥର ଚୋରି ହେଲାଣି । କେବଳ କେସ ରୁଜୁ କରାଯାଇ ତଦନ୍ତ ରହିଛି। ମନ୍ଦିରରେ ସିସି କ୍ୟାମେରା ଲଗାଇବା ପାଇଁ ଦାବି ହେଉଛି।

### ଫାଇନାଲ୍‌ରେ ଗ୍ଲାଡିଏଟର

କଣାସ,୨୩।୫(ସ୍ୱ.ପ୍ର.)-କଣାସ ବ୍ଲକ ତ୍ରିଲୋଚନପୁର ଗୋପୀନାଥ ଖେଳପଡ଼ିଆଠାରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନପୁର ଗୋପୀନାଥ ଏକାଦଶକୁ ହରାଇ ଆଙ୍ଗୁଲାର ଗ୍ଲାଡିଏଟର ଫାଇନାଲ୍‌ରେ ପ୍ରବେଶ କରିଛି। ଆସନ୍ତା ୨୭ ତାରିଖରେ ଇଲେଭେନ ଷ୍ଟାର ଓ ଗ୍ଲାଡିଏଟର ମଧ୍ୟରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ। ମ୍ୟାଚରେ ଗ୍ଲାଡିଏଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୬ ଉଇକେଟ୍ ହରାଇ ୧୨୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଗୋପୀନାଥ ଏକାଦଶ ୬ ଉଇକେଟ୍ ହରାଇ ମାତ୍ର ୯୦ ରନ୍ କରି ପରାଜିତ ହୋଇଥିଲା। ଗ୍ଲାଡିଏଟରର ଅଲରାଉଣ୍ଡର ସୁନୀଲ ସେଠୀଙ୍କ ଆକର୍ଷଣୀୟ ୩୦ରନ୍ ଓ ବିପକ୍ଷ ଦଳର ୨ ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ୱାର୍ଡମେମ୍ବର ପ୍ରିୟରଞ୍ଜନ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗଣେଶ୍ୱର ସ୍ୱାଇଁ ଓ ପିନାକୀ ଦାଶ ଖେଳ ପରିଚାଳନା କରିଥିଲେ।

# ମା' ପାର୍ବତୀଙ୍କୁ ଚୋରି କଲେ ପଞ୍ଚମହାଦେବ

**ଶ୍ରୀକ୍ଷେତ୍ରରେ କନ୍ୟାଚୋରି ନୀତି ସମ୍ପନ୍ନ, ଆଜି ବିବାହ**

- ଶ୍ରୀଲୋକନାଥଙ୍କ ପୀଠରେ ନିଆରା ପରମ୍ପରା
- ଶ୍ରୀମନ୍ଦିର କୋଠଭୋଗ ସୁଆର ରାନ୍ଧିଲେ ମଙ୍ଗନହାଣ୍ଡି

ପୁରୀ ଅଫିସ, ୨୩।୫:

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଚତୁର୍ଥୀ ଅବସରରେ ମଙ୍ଗଳବାର ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ପୀଠରେ କନ୍ୟାଚୋରି ନୀତି ସମ୍ପନ୍ନ ହୋଇଛି। ପରମ୍ପରା ମୁତାବକ, ପଞ୍ଚମହାଦେବ ପାର୍ବତୀଙ୍କୁ ଚୋରି କରିଛନ୍ତି। ବୁଧବାର ରୀତିନୀତି ଅନୁଯାୟୀ, ମା ପାର୍ବତୀଙ୍କୁ ମହାଦେବ ବିବାହ କରିବେ। ଗୁରୁବାର ପବିତ୍ର ଶୀତଳ ଷଷ୍ଠୀ ପାଳନ କରାଯିବ। କନ୍ୟାଚୋରୀ ଏବଂ ଶିବ ବିବାହ ଲାଗି ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପ୍ରଭୁ ଯମେଶ୍ୱର, ଶ୍ରୀଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଏବଂ ନୀଳକଣ୍ଠେଶ୍ୱରଙ୍କୁ ବିବେଚନା କରାଯାଇଥାଏ। ପରମ୍ପରା ଅନୁସାରେ, ପଞ୍ଚମହାଦେବ ନିଜ ନିଜ ଶ୍ୱଶୁର ଘର ନିକଟକୁ ଯାଇ ପାର୍ବତୀଙ୍କୁ ଚୋରି କରି ସାଙ୍ଗରେ ନେଇ ବିବାହ କରିଥାନ୍ତି। ଏଭଳି ପରମ୍ପରା କେବେଳ ଶ୍ରୀକ୍ଷେତ୍ର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନ ଥାଏ। ଏହି କନ୍ୟାଚୋରି ନୀତି ସମ୍ପନ୍ନ ହେବା ପରେ ପ୍ରତ୍ୟେକ ଠାକୁର ସ୍ୱମନ୍ଦିରକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କ ମାଘସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ସନ୍ଧ୍ୟାଧୂପ ଏବଂ ବଡ଼ସିଂହାର ନୀତି ସରି ପହୁଡ଼ ନୀତି ହୋଇଥିଲା। କନ୍ୟାଚୋରି ନୀତି ସମ୍ପର୍କରେ ଲୋକନାଥ ମନ୍ଦିରର ସେବକ କହନ୍ତି କନ୍ୟାଚୋରି ଏକମାତ୍ର ପର୍ବ, ଯାହାକି କେବଳ ଶ୍ରୀକ୍ଷେତ୍ରରେ ପାଳନ ହୁଏ। ଏଥିରେ ଭଗବାନ ଶଙ୍କର ମା' ପାର୍ବତୀଙ୍କୁ ଚୋରି କରି ବିବାହ କରିଥାନ୍ତି। ଶ୍ରୀଲୋକନାଥଙ୍କ ପୀଠରେ କନ୍ୟାଚୋରି ଦିନ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଶ୍ରୀଲୋକନାଥଙ୍କ ମଙ୍ଗନହାଣ୍ଡି ଶ୍ରୀମନ୍ଦିର କୋଠଭୋଗ ସୁଆରମାନେ ରାନ୍ଧିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ କୋଠଭୋଗ ସୁଆରମାନେ ଶ୍ରୀଲୋକନାଥଙ୍କ ମନ୍ଦିରକୁ ଯାଇ ସନ୍ଧ୍ୟାଧୂପ ଓ ବଡ଼ସିଂହାର ନିମନ୍ତେ କୋଠଭୋଗ ପ୍ରସ୍ତୁତ କରିଥାନ୍ତି। ଶ୍ରୀଲୋକନାଥ ମହାପ୍ରଭୁ ପାର୍ବତୀଙ୍କୁ ଚୋରି କରିନେଇ ମନ୍ଦିରକୁ ଫେରିବା ପରେ ଠାକୁର ଠାକୁରାଣୀ ମାଘସ୍ନାନ ହୋଇ ସନ୍ଧ୍ୟାଧୂପ ଓ ବଡ଼ସିଂହାର ଭୋଗ ଲାଗି ହୋଇଥାଏ। ସେହିପରି ଗୁରୁବାର ଶୀତଳଷଷ୍ଠୀ ଅବସରରେ ନବ ବିବାହିତ ଦେବଦମ୍ପତି ନଗର ପରିକ୍ରମା କରି ପନ୍ତିଭୋଗ ଖାଇବା ପରେ ଶ୍ରୀମନ୍ଦିରକୁ ବିଜେ କରିବେ। ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ସମେତ ବିଭିନ୍ନ ସାହିରେ ଥିବା ମହାଦେବମାନଙ୍କ ପକ୍ଷରୁ କନ୍ୟାଚୋରି ନୀତି ସମ୍ପନ୍ନ ହୋଇଛି।


ଈଶ୍ୱର ବଲ୍ଲଭ ଜାଗାରେ ଶ୍ରୀଲୋକନାଥଙ୍କ କନ୍ୟାଚୋରି ନୀତି ସମ୍ପନ୍ନ କରାଯାଉଛି ।

## ପଞ୍ଚଦଣ୍ଡାରେ ଆଗଆଣି, ପଛଆଣି ମୁହାଁଟ ସଂଯୋଗ



**ରଥଖଳାରୁ ...**

ପୁରୀ ଅଫିସ,୨୩।୫

ମହାପ୍ରଭୁଙ୍କ ସ୍ନାନଯାତ୍ରାକୁ ଆଉ ଅଳ୍ପଦିନ ବାକିଥିବା ବେଳେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ମଙ୍ଗଳବାର ତିନିରଥର ପଞ୍ଚ ଦଣ୍ଡାରେ ଆଗଆଣି ଏବଂ ପଛଆଣି ମୁହଁଟ ସଂଯୋଗ ହୋଇଛି। ଆଗଆଣି ପଛଆଣି ମୁହଁଟରେ ପାଞ୍ଚ ପାଞ୍ଚୋଟି ସାଲଗୁଜ ଉଠି ସେଥିରେ ଆଗ, ପଛ ନିରାଡ଼ି ସଂଯୋଗ ହୋଇଛି। ଏଥିସହ ତିନିରଥର ପ୍ରଥମ ଭୂଇଁ ଏବଂ ଦ୍ୱିତୀୟ ଭୂଇଁ ନିର୍ମାଣ ପାଇଁ ରଥ ଆମୀନ ଭୋଇ ସେବକଙ୍କ ମାଧ୍ୟମରେ ତିନି ରଥ ଚାଳିକୁ ଦୁଇଟି ଲେଖାଏ ୪ଟି ୧୨ ଫୁଟିଆ ଚଉପଟ ଧଉରା କାଠ ଏବଂ ୪ଟି ଲେଖାଏ ୮ଟି ଚଉପଟ ଭୂଇଁ ଖମ୍ବୀ ଯୋଗାଇଛନ୍ତି। ଏଥିରେ ତିନିରଥ ମହାରଣାମାନେ ମାପ ଚିହ୍ନ ଦେଇଛନ୍ତି। ସେଥିରେ ବିନ୍ଧ କାର୍ଯ୍ୟ ଜାରି ରହିଛି। ଦେବୀ ରଥର ୪ଟି ଚାରିନାହାକା ନିର୍ମାଣ ଶେଷ ହୋଇଥିବା ବେଳେ ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ଆଜି ସୁଦ୍ଧା ତିନୋଟି ଲେଖାଏ ନିର୍ମାଣ ଶେଷ ହୋଇ ଶେଷ ୨ଟି ଚାରି ନାହାକାର ନିର୍ମାଣ ଜାରି ରହିଛି। ତିନିରଥର ରୂପକାର ସେବକମାନେ ତିନିରଥର ସାଲଗୁଜ ଏବଂ ତିଖ ଗୁଜଗୁଡିକର ରୂପ ଖୋଦେଇ ଶେଷ କରି ତିନିରଥର ଶେଷ ଦୁଇଟି ଲେଖାଏ ତିଖ ଗୁଜରେ ନୃସିଂହ ରୂପ ଖାଦେଇ ଜାରି ରଖିଛନ୍ତି। ଦୋଳବେଦୀଠାରେ ବସନ୍ତ ମହାରଣାଙ୍କ ନେତୃତ୍ୱରେ ପାହି ମହାରଣାମାନେ ଦେବ ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁଙ୍କ ରୁନ୍ଧା କାର୍ଯ୍ୟ ପାଇଁ ୬ଟି ଅଞ୍ଜନା ଖୁଣ୍ଟି (ସାଢ଼େ ୪ ରେ ସାଢ଼େ ୩ ସାଇଜ) ନିର୍ମାଣ ସାରି ୪ଟି ବେଶ ଘୋଡ଼ିଆ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ତୁମ୍ଭ ବିନ୍ଧ କାରିଗର ସହାୟତା କରୁଛନ୍ତି। ତିନିରଥର କରତି ସେବକମାନେ ଦେବୀରଥର ପୋଲ ଗୟଳର ଉଭୟ ପଟ ଚିତା କାର୍ଯ୍ୟ ଶେଷ କରି ଚିରଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦି କମାର ଶାଳରେ ତିନି ରଥର ଓଝା ସେବକମାନେ ତିନିରଥର ୧୨ଟି ଗରଗରା କଣ୍ଟା ନିର୍ମାଣ ଶେଷ କରି ଯୋଖା ଏବଂ ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ବଡ଼ଆଖଡ଼ା ମଠର କୋଠା ଭାଙ୍ଗିଲା ପ୍ରଶାସନ

ପୁରୀ ଅଫିସ, ୨୩।୫:

ଐତିହ୍ୟ କରିଡର ପ୍ରକଳ୍ପର କାର୍ଯ୍ୟ ପାଇଁ ଶ୍ରୀମନ୍ଦିର ନିକଟସ୍ଥ ବଡ଼ଆଖଡ଼ା ମଠର କୋଠାକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଐତିହ୍ୟ କରିଡର ପ୍ରକଳ୍ପ ଅନ୍ତର୍ଗତ ଅଞ୍ଚଳ ପରିସରରେ ବଡ଼ଆଖଡ଼ା ମଠ ରହିଥିବାରୁ ପୂର୍ବରୁ ଏହି ମଠର ଲୁଗାପଟ୍ଟି ସମେତ କିଛି ଅଂଶକୁ ପ୍ରଶାସନ ଭାଙ୍ଗିଦେଇଥିଲା। ମଙ୍ଗଳବାର ଏହି ମଠର ଗାଦିଘର ଓ ମନ୍ଦିରକୁ ଛାଡ଼ି ଅବଶିଷ୍ଟ ଅଂଶ ତଥା କୋଠାକୁ ଭଙ୍ଗାଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଚ୍ଛେଦ କାର୍ଯ୍ୟ ହୋଇଥିବାବେଳେ ଆଖପାଖ ଅଞ୍ଚଳକୁ ପୋଲିସ ପକ୍ଷରୁ ସିଲ୍ କରାଯାଇଥିଲା। ସେହିପରି କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ।


ପ୍ରଶାସନ ପକ୍ଷରୁ ବଡ଼ଆଖଡ଼ା ମଠର ଅବଶିଷ୍ଟାଂଶକୁ ଭଙ୍ଗାଯାଉଛି।

## ମୋବାଇଲ ଝାମ୍ପିବାବେଳେ ଧରାପଡ଼ିଲେ ୩ ଲୁଟେରା

### ପୋଲିସ ଜିମାଦେଲେ ଲୋକେ

ବଳଙ୍ଗା,୨୩।୫(ଡି.ଏନ୍.ଏ.)

ବଳଙ୍ଗା ଥାନା ନିକଟସ୍ଥ ସାତହଳ ଛକଠାରେ ଜଣେ ଯୁବକଙ୍କ ହାତରୁ ମୋବାଇଲ ଝାମ୍ପି ନେବାବେଳେ ୩ଜଣ ଲୁଟେରାଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ୩ ଅଭିଯୁକ୍ତ ହେଲେ ଚନ୍ଦନପୁର ଥାନା ଅଞ୍ଚଳର ଆର ଇ ଗ୍ରାମର ରାଜକୁମାର ବେହେରା (୨୨), ନୂଆପାଟଣା ଗ୍ରାମର ଟୁଟୁ ବାରିକ (୨୨), ଓ ଇନିପିନା ଗ୍ରାମର ସୁଦର୍ଶନ ବେହେରା (୧୯)। ଅଭିଯୋଗକ୍ରମେ ପୋଲିସ ନଂ.୯୧/୨୩ରେ ଏକ ମାମଲା ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ସୋମବାର ସନ୍ଧ୍ୟା ୮ ଟା ସମୟରେ ଉକ୍ତ ଉକା ଗ୍ରାମର ବିଶ୍ୱଜିତ ଦାସ ଘରୁ ସାତହଳ ଛକକୁ ଔଷଧ ଆଣିବା ପାଇଁ ଏକ ସାଇକେଲ ଯୋଗେ ଯାଉଥିଲେ। ଏକ ନିଛାଟିଆ ସ୍ଥାନରେ ଉପରୋକ୍ତ ୩ ଲୁଟେରା ଏକ ପଲସର ବାଇକ ଯୋଗେ ପଛପଟୁ ଆସି ବିଶ୍ୱଜିତ ହାତରେ ଧରି ଥିବା ମୋବାଇଲକୁ ଝାମ୍ପି ନେଇ ଦ୍ରୁତ ଗତିରେ ସାତଶଙ୍ଖ ଅଭିମୁଖେ ପଳାଉଥିଲେ। ବିଶ୍ୱଜିତ ପାଟି କରିବାରୁ ଛକରେ ଥିବା କେତେକ ଯୁବକ ସେମାନଙ୍କୁ ପିଛା କରିଥିଲେ। ଫଳରେ ସେମାନେ ନୂଆହାଟ ଗାଁ ଭିତରକୁ ପଶି ଯିବାରୁ ପାଟିଶୁଣି ଗ୍ରାମବାସୀ ୩ ଅଭିଯୁକ୍ତଙ୍କୁ ଧରି ଉତ୍ତମ ମଧ୍ୟମ ଦେଇ ବଳଙ୍ଗା ପୋଲିସକୁ ଖବର କରିଥିଲେ। ଘଟଣା ସ୍ଥଳରେ ବଳଙ୍ଗା ପୋଲିସ ପହଞ୍ଚି ଅଟକ ଥିବା ଲୁଟେରା ଓ ବାଇକ୍‌କୁ ଜବତ କରି ଥାନାକୁ ଆଣିଥିଲେ। ପୋଲିସ ସେମାନଙ୍କ ନିକଟରୁ ଚୋରି ମୋବାଇଲ ସହ ଅନ୍ୟ ୨ଟି ମୋବାଇଲ ଜବତ କରିଛି।

# ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ସମାରୋହ

ନିମାପଡ଼ା,୨୩।୫(ଡି.ଏନ୍.ଏ.)

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ସମାରୋହ ଓ ଭତ୍ତା ପ୍ରଦାନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ବ୍ଲକ ସଭା କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା ବିଡିଓ ବସନ୍ତ ମଲ୍ଲିକ, ଗୋପ ବିଡିଓ ଦୀପ୍ତିରାଣୀ ଦାସ, ପୁରୀର ଏଫ୍‌ଏଲ୍‌ସି ନୀଳାମ୍ବର ମହନ୍ତ, ନାବାର୍ଡର ପୁରୀ ଜିଲା ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି, ପୁରୀର ଏଲ୍‌ଡିଏମ୍ କିଶୋର ଆଚାର୍ଯ୍ୟ, ପୁରୀର ଏଫ୍‌ଆଇସି ଓ ଏଲ୍‌ଏମ୍ ମକର କେତନ ପାତ୍ର, ପୁରୀ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଗୋପର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା ଓ ଗୋପ ବ୍ଲକରେ ହିତାଧିକାରୀଙ୍କୁ ଉତ୍ତମ ବ୍ୟାଙ୍କ ସେବା ଯୋଗାଇ ଦେବା, ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ଠିକ୍ ସମୟରେ ଭତ୍ତା ଟଙ୍କା ପଠାଯିବା ଦିଗରେ ବିଧାୟକ ଦାଶ ଗୁରୁତ୍ୱାରୋପ କରିଥିଲେ। ଏ ଦିଗରେ ଯତ୍ନବାନ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଭିନ୍ନ ବ୍ୟାଙ୍କର କର୍ତ୍ତୃପକ୍ଷ, ବ୍ୟାଙ୍କ ସାଥୀ ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ନିମାପଡ଼ା ଓ ଗୋପରେ ଶତାଧିକ ହିତାଧିକାରୀ ଠିକ୍ ସମୟରେ ଭତ୍ତା ଟଙ୍କା ପାଉ ନ ଥିବା ଓ ଭତ୍ତା ଟଙ୍କା ପାଇବାରେ ଅହେତୁକ ବିଳମ୍ବ ଘଟୁଥିବାକୁ ନେଇ ବିଧାୟକ ଦାଶ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ବହୁ ବୟୋଜ୍ୟେଷ୍ଠ, ଭିନ୍ନକ୍ଷମ ବ୍ୟକ୍ତିମାନେ ଭତ୍ତା ଟଙ୍କା ପାଇଁ ବ୍ୟାଙ୍କକୁ ଯାଇପାରୁ ନ ଥିବାରୁ ସରକାର କର୍ମଚାରୀ ସେମାନଙ୍କ ଘରକୁ ଯାଇ ଠିକ୍ ସମୟରେ ଭତ୍ତା ଟଙ୍କା ଦେବାକୁ ବିଧାୟକ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ପଦସ୍ଥ ସରକାରୀ ଅଧିକାରୀ ଯୋଗଦେଇଥିଲେ।


ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ, ଅନ୍ୟ ଅତିଥି ଏବଂ ଅଧିକାରୀବୃନ୍ଦ।

# ଦେବୀ- କେଲୁଣି ମୁହାଣ ବେଳାଭୂମିରେ ମୃତ ଜେଲିଫିସ୍


ବେଳାଭୂମିରେ ପଡିଥିବା ମୃତ ଜେଲିଫିସ୍ ।

ଅସ୍ତରଙ୍ଗ,୨୩।୫(ଡି.ଏନ୍.ଏ.)

ବିଶ୍ୱତାପନ ପ୍ରଭାବରେ ସାମୁଦ୍ରିକ ଜଳ ତାପମାତ୍ରାର ଅହେତୁକ ବୃଦ୍ଧି ସାମୁଦ୍ରିକ ସନ୍ତୁଳନକୁ ବିଗାଡ଼ିବାରେ ଲାଗିଛି। ଯାହାର ପ୍ରଭାବରେ ପ୍ରତିବର୍ଷ ପରି ଅଧିକ ଗ୍ରୀଷ୍ମପ୍ରବାହ ଯୋଗୁ ଚଳିତବର୍ଷ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବିଭିନ୍ନ ବେଳାଭୂମିରେ ଶହ ଶହ ମୃତ ଜେଲିଫିସ୍ ଦେଖିବାକୁ ମିଳୁଛି। ଅସ୍ତରଙ୍ଗ ଅଞ୍ଚଳର କେଲୁଣି ଓ ଦେବୀ ନଦୀ ମୁହାଣ ଅଞ୍ଚଳର ବେଳାଭୂମିରେ ଅଧିକାଂଶ ଜେଲିଫିସ୍ ଭାସି ଲାଗୁଥିବା ଦେଖାଦେଇଛି। ବିଶେଷ ଭାବରେ ଏହି ଜେଲିଫିସ୍ ବିରଳ ସାମୁଦ୍ରିକ ଜୀବ ଅଲିଭ ରିଡ୍‌ଲେଙ୍କ ଅନ୍ୟତମ ପ୍ରମୁଖ ଖାଦ୍ୟ ଅଟେ। ଅସ୍ତରଙ୍ଗ ଅଞ୍ଚଳର ଦେବୀ ନଦୀ ମୁହାଣ ସାମୁଦ୍ରିକ କଇଁଛଙ୍କ ଅନ୍ୟତମ ପ୍ରମୁଖ ଗଣ ଅଣ୍ଡାଦାନ ସ୍ଥାନ ଭାବେ ପ୍ରସିଦ୍ଧ। ଅଲିଭ ରିଡ୍‌ଲେଙ୍କ ଆଗମନଠାରୁ ଶାବକଙ୍କ ପ୍ରତ୍ୟାବର୍ତ୍ତନ ସମୟ ପ୍ରକ୍ରିୟା ନଭେମ୍ବର ମାସଠାରୁ ମେ' ମାସ ପର୍ଯ୍ୟନ୍ତ ଚାଲିଥାଏ। ତେଣୁ ଏହି ପ୍ରକୃଷ୍ଟ ସାମୁଦ୍ରିକ ଖାଦ୍ୟ ଉପଲବ୍ଧ ଯୋଗୁ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ସମୟରେ ଓଡ଼ିଶା ଉପକୂଳରେ ଜେଲିଫିସ୍ ମୃତ ଅବସ୍ଥାରେ ଅଧିକ ମାତ୍ରାରେ ଦେଖା ଦେଇଥାନ୍ତି। ଜେଲିଫିସ୍ ସାଙ୍ଗକୁ ଅନ୍ୟାନ୍ୟ ସାମୁଦ୍ରିକ ଜୀବ ମୃତ ଅବସ୍ଥାରେ ବିଭିନ୍ନ ସମୟରେ ବେଳାଭୂମିରେ ଲାଗିବା ପରିବେଶବିତ୍‌ଙ୍କୁ ବ୍ୟଥିତ କରିଛି।

# ମହାପ୍ରଭୁଙ୍କ ପୁରୁଣା ରଥଚକ ଗଲା ହେଙ୍ଗୁଳା ପୀଠ

ପୁରୀ ଅଫିସ/ବ୍ରହ୍ମଗିରି, ୨୩।୫(ଡି.ଏନ୍.ଏ.):

ଧାର୍ମିକ ଶୋଭାଯାତ୍ରାରେ ମହାପ୍ରଭୁଙ୍କ ପୁରୁଣା ରଥଚକକୁ ହେଙ୍ଗୁଳା ପୀଠକୁ ନିଆଯାଇଛି। ବ୍ରହ୍ମଗିରି ଚବିଶିକୁଦ ମୌଜାର ମାତଲାପୁର ଗାଁରେ ଅବସ୍ଥିତ ମା' ହେଙ୍ଗୁଳାଙ୍କ ମନ୍ଦିରକୁ ଏହି ରଥଚକ ଯାଇଛି। ମଙ୍ଗଳବାର ମାତଲାପୁର ଗ୍ରାମର ସଭାପତି ମନୋରଞ୍ଜନ ରାୟ ଓ ସମ୍ପାଦକ କାଶୀନାଥ ନାୟକଙ୍କ ନେତୃତ୍ୱରେ ଏକ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବକ ମଧୁସୂଦନ ସିଙ୍ଗାରୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଧିକାରୀ ନାୟକ, କୃଷ୍ଣଚନ୍ଦ୍ର ରାୟଙ୍କ ସମେତ ଅନେକ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ଓ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ଗୁଣ୍ଡିଚା ମନ୍ଦିରରୁ ପୁରୁଣା ରଥଚକକୁ ଅଣାଯାଇ ଗାଡ଼ିରେ ରଖାଯାଇଥିଲା। ପରେ ବାଜାବାଣ, ଝାଞ୍ଜ କୀର୍ତ୍ତନ, ଘଣ୍ଟ ସହ ବଡ଼ଦାଣ୍ଡରେ ବିରାଟ ଶୋଭାଯାତ୍ରା କରି ନରେନ୍ଦ୍ର ପୁଷ୍କରିଣୀ ହୋଇ ଜଟିଆ ବାବା ଛକରେ ପହଞ୍ଚିଥିଲେ। ସେଠାରୁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଗାଡ଼ି ଓ ବାଇକ୍ ଶୋଭାଯାତ୍ରା କରି ବ୍ରହ୍ମଗିରି ଅଭିମୁଖେ ଯାତ୍ରା କରିଥିଲେ। ରେବେଣା ନୂଆଗାଁରେ ଏହି ରଥଚକକୁ ସ୍ୱାଗତ କରାଯାଇଥିଲା। ସେହିପରି ବ୍ରହ୍ମଗିରି ବଜାରରେ ନୃତ୍ୟ କୀର୍ତ୍ତନ ମାଧ୍ୟମରେ ରଥଚକକୁ ସ୍ୱାଗତ କରାଯାଇଥିଲା। ପରମ ବ୍ରହ୍ମକୁ ବହନ କରୁଥିବାରୁ ଏହି ରଥ ଚକ ପରବ୍ରହ୍ମ ସଦୃଶ୍ୟ ହୋଇଥିବାରୁ ଏହାକୁ ଲୋକେ ବିଭିନ୍ନ ଦେବାଳୟରେ ସ୍ଥାପନ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆରାଧନା କରିଥାନ୍ତି। ପରେ ବିରାଟ ଶୋଭାଯାତ୍ରାରେ ଆସିଥିବା ରଥ ଚକକୁ ଆଣି ହେଙ୍ଗୁଳା ପୀଠରେ ସ୍ଥାପନ କରାଯାଇଛି ।


ଶୋଭାଯାତ୍ରାରେ ମହାପ୍ରଭୁଙ୍କ ପୁରୁଣା ରଥଚକକୁ ଅଣାଯାଉଛି ।

# ବ୍ଲକରେ ବିଜେଡିର ମନମୁଖି କାର୍ଯ୍ୟ ଚାଲିଛି

**ଲୋକଙ୍କୁ ଅଯଥା ଭୁଆଁ ବୁଲାଉଛି ଭାଜପା: ପଞ୍ଚାୟତ ସମିତି ଅଧ୍ୟକ୍ଷ**

ସାକ୍ଷୀଗୋପାଳ, ୨୩।୫(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକରେ ବିଜେଡିର ମନମୁଖି କାର୍ଯ୍ୟ, ଏକ ପାଖିଆ ଶାସନକୁ ବିରୋଧ କରି ଭାଜପା ଦଳ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ଯେଉଁ ଜିଲା ପରିଷଦ ଜୋନ ଓ ପଞ୍ଚାୟତ ବିଜେଡି ଦଖଲରେ ରହିଛି, ସେହି ପଞ୍ଚାୟତରେ କୌଣସି ଉନ୍ନତିମୂଳକ ଓ ସାମାଜିକ କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ସହଯୋଗ ଠିକ୍ ଭାବେ ମିଳୁ ନ ଥିବା ଅଭିଯୋଗ ହୋଇଛି। ଫଳରେ କାର୍ଯ୍ୟରେ ବିଳମ୍ବ ହେବା ସହ ମନ ମୁତାବକ କାର୍ଯ୍ୟ ହେଉଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ବ୍ୟାପକ ଅନିୟମିତତା ସହ ଦଳୀୟ ନେତାଙ୍କୁ ସୁହାଇଲା ଭଳି ଲିଷ୍ଟରେ ନାମ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଭାଜପାର ଏକ ଟିମ୍ ସତ୍ୟବାଦୀ ବିଡିଓଙ୍କୁ ଦେଖା କରି ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ ମଧ୍ୟ ଆବାସ ବଣ୍ଟନର ଅନ୍ତର୍ଦ୍ୱନ୍ଦ ଓ ବିଳମ୍ବତା ଯୋଗୁ ହଜାର ହଜାର ହିତାଧିକାରୀ ଏଥିରୁ ବଞ୍ଚିତ ଅଛନ୍ତି। ସେହିପରି ପଞ୍ଚାୟତ ସମିତି ବୈଠକ ପ୍ରତି ଦୁଇ ମାସରେ ହେବାର ବ୍ୟବସ୍ଥା ଥିଲେ ମଧ୍ୟ ଏହା ଠିକ୍ ସମୟରେ କରାଯାଉ ନାହିଁ।

ବ୍ଲକରେ ଅନୁଷ୍ଠିତ ହେଉଥିବା ଜନଶୁଣାଣି କାର୍ଯ୍ୟକ୍ରମ ମଧ୍ୟ ମନ ମୁତାବକ ସମ୍ପାଦନ କରାଯାଇଛି। ଯେଉଁଦିନ ଜନଶୁଣାଣି କାର୍ଯ୍ୟକ୍ରମ ହେଉଛି, ସେହିଦିନ କାର୍ଯ୍ୟକ୍ରମର ଦୁଇ ଘଣ୍ଟା ପୂର୍ବରୁ ବ୍ଲକ ଅଧିକାରୀ ସୂଚନା ଦେଉଛନ୍ତି। ତାହା କେବଳ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ନେଇ ହେଉଥିବା ବେଳେ ଭାଜପା ସମର୍ଥିତ ସରପଞ୍ଚଙ୍କୁ ଜନଶୁଣାଣୀ ସହିତ ବ୍ଲକର ଅଧିକାଂଶ କାର୍ଯ୍ୟକ୍ରମରେ ସାମିଲ କରାଯାଉ ନାହିଁ। ସେହିଭଳି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ କରାଯାଉଥିବା କାମ ଲୋକଙ୍କ ବଦଳରେ ମେଶିନ କରୁଛି। ବଳପୁର ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପଟି ସ୍ଥାନୀୟ ବିଧାୟକ, କେତେଜଣ ବିଭାଗୀୟ ଅଧିକାରୀଙ୍କ ସହ ପ୍ରକଳ୍ପ ସ୍ଥାପନ କରୁଥିବା କମ୍ପାନୀର ମଧୁଚନ୍ଦ୍ରିକା ଯୋଗୁ ୨୦୧୮ରୁ କାର୍ଯ୍ୟାଦେଶ ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଯାହାଦ୍ୱାରା ସରକାରଙ୍କ ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚିବାର ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଏହି ସବୁ ତଥ୍ୟକୁ ଆଧାର କରି ସ୍ଥାନୀୟ ଭାଜପା ନେତା ଓମ ପ୍ରକାଶ ମିଶ୍ର ବିଜେଡି ଉପରେ ବର୍ଷି ଥିଲେ। ଏହି ଖବରଦାତା ସମ୍ମିଳନୀରେ ୩୨ ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ୩୩ ନମ୍ବର ଜୋନର ସଭ୍ୟ ରତିକାନ୍ତ ମିଶ୍ର, ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଉମେଶ ପ୍ରଧାନ, କମଳାକାନ୍ତ ମିଶ୍ର, ନେତା ତ୍ରିଲୋଚନ ରଥ ଓ ପ୍ରେମାନନ୍ଦ ବେହେରାଙ୍କ ସହ ୧୩ ସରପଞ୍ଚ ଓ ୮ ସମିତି ସଭ୍ୟା ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଭାଜପାର ଏଭଳି ଅଭିଯୋଗକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଖଣ୍ଡନ କରିଛନ୍ତି। ସେ କହିଛନ୍ତି ସତ୍ୟବାଦୀରେ ଭାଜପାର କୌଣସି ଭିଜନ ନାହିଁ, କେବଳ ଆଗକୁ ନିର୍ବାଚନ ଆସୁଥିବାରୁ ଏଭଳି ନାଟକ ସେ କରିବେ। ଅନ୍ୟପଟେ ମେଗା ପାନୀୟ ଜଳ ପ୍ରକଳ୍ପ, ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହ ଅନ୍ୟ ସବୁ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସତ୍ୟବାଦୀ ପ୍ରଗତିରେ ଭାଜପା ବାଧକ ସାଜିଥିବା ବେଳେ ପ୍ରତେକ କାର୍ଯ୍ୟର ଜନସାଧାରଣଙ୍କୁ ଠିକ୍ ସୂଚନା ନ ଦେଇ ଭ୍ରମାତ୍ମକ ସୂଚନା ଦେଇ ସାଧାରଣ ଲୋକଙ୍କ ସମସ୍ୟାକୁ ଅଧିକ ବଢ଼ାଉଛି।


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ସୂଚନା ଦେଉଛନ୍ତି ।

## ୨ ପ୍ରକଳ୍ପର ଶିଳାନ୍ୟାସ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ସୋମବାର ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଚୌଦ୍ୱାର ପୌରପାଳିକା ଅଧୀନ ୫ନଂ. ୱାର୍ଡ ସଂଲଗ୍ନ ବିରୂପା ବାମପାର୍ଶ୍ୱ ପୋଟଳେଇଠାରୁ ୧୪ନଂ. ୱାର୍ଡ ମଣ୍ଡାପଡ଼ା ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରାଯାଇଛି। ସେହିପରି ୧୪ନଂ. ୱାର୍ଡସ୍ଥିତ ଦାଶରଥିପାଟଣା ପୁରୁଣା ଲଞ୍ଚ୍ ଘାଟଠାରୁ ଚାରିଘରିଆ ଛକ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ୧୪ନଂ. ୱାର୍ଡ କାଉନ୍ସିଲର ରଞ୍ଜୁଲତା ଦାସ, ୫ନଂ. ୱାର୍ଡ କାଉନ୍ସିଲର ସୁଜାତା ସାହୁ, ୧୩ନଂ. ୱାର୍ଡ କାଉନ୍ସିଲର ସୁଜାତା ସାହୁ, ରାଜ୍ୟ ବିଜେଡି ସମ୍ପାଦିକା ସବିତା ନାୟକ, ଭରତ ଚନ୍ଦ୍ର ସାହୁ, ପୂର୍ତ୍ତ ବିଭାଗର ଅଧିକାରୀ ବସନ୍ତ ବେହେରା, କନିଷ୍ଠଯନ୍ତ୍ରୀ ପ୍ରଦ୍ୟୁମ୍ନ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଟୋଲଗେଟ୍ କର୍ମଚାରୀ-ପର୍ଯ୍ୟଟକ ଗଣ୍ଡଗୋଳ

**ମହାନଦୀ ବ୍ରିଜ ନିକଟ ମୁଣ୍ଡଳୀ ଟୋଲ୍ ଗେଟ୍**

- ୨ ବସ୍ ଭଙ୍ଗାରୁଜା
- ଛତିଶଗଡ଼ରୁ ଆସିଥିଲେ
- ଉଭୟ ପକ୍ଷରୁ ୨୦ରୁ ଊର୍ଦ୍ଧ୍ୱ ଆହତ

ଆଠଗଡ଼,୨୩।୫(ସ୍ୱ.ପ୍ର.)


ଆହତମାନଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଉଛି।


ଗୁରୁତର ଯମୁନା କଶ୍ୟପ।

କଟକ ଜିଲା ଆଠଗଡ଼ ଥାନା ମୁଣ୍ଡଳୀ ମହାନଦୀ ବ୍ରିଜ ଟୋଲ ଗେଟ୍‌ରେ କର୍ମଚାରୀଙ୍କ ସହ ୨ ବସ୍ ଚାଳକ ଓ ପର୍ଯ୍ୟଟକଙ୍କ ଗଣ୍ଡଗୋଳ ହୋଇଛି। ଏଥିରେ ଉଭୟ ପକ୍ଷରୁ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଛତିଶଗଡ଼ର ୪ ଜଣ ମହିଳା ରହିଛନ୍ତି। ଆହତଙ୍କ ମଧ୍ୟରୁ ୫ ଜଣଙ୍କୁ ଗୁରୁତର ଅବସ୍ଥାରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ଯମୁନା କଶ୍ୟପ(୩୫)ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ତାଙ୍କ ହାତ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଅପରପକ୍ଷେ ଆହତଙ୍କ ମଧ୍ୟରେ ୪ ଜଣ ଟୋଲ ଗେଟ୍ କର୍ମଚାରୀ ରହିଛନ୍ତି। ଉଭୟ ବସ୍ ଭଙ୍ଗାରୁଜା ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଆଠଗଡ଼ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ପୋଲିସ ସୂଚନା ଅନୁଯାୟୀ, ଛତିଶଗଡ଼ର ମାଲଦା ଅଞ୍ଚଳରୁ ୨ଟି ବସ୍‌ରେ ୭୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ଛୋଟ ପିଲା ପୁରୀରୁ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସାରି ଫେରୁଥିଲେ। ମୁଣ୍ଡଳୀସ୍ଥିତ ଟୋଲ ଗେଟଠାରେ କର୍ମଚାରୀମାନେ ଉଭୟ ବସ୍‌ଠାରୁ ୧ହଜାର ଟଙ୍କା ଲେଖାଏ ଦାବି କରିଥିଲେ। ଏଥିପାଇଁ ବସ ଚାଳକଙ୍କ ସହ ସେମାନଙ୍କ ବଚସା ହୋଇଥିଲା। ଏହା ପରେ ଝଗଡାର ରୂପ ନେଇ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଖବରପାଇ ଆଠଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ସହ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### କଲ୍‌ଭର୍ଟ ତଳୁ ମୃତଦେହ ଜବତ

ଖୁଣ୍ଟୁଣୀ,୨୩।୫(ଡି.ଏନ୍.ଏ.): ଖୁଣ୍ଟୁଣୀ-ଘଣ୍ଟିଖାଲ ରାସ୍ତାର ବନଦୁର୍ଗା ଠାକୁରାଣୀ ନିକଟ ଏକ କଲ୍‌ଭର୍ଟ ତଳୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଖୁଣ୍ଟୁଣୀ ପୋଲିସ ଜବତ କରିଛି। ସେ ହେଲେ ଆଠଗଡ଼ ଥାନା ଅଧୀନ ମେଘାଦାସପୁର ଗ୍ରାମର ଧୀରେନ୍ଦ୍ର ବେହେରା(୫୦)। ସୋମବାର ପୂର୍ବାହ୍ନ ୧୦ଟାରେ ସେ ଏକ ମୋପେଡ୍‌ରେ ନୂଆ ଲୁଗା, ମିଠା ଓ ଅନ୍ୟ ସାମଗ୍ରୀ ନେଇ ଝିଅଘର ଖୁଣ୍ଟୁଣୀ ଥାନା ଅଧୀନ ମାଣତ୍ରି ଗ୍ରାମକୁ ଆସୁଥିଲେ। ବାଟରେ ଏକ ଗାଡ଼ି ଧକ୍କା ଦେବା ଫଳରେ ସେ କଲ୍‌ଭର୍ଟ ତଳକୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସକାଳେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନାକୁ ପଠାଇ ଦେଇଥିବା ଏସ୍‌ଆଇ ନରେନ୍ଦ୍ର କୁମାର ସାହୁ କହିଛନ୍ତି।

### ଅଗ୍ନିଶମ କେନ୍ଦ୍ର ପାଇଁ ଜାଗା ଚିହ୍ନଟ

କଟକ ସଦର,୨୩।୫(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାରଠାରେ ନୂତନ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ପାଇଁ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ମଙ୍ଗଳବାର ୪୨ ମୌଜା ଗସ୍ତରେ ଆସିଥିଲା। କଟକସ୍ଥିତ ଡେପୁଟି ଫାୟାର ଅଫିସର ସନାତନ ମହାପାତ୍ରଙ୍କ ନେତୃତ୍ୱରେ ଏହି କମିଟି ବିଭିନ୍ନ ସ୍ଥାନ ବୁଲିବା ପରେ ବେଣ୍ଟକାର ବଜାର ନିକଟରେ ଏକ ସ୍ଥାନକୁ ମନୋନୀତ କରିଥିଲା। କଟକ ସହର ମଧ୍ୟରେ ଥିବା ଅଗ୍ନିଶମ କେନ୍ଦ୍ରରୁ ଜରୁରୀ ସହାୟତା ତତ୍‌କ୍ଷଣାତ୍ ମିଳିପାରୁନାହିଁ। କାରଣ ରାସ୍ତା ସବୁବେଳେ ଭିଡ଼ ରହିବା ସହ ନୂଆବଜାର ଲେଭଲ କ୍ରସିଂ ବନ୍ଦ ରହୁଛି। ଫଳରେ ଜରୁରୀ ପରିସ୍ଥିତିରେ ଅଗ୍ନିଶମ ଗାଡ଼ି ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେଉଛି। ତେଣୁ ୪୨ ମୌଜାରେ ଏହି ଅଗ୍ନିଶମ କେନ୍ଦ୍ର ଖୋଲିବାର ଆବଶ୍ୟକତା ରହିଛି।

### ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

କଣ୍ଟାପଡ଼ା,୨୩।୫(ଡି.ଏନ୍.ଏ.): କଣ୍ଟାପଡ଼ା ବ୍ଲକ ଅଧୀନ ସାଇଲୋ ବଡ଼ବିଲସ୍ଥିତ ଗୋପବନ୍ଧୁ ବିଦ୍ୟାମନ୍ଦିରର ପୁରାତନ ଛାତ୍ର ସଂସଦ ପକ୍ଷରୁ ଆଗାମୀ ରଜ ମହୋତ୍ସବ ଓ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରିୟନାଥ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ର ସଂସଦର ପୁରାତନ ଛାତ୍ର ଓ ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ଯୋଗଦେଇ ଆଞ୍ଚଳିକ ରଜ ମହୋତ୍ସବ ଓ ରକ୍ତଦାନ ଶିବିର ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ଜୁନ୍ ୧୪ ତାରିଖ ରଜ ମହୋତ୍ସବର ପ୍ରଥମ ଦିନରେ ପୋଡ଼ପିଠା, ମୁରୁଜ ଓ ପୁଚି ପ୍ରତିଯୋଗିତା ଏବଂ ୧୫ ତାରିଖ ଦ୍ୱିତୀୟ ଦିନରେ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ୧୬ ତାରିଖ ଶେଷଦିନରେ ରକ୍ତଦାନ ଶିବିର ସହ କଣ୍ଟାପଡ଼ା ଓ ନିଆଳି ବ୍ଲକର ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ ପରୀକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯିବ। ଏଥିସହ ରଜ ମହୋତ୍ସବର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିଷ୍ଠିତ କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଛାତ୍ର ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

# ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ, ଉତ୍ତେଜନା

କଟକ ସଦର,୨୩।୫(ଡି.ଏନ୍.ଏ.)

କିଶନନଗର ତହସିଲ ପକ୍ଷରୁ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ସୋମବାର ଜବତ କରାଯାଇଥିଲା। କାରଣ ଟ୍ରାକ୍ଟର ଚାଳକଙ୍କ ପାଖରେ ‘କେ’ ଫର୍ମ ନ ଥିଲା। ୧ ଲକ୍ଷ ଟଙ୍କା ଜରିମାନା ଦେଲେ ଟ୍ରାକ୍ଟରକୁ ଛଡ଼ାଯିବ ବୋଲି କର୍ତ୍ତୃପକ୍ଷ କହିବାରୁ ମଙ୍ଗଳବାର ସକାଳେ ଉତ୍ତେଜନା ପ୍ରକାଶ ପାଇଥିଲା। କାରଣ ବାଲିଘାଟ ନିଲାମଧାରୀ ଅଧିକାଂଶ ସମୟରେ ଟ୍ରାକ୍ଟର ଚାଳକଙ୍କୁ ‘କେ’ ଫର୍ମ ଦେଉନାହାନ୍ତି। ଫଳରେ ଟଙ୍କା ଦେଇ ବାଲି ଆଣୁଥିଲେ ମଧ୍ୟ ତାହା ବେଆଇନ ବୋଲି ତହସିଲ କର୍ତ୍ତୃପକ୍ଷ କହୁଛନ୍ତି ଓ ଜରିମାନା ଆଦାୟ କରୁଛନ୍ତି। ପ୍ରତିଦିନ ବଡ଼ ବଡ଼ ଟ୍ରକ୍‌ରେ ବିନା ‘କେ’ ଫର୍ମରେ ବାହାରକୁ ବାଲି ଚାଲାଣ କରାଯାଉଥିବା ନେଇ କିଶନନଗର ଅଞ୍ଚଳର କେତେଜଣ ଜନସାଧାରଣ ତହସିଲଦାର ମଧୁସୂଦନ ନାୟକଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ କରିଥିଲେ। ମାନବିକତା ଦୃଷ୍ଟିରୁ ଜରିମାନା ଉପରେ ବିଚାର କରିବା ପାଇଁ ତହସିଲଦାରଙ୍କୁ ଅନୁରୋଧ କରି ବିଫଳ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଧବାର ଏହି ଦାବି ଉପରେ ବିଚାର କରାଯିବ ବୋଲି ତହସିଲଦାର ନାୟକ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ନିଖୋଜ ଯୁବତୀଙ୍କ ମୃତଦେହ ଜବତ ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

ଆଠଗଡ଼,୨୩।୫(ସ୍ୱ.ପ୍ର.)

ମୁଣ୍ଡଳୀ ବ୍ରିଜ୍‌ରୁ ମହାନଦୀକୁ ଡେଇଁ ନିଖୋଜ ଥିବା ଐଶ୍ୱର୍ଯ୍ୟା ପରିଜାଙ୍କ ମୃତଦେହ ମିଳିବା ପରେ ତାଙ୍କ ବାପା ଆଠଗଡ଼ ଥାନାରେ ଅଭିଯୋଗ କରିଥିଲେ। ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ଅଭିଯୋଗରେ ପୋଲିସ ଏକ ମାମଲା (ନଂ.୧୧୨/୨୩) ରୁଜୁ କରି ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ମଙ୍ଗଳବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଭୁବନେଶ୍ୱର ଇନ୍‌ଫୋସିସ ଥାନା ଅଞ୍ଚଳର ଆଶୁତୋଷ ସାହୁ(୨୮)। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏତଲା ଅନୁଯାୟୀ, ଐଶ୍ୱର୍ଯ୍ୟାଙ୍କ ସହ ଆଶୁତୋଷଙ୍କ ବିବାହ ଠିକ୍ ହୋଇଥିଲା। ହେଲେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ମନାନ୍ତର ହୋଇଥିଲା। ଏହି ଘଟଣାରେ ଝିଅର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ସୂଚନା ଅନୁଯାୟୀ, ଶନିବାର ଐଶ୍ୱର୍ଯ୍ୟା ନିଜ ସ୍କୁଟି ଯୋଗେ ମୁଣ୍ଡଳୀ ବ୍ରିଜ୍ ନିକଟକୁ ଆସି ସ୍ଥାନୀୟ ଏକ ମନ୍ଦିର ପାଖରେ ଗାଡ଼ି ରଖି ବ୍ରିଜ୍ ବାଡ଼ା ଉପରୁ ମହାନଦୀକୁ ଡେଇଁ ପଡିଥିଲେ। ସ୍ଥାନୀୟ ଲୋକେ ଏହାଦେଖି ଆଠଗଡ଼ ପୋଲିସରେ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳି ନ ଥିଲା। ସ୍କୁଟି ନମ୍ବରରୁ ଐଶ୍ୱର୍ଯ୍ୟାଙ୍କ ପରିଚୟ ମିଳିଥିଲା। ୨ ଦିନ ପରେ ଅର୍ଥାତ୍ ସୋମବାର ସକାଳୁ ଅନନ୍ତପୁର ଘାଟରୁ ଐଶ୍ୱର୍ଯ୍ୟାଙ୍କ ମୃତଦେହ ପୋଲିସ ଜବତ କରିଥିଲା।

# ୩ ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



୩ ଦଫା ଦାବି ନେଇ ମଙ୍ଗଳବାର ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

କଟକ ଅଫିସ, ୨୩।୫

ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ କଟକ ଜିଲା ପକ୍ଷରୁ ୩ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାପରେ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଦେଶରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତି ଗରିବ ଲୋକଙ୍କ ଘରେ ଉଜ୍ଜ୍ୱଳା ଗ୍ୟାସ୍ ଯୋଗାଇ ଦିଆଗଲା। ଫଳରେ ବହୁ କୋଟି ଲୋକ ଉପକୃତ ହେଲେ। ଓଡ଼ିଶାରେ ଏହି କାର୍ଯ୍ୟର ଦାୟିତ୍ୱ ଉଜ୍ଜ୍ୱଳା ଦିଦିମାନଙ୍କୁ ଦିଆଯାଇଥିଲା। ସେମାନେ ସରକାରଙ୍କ ଏହି ଯୋଜନାକୁ ସଫଳ କରିବା ଦିଗରେ କାର୍ଯ୍ୟ କରିଥିଲେ। ହେଲେ ସେମାନଙ୍କୁ କାର୍ଯ୍ୟ ଦେବା ସମୟରେ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା କାର୍ଯ୍ୟକାରୀ କରାଯାଉନାହିଁ। ଏଣୁ ସମସ୍ତ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା, ସାମାଜିକ ସୁରକ୍ଷା ସହ କର୍ମନିଯୁକ୍ତି ଯୋଜନାରେ କାମ ଯୋଗାଇଦେବା ଓ ପାରିଶ୍ରମିକ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘର ରାଜ୍ୟ ସଂଯୋଜିକା ବୀଣାପାଣି ବେହେରା, ଭାରତୀୟ ମଜଦୁର ସଂଘର ବରିଷ୍ଠ କର୍ମକର୍ତ୍ତା ବସନ୍ତ କୁମାର ସାହୁ, କଟକ ଜିଲା ସମ୍ପାଦକ ଭାଗୀରଥି ବେହେରା, ଜ୍ୟୋତ୍ସ୍ନାରାଣୀ ସିଂ, ମନୋରମା ଲେଙ୍କା ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।



କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ଜଗତପୁର ନିମପୁର ବସ୍ତିବାସିନ୍ଦାଙ୍କ ମୌଳିକ ସମସ୍ୟା ସମାଧାନ ଦାବି ନେଇ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ଶିକ୍ଷିତ ଅଞ୍ଚଳ ଅଧିକ ବିକଶିତ

ସାଲେପୁର,୨୩।୫(ଡି.ଏନ୍.ଏ.)

ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାଟ୍ରିକ୍ ପରୀକ୍ଷାରେ ଏ-୧ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଇଓ ଜଗବନ୍ଧୁ ଶତପଥୀ ସଭାପତିତ୍ୱ କରିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ଶିକ୍ଷିତ ଅଞ୍ଚଳ ଅଧିକ ବିକଶିତ ବୋଲି କହିଥିଲେ। ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ସମଗ୍ର ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସ୍ୱତନ୍ତ୍ର ଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ରଜନୀକାନ୍ତ ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତି, ଅତିରିକ୍ତ ଶିକ୍ଷାଧିକାରୀ ବିଳାସିନୀ ବାହିନୀପତି, ଅଶୋକ କୁମାର ପତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏ-୧ ଗ୍ରେଡ୍ ପାଇଥିବା ବ୍ଲକର ୩୧ଜଣ କୃତୀ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଓଇଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ରଶ୍ମିତା ନାୟକ ଓ ଧୃତିଦୀପା ପରିଜାଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ମେଡାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜାକି ଅମିନ୍ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବ୍ଲକ୍‌ର ନାନ୍ଦୋଳଗଡ଼ାଠାରେ ଅବସ୍ଥାପିତ ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସଫଳତା ହାସଲ କରିଥିବା ୩୨ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ‘ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଅ’



ବୈଠକରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଅନ୍ୟମାନେ।

**ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ**

ଫୁଲନଖରା,୨୩।୫(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ଜରିପଡ଼ାସ୍ଥିତ ଡିଭାଇନ ପ୍ୟାଲେସ୍‌ଠାରେ ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ବିଭୁଦତ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ଦଳକୁ ସୁଦୃଢ଼ କରିବା ସହ ବୁଥ୍ ସଶକ୍ତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କର୍ମୀମାନଙ୍କୁ କହିଥିଲେ। ଏଥିସହ ଆସନ୍ତା ୨୯ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ମହାସମ୍ପର୍କ ଅଭିଯାନ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ଘର ଘର ବୁଲି ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସାମଲ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଲୋକ ସଭା ପ୍ରଭାରୀ ପ୍ରତାପ ମିଶ୍ର, ସଂଯୋଜକ ସୁକାନ୍ତ ବିଶ୍ୱାଳ, ଦଳୀୟ ନେତା ନୟନ କିଶୋର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ଦଳବେହେରା, ଶୁଭ୍ରାଂଶୁ ମୋହନ ପାଢ଼ୀ, ଶାରଦା ପ୍ରଧାନ, ଚୌଧୁରୀ ହେମନ୍ତ ସାହୁ, ହୃଷୀକେଶ ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ଉପସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ ଶୋକ ପ୍ରସ୍ତାବ ଆଗତ କରିଥିବାବେଳେ ଜିଲା ସାଧାରଣ ସମ୍ପାଦକ ରାମ ନାରାୟଣ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ଆଲୋକ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଜୁନ୍ ୩୦ ସୁଦ୍ଧା ଆବେଦନ କରିପାରିବେ

**ଓଟିଏମ୍ ଶ୍ରମିକ, କର୍ମଚାରୀଙ୍କ ବକେୟା ପ୍ରାପ୍ୟ ପାଇବା ପ୍ରସଙ୍ଗ**

ଚୌଦ୍ୱାର/ମଙ୍ଗୁଳି-ଜଗତପୁର, ୨୩।୫(ଡି.ଏନ୍.ଏ.)

ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ ମିଲ୍(ଓଟିଏମ୍)ର ଶ୍ରମିକ ଓ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଜାରି ରହିଛି। ଆସନ୍ତା ଜୁନ୍ ୩୦ ତାରିଖ ସୁଦ୍ଧା ଶ୍ରମିକ ଓ କର୍ମଚାରୀମାନେ ବକେୟା ପ୍ରାପ୍ୟ ପାଇବାକୁ ଲିକ୍ୟୁଡେଟରଙ୍କ ନିକଟରେ ଆବେଦନ କରିବା ପାଇଁ ମଙ୍ଗଳବାର ଓଟିଏମ୍ ମୁଖ୍ୟ ଫାଟକ ନିକଟ ୟୁନିୟନ ଅଫିସ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଟିଏମ୍ ବଞ୍ଚାଅ ସଙ୍ଗଠନ ଓ ବିରାଟ ଜନ କଲ୍ୟାଣ ସମିତିର ଆବାହକ ଦୀପକ କୁମାର ବାରିକ ସୂଚନା ଦେଇଛନ୍ତି। ବକେୟା ପ୍ରାପ୍ୟ ପାଇବାକୁ ଥିବା ୪,୪୮୦ ଜଣ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରୁ ୩,୪୦୨ ଜଣ ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨,୭୬୦ ଜଣ ପ୍ରାପ୍ୟ ପାଇସାରିଛନ୍ତି। ଅବଶିଷ୍ଟ ୬୪୨ ଜଣ ବକେୟା ଅର୍ଥ ପାଇବେ। ଅପରପକ୍ଷରେ ୧,୦୭୮ ଜଣ ଶ୍ରମିକ ଓ କର୍ମଚାରୀ ଏପର୍ଯ୍ୟନ୍ତ ଆବେଦନ କରିନାହାନ୍ତି କି ସେମାନଙ୍କ ସ୍ଥାୟୀ ଠିକଣା ମିଳୁନାହିଁ। ସେମାନଙ୍କ ମଧ୍ୟରୁ ଲିକ୍ୟୁଡେଟର ୮୪୫ ଜଣଙ୍କୁ ଯେଉଁ ନୋଟିସ ଜାରି କରିଛନ୍ତି ସେଥିରେ ସେମାନଙ୍କ ନାମ ରହିଛି କିନ୍ତୁ ଠିକଣା ନାହିଁ। ଠିକଣା ନ ଥିବା ହେତୁ ସେମାନଙ୍କ ପାଖକୁ ନୋଟିସ ପଠାଇ ପାରୁନାହୁଁ । କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଯଦି ଜୁନ୍ ୩୦ ସୁଦ୍ଧା ଶ୍ରମିକ ଓ କର୍ମଚାରୀମାନେ ପ୍ରାପ୍ୟ ପାଇଁ ଆବେଦନ ନ କରନ୍ତି ତା’ହେଲେ ସେମାନେ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେବେ। ସେଥିପାଇଁ ସଙ୍ଗଠନ ପକ୍ଷରୁ ୩ଟି ମୋବାଇଲ ନମ୍ବର (୯୩୩୮୧୧୨୯୯୩,୯୮୬୧୦୯୩୭୫, ୯୮୬୧୭୦୯୩୮୯) ଜାରି କରାଯାଇଛି ବୋଲି ଆବାହକ ବାରିକ କହିଛନ୍ତି। ଏହି ସମ୍ମିଳନୀରେ ବିଭୁ ପ୍ରସାଦ ରଥ, ଦୁଲାଳସେନ ସ୍ୱାଇଁ, ରବୀନ୍ଦ୍ର ପାଲ, ଭାସ୍କର ଚନ୍ଦ୍ର ରାଉତରାୟ, ମହେଶ୍ୱର ଦଳେଇ, ବିଜୟ ସାହୁ, ନବକିଶୋର ଭୂୟାଁ, ସରୋଜ ବେହେରା, ଆଦିକନ୍ଦ ବିଶ୍ୱାଳଙ୍କ ସମେତ ଓଟିଏମ୍‌ର ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ।



ସମ୍ମିଳନୀରେ ବିରାଟ ଜନ କଲ୍ୟାଣ ସମିତିର ଆବାହକ ଦୀପକ ବାରିକଙ୍କ ସହ ଅନ୍ୟମାନେ।

# ଇଟାଭାଟି, ହୋଟେଲ, ଦୋକାନରେ ଚଢ଼ାଉ

- ମାଲିକଙ୍କଠାରୁ ଜରିମାନା ଆଦାୟ, ଇଟାଭାଟି ସିଲ୍
- ହୋଟେଲ, ଦୋକାନରେ ଖାଦ୍ୟର ମାନ ଯାଞ୍ଚ

କଟକ ଅଫିସ, ୨୩।୫


ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଏକ ଇଟାଭାଟିରେ ଚଢ଼ାଉ କରାଯାଉଛି।

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ, ନର୍ସିଂହୋମ୍ ଓ ଅନ୍ୟାନ୍ୟ ଦୋକାନରେ କିଛିଦିନ ହେବ ଚଢ଼ାଉ ଜାରି ରହିଛି। ଦୋକାନରେ ଥିବା ଖାଦ୍ୟର ମାନ ଯାଞ୍ଚ କରାଯାଉଛି। ବାସିଖାଦ୍ୟ ଥିବା ଜଣାପଡ଼ିବା ପରେ ତାହାକୁ ନଷ୍ଟ କରାଯାଉଛି। ଏଥିସହ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବା ସହିତ ତାଗିଦ୍ ମଧ୍ୟ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ କଟକର ସାର୍ତ୍ତୋଳ ମଲ୍ଲିକ ଲେନ୍‌ରେ ଥିବା ଏକ ଫ୍ଲାଏ ଆଶ୍ ଇଟାଭାଟିରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ଉକ୍ତ ଇଟାଭାଟିର ଲାଇସେନ୍ସ ନ ଥିବା ଜଣାପଡ଼ିଥିଲା। ଫଳରେ ମାଲିକଙ୍କ ନିକଟରୁ ଜରିମାନା ଆଦାୟ କରାଯିବା ସହ ଇଟାଭାଟିକୁ ସିଲ୍ କରାଯାଇଥିଲା। ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଦାଖଲ କରିବାକୁ ନୋଟିସ୍ ଜାରି କରାଯାଇଛି। ଉକ୍ତ ଇଟାଭାଟି ଜନବସତି ଅଞ୍ଚଳରେ ରହିଥିଲା। ସେଠାରୁ ନିର୍ଗତ ଧୂଆଁ ଯୋଗୁ ପରିବେଶ ପ୍ରଦୂଷିତ ହେଉଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ସିଏମ୍‌ସି ନିକଟରେ ଅଭିଯୋଗ କରିଥିଲେ। ଫଳରେ ସହକାରୀ କମିଶନର ତ୍ରିଶୂଳ ମାର୍ଦ୍ଦିଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ପ୍ରଫୁଲ୍ଲ ମଙ୍ଗଳ ଓ ସିଏମ୍‌ସିର ଦୁଇଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ସେହିପରି ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚୌଧୁରୀବଜାର, ନୟାସଡ଼କ, ଚାନ୍ଦିନୀଚୌକ ଅଞ୍ଚଳରେ ଥିବା ଏକାଧିକ ହୋଟେଲ ଓ ତେଜରାତି ଦୋକାନରେ ଚଢ଼ାଉ କରାଯାଇଥିଲା। ହୋଟେଲରେ ଖାଦ୍ୟର ମାନ, ଫୁଡ୍ ଲାଇସେନ୍ସ ସହିତ ଅନ୍ୟ କାଗଜପତ୍ର ଯାଞ୍ଚ କରାଯାଇଥିଲା। ସଦ୍ୟ ଓ ସତେଜ ଖାଦ୍ୟ ବିକ୍ରି ପାଇଁ ବ୍ୟବସାୟୀଙ୍କୁ ପରାମର୍ଶ ଦିଆଯିବା ସହିତ ବିକ୍ରି ପାଇଁ ଲାଇସେନ୍ସ କରିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ଗବେଷଣା ପଦ୍ଧତି ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୨୩।୫(ବ୍ୟୁରୋ)- ଉତ୍କଳ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ପକ୍ଷରୁ ଗବେଷଣା ପଦ୍ଧତି ସମ୍ପର୍କିତ ୧୫ଦିନିଆ କର୍ମଶାଳାର ଶୁଭାରମ୍ଭ ହୋଇଛି। ଡ.ଦୁର୍ଗାମାଧବ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଗଣେଶପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାର୍ଶନିକମାନେ ବ୍ୟବହାର କରିଥିବା ବିଭିନ୍ନ ପଦ୍ଧତି ଓ ଗବେଷଣା ପଦ୍ଧତିର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ବିଭାଗୀୟ ମୁଖ୍ୟ ଡ. ସରୋଜକାନ୍ତ କର, ସଂଯୋଜିକା ଡ. ନନ୍ଦିନୀ ମିଶ୍ର, ଅଧ୍ୟାପିକା ଡ. ପ୍ରଜ୍ଞା ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଅଧ୍ୟାପିକା ଅଧ୍ୟାପକ ଓ ଗବେଷକ ପ୍ରମୁଖ ଯୋଗଦେଇଥିଲେ।

### ଷ୍ଟାଣ୍ଡିଂ କମିଟି କାର୍ଯ୍ୟକାଳ ସରିଲା

**୨୫ରେ ଅଧକ୍ଷ, ସଦସ୍ୟ ନିର୍ବାଚନ**

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)- ବିଏମ୍‌ସି କର୍ପୋରେଶନ ଗତ ମାସରେ ବର୍ଷେ ପୂରଣ କରିଥିବାବେଳେ ସମସ୍ତ ଷ୍ଟାଣ୍ଡିଂ କମିଟିର କାର୍ଯ୍ୟକାଳ ସରିଛି। ବିଏମ୍‌ସିରେ ମୋଟ ୯ଟି ଷ୍ଟାଣ୍ଡିଂ କମିଟି ରହିଥିବାବେଳେ ପ୍ରତି କମିଟିର କାର୍ଯ୍ୟକାଳ ମାତ୍ର ଏକ ବର୍ଷ। ତେଣୁ ପୁରୁଣା କମିଟିର କାର୍ଯ୍ୟକାଳ ସରିବା ସହ ନୂତନ ଷ୍ଟାଣ୍ଡିଂ କମିଟି ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମେ' ୨୫ତାରିଖରେ ବିଏମ୍‌ସିର ସମସ୍ତ ୯ଟି ଷ୍ଟାଣ୍ଡିଂ କମିଟି ଅଧକ୍ଷ ଓ ସଦସ୍ୟ ନିର୍ବାଚନ ହେବ। ଏହା ପୂର୍ବରୁ ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ସମସ୍ତ ୬୭ କର୍ପୋରେଟରଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ବସିଥିଲା। ଶାନ୍ତିଶୃଙ୍ଖଳାର ସହ ଉଭୟ ଷ୍ଟାଣ୍ଡିଂ କମିଟି ନିର୍ବାଚନ ଓ କର୍ପୋରେଶନ ବୈଠକ ସମ୍ପନ୍ନ କରିବାକୁ ଉଦ୍ୟମ କରିବାକୁ ମେୟର ପରାମର୍ଶ ଦେଇଥିଲେ।

### ଶ୍ରୀଲିଙ୍ଗରାଜଙ୍କ ଶୀତଳ ଷଷ୍ଠୀ: ମଙ୍ଗନକୃତ୍ୟ ନୀତି ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,୨୩।୫(ଡି.ଏନ୍.ଏ.): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଅବସରରେ ମଙ୍ଗଳବାର ମଙ୍ଗନକୃତ୍ୟ ନୀତି ସମ୍ପନ୍ନ ହୋଇଛି। ଏହି ମଙ୍ଗନ ନୀତିରେ ଏକାମ୍ରରେ ଥିବା ମା' ମହନୀ, ରାମାୟଣୀ, କପାଳୀ, ଉତ୍ତରାୟଣୀ, ମା' ଗୌରୀ, ମା' ଅମ୍ବିକା, ବିନ୍ଧ୍ୟବାସିନୀଙ୍କ ଆଦି ଅଷ୍ଟଚଣ୍ଡୀଙ୍କୁ ପୂଜାପଣ୍ଡା ସେବକ ମହାର୍ଦ୍ଧ ସମର୍ପଣ କରି ଶ୍ରୀଲିଙ୍ଗରାଜଙ୍କ ବିବାହରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ। ଅନୁରୂପଭାବେ ଅଷ୍ଟଶମ୍ଭୁଙ୍କୁ ମଧ ନିମନ୍ତ୍ରଣ କରାଯାଇଥିଲା ବୋଲି ଲିଙ୍ଗରାଜ ପୂଜାପଣ୍ଡା କହିଛନ୍ତି।

# ଅଭିଯୁକ୍ତ ବାବିନାଙ୍କ ବ୍ୟବସାୟିକ ଆଡ୍ଡା ଭାଙ୍ଗିଲା ପୋଲିସ

**ଯୁବକଙ୍କୁ ଖଣ୍ଡା ଚୋଟ ମାମଲା**

- ଅପରାଧୀଙ୍କ ସହ ଖଟି କରୁଥିଲେ
- ବାବିନାଙ୍କ ନାମରେ ୫ରୁ ଊର୍ଦ୍ଧ୍ୱ ମାମଲା






ଭୁବନେଶ୍ୱର,୨୩।୫(ବ୍ୟୁରୋ)

ପୂର୍ବ ଶତ୍ରୁତାରୁ ନବଘନ ପାଙ୍ଗଶାଣୀ ଓରଫ ବାଙ୍କା ନାମକ ବ୍ୟକ୍ତିଙ୍କୁ ଖଣ୍ଡାରେ ଆକ୍ରମଣ ମାମଲାରେ ଖଣ୍ଡଗିରି ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି ମୁଖ୍ୟ ଅଭିଯୁକ୍ତ ବାବିନା ଓରଫ ଶଶାଙ୍କ ଶେଖର ବଳିଆରସିଂ। ତେବେ ଖୋଳତାଡ଼ ପରେ ପୋଲିସ ବାବିନାଙ୍କ ଆପରାଧିକ ସାମ୍ରାଜ୍ୟ ସମ୍ପର୍କରେ ବହୁ ତଥ୍ୟ ପାଇଛି। ବାବିନା ଖଣ୍ଡଗିରି ଥାନା ଅନ୍ତର୍ଗତ ତପୋବନ ଆଶ୍ରମ ନିକଟରେ ଏକ ସରକାରୀ ଜମିରେ କବାଡ଼ିଆ ଦୋକାନ ଖୋଲି ସେଠାରୁ ଆପରାଧିକ କାର୍ଯ୍ୟ ଜାରି ରଖିଥିଲେ। ତେଣୁ ପୋଲିସ ଟିମ୍ ମଙ୍ଗଳବାର ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସହାୟତାରେ ବାବିନାଙ୍କ ଉକ୍ତ ବ୍ୟବସାୟିକ ଆଡ୍ଡାକୁ ଡ୍ରୋଜର ସାହାଯ୍ୟରେ ମାଟିରେ ମିଶାଇଛି। ବାବିନାଙ୍କ ଘର ପୁରୀ ଜିଲା ବ୍ରହ୍ମପୁର ଅଞ୍ଚଳରେ ହୋଇଥିବାବେଳେ ସେ କିଛିବର୍ଷ ହେଲା ଭୁବନେଶ୍ୱରରେ ରହି ବ୍ୟବସାୟ କରୁଥିଲେ। ତାଙ୍କ ନାମରେ ପୁରୀର ବିଭିନ୍ନ ଥାନାରେ ୫ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ଏହି ମାମଲାରେ ହତ୍ୟା, ଆର୍ମସ ଆକ୍ଟ, ଲୁଟ୍ ଆଦି ରହିଛି। ତେବେ ବାବିନା ତାଙ୍କ ବ୍ୟବସାୟିକ ସ୍ଥଳରେ ସ୍ଥାନୀୟ ଅପରାଧୀଙ୍କ ସହ ମିଶି ଖଟି କରୁଥିଲେ। ଏପରିକି ସେଠାରୁ ଅପରାଧ କରିବାକୁ ଯୋଜନା କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସୂଚନାନୁସାରେ, ଗତ ୧୮ ତାରିଖ ସକାଳେ ବରମୁଣ୍ଡା ଅଞ୍ଚଳର ନବଘନ ନାକାଗେଟ୍ ପଟୁ ଖଣ୍ଡଗିରି ଅଭିମୁଖେ ଯାଉଥିବା ସମୟରେ ଅଭିଯୁକ୍ତ ବାବିନା ଓ ତାଙ୍କ ସହଯୋଗୀ ଖଣ୍ଡା ଧରି ଦୁଇଟି ମୋଟରସାଇକେଲରେ ତାଙ୍କର ପିଛା କରିଥିଲେ। ପରେ ନବଘନ ଖଣ୍ଡଗିରି ଛକ ନିକଟ ଏକ ଦୋକାନରେ ଚା' ପିଉଥିବାବେଳେ ଶଶାଙ୍କ ଶେଖର ଓ ଅନ୍ୟ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ନବଘନ ଗୁରୁତର ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୧୭/୨୦୨୩) ରୁଜୁ କରି ବାବିନାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା।

# ଧାର୍ଯ୍ୟ ସମୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରି ଲୋକଙ୍କ ଆସ୍ଥାଭାଜନ ହେଉ ଓସିସି: ମନ୍ତ୍ରୀ

**ଓଡିଶା ନିର୍ମାଣ ନିଗମ ଲିଃ.ର ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର, ୨୩।୫(ବ୍ୟୁରୋ)

ଓଡିଶା ନିର୍ମାଣ ନିଗମ ୧୯୬୨ ମେ ୨୨ ତାରିଖରେ ସ୍ଥାପିତ ହୋଇଥିଲା। ୬୧ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା ଓସିସିଏଲ୍ ବର୍ତ୍ତମାନ ସରକାରଙ୍କ ପରିଚାଳନାଧୀନ ଏକ ଅଗ୍ରଣୀ ନିର୍ମାଣକାରୀ ସଂସ୍ଥାଭାବେ ଓଡ଼ିଶାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରି ଏହାର ଉତ୍କର୍ଷ ପ୍ରତିପାଦନ କରିଛି। ଓସିସି ଜଳସମ୍ପଦ ବିଭାଗ ସମେତ ରାଜ୍ୟ ସରକାରଙ୍କ ୯ଟି ବିଭାଗର ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଛି। ଓସିସି କରୁଥିବା ବିଭିନ୍ନ କାର୍ଯ୍ୟକୁ ଠିକ୍ ଭାବେ ସାରିବା ପାଇଁ ଜନସାଧାରଣ ଯେଉଁ ଆଶା ରଖୁଛନ୍ତି, '୫-ଟି' ଉପକ୍ରମ ଆଧାରରେ ଦଳଗତ ପ୍ରଚେଷ୍ଟା ଏବଂ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ, ଓସିସିଏଲ୍ ତାହାକୁ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରି ଜନସାଧାରଣଙ୍କର ଅଧିକରୁ ଅଧିକ ଆସ୍ଥାଭାଜନ ହେଉ ବୋଲି ମନ୍ତ୍ରୀ ଟୁକୁନି ସାହୁ ପ୍ରକାଶ କରିଛନ୍ତି। ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ଓଡିଶା ନିର୍ମାଣ ନିଗମ ଲିଃ ୬୧ତମ ସ୍ୱନକ୍ଷତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ ପୂର୍ବକ ମନ୍ତ୍ରୀ ସାହୁ ଏହା କହିଛନ୍ତି। ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ଯୋଗଦେଇ କହିଛନ୍ତି ଯେ, ଓସିସି ଦ୍ୱାରା ଜଳ ସମ୍ପଦ ବିଭାଗ ଅଧିକ କାର୍ଯ୍ୟ କରୁଛି। ଆସନ୍ତା ୨୦୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ ହେବ। ସେହିପରି ୨୦୪୭ରେ ଦେଶ ସ୍ୱାଧୀନ ହେବାର ଶତ ବାର୍ଷିକ ପୂର୍ତ୍ତି ଅବସରରେ ଓଡିଶାର ବିକାଶକୁ ଲକ୍ଷ୍ୟ ରଖି ଓସିସି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରୁଛି। ସବୁ କାର୍ଯ୍ୟର ତଥ୍ୟ ଠିକ୍ ଭାବେ ରଖିବା ସହିତ ବିଭିନ୍ନ କ୍ଷେତ୍ରରେ ରୂପାନ୍ତରଣକୁ ଦୃଷ୍ଟି ଦେଇ ଓସିସି ଏହାର କାର୍ଯ୍ୟରେ ଗୁଣବତ୍ତା ବଜାୟ ରଖି ନିର୍ମାଣ କ୍ଷେତ୍ରରେ ଶ୍ରେଷ୍ଠ ଅନୁଷ୍ଠାନ ଭାବେ ସବୁଠି ସୁନାମ ଅର୍ଜନ କରୁ ବୋଲି ଗର୍ଗ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି ଯୋଗଦେଇ କହିଛନ୍ତି, କର୍ମଚାରୀମାନେ ଆଗାମୀ ଦିନରେ ଅଧିକ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରନ୍ତୁ। ଏହି ଅବସରରେ ଓସିସିର ନିର୍ମାଣ କାର୍ଯ୍ୟାବଳୀ ସମ୍ପର୍କିତ ଏକ ପୁସ୍ତିକା ଏବଂ '୬୧ ବର୍ଷର ଶ୍ରେଷ୍ଠତା ଓ ଆଗକୁ ବଢ଼ିବା' ଶୀର୍ଷକ ବାର୍ଷିକ ମୁଖପତ୍ର ଉନ୍ମୋଚିତ ହୋଇଛି।

# ଶିବାଜୀ ପଟ୍ଟନାୟକ ସ୍ମୃତି ପ୍ଲାଜାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ




ସିପିଆଇ (ଏମ୍) କାର୍ଯ୍ୟାଳୟ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିବାଜୀ ପଟ୍ଟନାୟକ ସ୍ମୃତିପ୍ଲାଜାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଭୁବନେଶ୍ୱର,୨୩।୫(ବ୍ୟୁରୋ)

ଭେଟେରାନ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଶିବାଜୀ ପଟ୍ଟନାୟକଙ୍କ ପ୍ରଥମ ମୃତ୍ୟୁବାର୍ଷିକୀ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିବାଜୀ ପଟ୍ଟନାୟକ ସ୍ମୃତିପ୍ଲାଜାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜୟଦେବ ବିହାରସ୍ଥିତ ସିପିଆଇ (ଏମ୍) କାର୍ଯ୍ୟାଳୟ ନିକଟରେ ୬୧୫ ବର୍ଗ ମିଟର ଜମିରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ଏହାର ନିର୍ମାଣ କରାଯିବ। ଶ୍ରମିକ ଶ୍ରେଣୀର ଉନ୍ନତି ଦିଗରେ ସ୍ୱର୍ଗତ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏହି କୋଠା ସ୍ଥାପନ କରାଯାଉଛି। ଏହାର ଇନ୍‌ଡୋର ଓ ଆଉଟ୍‌ଡୋର ଡିଜାଇନ ବିଡିଏ ଦ୍ୱାରା ଜାରି କରାଯାଇଛି। ଜୟଦେବବିହାର ଭଳି ଏକ ବ୍ୟସ୍ତ ବହୁଳ ବାଣିଜ୍ୟିକ ଅଞ୍ଚଳରେ ଏହି ପ୍ଲାଜା ରହିବା ଫଳରେ ଅଞ୍ଚଳରେ ଥିବା ଅବହେଳିତ ସର୍ବସାଧାରଣ ସ୍ଥାନ ତଥା ସହରାଞ୍ଚଳ ଶୂନ୍ୟସ୍ଥାନକୁ ଏକ ଜୀବନ୍ତ ରୂପ ଦେବ। ଏଥିରେ ବିଭିନ୍ନ ବୈଶିଷ୍ଟ୍ୟ ତଥା ସୁବିଧା, ଗତିବିଧି କରିଡର ଏବଂ ଇଣ୍ଟରାକ୍ଟିଭ ଡିସ୍‌ପ୍ଲେ ରହିବ ଯାହା ଶିବାଜୀ ପଟ୍ଟନାୟକଙ୍କ ଜୀବନ, ସଫଳତା ସହ କିସାନ ଆନ୍ଦୋଳନ, ଖେତ ମଜଦୁର ୟୁନିଅନ, ରାଜ୍ୟରେ ଟ୍ରେଡ୍ ୟୁନିଅନ ଆନ୍ଦୋଳନ ଏବଂ ସମାଜର ଉନ୍ନତି ପାଇଁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପ୍ରଦର୍ଶନ କରାଯିବ। ପ୍ଲାଜାର ପାରିପାର୍ଶ୍ୱିକ ୭୦% ଅଂଶକୁ ଖୋଲାସ୍ଥାନ ରଖାଯିବା ସହ ଏହାର ବିକାଶ କରାଯିବ ବୋଲି ସୂଚନା ଦିଆଯାଇଛି। ସମାରୋହରେ ୫-ଟି ସଚିବ ଭି. କେ. ପାଣ୍ଡିଆନ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ସମେତ ବିଡିଏ ଅଧିକାରୀ, ସିପିଆଇ (ଏମ)ର ନେତୃବୃନ୍ଦ, ସଦସ୍ୟ ଓ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ୩ ଲକ୍ଷ ଟଙ୍କା ଓ ସ୍କୁଟି ଫେରାଉ ନ ଥିବା ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୫(ବ୍ୟୁରୋ)

୩ ଲକ୍ଷ ଟଙ୍କା ଓ ଏକ ସ୍କୁଟି ନେଇ ଧରାଛୁଆଁ ଦେଉ ନ ଥିବା ଜଣେ ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼ ଗ୍ରାମର ରାମକୃଷ୍ଣ ପଣ୍ଡା (୩୦)। ତାଙ୍କଠାରୁ ଚୋରି ସ୍କୁଟିକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ସଞ୍ଜିତ କୁମାର ମହାନ୍ତି କନ୍‌ଷ୍ଟ୍ରକ୍ସନ୍ ବ୍ୟବସାୟ କରନ୍ତି। ଅଭିଯୁକ୍ତ ରାମକୃଷ୍ଣ ୩ବର୍ଷ ହେବ ରଞ୍ଜିତଙ୍କ ପାଖରେ କାମ କରୁଥିଲେ। ଏହାମଧ୍ୟରେ ରଞ୍ଜିତଙ୍କଠାରୁ ରାମକୃଷ୍ଣ ପ୍ରାୟ ୩ ଲକ୍ଷ ଟଙ୍କା ଧାର ନେଇ ଧରାଛୁଆଁ ଦେଉ ନ ଥିଲେ। ଏପରିକି ଶହୀଦନଗର ଅଞ୍ଚଳରେ ଗତ ଜାନୁୟାରୀ ୭ରେ ରଞ୍ଜିତଙ୍କଠାରୁ ତାଙ୍କ ସ୍କୁଟି ନେଇ ଟଙ୍କା ଆଣୁଛି ବୋଲି କହି ଗାଁକୁ ପଳାଇଥିଲେ। ସେବେଠୁ ରାମକୃଷ୍ଣ ସ୍କୁଟି କିମ୍ବା ଧାର ଟଙ୍କା ଫେରାଉ ନ ଥିଲେ। ଏନେଇ ରଞ୍ଜିତଙ୍କ ଏତାଲକ୍ରମେ ପୋଲିସ ଗତ ୧୧ ତାରିଖରେ ଆଇପିସି ଦଫା ୩୭୯ରେ ଏକ ମାମଲା (ନଂ.୧୮୧/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ରାମକୃଷ୍ଣଙ୍କୁ ତାଙ୍କ ଗାଁରୁ କାବୁ କରିଥିଲା।

# 'ଏ ବୋରିଂ ଷ୍ଟୋରି' ମଞ୍ଚସ୍ଥ



ଭୁବନେଶ୍ୱର,୨୩।୫(ବ୍ୟୁରୋ)

ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ୫ ଦିନିଆ ପଞ୍ଚମ ଜାତୀୟ ନାଟ୍ୟ ମହୋତ୍ସବର ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ନାଟକ 'ଏ ବୋରିଂ ଷ୍ଟୋରି' ମଞ୍ଚସ୍ଥ ହୋଇଯାଇଛି। ନାଟକର ରଚନା ଆଣ୍ଟୋନୀ ଚେକୋଭ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ବାହରୁଲ୍ ଇସ୍‌ଲାମ। ବିଭିନ୍ନ ଭୂମିକାରେ ଅଛନ୍ତିବାହାରୁଲ, ନିର୍ମଳୀ, ମୋନିକା, ପ୍ରଶାନ୍ତ ଏବଂ ପ୍ରାଣ। ଜଣେ ବୟସ୍କ ପ୍ରଫେସର ଓ ଅଭିନେତ୍ରୀ ହେବାକୁ ଇଚ୍ଛା ରଖିଥିବା ଯୁବତୀଙ୍କ ମଧ୍ୟରେ ପ୍ରେମ ହୁଏ। ଯୁବତୀ ଜଣକ ସଫଳ ଅଭିନେତ୍ରୀ ହେବା ପାଇଁ ନିଜର ଚେଷ୍ଟା ଜାରି ରଖିଥିବାବେଳେ ବୟସ୍କ ପ୍ରଫେସର ମୃତ୍ୟୁକୁ ସାମ୍ନା କରିବାର ବିଭିନ୍ନ ଉପାୟ ବିଷୟରେ ସର୍ବଦା ଚିନ୍ତା କରିବାରେ ଲାଗିଥାଆନ୍ତି। ସେମାନଙ୍କ ମଧ୍ୟରେ ଥିବା ଏହି ଭିନ୍ନତା ଓ ଅବସାଦ ପଣିଆରୁ ପରସ୍ପରକୁ ବଞ୍ଚାଇବା ପାଇଁ ସେ ଦୁଇଜଣ ସଦାସର୍ବଦା ଚେଷ୍ଟା କରିଥାନ୍ତି। ଏଭଳି କାହାଣୀକୁ ନେଇ ଗତିଶୀଳ ହୋଇଥିବା ନାଟକଟି ସମାଜକୁ ଭିନ୍ନ ବାର୍ତ୍ତା ଦେଇଛି। ସନ୍ଧ୍ୟାରେ ଅତିଥିଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍‌ର କର୍ପୋରେଟ ମୁଖ୍ୟ ସୁଧିରଞ୍ଜନ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ସମର ମୁଦୁଲି, ସମାଜର ବରିଷ୍ଠ ସହ ସମ୍ପାଦକ ଗୋପୀନାଥ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସମୀର ମହାପାତ୍ର ଓ ସାମ୍ବାଦିକ ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ସଭାପତି ସୁଧାକର ପତ୍ରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଶୁଭାକାନ୍ତ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ଏମ୍‌ପି ଶିବାଜୀ ପଟ୍ଟନାୟକଙ୍କ ପ୍ରଥମ ମୃତ୍ୟୁବାର୍ଷିକୀ ପାଳନ ଅବସରରେ ମଙ୍ଗଳବାର ଶିବାଜୀ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଆୟୋଜିତ 'ନବ୍ୟ ଉଦାରବାଦ ଓ ନବ୍ୟ ଫାସିବାଦ' ଶୀର୍ଷକ ରାଜ୍ୟସ୍ତରୀୟ ସ୍ମାରକୀ ବକ୍ତୃତାରେ ଯୋଗଦେଇଥିବା ଅତିଥିମାନେ।




ଭୁବନେଶ୍ୱର ସୂଚନା ଭବନରେ ମଙ୍ଗଳବାର ଅନୁଷ୍ଠିତ ଶିବାଜୀ ପଟ୍ଟନାୟକଙ୍କ ପ୍ରଥମ ମୃତ୍ୟୁବାର୍ଷିକୀ ସ୍ମୃତିସଭାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ପୂର୍ବତନ ଏମ୍‌ପି ବ୍ରଜକିଶୋର ତ୍ରିପାଠୀ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଏନ୍. ମୁନିଙ୍କ ସୁଆଦିଆ ନନ୍‌ଭେଜ୍ ଆଚାର

ଭୁବନେଶ୍ୱର,୨୩।୫(ବ୍ୟୁରୋ)





- ମଟନ୍, କଙ୍କଡ଼ା ଆଚାର କେଜି ୧୬ଶହ
- ଚିଙ୍ଗୁଡ଼ି ଓ ଭାକୁର ଆଚାର କେଜି ୧ ହଜାର ଟଙ୍କା
- ଚିକେନ ଆଚାର ଦାମ୍ ୬୫୦ ଟଙ୍କା
- ଅଣ୍ଡା ଆଚାର ଗୋଟା ୩୫ ଟଙ୍କା

ଓଡ଼ିଆଙ୍କ ବିଭିନ୍ନ ଖାଦ୍ୟ ମଧ୍ୟରେ ଆଚାରର ସ୍ଥାନ ସ୍ୱତନ୍ତ୍ର। ଆଚାର ଦେଖିଲେ ଅନେକଙ୍କର ପାଟିରୁ ଲାଳ ବି ବୋହିଥାଏ। ଆମ୍ବ ଆଚାର, ଲଙ୍କା ଆଚାର, କରମଙ୍ଗା ଆଚାର, ଲେମ୍ବୁ ଆଚାର, କୋଳି ଆଚାର, ମିକ୍ସ ଆଚାର ଭଳି ବିଭିନ୍ନ ପ୍ରକାର ଆଚାର ବଜାରରେ ଉପଲବ୍ଧ ହେଉଛି। ଏସବୁ ସାଧାରଣତଃ ଭେଜ୍। ମାତ୍ର ନନଭେଜ୍ ଆଚାର ବିଷୟରେ ଶୁଣିଲେ ନିଶ୍ଚିତ ଆଶ୍ଚର୍ଯ୍ୟ ଲାଗିବ। ହେଲେ ଏନ୍. ମୁନି ନାମ୍ନୀ ଜଣେ ମହିଳା ପ୍ରାୟ ୬ ପ୍ରକାର ନନଭେଜ୍ ଆଚାର ପ୍ରସ୍ତୁତ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ନନ୍‌ଭେଜ୍ ଆଚାର ମଧ୍ୟରେ ରହିଛି ମଟନ୍ ଆଚାର, ଚିକେନ ଆଚାର, ଚିଙ୍ଗୁଡ଼ି ଆଚାର, ଭାକୁର ଆଚାର, ଅଣ୍ଡା ଆଚାର ଓ କଙ୍କଡ଼ା ଆଚାର। ଭୁବନେଶ୍ୱର ଖାରବେଳନଗର ପିଏଚ୍‌ଡି କ୍ୟାମ୍ପସରେ ରହୁଥିବା ଏନ୍. ମୁନି ୧୭ ପ୍ରକାର ଭେଜ୍ ଆଚାର ସହ ଏହିସବୁ ନନଭେଜ୍ ଆଚାର ମଧ ପ୍ରସ୍ତୁତ କରୁଛନ୍ତି। ତାଙ୍କ ଆଚାରର ବେଶ୍ ଚାହିଦା ରହିଥିବାବେଳେ ନନ୍‌ଭେଜ୍ ଆଚାର ତାଙ୍କୁ ନିଆରା ପରିଚୟ ଦେଇଛି। ମଟନ୍, କଙ୍କଡ଼ା ଆଚାର କେଜି ୧୬ଶହ ରହିଥିବାବେଳେ ଚିଙ୍ଗୁଡ଼ି ଓ ଭାକୁର ଆଚାର ଦର ୧ ହଜାର ଟଙ୍କା ଓ ଚିକେନ ଆଚାର ଦାମ ୬୫୦ ଟଙ୍କା ରହିଛି। ସେହିଭଳି ଅଣ୍ଡା ଆଚାର ଗୋଟିଏର ଦାମ୍ ୩୫ ଟଙ୍କା ରହିଛି। ତେବେ ଚିଙ୍ଗୁଡ଼ି, ମାଛ, ଚିକେନ, ଅଣ୍ଡା ଆଚାର ସବୁବେଳେ ଉପଲବ୍ଧ ହେଉଥିବାବେଳେ ଗ୍ରାହକ ବରାଦ ଦେଲେ ହିଁ ସେ ମଟନ ଓ କଙ୍କଡ଼ା ଆଚାର ତିଆରି କରିଥାନ୍ତି। ପାଟିକୁ ଅତି ସୁଆଦିଆ ଲାଗୁଥିବା ଏହି ଆଚାର ପ୍ରାୟ ସପ୍ତାହ ଯାଏ ରଖିହେବ। ହାତଡ଼ିଙ୍କ ସାହାଯ୍ୟରେ ପ୍ରସ୍ତୁତ ମସଲା ଓ ସୋରିଷ ତେଲ ବ୍ୟବହାର କରି ସେ ଏହି ଆଚାର ପ୍ରସ୍ତୁତ କରୁଛନ୍ତି।

ସେହିଭଳି ଏନ୍. ମୁନିଙ୍କ ଭେଜ୍ ଆଚାରର ମଧ ଚାହିଦା କିଛି କମ୍ ନୁହେଁ। କଲରା, ସଜନାଛୁଇଁ, ବରକୋଳି, ଶାଗ, ଟମାଟୋ, ନବରତ୍ନ, ବନ୍ଧାକୋବି, ଫୁଲକୋବି, ଅଦା, ଅଁଳା, ରସୁଣ, ଲଙ୍କା, ପଣସ, ଖଟା ପାଳଙ୍ଗ, ବାଇଗଣ, ଶିମ୍ବ, ଆମ୍ବ ଆଦି ବ୍ୟବହାର କରି ସେ ଖଟାମିଠା ଆଚାର ପ୍ରସ୍ତୁତ କରନ୍ତି। ଅନ୍ୟାନ୍ୟ ମସଲା ସହ ଲେମ୍ବୁ ଓ ବାଦାମ ତେଲର ପାଗରେ ହିଁ ଆଚାର ସଂରକ୍ଷିତ ରହିଥାଏ। ଏହି ଭେଜ୍ ଆଚାରଗୁଡ଼ିକ ପ୍ରାୟ ବର୍ଷେ ପର୍ଯ୍ୟନ୍ତ ଖାଦ୍ୟ ଭାବେ ବ୍ୟବହାର କରିହେବ। ଏଥିପାଇଁ କୌଣସି କେମିକାଲ ବ୍ୟବହାର କରୁ ନ ଥିବା ଏନ୍. ମୁନି କହିଛନ୍ତି।

ଆଇଗିଣିଆ କସ୍‌ମୋପଲିସ୍ ନିକଟରେ ଗତ କିଛିଦିନ ତଳେ ଖୋଲିଥିବା ଭେଣ୍ଡିଂ ଜୋନ୍‌ରେ ସେ ଦୋକାନ ଖୋଲି ଏସବୁ ଆଚାର ବିକ୍ରି କରୁଛନ୍ତି। ମା' ବୈଷ୍ଣବୀ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସେ ଏହି ଦୋକାନ ପାଇଛନ୍ତି। ସ୍ୱାମୀ ଏନ୍. କାଳିଦାସ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଏକ ପାନଦୋକାନ ଦେଇଥିବାବେଳେ ଆଚାର ପ୍ରସ୍ତୁତିରେ ମଧ ସହଯୋଗ କରନ୍ତି। ବିବାହ ପରେ ଆନ୍ଧ୍ରପ୍ରଦେଶରେ ରହିବା ସମୟରେ ସେ ଏହିସବୁ ଆଚାର କରିବା ଶିଖିଥିଲେ। ଭୁବନେଶ୍ୱରକୁ ଆସିବା ପରେ ସେ କେବଳ ଭେଜ୍ ଆଚାର ପ୍ରସ୍ତୁତ କରୁଥିଲେ। ପରେ ବାହାରୁ ଆସି ହଷ୍ଟେଲରେ ରହୁଥିବା ପିଲାଙ୍କ ପାଇଁ ସେ ଏହି ନନଭେଜ୍ ଆଚାର କରିବା ଆରମ୍ଭ କରିଥିଲେ। ତେବେ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ସେ ଏହି ବ୍ୟବସାୟକୁ ଆଗକୁ ବଢ଼ାଇବାକୁ ମନ ବଳାଇଛନ୍ତି। ବିଭିନ୍ନ ମେଳା ମହୋତ୍ସବରେ ସେ ଆଚାର ଷ୍ଟଲ୍ ଲଗାଇ ଭଲ ରୋଜଗାର କରୁଥିବା କହିଛନ୍ତି।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର, ବାଇକ୍ ଜବତ: ଯୁବକ ଗିରଫ



ଖୋର୍ଦ୍ଧା ଅଫିସ,୨୩ା୫: ଖୋର୍ଦ୍ଧାରେ ଦିନକୁ ଦିନ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ପୋଲିସ, ଏସ୍‌ଟିଏଫ୍ ଏବଂ ଅବକାରୀ ବିଭାଗ ପକ୍ଷରୁ ପୃଥକ ଭାବେ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ମଙ୍ଗଳବାର ଜିଲା ଅବକାରୀ ମୋବାଇଲ ୟୁନିଟ୍ ୨୪ଗ୍ରାମ ବ୍ରାଉନସୁଗାର ସହ ପଲସର (ଓଡି-୦୨-ବିଏକ୍ସ-୦୧୬୫) ଜବତ କରିଥିବା ବେଳେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଟାଉନ ଥାନା ଅନ୍ତର୍ଗତ ପଲ୍ଲୀ କୋଣାର୍କ ନଗରର ଅଂଶୁମୋଚନ ଦାସ(୧୯)। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୪୦ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା(ନଂ.୧୬/୨୩) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ପ୍ରକାରେ, ମଙ୍ଗଳବାର ସକାଳ ୯ଟାରେ କୌଣସି ସୂତ୍ରରୁ ଖବରପାଇ ମୋବାଇଲ ୟୁନିଟ ଇନ୍‌ସ୍ପେକ୍ଟର ନିଳିମା ଜୟନ୍ତୀ ସ୍ୱାଇଁ, ଏସ୍‌ଆଇ ବି. ମନୋଜ କୁମାରଙ୍କ ସହ ଏକ ଟିମ୍ ଠେଙ୍ଗାହାଟ ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ସେଠାରେ ଛକରେ ଅଂଶୁମୋଚନ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ଟିମ୍ ତାଙ୍କୁ ସନ୍ଦେହରେ ପଚରାଉଚୁରା ବେଳେ ବ୍ରାଉନସୁଗାର ଧରାପଡିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରିବା ସହ ବ୍ରାଉନ୍‌ସୁଗାର ଓ ବାଇକ୍ ଜବତ କରିଥିଲା।

### ରାଉତପଡ଼ାରେ ମଦ ମୁକ୍ତି ଅଭିଯାନ

**ବେଗୁନିଆ,୨୩ା୫(ଡି.ଏନ୍.ଏ.):** ବେଗୁନିଆ ଥାନା ଅନ୍ତର୍ଗତ ରାଉତପଡ଼ା ଗ୍ରାମସ୍ଥିତ ଶୀତଳଷଷ୍ଠୀ ଯାତ୍ରା ପଡ଼ିଆରେ ମଙ୍ଗଳବାର ମଦ ମୁକ୍ତି ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଭିକାରୀ ଚରଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବେଗୁନିଆ ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ପା ଯୋଗଦେଇଥିଲେ। ବକ୍ତାଭାବେ ବେଗୁନିଆ ଥାନା ଉପନିରୀକ୍ଷକ ମାଧବାନନ୍ଦ ବସ୍ତିଆ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ଦାସ, ସମିତିସଭ୍ୟା ପୁଷ୍ପଲତା ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ମଦ ନେଉଛି ଜୀବନ। ଦୈନନ୍ଦିନ ଦୁର୍ଘଟଣା ଓ ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହେଉଥିବାର ପ୍ରମୁଖ କାରଣ ହେଉଛି ମଦ। ମଦ ସହିତ ଧୂମ୍ରପାନ ସେବନକୁ ନାଁ କରିବା ଜରୁରୀ। ସଚେତନ ନାଗରିକଭାବେ ସଭିଏଁ ସଙ୍କଳ୍ପ କରିବା ରାଉତପଡା ଗ୍ରାମକୁ କିଭଳି ସରସ ସୁନ୍ଦର କରିବା ସହ ମଦ ମୁକ୍ତ ଗାଁ ଗଠନ କରିବାରେ ସଫଳତା ହାସଲ କରିବା ପାଇଁ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ ବ୍ରହ୍ମା, ମଧୁସୂଦନ ଦାସ, ଗଦାଧର ସାହୁ, ପ୍ରଶାନ୍ତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଶହୀଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନାର ଶୁଭାରମ୍ଭ

**ବାଲୁଗାଁ,୨୩ା୫(ଡି.ଏନ୍.ଏ.)**

- ୨୭୬ ଡଙ୍ଗା ମାଲିକଙ୍କୁ ଜୀବନ ରକ୍ଷାକାରୀ ସରଞ୍ଜାମ ପ୍ରଦାନ
- ଜେଟିଗୁଡ଼ିକରେ ଲାଗିବ ସିସିଟିଭି

ଜଳଯାତ୍ରାରେ ପର୍ଯ୍ୟଟକ ତଥା ଯାତ୍ରୀଙ୍କ ସୁରକ୍ଷା ନିମିତ୍ତ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଶହୀଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାଲୁଗାଁ ନିକଟ ବଡ଼କୂଳ ପାନ୍ଥନିବାସଠାରେ ଆୟୋଜିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ମନ୍ତ୍ରୀ ଟୁକୁନି ସାହୁ। ଗୋଟିଏ ଡଙ୍ଗାରେ ୧୦ ଯାତ୍ରୀ ଏବଂ ଡ୍ରାଇଭର, ହେଲ୍ପରଙ୍କୁ ମିଶାଇ ମୋଟ୍ ୧୨ଜଣ ପରିବହନ ନିମନ୍ତେ ସରକାରୀ ନିୟମ ରହିଛି। ସେହି ଅନୁସାରେ ପ୍ରତି ଡଙ୍ଗାକୁ ୧୨ଟି ଲାଇଫ ଜ୍ୟାକେଟ୍, ୨ଟି ଲାଇଫ ବୟ ଏବଂ ୧ଟି ଅଗ୍ନି ନିର୍ବାପକ ଯନ୍ତ୍ର ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା ଜିଲା ଅଧୀନ ଚିଲିକାରେ ଯାତ୍ରୀ ପରିବହନ କରୁଥିବା ଘରୋଇ ଡଙ୍ଗା ମାଲିକ ସଂଘ ସମେତ ସରକାରୀ ଲଞ୍ଚ ଆଦି ମୋଟ୍ ୨୭୬ଟି ଡଙ୍ଗାକୁ ୩୩୩୪ଟି ଲାଇଫ ଜ୍ୟାକେଟ୍, ୫୪୬ ଲାଇଫ ବୟ ଏବଂ ୨୭୬ଟି ଅଗ୍ନି ନିର୍ବାପକ ଯନ୍ତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଯୋଜନାର କାର୍ଯ୍ୟକାରିତା ଏବଂ ସଚେତନତା ଉପଲକ୍ଷେ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଏକ ସଭା ଆୟୋଜିତ ହୋଇଥିଲା। ରାଜ୍ୟ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ କହିଥିଲେ, ଚିଲିକାରେ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ସରକାର ଗୁରୁତ୍ୱ ଦେଇ ଆଗାମୀ ଦିନରେ ବହୁ ଯୋଜନା କାର୍ଯ୍ୟକାରୀ ପାଇଁ ସ୍ଥିର କରିଛନ୍ତି। ଏଥିସହ ଯାତ୍ରୀ ପରିବହନ କ୍ଷେତ୍ରରେ ନିୟମ ଅନୁପାଳନ ପାଇଁ ପର୍ଯ୍ୟଟକଙ୍କୁ ସଚେତନ କରାଇବା ଲାଗି ଡଙ୍ଗା ମାଲିକ ସଂଘକୁ ପରାମର୍ଶ ଦେଇଥିଲେ। ସମସ୍ତ ଡଙ୍ଗା ଏବଂ ମାଲିକମାନଙ୍କର ସରକାରୀ ପଞ୍ଜୀକରଣ ବାଧ୍ୟତାମୂଳକ ବୋଲି କହିଥିଲେ। ଚିଲିକାରେ ଯାତ୍ରୀ ସୁରକ୍ଷା ନିମନ୍ତେ ସରକାରୀ ନିୟମ ଠିକ୍‌ଭାବେ କାର୍ଯ୍ୟକାରୀ ହୋଇଛି କି ନାହିଁ ତାହାର ତଦାରଖ ପାଇଁ ଜେଟିଗୁଡ଼ିକରେ ସିସିଟିଭି ଲାଗିବ। ଏହାକୁ ଜିଲା ପ୍ରଶାସନ ଅଧିକାରୀ ଯାଞ୍ଚ କରିବା ସହ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପସ୍ଥିତ ଅଧିକାରୀଙ୍କୁ ମନ୍ତ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ଉପସ୍ଥିତ ଡଙ୍ଗାମାଲିକଙ୍କ ପକ୍ଷରୁ କାଳିଜାଇ ପୀଠରେ ଯାତ୍ରୀଙ୍କ ଅବତରଣରେ ସୁବିଧା ଏବଂ ପର୍ଯ୍ୟାପ୍ତ ସଂଖ୍ୟାରେ ଡଙ୍ଗା ରହଣି ପାଇଁ ଫ୍ଲୋଟିଂ ଜେଟିର ବ୍ୟବସ୍ଥା ସହ ଛୋଟପିଲାଙ୍କ ସୁରକ୍ଷା ନିମିତ୍ତ ଲାଇଫ ଜ୍ୟାକେଟର ବ୍ୟବସ୍ଥା ନିମନ୍ତେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ମନ୍ତ୍ରୀ ସାହୁ ଓ ବିଭାଗୀୟ ଅଧିକାରୀମାନେ ମା’ କାଳିଜାଇଙ୍କ ମନ୍ଦିର ଗସ୍ତ କରି ଫେରିଥିଲେ।



ସଭାରେ ଉପସ୍ଥିତ ମନ୍ତ୍ରୀ ଟୁକୁନି ସାହୁ ଏବଂ ଅନ୍ୟ ଅଧିକାରୀ।

## ପୂର୍ଣ୍ଣଚନ୍ଦ୍ର ଦାଶଙ୍କୁ ମିଳିଲା କଳିଙ୍ଗ ଭାରତୀ ସମ୍ମାନ

**ନିରାକାରପୁର,୨୩ା୫(ଡି.ଏନ୍.ଏ.)**

କଳିଙ୍ଗ ଭାରତୀ ମର୍ଯ୍ୟାଦାଜନକ ବିଛନ୍ଦ ଚରଣ ସମ୍ମାନ ସାହିତ୍ୟିକ ଏବଂ ଭଞ୍ଜସାହିତ୍ୟ ଗବେଷକ ଆଲୋଚକ ଖୋର୍ଦ୍ଧା ଜିଲା ନିରାକାରପୁରର ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କୁ କଟକ ଭଞ୍ଜ ମଣ୍ଡପରେ ପ୍ରଦାନ କରାଯାଇଛି। ସମ୍ମାନସ୍ୱରୂପ ମାନପତ୍ର, ଉପଢ଼ୌକନ, ଫଳକ ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ଜଷ୍ଟିସ୍ ସୂର୍ଯ୍ୟନାରାୟଣ ନାଇଡୁ, ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଅନୁଷ୍ଠାନର ସଭାପତି ଡ. ଶୈଳେଶ୍ୱର ନନ୍ଦ, ଆକାଶବାଣୀର ପୂର୍ବତନ ମହାନିର୍ଦ୍ଦେଶକ ଜୟନ୍ତୀ ରଥ, ପ୍ରଭାତ କୁମାର ନନ୍ଦ, ରଣଜିତ୍ କର ଓ ପ୍ରସନ୍ନ କୁମାର ନନ୍ଦ। ଦାଶଙ୍କ ସମ୍ମାନପ୍ରାପ୍ତିରେ ତାଙ୍କ ଶୁଭେଚ୍ଛୁମାନେ ଆନନ୍ଦିତ ହୋଇଛନ୍ତି। ସେହିପରି ଇନ୍ଦିରା ପ୍ରିୟଦର୍ଶିନୀ ଛାନ୍ଦ ଏବଂ ଓଡ଼ିଶୀରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ ହୋଇଛନ୍ତି।

# ଅମଲାଙ୍କ କଳାବ୍ୟାଜ ପରିଧାନ, ବିକ୍ଷୋଭ



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଖୋର୍ଦ୍ଧା ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଖୋର୍ଦ୍ଧା ଅଫିସ,୨୩ା୫**

ଜିଲାସ୍ତରୀୟ ଅମଲାଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ କଳାବ୍ୟାଜ୍ ପରିଧାନ କରିଛନ୍ତି ମିଳିତ ଅମଲା ମଞ୍ଚ କର୍ମକର୍ତ୍ତା। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ତୃଣମୂଳସ୍ତରର ଅମଲାମାନେ କାର୍ଯ୍ୟାଳୟରେ କାମ କରୁଛନ୍ତି। ଆସନ୍ତା ୩୧ ତାରିଖ ସୁଦ୍ଧା ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ଜୁନ୍ ପହିଲାରୁ ସମୂହ ଅନିର୍ଦ୍ଦିଷ୍ଟ କାଳ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ମଙ୍ଗଳବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଖୋର୍ଦ୍ଧା ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡ଼ିଶାରେ କାର୍ଯ୍ୟରତ ଜିଲାସ୍ତରୀୟ ଅମଲାଙ୍କ ଦାବି ପୂରଣ ଦିଗରେ ସରକାର କୌଣସି କର୍ଣ୍ଣପାତ କରୁନାହାନ୍ତି। ଦୀର୍ଘ ବର୍ଷ ହେବ ଅମଲାମାନଙ୍କ ବେତନରେ ରହିଥିବା ଅସଙ୍ଗତି ଦୂର ଲାଗି ବାରମ୍ବାର ଦାବି ସତ୍ତ୍ୱେ ସରକାର ଅଣଦେଖା କରୁଛନ୍ତି। ଏନେଇ ଅମଲାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଫଳରେ ଆଗାମୀ ଦିନରେ ଆନ୍ଦୋଳନ ମୁଣ୍ଡ ଟେକିବାକୁ ଯାଉଛି। ଏହାଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ। ଏଥିଲାଗି ରାଜ୍ୟ ସରକାର ଦାୟୀ ରହିବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଏନେଇ ମିଳିତ ମଞ୍ଚ ସଭାପତି ଅଶୋକ କୁମାର ପଣ୍ଡା କହିଛନ୍ତି, ୨୦୧୭ ମସିହାରୁ ଜିଲାସ୍ତରୀୟ ଅମଲାମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ସତ୍ତ୍ୱେ ବେତନରେ କୌଣସି ଅଭିବୃଦ୍ଧି କରାଯାଇନାହିଁ। ଏନେଇ ମଞ୍ଚ ପକ୍ଷରୁ ସରକାରଙ୍କୁ ବହୁଥର ଚିଠି ଲେଖାଯାଇ ଅବଗତ କରାଯାଇଛି। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତୃଣମୂଳରୁ ଜିଲାସ୍ତରରେ ଅମଲାମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନାର କାର୍ଯ୍ୟକାରିତାରେ ସହଯୋଗ କରୁଛନ୍ତି। ତଥାପି ଗ୍ରେଡ୍ ପେ’ରେ ପାତରଅନ୍ତର କରାଯାଉଛି। ରାଜ୍ୟ ସଂଘ ସଭାପତି ନାରାୟଣ ଦାଶ କୁହନ୍ତି, କନିଷ୍ଠ ସହାୟକ ପଦବୀ ଲେଭଲ-୪ରୁ ୯କୁ ବୃଦ୍ଧି ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ସରକାରଙ୍କ ଏଭଳି ମନୋଭାବ ଯୋଗୁ ଅମଲା ସଂଘ ଏହାର ବିରୋଧ କରୁଛି। ସଂଘ ନିଷ୍ପତ୍ତିକ୍ରମେ ସାରା ଓଡ଼ିଶାରେ ଅମଲାମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। ମେ’ ଶେଷ ସୁଦ୍ଧା ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିଲେ, ମିଳିତ ଅମଲା ମଞ୍ଚ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବ ବୋଲି ଚେତାବନୀ ଦେଇଛନ୍ତି।

## ପାତ୍ରପଡ଼ା ଭି-୨ ମଲ୍‌ରେ ଅଗ୍ନିକାଣ୍ଡ

- ବେସ୍‌ମେଣ୍ଟ ପାର୍କିଂରେ ଲାଗିଥିଲା ନିଆଁ
- ଆୟତ୍ତ କଲା ଅଗ୍ନିଶମ ବାହିନୀ, ବଡ଼ କ୍ଷୟକ୍ଷତିରୁ ବର୍ତ୍ତିଲା

**ଭୁବନେଶ୍ୱର,୨୩ା୫(ବ୍ୟୁରୋ)**

ଭୁବନେଶ୍ୱର ପାତ୍ରପଡ଼ାସ୍ଥିତ ଭି-୨ ଶପିଂ ମଲ୍‌ରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ବେସ୍‌ମେଣ୍ଟ ପାର୍କିଂରେ ଏହି ନିଆଁ ଲାଗିଥିବାବେଳେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ ପେପର୍, କାର୍ଟୁନ୍ ଆଦି ଜଳିଯାଇଛି। ଠିକ ସମୟରେ ନିଆଁ ଲିଭାଯାଇଥିବାରୁ ଉପର ମହଲାକୁ ନିଆଁ ବ୍ୟାପି ନ ଥିଲା। ଫଳରେ ମଲ୍‌ଟି ବଡ଼ କ୍ଷୟକ୍ଷତିରୁ ବର୍ତ୍ତି ଯାଇଥିବା ସ୍ଥାନୀୟ ଲୋକ କହିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ମଲ୍‌ର ବେସ୍‌ମେଣ୍ଟରେ କିଛି ପେପର, କାର୍ଟୁନ୍ ଆଦି ଆବର୍ଜନା ଆକାରରେ ଗଦା ହୋଇରହିଥିଲା। ଅପରାହ୍ନ ପ୍ରାୟ ୨ଟାରେ ସେଠାରୁ ଧୂଆଁ ବାହାରୁଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ପ୍ରଥମେ ମଲ୍ କର୍ମଚାରୀମାନେ ବାଲ୍‌ଟି ସାହାଯ୍ୟରେ ପାଣି ଢ଼ାଳି ନିଆଁକୁ ଲିଭାଇବା ପ୍ରକ୍ରିୟା ଆରମ୍ଭ କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ୨ଟି ଗାଡ଼ି ଦ୍ୱାରା ପାଣି ଢ଼ାଳି ନିଆଁକୁ ଆୟତ୍ତ କରିଥିଲେ। ତେବେ ଉକ୍ତ ବେସ୍‌ମେଣ୍ଟରେ ସ୍ଥାନୀୟ ଦୋକାନୀମାନେ ଦିନବେଳା ଶୁଅନ୍ତି। ତେଣୁ ସେମାନଙ୍କ ମଧ୍ୟରୁ କେହି ବିଡ଼ି କିମ୍ବା ସିଗାରେଟ୍ ଟାଣୁଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ବୋଲି ଡେପୁଟି ଫାୟାର ଅଫିସର ଅବନୀ ସ୍ୱାଇଁ କହିଛନ୍ତି।

## ଯୁବତୀଙ୍କୁ ପ୍ରେମ ପରେ ପ୍ରତାରଣା, ହତ୍ୟା ଧମକ

**ଖୋର୍ଦ୍ଧା ଅଫିସ,୨୩ା୫**

- ଗୋମାଂସ ଖାଇବା ସହ ଧର୍ମ ପରିବର୍ତ୍ତନ ଲାଗି ବାଧ କରିଥିଲେ
- ଥାନାରେ ପୀଡ଼ିତାଙ୍କ ଅଭିଯୋଗ, ଯୁବକ ଫେରାର

ବିବାହ ପ୍ରଲୋଭନ ଦେଖାଇ ଜଣେ ଲଘୁ ସମ୍ପ୍ରଦାୟର ଯୁବକ ଶାରୀରିକ ସମ୍ପର୍କ ପରେ ପ୍ରତାରଣା, ଗୋମାଂସ ଖାଇବାକୁ ବାଧ, ଧର୍ମ ପରିବର୍ତ୍ତନ ଏବଂ ହତ୍ୟା ଧମକ ଦେଇଥିବା ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ମଙ୍ଗଳବାର ପୀଡ଼ିତା ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକଙ୍କ ବୁଧବାର ଅନ୍ୟତ୍ର ବାହାଘର ଥିବା ବେଳେ ଅଭିଯୋଗ ପରେ ସେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ, ଆଦର୍ଶ ଥାନା ଅଞ୍ଚଳର ଯୁବତୀ ଜଣକ ଯୁକ୍ତ ଦୁଇ ପାଠ ପଢ଼ିବା ସମୟରେ ସେହି ଅଞ୍ଚଳର ଜଣେ ଲଘୁ ସମ୍ପ୍ରଦାୟ ଯୁବକଙ୍କ ସମ୍ପର୍କ ଗଢି ଉଠିଥିଲା। ପରବର୍ତ୍ତୀ ସମୟରେ ବିବାହ ପ୍ରଲୋଭନ ଦେଖାଇ ଯୁବକ ତାଙ୍କ ସହ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। ପୀଡିତା ବାରମ୍ବାର ବିବାହ ପାଇଁ କହିଥିଲେ ମଧ୍ୟ ଯୁବକ ଜଣଙ୍କ ମିଥ୍ୟା ପ୍ରତିଶ୍ରୁତି ଦେଇ ଏଡ଼ାଇ ଯାଉଥିଲେ। ଗୋମାଂସ ଖାଇବା ସହ ଧର୍ମ ପରିବର୍ତ୍ତନ କଲେ ବିବାହ କରିବେ ବୋଲି ଯୁବକ କହିଥିଲେ। ୨୦୨୨ ନଭେମ୍ବରରେ ଗୋମାଂସ ଖାଇବାକୁ ନେଇ ଯୁବକ ଜଣଙ୍କ ଅନେକ ଯୁକ୍ତି ବାଢିଥିଲେ। ଭୁବନେଶ୍ୱରର ଏକ ହୋଟେଲରେ ବିବାହ ପ୍ରତିଶ୍ରୁତି ଦେଇ ଗୋମାଂସ ଖାଇବା ସହ ରାତ୍ରିଯାପନ ଲାଗି ବାଧ କରିଥିଲେ। ଏପରିକି ଧର୍ମ ପରିବର୍ତ୍ତନ ନ କଲେ ସେ ଅନ୍ୟତ୍ର ବିବାହ କରିବା ସହ ଅନ୍ତରଙ୍ଗ ଫଟୋ ଭାଇରାଲ କରିବାକୁ ଧମକ ଦେଇଥିଲେ। ଏ ବିଷୟରେ ଅନ୍ୟ କାହାକୁ ଜଣାଇଲେ, ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ସମ୍ପୃକ୍ତ ଯୁବକଙ୍କୁ ଗିରଫ ସହ ବୁଧବାର ହେବାକୁ ଥିବା ବିବାହ ବନ୍ଦ କରାଯାଇ ଉଚିତ ନ୍ୟାୟ ପାଇଁ ପୀଡ଼ିତା ଦାବି କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ଅନୁଧ୍ୟାନ କରାଯାଉଛି ବୋଲି ଥାନା ଅଧିକାରୀ ତାରିକ ଅହମ୍ମଦ କହିଛନ୍ତି।

## ବିଶ୍ୱ ପାଠାଗାର ଦିବସ

**ଜଟଣୀ,୨୩ା୫(ଡି.ଏନ୍.ଏ.)**

ଜଟଣୀ ବିକାଶନଗରସ୍ଥିତ ଓଡ଼ିଆ ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ଏବଂ ବିପିନ ବିହାରୀ ପାଠାଗାର ପରିସରରେ ବିଶ୍ୱ ପାଠାଗାର ଦିବସ ପାଳିତ ହୋଇଯାଇଛି। ପାଠାଗାର ଅଧକ୍ଷ ବିପିନ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ପାଠାଗାର ଦିବସ ପାଳନ କରାଯାଇଥିଲା। ଆୟୋଜିତ ବୈଠକରେ ଅନୁଷ୍ଠାନର ଉପଦେଷ୍ଟା କୁମର ମୋହନ ମହାନ୍ତି, ତ୍ରିଲୋଚନ ମହାପାତ୍ର, ସୁଦର୍ଶନ ମହାପାତ୍ର, ଆଦିନାରାୟଣ ଖଣ୍ଡୁଆଳ, ଇଂ.ରାଜେନ୍ଦ୍ର ପ୍ରସାଦ ନାୟକ, ପଦ୍ମାଳୟା ପାଣିଗ୍ରାହୀ, ସସ୍ମିତା ନାୟକ, ପଣ୍ଡିତ ରମାକାନ୍ତ ମିଶ୍ର, ଦେବଯାନୀ ରାୟ, ସୁସ୍ମିତାମୟୀ ସାହୁ, ରବୀନ୍ଦ୍ର ମିଶ୍ର, ଜଗଦୀଶ ମହାପାତ୍ର, ଇଂ. ରବୀନ୍ଦ୍ର କୁମାର ଦାସ, ସୁକାନ୍ତି ମହାପାତ୍ର ପ୍ରମୁଖ ଯୋଗଦେଇ ପାଠାଗାର ଦିବସର ବିଶେଷତ୍ୱ ତଥା ପାଠାଗାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କୋଷାଧକ୍ଷ ପ୍ରହ୍ଲାଦ ସ୍ୱାଇଁ ଉପସ୍ଥିତ ଥିବା ବେଳେ ସମ୍ପାଦକ ପ୍ରଭାତ ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରସ୍ତାବିତ ହିଲ୍ ଟପ୍ ପାର୍କ ନିର୍ମାଣ ପାଇଁ ସମନ୍ୱୟ ବୈଠକ

**ଜଟଣୀ,୨୩ା୫(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ‘ବାଛରା ହିଲ୍ ଟପ୍ ପାର୍କ’ ନିର୍ମାଣ ପାଇଁ ମଙ୍ଗଳବାର ସ୍ଥାନୀୟ ରେଲୱେ ଅଫିସର୍ସ କ୍ଲବ ପରିସରରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ, ଏମ୍‌ପିଙ୍କ ପ୍ରତିନିଧି ପଦ୍ମଚରଣ ପ୍ରଧାନ, ଜିଲା ବନ ଅଧିକାରିଣୀ ପି. ପୂର୍ଣ୍ଣିମା, ନଗରପାଳ ଅନନ୍ତ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ତହସିଲଦାର ରୁମାନା ଜାଫ୍ରି, ବିଡିଓ ସରୋଜ ରାଉତ, ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟଙ୍କ ସମେତ ବୁଦ୍ଧିଜୀବୀ, ପରିବେଶବିତ୍ ଏବଂ ଟ୍ରେଡ୍ ୟୁନିୟନ ନେତାମାନେ ଯୋଗଦେଇଥିଲେ।

ଦୁଇଟି ପ୍ଲଟର ମୋଟ୍ ୩୩ ଏକର ସରକାରୀ ଜମିରେ ପ୍ରସ୍ତାବିତ ହିଲ୍ ଟପ ପାର୍କ ନିର୍ମାଣ ପାଇଁ ଚିହ୍ନଟ ବାଛରା ମୁଣ୍ଡିଆ ଓ ଏହାର ଆଖପାଖ ଅଞ୍ଚଳରୁ ପ୍ରଥମେ ଜବରଦଖଲ ଉଚ୍ଛେଦ କରାଯିବ। ଡିପିଆର ପ୍ରସ୍ତୁତ କରାଯିବା ପରେ ଏଷ୍ଟିମେଟ କରାଯାଇ ଟେଣ୍ଡର ଆହ୍ୱାନ କରାଯାଇ ବିଡିଏ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବ ବୋଲି ଜିଲାପାଳ କହିଛନ୍ତି। ଉକ୍ତ ପ୍ରୋଜେକ୍ଟର ସଫଳତା ପାଇଁ ଜିଲାପାଳ ଜଟଣୀବାସୀ ଓ ସମସ୍ତ ବର୍ଗଙ୍କ ସହଯୋଗ କାମନା କରିଛନ୍ତି। ବୈଠକରେ ବିଡିଏ ଅର୍ବାନ ପ୍ଲାନର ବିଭାଗର ସଦସ୍ୟ ପ୍ରସ୍ତାବିତ ହିଲ୍ ଟପ୍ ପାର୍କ ନିର୍ମାଣ କିଭଳି ଶୈଳୀରେ କରାଯିବ ତା’ର ସମସ୍ତ ଚିତ୍ରସମ୍ବଳିତ ତଥ୍ୟ ବୃତ୍ତଚିତ୍ର ମାଧ୍ୟମରେ ଉପସ୍ଥାପନ କରିଥିଲେ। ପୌରାଞ୍ଚଳର ୱାର୍ଡ ନମ୍ବର ୧୧, ୧୨ ଏବଂ ୧୩ରେ ମୁଣ୍ଡିଆ ରହିଥିବାରୁ ମୁଣ୍ଡିଆ ଚାରିପାଖେ ସରକାରୀ ଜମି ଜବରଦଖଲ କରି ଘର କରି ରହିଥିବା ଲୋକଙ୍କୁ ଉଚ୍ଛେଦ କରାଯିବା ପୂର୍ବରୁ ପ୍ରଥମେ ଥଇଥାନ କରି ଉଚ୍ଛେଦ କରିବା ପାଇଁ ପୂର୍ବତନ କାଉନସିଲ ଲକ୍ଷ୍ମୀଧର ସ୍ୱାଇଁ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ସେହିପରି ସମାଜସେବୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ସମେତ ସବୁବର୍ଗର ବ୍ୟକ୍ତି ଉକ୍ତ ପାର୍କ ନିର୍ମାଣକୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ମହାନ୍ତି ବୈଠକ ପରିଚାଳନା କରିଥିବା ବେଳେ ପୌର କର୍ମଚାରୀ ସହଯୋଗ କରିଥିଲେ।



ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ବିଧାୟକ ସୁରେଶ କୁମାର ରାଉତରାୟ, ଅଧିକାରୀ ଏବଂ ଅନ୍ୟମାନେ।

# ଆନ୍ଦୋଳନର ଦ୍ୱିତୀୟ ଦିନରେ ପଦଯାତ୍ରା

**ବେଗୁନିଆ,୨୩ା୫(ଡି.ଏନ୍.ଏ.)**

ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ପରିଣତ କରିବା ପାଇଁ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି ହେଲେ ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ସୋମବାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ପାର୍ଶ୍ୱରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ଗଣସତ୍ୟାଗ୍ରହ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପୂର୍ବାହ୍ନରେ ଏକ ଜନସଚେତନତା ପଦଯାତ୍ରା ବାହାରିଥିଲା। ସ୍ଥାନୀୟ ଦୁର୍ଗା ଦେବୀଙ୍କ ପୀଠ ପରିସରରୁ ‘ସ୍ୱାସ୍ଥ୍ୟ ହିଁ ସମ୍ପଦ’ ସଚେତନତା ବାର୍ତ୍ତା ନେଇ ବାହାରିଥିବା ପଦଯାତ୍ରା ବେଗୁନିଆ ସଦର ମହକୁମା ସହିତ ନିକଟ ଗ୍ରାମ ପରିକ୍ରମା କରିଥିଲା। ପ୍ରଶାସନର ଅବହେଳା ପ୍ରତିବାଦରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ବିଭିନ୍ନ ଗ୍ରାମର ସଙ୍ଗଠନଗୁଡ଼ିକୁ ସାମିଲ ହେବାକୁ ନିବେଦନ କରାଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରକାଶ ବଳିୟାରସିଂହଙ୍କ ଅଧକ୍ଷତାରେ ବସିଥିବା ସତ୍ୟାଗ୍ରହରେ ସ୍ଥାନୀୟ ଅଞ୍ଚଳର ବହୁ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ ଓ ପ୍ରମୁଖ ସଙ୍ଗଠନଗୁଡ଼ିକ ସାମିଲ ହୋଇଛନ୍ତି। ବେଗୁନିଆ ଓ ବଡ଼ବେରଣା ସରପଞ୍ଚ ମଧ୍ୟ ସାମିଲ ହୋଇଛନ୍ତି।

ସୂଚନାଥାଉ କି, ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ, ଆଇନଜୀବୀ, ଜନକଲ୍ୟାଣ ପ୍ରତିଷ୍ଠାନ ଓ ଜନସାଧାରଣ ପୃଥକ୍ ଭାବେ ସ୍ଥାନୀୟ ବିଧାୟକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସଚିବଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ୨୦୧୫ ମେ’ ୧୦ରେ ବେଗୁନିଆ ଗସ୍ତରେ ଆସି ବିଧାନସଭା ନିବେଦନ ଗୃହ କମିଟି ବ୍ଲକର ସ୍ୱାସ୍ଥ୍ୟସେବା ସ୍ଥିତିକୁ ହୃଦୟଙ୍ଗମ କରିବା ପରେ ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ଖୁବ୍‌ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଏହି ପ୍ରତିଶ୍ରୁତିକୁ ୮ ବର୍ଷ ପୂରିଛି। ଏହା ପୂରଣ ହେବା ପରିବର୍ତ୍ତେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ତାଲିକାରୁ ବାଦ୍ ପଡ଼ିଛି।

### ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ




ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାହାରିଥିବା ସଚେତନତା ପଦଯାତ୍ରା।

**ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ**

ପୁରୀ ଅଫିସ,: ୫-ଟି ସଚିବ ଭି.କେ.ପାଣ୍ଡିଆନ ମଙ୍ଗଳବାର ସନ୍ଧ୍ୟାରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପାଣ୍ଡିଆନ ପ୍ରଥମେ ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହଙ୍କ ଦର୍ଶନ କରିଥିଲେ। ପରେ ଭିତରବେଢ଼ା ପରିକ୍ରମା କରିବା ସହ ମା' ବିମଳା, ମା' ମହାଲକ୍ଷ୍ମୀ ଓ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିରରୁ ଫେରି ସିଂହଦ୍ୱାର ସମ୍ମୁଖରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ସ୍ନାନଯାତ୍ରାକୁ ଆଉ ମାତ୍ର ଅଳ୍ପ ଦିନ ବାକି ଥିବା ବେଳେ ଭକ୍ତ କିପରି ଶାନ୍ତି ଶୃଙ୍ଖଳାରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ସେ ନେଇ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଏଥିସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ବଡଆଖଡ଼ା ମଠର ବଳକା ପଛ ପାର୍ଶ୍ୱ ପୁରୁଣା କୋଠା ଭଙ୍ଗାଯାଇଥିବା ସ୍ଥାନ ବୁଲି ଦେଖିଥିଲେ। ସ୍ନାନଯାତ୍ରା ପୂର୍ବରୁ ସମସ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ସଂକ୍ଷେପରେ**

## ଆବର୍ଜନାରୁ ପିତ୍ତଳ ନାଗ ଉଦ୍ଧାର



ଗୋପ,୨୩।୫(ଡି.ଏନ୍.ଏ.)- ଗୋପ ଥାନା ଅଧୀନ ନାଗପୁର ବଜାର ନିକଟ ଏକ ଆବର୍ଜନାରୁ ମଙ୍ଗଳବାର ପୂର୍ବାହ୍ନରେ ଗୋଟିଏ ପିତ୍ତଳ ନାଗ ଉଦ୍ଧାର ହୋଇଛି। ଏହି ପିତ୍ତଳ ନାଗକୁ ବଜାର କମିଟି ନିର୍ଦ୍ଦେଶରେ ନିକଟ ଶିବ ମନ୍ଦିରରେ ପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୂଚନା ମୁତାବକ, ନାଗପୁର ବଜାର ନିକଟ ଆବର୍ଜନାରେ ଗୋଟିଏ ପିତ୍ତଳ ନାଗ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଏହି ନାଗକୁ ଦେଖିବାକୁ ବଜାରରେ ଲୋକଙ୍କ ଭିଡ଼ ଲାଗିଥିଲା। ସ୍ଥାନୀୟ ବଜାର କମିଟି ସଦସ୍ୟ ସେଠାରେ ପଡ଼ିଥିବା ପିତ୍ତଳ ନାଗକୁ ଆଣିଥିଲେ। ପରେ ସ୍ଥାନୀୟ କମିଟି ଦ୍ୱାରା ଏହି ନାଗକୁ ରୀତିନୀତି ଅନୁସାରେ ନିକଟ ଶିବ ମନ୍ଦିରରେ ରଖାଯିବ ବୋଲି ଜଣାପଡିଛି। ପ୍ରକାଶ ଯେ, କିଛିଦିନ ତଳେ ଗୋପ ଥାନା ଅଞ୍ଚଳରେ କେତେକ ଶିବ ମନ୍ଦିରରୁ ପିତ୍ତଳ ନାଗ ସହ କିଛି ଜିନିଷ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ତେବେ କେହି ଦୁର୍ବୃତ୍ତ ଏହି ପିତ୍ତଳ ନାଗକୁ ଏହି ଆବର୍ଜନାରେ ଫୋପାଡ଼ି ଦେଇଥିବା ଜଣାପଡ଼ିଛି।

## ଯୁବଶକ୍ତି ସଦସ୍ୟଙ୍କୁ ତାଲିମ୍ ରଥଯାତ୍ରାରେ ପୋଲିସକୁ ସହଯୋଗ କରିବେ

ପୁରୀ ଅଫିସ,୨୩।୫- ରଥଯାତ୍ରା ସହ ବିଭିନ୍ନ ଯାନିଯାତ୍ରା ସମୟରେ ଯାତ୍ରୀ ଏବଂ ଶ୍ରଦ୍ଧାଳୁମାନଙ୍କୁ ସେବା ଓ ସାହାଯ୍ୟ ଯୋଗାଇ ଦେବା ଲକ୍ଷ୍ୟ ନେଇ ପୁରୀ ପୋଲିସ ଦ୍ୱାରା 'ଯୁବଶକ୍ତି ଗଠନ କରାଯାଇଛି । ଏହି ଯୁବଶକ୍ତି ଆସନ୍ତା ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାରେ ସକ୍ରିୟ ହୋଇ କାର୍ଯ୍ୟ କରିବ। ଏହା ପୂର୍ବରୁ ସେମାନଙ୍କୁ ପୁରୀ ଏସ୍‌ପି ଡା.କନୱର ବିଶାଲ ସିଂ ମଙ୍ଗଳବାର ଗୁରୁମନ୍ତ୍ର ଦେଇଛନ୍ତି। ୨୨ଜଣ ଯୁବଶକ୍ତି ସଦସ୍ୟ ଫାଇଲ୍ ହୋଇ ଛିଡା ହେବା ସହ ଏସ୍‌ପିଙ୍କ କଥାକୁ ଶୁଣିଥିଲେ। ଏହାପରେ ଏକ ଘଣ୍ଟା ପାଇଁ ସେମାନଙ୍କୁ ପରୀକ୍ଷାମୂଳକ ଭାବେ ଶ୍ରୀମନ୍ଦିର ନିକଟରେ ଡ୍ୟୁଟିରେ ରଖାଯାଇଥିଲା। ଦେବସ୍ନାନ ପୂର୍ଣ୍ଣିମା ପାଇଁ ସେମାନେ ଅଭ୍ୟାସ କରିଥିଲେ। ଭକ୍ତଙ୍କୁ କିଭଳି ଧାଡି ଦର୍ଶନରେ ସହଯୋଗ କରିବେ, ବରିଷ୍ଠ ନାଗରିକଙ୍କୁ ଦର୍ଶନ କରାଇବାରେ ସାହାଯ୍ୟ କରିବେ, ଦିବ୍ୟାଙ୍ଗମାନଙ୍କୁ କେମିତି ନେଇ ଶ୍ରୀମନ୍ଦିର ଭିତରକୁ ଯିବେ, ସ୍ନାନ ପୂର୍ଣ୍ଣିମାରେ କେମିତି ଡ୍ୟୁଟି କରିବେ, ଏହିସବୁ କାର୍ଯ୍ୟ ଉପରେ ସେମାନଙ୍କୁ ତାଲିମ ଦିଆଯାଇଛି। ଏହାପରେ ସମସ୍ତ ସଦସ୍ୟ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। କେତେଜଣ ଯୁବଶକ୍ତି ସଦସ୍ୟ ଧାଡି ଦର୍ଶନ ପାଖରେ ଛିଡା ହୋଇ ଜଣଜଣ କରି ଭକ୍ତଙ୍କୁ ଭିତରକୁ ଛାଡ଼ିଥିଲେ। ସେହିପରି ଅନ୍ୟ କେତେଜଣ ସଦସ୍ୟ ଦିବ୍ୟାଙ୍ଗ ଭକ୍ତଙ୍କୁ ହୁଇଲ୍ ଚେୟାରରେ ନେଇ ସିଂହଦ୍ୱାର ପାଖରେ ଛାଡିଥିଲେ। ମଙ୍ଗଳବାର ପରୀକ୍ଷାମୂଳକ ଭାବେ ଏଭଳି ସବୁ କାର୍ଯ୍ୟ ଯୁବଶକ୍ତି ସଦସ୍ୟମାନେ କରିଛନ୍ତି। ଆସନ୍ତା ଦେବସ୍ନାନ ପୂର୍ଣ୍ଣିମାରେ ସେମାନେ ଫୁଲ୍ ଡ୍ୟୁଟି କରିବେ ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପରିବେଶ ସୁରକ୍ଷା ପାଇଁ ୧୦ହଜାର କି.ମି. ପଦଯାତ୍ରା

■ ବନ୍ଦେ ଭାରତ ପଦଯାତ୍ରାରେ ଉତ୍ତରପ୍ରଦେଶର ଆଶୁତୋଷ

■ ସଚେତନତା ବାଣ୍ଟିଲେ, ଚାରା ରୋପଣ କଲେ

ପିପିଲି,୨୩।୫(ସ୍ୱ.ପ୍ର.)

ପରିବେଶ ସୁରକ୍ଷା ନେଇ ଭାରତର ଯୁବସମାଜକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ୧୦ହଜାର କିଲୋମିଟର ବନ୍ଦେ ଭାରତ ପଦଯାତ୍ରାରେ ଆସିଥିବା ଉତ୍ତରପ୍ରଦେଶ ଯୁବକଙ୍କୁ ପିପିଲିରେ ସ୍ୱାଗତ କରାଯାଇଛି। ମୁଣ୍ଡ ଉପରେ ସଚେତନତା ପ୍ଲାକାର୍ଡ ଓ ଜାତୀୟ ପତକା ଧରି ପରିବେଶ ସୁରକ୍ଷାର ବାର୍ତ୍ତା ବାଣ୍ଟୁଛନ୍ତି ଉତ୍ତରପ୍ରଦେଶ ସୁଲତାନପୁରର ୨୬ବର୍ଷିୟ ଆଶୁତୋଷ ପାଣ୍ଡେ। ଆଶୁତୋଷ ନିଜ ସରକାରୀ ଚାକିରି ଛାଡ଼ି ଗତ ଡିସେମ୍ବର ୪ତାରିଖ ୨୦୨୨ରେ ଅଯୋଧ୍ୟାରୁ ସାରା ଦେଶରେ ପରିବେଶ ସୁରକ୍ଷା ସଚେତନତା ପାଇଁ ପଦଯାତ୍ରାରେ ବାହାରିଥିଲେ ବୋଲି କହିଥିବା ବେଳେ ମଙ୍ଗଳବାର ପିପିଲିରେ ପହଞ୍ଚିଛନ୍ତି। ପଦଯାତ୍ରା ମାଧ୍ୟମରେ ବିଭିନ୍ନ ସ୍ଥାନରେ ଯୁବକମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା କରାଇ ସେମାନଙ୍କ ସହ ବୃକ୍ଷ ରୋପଣ ମଧ୍ୟ କରୁଛନ୍ତି। ବୃକ୍ଷ ବିନା ମାନବ ସମାଜ ଜୀବିତ ରହିବା ଅସମ୍ଭବ, ସାରା ବିଶ୍ୱରେ ଯେଉଁଭଳି ପ୍ରଦୂଷଣ ବଢିଚାଲିଛି ତାହାକୁ ସାମ୍ନା କରିବା ପାଇଁ ସମସ୍ତେ ବୃକ୍ଷ ରୋପଣ କରିବା ନିତ୍ୟାନ୍ତ ଆବଶ୍ୟକ। ବର୍ତ୍ତମାନ ପରିସ୍ଥିତିରେ ପ୍ରତ୍ୟେକ ମଣିଷ ତା'ର ଜୀବନରେ ୨୦ରୁ ଊର୍ଦ୍ଧ୍ୱ ଚାରା ଲଗାଇ ତାହାର ରକ୍ଷଣାବେକ୍ଷଣା କରିବା ଜରୁରୀ ବୋଲି ଆଶୁତୋଷ କହିଥିଲେ। ଆଶୁତୋଷ ଆଜି ପର୍ଯ୍ୟନ୍ତ ୩୫ଶହ କିଲୋମିଟର ସଚେତନତା ପଦଯାତ୍ରାରେ ୪ଟି ରାଜ୍ୟ ପରିକ୍ରମା କରିସାରିଥିବା ବେଳେ ଦେଶରେ ୨୧ଟି ରାଜ୍ୟ ଭ୍ରମଣ କରି ସଚେତନତା କରିବାର ଲକ୍ଷ୍ୟ ରଖିଛନ୍ତି। ପିପିଲିରେ ଆଶୁତୋଷ ପହଞ୍ଚିବା ପରେ ମାରୱାଡି ସମ୍ପ୍ରଦାୟ ଓ ବିଶ୍ୱ ହିନ୍ଦୁ ପରିଷଦର ଯୁବକମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ପିପିଲି ପଦା ପଡିଆ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପିପିଲି ମାରୱାଡି ଯୁବ ମଞ୍ଚର ସଭାପତି ମୁନୁ ଅଗ୍ରୱାଲ, ସମ୍ପାଦକ ଅଶ୍ୱିନୀ କୁମାର ଅଗ୍ରୱାଲ, ଜାଗୃତି ଯୁବ ସଂଗଠନ ସଭାପତି ପ୍ରଭାତ ମହାପାତ୍ର, ବିଶ୍ୱ ହିନ୍ଦୁ ପରିଷଦ ପିପିଲି ପ୍ରଖଣ୍ଡର ଉପସଭାପତି ବିଭୁତି ଚନ୍ଦ୍ର ସାମନ୍ତରାୟ, ସମ୍ପାଦକ ମନୋଜ ପ୍ରଧାନ, ସୁଦେଷ୍ଣା ମିଶ୍ର, ଅଜୟ ଅଗ୍ରୱାଲ, ସଞ୍ଜିବ କୁମାର ଅଗ୍ରୱାଲ, ଅଜୟ ବେହେରା, ଚଣ୍ଡେଶ୍ୱର ପ୍ରସାଦ ଦାସ ପ୍ରମୁଖ ସାମିଲ ହୋଇ ଆଶୁତୋଷଙ୍କ ସହ ଚାରା ରୋପଣ କରିଥିଲେ ଏବଂ ଏହାର ରକ୍ଷଣାବେକ୍ଷଣା ପାଇଁ ଆଶୁତୋଷ ପରାମର୍ଶ ଦେଇଥିଲେ। ପରେ ଆଶୁତୋଷ ନିକଟ ବସ୍ତିରେ ପିଲାମାନଙ୍କୁ ପରିବେଶ ସଚେତନତା ଉପରେ ବାର୍ତ୍ତା ଦେଇ ପୁରୀ ଅଭିମୁଖେ ଯାତ୍ରା କରିଥିଲେ।



ଆଶୁତୋଷ ପାଣ୍ଡେ ପଦଯାତ୍ରାରେ ପୁରୀ ଅଭିମୁଖେ ଯାଉଛନ୍ତି ।

## ଚାଷୀ ପରିବାରର ଝିଅ ଲକ୍ଷ୍ମୀପ୍ରିୟା ପାଇଲେ ଆଇଏଏସ୍

ପିପିଲି,୨୩।୫(ଡି.ଏନ୍.ଏ.)



ସର୍ବଭାରତୀୟ ସ୍ତରର ୟୁପିଏସ୍‌ସି ଦ୍ୱାରା ପରିଚାଳିତ ପ୍ରଶାସନିକ ସେବା ସର୍ଭିସ (ଆଇଏଏସ୍) ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶିତ ପାଇଛି। ଏଥିରେ ପୁରୀ ଜିଲାର ପିପିଲି ବ୍ଲକ ଅନ୍ତର୍ଗତ ସଙ୍ଗଳେଇ ଶାସନର ଝିଅ ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ ଉତ୍ତୀର୍ଣ୍ଣ ହୋଇ ନିଜ ଗାଁ ସମେତ ପିପିଲି ଅଞ୍ଚଳ ପାଇଁ ଗର୍ବ ଆଣି ଦେଇଛନ୍ତି। ଖବର ଅନୁଯାୟୀ, ସେ ପିପିଲିରୁ ପ୍ରଥମ ଆଇଏଏସ୍ ଅଟନ୍ତି। ଏହାର ମୁଖ୍ୟ ପରୀକ୍ଷାଟି ଦିଲ୍ଲୀସ୍ଥିତ ୟୁନିୟନ ପବ୍ଲିକ ସର୍ଭିସ କମିସନ ଅଫିସରେ ଅନୁଷ୍ଠିତ ହୋଇଥିଲା। ସେହି ପରୀକ୍ଷା ଫଳାଫଳରେ ମୋଟ ୯୩୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଲକ୍ଷ୍ମୀପ୍ରିୟା ୧୭୬ ସିରିଏଲ ନମ୍ବରରେ ରହି କୃତକାର୍ଯ୍ୟ ହୋଇଛନ୍ତି। ଏହା ପୂର୍ବରୁ ସେ ଦିଲ୍ଲୀରେ ପିଏଚ୍‌ଡି କରି ଏବେ ଓଡ଼ିଶା ବନ ବିଭାଗ ଉପ ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେ ପିଲାଟି ଦିନରୁ ଅତ୍ୟନ୍ତ ଗରିବ ଶ୍ରେଣୀର ମେଧାବୀ ଛାତ୍ରୀ ଥିଲେ। ପିତା ପ୍ରମୋଦ କୁମାର ଉପାଧ୍ୟାୟ ଏବଂ ମାତା ସୌଦାମିନି ପଣ୍ଡାଙ୍କ ଜ୍ୟେଷ୍ଠ କନ୍ୟା ଲକ୍ଷ୍ମୀପ୍ରିୟା। ପିତା ଜଣେ ଚାଷୀ ଅଟନ୍ତି। ଏହି ଖୁସି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟି ଥିବା ବେଳେ ଲକ୍ଷ୍ମିପ୍ରିୟା ଏହି ସଫଳତାର ଶ୍ରେୟ ତାଙ୍କ ମାତାପିତା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି।



ଏନ୍‌ସିସି ଷଷ୍ଠ ଓଡ଼ିଶା ବାଟାଲିୟନ ପକ୍ଷରୁ ପୁରୀ ବେଳାଭୂମିରେ ଆୟୋଜିତ ପୁନିତ ସାଗର ଅଭିଯାନରେ ବେଳାଭୂମିକୁ ସଫେଇ କରାଯିବା ସହ ସଚେତନତା ବାର୍ତ୍ତା ଦିଆଯାଉଛି ।

## ଜିଲା ମୁଖ୍ୟ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ

**ତଦନ୍ତ ପାଇଁ ଜିଲାପାଳଙ୍କୁ ଦାବିପତ୍ର**

ପୁରୀ ଅଫିସ,୨୩।୫

ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ଅନେକ କର୍ମଚାରୀ ଠିକ୍ ଭାବେ ତାଙ୍କ କାର୍ଯ୍ୟ କରୁ ନ ଥିବା ଓ କାର୍ଯ୍ୟରେ ଠକୁଥିବା ଅଭିଯୋଗ ହୋଇଛି। ଏଥିସହ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରି ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲେଖ ଅଛି ଯେ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିବା କେତେଜଣ କର୍ମଚାରୀ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟାଳୟକୁ ଆସୁଛନ୍ତି। ସରକାରୀ ସମୟ ଅନୁସାରେ କୌଣସି ଅଧିକାରୀ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଅଧିକାଂଶ କର୍ମଚାରୀ ମଧ୍ୟାହ୍ନ ୧୨ଟା ପୂର୍ବରୁ କାର୍ଯ୍ୟାଳୟକୁ ଆସୁନାହାନ୍ତି। ସେହିପରି କେତେଜଣ କର୍ମଚାରୀ ମଧ୍ୟାହ୍ନଭୋଜନ ପାଇଁ ଯାଇ ଆଉ କାର୍ଯ୍ୟାଳୟକୁ କାର୍ଯ୍ୟ କରିବାକୁ ଆସୁନାହାନ୍ତି। ଏନେଇ ଜିଲା ଚିକିତ୍ସାଧିକାରୀଙ୍କୁ ଗତ ମାର୍ଚ୍ଚ ୧୬ରେ ଏ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେଣୁ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରି କାର୍ଯ୍ୟରେ ଠକୁଥିବା କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବରାଳ ଦାବି କରିଛନ୍ତି।

## ସିଭିଲ, ଜୁଡିସିଆଲ କୋର୍ଟ ସ୍ଥାନ ପରିବର୍ତ୍ତନକୁ ନେଇ ଅସନ୍ତୋଷ

**ବ୍ଲକର ଶେଷ ସୀମାରେ ଜାଗା ଚିହ୍ନଟ କରାଯାଉଛି**

କଣାସ,୨୩।୫(ସ୍ୱ.ପ୍ର.)

ଜନସାଧାରଣଙ୍କ ସୁବିଧା ପାଇଁ କଣାସ ବ୍ଲକରେ ରାଜ୍ୟ ସରକାର ଏକ ଆଇନ ଅଦାଲତ ଖୋଲିବାକୁ ନିର୍ଦ୍ଦେଶ ହୋଇଛି। ଏଥିସହ ଅସ୍ଥାୟୀ ଭାବରେ କଣାସ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅଦାଲତ କାର୍ଯ୍ୟ ଚାଲୁରହିଛି। କିନ୍ତୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଜାଗା ଚିହ୍ନଟ ହୋଇ ମଧ୍ୟ ବ୍ଲକର ଶେଷ ଆଡ଼କୁ ପୁନଶ୍ଚ ଜାଗା ଚିହ୍ନଟ କରାଯାଉଥିବା ଜଣାପଡିଛି। ଫଳରେ ବ୍ଲକରେ ଜନଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ମୁତାବକ, ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ପଣିଆପଡ଼ା ମୌଜାର ଖାତା ନଂ. ୩୬୫/୧, ପ୍ଲଟ ନଂ. ୧/୮୭୪ ରକବା ଏ୨.୩୭୦ ଡିସିମିଲ ଜାଗା ଚିହ୍ନଟ କରି ଆଇନ ଅଦଲାତ ନାମରେ ପଞ୍ଜୀକରଣ କରିଥିଲେ। ପରେ ଜିଲା ଉଚ୍ଚପଦସ୍ଥ ଅଧିକାରୀ ତହସିଲଦାର ପାଣିଗ୍ରାହୀଙ୍କୁ ବ୍ଲକର ଶେଷ ସୀମା ଅଣ୍ଡାରସିଂହ ନିକଟରେ ଅଦାଲତ ପାଇଁ ଜାଗା ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ନୂତନ ଜାଗାର କାଗଜପତ୍ର କାର୍ଯ୍ୟ କରୁଥିବା ଖବର ପାଇବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅଦାଲତ ସ୍ଥାୟୀ ଗୃହ ପଞ୍ଚାୟତ ସମିତି ଓ ଥାନାଠାରୁ ୨ କି.ମି. ମଧ୍ୟରେ ନିର୍ମାଣ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ତହସିଲଦାର କାହା ନିର୍ଦ୍ଦେଶରେ ୧୦କି.ମି. ଦୂର ବ୍ଲକର ଶେଷ ସୀମାରେ ଜାଗା ଚିହ୍ନଟ କରୁଥିବା ସାଧାରଣରେ ଆଲୋଚନା ହେଉଛି। ଚିହ୍ନଟ ଜାଗା ବ୍ଲକର ଶେଷସୀମା ହୋଇଥିବାରୁ ଅଁଳାଯୋଡ଼ି, ଗଡ଼ସାନପୁଟ, ଗଡ଼ବଡ଼ପୁଟ, ଦେଇପୁର, ଦୋଛିଆଁ, ଗଡ଼ଖାରଦ, ବଡ଼ାଲ, ଦିବ୍ୟସିଂହପୁର ପଞ୍ଚାୟତର ଲୋକଙ୍କୁ ଏଥିପାଇଁ ୩୦କି.ମି. ରାସ୍ତା ଅତିକ୍ରମ କରିବାକୁ ପଡ଼ିବ। ତେଣୁ ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପୂର୍ବ ନିର୍ଦ୍ଧାରିତ ଜାଗାରେ ଅଦାଲତର ସ୍ଥାୟୀ ଗୃହ ନିର୍ମାଣ କରିବାକୁ କଣାସ ଜନସାଧାରଣ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପାଣିଗ୍ରାହୀଙ୍କୁ ପଚାରିବାରୁ, ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସେ ପୁନଶ୍ଚ ଜାଗା ଚିହ୍ନଟ କରୁଥିବା କହିଛନ୍ତି। ପ୍ରକାଶଥାଉ କି, ପଣିଆପଡ଼ାଠାରେ ଜାଗା ଚିହ୍ନଟ ପୂର୍ବରୁ ପୂର୍ବତନ ତହସିଲଦାର ସଞ୍ଜୟ ପ୍ରତିହାରୀ କଣାସ ଆଖପାଖରେ ସରକାରୀ ଜାଗା ନ ଥିବା ଦର୍ଶାଇ ୨୫କି.ମି. ଦୂର ଗଡ଼ିଶାଗୋଦା ଓ ଦୋଛିଆଁଠାରେ ସରକାରୀ ଅଦାଲତ ପାଇଁ ଜାଗା ଥିବା ଲେଖିଥିଲେ। ଏଥିରେ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଜିଲାପାଳଙ୍କ ନିକଟରେ ତୀବ୍ର ପ୍ରତିବାଦ କରିଥିଲେ। ଜିଲାପାଳ ତୁରନ୍ତ କଣାସ ଓ ବ୍ଲକ ନିକଟବର୍ତ୍ତୀ ଅଞ୍ଚଳରେ ଜାଗା ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେବାରୁ ପୂର୍ବତନ ତହସିଲଦାର ପ୍ରତିହାରୀ ପଣିଆପଡ଼ା ମୌଜାରେ ଜାଗା ଚିହ୍ନଟ କରି ପଞ୍ଜୀକରଣ କରିଥିଲେ।

## ବିଧାୟକଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ

ପିପିଲି,୨୩।୫(ଡି.ଏନ୍.ଏ.)

ପିପିଲି ବ୍ଲକ ଅନ୍ତର୍ଗତ ଯଶୁଆପୁର ପଞ୍ଚାୟତରେ ରବି ରୁତୁ ପାଇଁ ଧାନମଣ୍ଡି ଖୋଲିଛି। ଏହାକୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଅତିଥି ଭାବେ ଯୋଗଦେଇ ଧାନମଣ୍ଡିର ଶୁଭ ଉଦ୍‌ଘାଟନ କରିଥିଲେ। ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ପ୍ରଥମକରି ଯଶୁଆପୁର ପଞ୍ଚାୟତର ଗୋବିନ୍ଦା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏହି ଧାନ କିଣିଥିବା ବିଧାୟକ ମହାରଥୀ କହିଥିଲେ। ଜିଲା ପରିଷଦ ଧରଣୀଧର ସାହୁ, ସମିତିସଭ୍ୟ ରଶ୍ମିରଞ୍ଜନ ଭଞ୍ଜ, ଗୋବିନ୍ଦା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଶ୍ୱେତାଲିନ ପ୍ରଧାନ, ଯଶୁଆପୁର ପଞ୍ଚାୟତ ଏମ୍‌ବିକେ ମମତା ବରାଳ, ମହାସଂଘ ସଭାନେତ୍ରୀ ଲିପିକା ମହାପାତ୍ର, ଆଶିଷ ବରାଳ, ପୂର୍ବତନ ସରପଞ୍ଚ ପଦ୍ମନାଭ ସାମନ୍ତରାୟ, ପୂର୍ବତନ ସମିତିସଭ୍ୟ ହରିହର ରାଉତଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ମିଲର ଭାବେ ସାଇକୃପା ଧାନକ୍ରୟ କରିଥିବା ନେଇ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର କୁମାର ଦାଶ ସୂଚନା ଦେଇଛନ୍ତି।

## ଲୋକାର୍ପଣ ହେବ ୧୬ ନବନିର୍ମିତ ପାନୀୟ ଜଳ ପ୍ରକଳ୍ପ

**ଖର୍ଚ୍ଚ ହେବ ୧୫ କୋଟି ୧୭ ଲକ୍ଷ ଟଙ୍କା**

ନିମାପଡ଼ା,୨୩।୫(ଡି.ଏନ୍.ଏ.)

ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୧୫ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟରେ ୧୬ଟି ନବନିର୍ମିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୨୫ ତାରିଖରେ ଲୋକାର୍ପଣ ହେବ। ନିମାପଡ଼ା ବ୍ଲକର ଅଲଣ୍ଡା, ବଡ଼ମାଛପୁର, ବାହାରେଣା, ମିଟେଇପୁର, ଶାଇଁସଶାସନ, ତୁଳସୀପୁର, ରେଞ୍ଚଶାସନ, ଗଡ଼ପଦନପୁର, ଭୋଦର, ଭିଲି ଗ୍ରାମ ଆଦି ୧୧ଟି ପଞ୍ଚାୟତରେ ଏହି ନୂତନ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟିତ ହେବ। ଏନେଇ ବିଜେଡିର ବ୍ଲକ ସଭାପତି ଅଶୋକ ସାହୁ କହିଛନ୍ତି। ବିଧାୟକ ସମୀର ରଞ୍ଜନ ଦାଶ ସମସ୍ତ ପ୍ରକଳ୍ପର ଲୋକାର୍ପଣ କରିବେ। ଫଳରେ ୧୧ ପଞ୍ଚାୟତର ପ୍ରାୟ ୨୫ ହଜାର ଜନସାଧାରଣ ବିଶୁଦ୍ଧ ପାଇପଲାଇନ ପାନୀୟ ଜଳ ପାଇବା କ୍ଷେତ୍ରରେ ବହୁଳ ଭାବେ ଉପକୃତ ହେବେ ବୋଲି ବିଭାଗ କାର୍ଯ୍ୟାଳୟରୁ ଜଣାପଡ଼ିଛି। ଏନେଇ ବିଧାୟକଙ୍କୁ ପଚାରିବାରେ, ଆସନ୍ତା ୨୫ରେ ୧୬ ପ୍ରକଳ୍ପ ଲୋକାର୍ପିତ ହେବ। ପୂର୍ବରୁ ବହୁ ପଞ୍ଚାୟତରେ ନୂତନ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇସାରିଛି। ଏହି ପ୍ରକଳ୍ପ ଲୋକାର୍ପଣ ହେଲେ ଗ୍ରାମାଞ୍ଚଳର ଗାଁରେ ଆଉ ପାନୀୟ ଜଳର ସମସ୍ୟା ରହିବନି। ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଂ ବହୁ ବଳିଷ୍ଠ ପଦକ୍ଷେପ ନେଇଥିବା ବିଧାୟକ ଦାଶ କହିଥିଲେ।

## କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କଲେ ଅମଲା

**୧ରୁ ସମୂହ ଛୁଟିରେ ଯିବାକୁ ଚେତାବନୀ**

ଗୋପ,୨୩।୫(ଡି.ଏନ୍.ଏ.)

ଗୋପ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ମଙ୍ଗଳବାର ଗୋପ ବ୍ଲକ ଶିକ୍ଷା ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ସେମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। ଏଥିରେ ଜିଲାସ୍ତରୀୟ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଦରମା ସମୀକରଣ କରାଯାଇ ଲେବଲ-୪ରୁ ଲେବଲ-୯କୁ ଉନ୍ନୀତ କରିବାକୁ ଦାବି ଉପସ୍ଥାପନ କରାଯାଇଛି। ଯଦି ସରକାର ଏଥିରେ ରାଜି ନ ହୁଅନ୍ତି, ତେବେ ପ୍ରତିବାଦ ସ୍ୱରୂପ ଆସନ୍ତା ୧ ତାରିଖରୁ କଲମ ଛାଡ଼ ଆନ୍ଦୋଳନ କରାଯିବା ସହିତ ସମୂହ ଛୁଟି ନେବାକୁ ପୁରୀ ଜିଲାସ୍ତରୀୟ ଅମଲା ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଗୋପ ବିଇଓ ସୁଶିଲ ବ୍ରହ୍ମାଙ୍କୁ କାର୍ଯ୍ୟାଳୟର ବରିଷ୍ଠ କିରାଣି ଚନ୍ଦ୍ରଶେଖର ପାତ୍ର, ବରିଷ୍ଠ ସହାୟକ ବିଷ୍ଣୁପ୍ରସାଦ ମିଶ୍ର ଓ କନିଷ୍ଠ ସହାୟକ କ୍ଷୀରୋଦ ନାୟକ ପ୍ରମୁଖ ମଙ୍ଗଳବାର ଦାବିପତ୍ର ଦେଇ କଳାବ୍ୟଜ୍ ପରିଧାନ କରିଥିଲେ। ସେହିପରି ଗୋପ ତହସିଲ ଓ ଗୋପ ବ୍ଲକ କାର୍ଯ୍ୟାଳୟରେ ଅମଲାମାନେ ମଙ୍ଗଳବାର ଗୋପ ତହସିଲଦାରଙ୍କୁ ଦାବିପତ୍ର ଦେଇଥିବାବେଳେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।


ଗୋପ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅମଲାମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି ।

## 'ଆମ ହୃଦୟରେ ସେବା, ଆଧାତ୍ମିକତା ରହିଛି'

**ରାଜ୍ୟପାଳଙ୍କ ଦ୍ୱାରା ମା' ଉଗ୍ରତାରା ମନ୍ଦିର ଉଦ୍‌ଘାଟିତ**

ପୁରୀ ଅଫିସ,୨୩।୫:

ଈଶ୍ୱରଙ୍କ ନିକଟରେ ଆମେ ସବୁ ଶିଶୁ। ଈଶ୍ୱର ହିଁ ଆମ ଅଭିଭାବକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ମଙ୍ଗଳବାର ପୁରୀ ସଦର ବ୍ଲକ ବରନ ନିକଟ ରାଇଗୋରଡ଼ ଗ୍ରାମରେ ମା' ଉଗ୍ରତାରାଙ୍କ ମନ୍ଦିର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ କହିଛନ୍ତି, ଆଧାତ୍ମିକତା ଓ ସେବା ଆମ ହୃଦୟରେ ରହିଛି। ଆମ ଜାତି ମଣିଷ, ଆମ ଧର୍ମ ମାନବିକତା ଓ ଆମ ଶାସକ ସ୍ୱୟଂ ଶ୍ରୀଜଗନ୍ନାଥ ବୋଲି ସେ କହିଥିଲେ। ଆଦିଶକ୍ତିଙ୍କ ସନ୍ତାନ ଭାବେ ଆମେ ଦିବ୍ୟତ୍ୱକୁ ଅନୁସରଣ କରୁଛୁ। ଆଦିଶକ୍ତି ରକ୍ତବୀର୍ଯ୍ୟକୁ ସମାପ୍ତ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ମା' ଧରିଥିବା ପାତ୍ରରେ ଆତଙ୍କବାଦୀଙ୍କ ରକ୍ତପାନ କରି ସେମାନଙ୍କୁ ଶେଷ କରିଦେବେ ବୋଲି ରାଜ୍ୟପାଳ କହିଛନ୍ତି। ରାଇଗୋରଡ଼ ଗ୍ରାମରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ପାଇଁ ୧୦ ଲକ୍ଷ ଟଙ୍କା ଓ ମନ୍ଦିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସଙ୍ଗୀତ ପରିବେଷଣକାରୀ ଓ ଅନ୍ୟ ସହଯୋଗକାରୀଙ୍କୁ ଉପହାର ଦେବା ସକାଶେ ଗ୍ରାମ୍ୟ କମିଟିକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ରାଜ୍ୟପାଳ ସୂଚନା ଦେଇଥିଲେ। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମନ୍ଦିର ପ୍ରତିଷ୍ଠା ଦ୍ୱାରା ସଦ୍‌ଭାବନା ଓ ଭାଇଚାରା ଉଦ୍ରେକ ହେବା ସହ ସମାଜରେ ସଂସ୍କାର ବୃଦ୍ଧି ପାଇବ ବୋଲି କହିଥିଲେ। ଆଇଟିଡିସି ଅଧ୍ୟକ୍ଷ ସମ୍ବିତ ପାତ୍ର ମା' ଉଗ୍ରତାରାଙ୍କ ମନ୍ଦିର ପ୍ରତିଷ୍ଠା ଆମ ଆଧାତ୍ମିକ ଭାବନାକୁ ଅଧିକ ଋଦ୍ଧିମନ୍ତ ଓ ସମୃଦ୍ଧ କରିବ ବୋଲି କହିଥିଲେ। ପୂର୍ବତନ ଜିଲା ପରିଷଦ ସଭାପତି ଶଙ୍କର ପରିଡ଼ା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗ୍ରାମ ସଭାପତି ରମେଶ ଚନ୍ଦ୍ର ସ୍ୱାଇଁ, ରାଜକିଶୋର ସ୍ୱାଇଁ, କରୁଣାକର ସ୍ୱାଇଁ, ନୃସିଂହ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ମନ୍ଦିର ପରିଦର୍ଶନ ସହ ଯଜ୍ଞସ୍ଥଳରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ଏବଂ ଅନ୍ୟ ଅତିଥି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୦୫।୨୦୨୩

| | |
|---|---|
| ୩,୯୭, ୧୧୮ ଟଙ୍କା | |
| ସୁନା | ୧ ଗ୍ରାମ୍ |
| ରୁପା | ୧୧.୩୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଶ୍ରୀହନୁମାନ ମନ୍ଦିରର ୩୦ତମ ବାର୍ଷିକ ଜନ୍ମୋତ୍ସବ ଏବଂ ବିଶ୍ୱଶାନ୍ତି ଯଜ୍ଞ, ରସୁଲଗଡ଼, ପୂର୍ବାହ୍ନ ୧୦ଟା ୩୦।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଗୁଣନିଧି ମହାପାତ୍ରଙ୍କ ଏକାଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସନ୍ଧ୍ୟା ୬ଟା।
- ନୃତ୍ୟାୟନର ୩୧ତମ ବାର୍ଷିକ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଫିଲ୍ମ 'ଟି'ର ସ୍ପେଶିଆଲ ସ୍କ୍ରିନିଂ, ଏକ୍ସପ୍ଲାନେଡ ମଲ୍, ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ୫ମ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ନାଟକ 'ଅନ୍ଧୋ କା ହାତୀ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

ବାଲିଅନ୍ତା
- ଶିବ ବିବାହ ଓ ପାଣି ଗ୍ରହଣ, ଜଗନ୍ନାଥପୁର ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିର, ଅପରାହ୍ନ ୩ଟା।
- ଶିବ ବିବାହ ଉତ୍ସବ, ହଂସପାଳ ଗ୍ରାମର ବଟୁକେଶ୍ୱର ମନ୍ଦିର, ରାତି ୭ଟା।

କଟକ
- ଶ୍ରୀଗଡ଼ଗଡ଼େଶ୍ୱର ମହାଦେବଙ୍କ ବିବାହ ଉତ୍ସବ, ଗଡ଼ଗଡ଼େଶ୍ୱର ମନ୍ଦିର, ଅପରାହ୍ନ ୧ଟା ୩୦।

## ଆଇଆଇଟି କ୍ୟାମ୍ପସରେ ଦୁର୍ଘଟଣା: ପିଏଚ୍.ଡି. ଛାତ୍ର ମୃତ

ଜଟଣୀ,୨୩।୫(ଡି.ଏନ୍.ଏ.): ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ ପରିସରରେ ମଙ୍ଗଳବାର ରାତିରେ ଗାଡ଼ି ଧକ୍କାରେ ଜଣେ ପିଏଚ୍.ଡି. ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଭିନନ୍ଦନ ପଣ୍ଡା। ଖବରପାଇ ଜଟଣୀ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମଙ୍ଗଳବାର ରାତିରେ ଅଭିନନ୍ଦନ ଆଇଆଇଟି କ୍ୟାମ୍ପସ ପରିସରରେ ଯାଉଥିବା ବେଳେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ଅଭିନନ୍ଦନ ପଣ୍ଡା

## ପ୍ରଫେସର ପ୍ରଭାତ ରାଉଳ ପାଇବେ ପ୍ରାଣକୃଷ୍ଣ ପରିଜା ସମ୍ମାନ

କଟକ ଅଫିସ, ୨୩।୫: ଖ୍ୟାତନାମା କୃଷି ବିଜ୍ଞାନୀ ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରଭାତ କୁମାର ରାଉଳ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ପ୍ରାଣକୃଷ୍ଣ ପରିଜା ସମ୍ମାନ' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ଜୁନ୍ ୨ରେ କଟକ ସାରଳା ଭବନରେ ପ୍ରଫେସର ପରିଜା ମେମୋରିଆଲ ସୋସାଇଟି ପକ୍ଷରୁ ପ୍ରଫେସର ପରିଜାଙ୍କ ପୁଣ୍ୟତିଥି ପାଳନ କରାଯିବ। ଏଥିରେ ଡ. ରାଉଳଙ୍କୁ ପ୍ରାଣକୃଷ୍ଣ ପରିଜା ସମ୍ମାନ ପ୍ରଦାନ କରାଯିବ ବୋଲି ସୋସାଇଟି ପକ୍ଷରୁ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରଫେସର ରାଉଳ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଡାଇଁକୂଳ ଗ୍ରାମରେ ୧୯୬୪ ସେପ୍ଟେମ୍ବର ୨୭ରେ ଜନ୍ମଗ୍ରହଣ କରିଥିଲେ। ସେ ପୂର୍ବରୁ ଓୟୁଏଟିରେ ଅଧ୍ୟାପକ, ପ୍ରାଧ୍ୟାପକ, ପ୍ରଫେସର ଓ ଡିନ୍ ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ସେ ଆପିକଲର ପରିଚାଳନା ନିର୍ଦ୍ଦେଶକ ଭାବେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ସେ କୃଷିବିଜ୍ଞାନ ସମ୍ପର୍କିତ ୨୪ଟି ଗ୍ରନ୍ଥର ପ୍ରଣେତା ଏବଂ ୯ ଜଣ ପିଏଚ୍.ଡି ଗବେଷକଙ୍କ ତତ୍ତ୍ୱାବଧାରକ (ଗାଇଡ୍) ଥିଲେ।



# ୩ ଅଭିଯୁକ୍ତଙ୍କଠାରୁ ମିଳିଲା ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ

ଭୁବନେଶ୍ୱର,୨୩।୫(ବ୍ୟୁରୋ)



ପଠାଣିସାମନ୍ତ ଲେଙ୍କା



ସରୋଜ କୁମାର ନାୟକ



ସୌମ୍ୟ ପଟ୍ଟନାୟକ

### ଓଡ଼ିଶାରୁ ଆଇଏସ୍ଆଇକୁ ଓଟିପି ଶେୟାରିଂ ଘଟଣା

- ସୋସିଆଲ ମିଡିଆ ଗ୍ରୁପ୍‌ରେ ନିଲାମ ହେଉଥିଲା ଓଟିପି
- ଦିଲ୍ଲୀ, ରାଜସ୍ଥାନ, ପଶ୍ଚିମବଙ୍ଗରୁ ବିପୁଳ ଟଙ୍କା ଆସିଥିବା ସୂଚନା
- ଅଧିକ ତଦନ୍ତ ପାଇଁ ଅନ୍ୟ ରାଜ୍ୟକୁ ଯିବ ଏସ୍‌ଟିଏଫ୍ ଟିମ୍

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ଏଜେଣ୍ଟଙ୍କୁ ମୋବାଇଲ୍ ଓଟିପି ଶେୟାରିଂ ମାମଲାରେ ଜେରା ହେଉଥିବା ୩ ଅଭିଯୁକ୍ତଙ୍କ ମଙ୍ଗଳବାର ୩ ଦିନିଆ ରିମାଣ୍ଡ ଅବଧି ସରିଛି। ତେଣୁ ଅଭିଯୁକ୍ତ ପଠାଣିସାମନ୍ତ ଲେଙ୍କା, ସରୋଜ କୁମାର ନାୟକ ଓ ସୌମ୍ୟ ପଟ୍ଟନାୟକଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପୁଣି ଜେଲରେ ହାଜର କରିଛି। ତେବେ ଏହି ରିମାଣ୍ଡ ଅବଧି ସମୟରେ ଏସ୍‌ଟିଏଫ୍‌କୁ ମାମଲା ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଥିବା ସୋସିଆଲ୍ ମିଡିଆ ଗ୍ରୁପ୍‌ରେ ମୋବାଇଲ୍ ସିମ୍‌ର ଓଟିପି ନିଲାମ ହୁଏ। ଯିଏ ଅଧିକ ଟଙ୍କା ଦିଏ, ତାଙ୍କୁ ଓଟିପି ପଠାଯାଇଥାଏ। ଏହି ଓଟିପି ବାବଦକୁ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ବିଭିନ୍ନ ପର୍ଯ୍ୟାୟରେ ଦିଲ୍ଲୀ, ରାଜସ୍ଥାନ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ବିପୁଳ ଟଙ୍କା ଆସିଥିବା ଏନ୍‌ପିସିଆଇ (ନ୍ୟାଶନାଲ୍ ପେମେଣ୍ଟସ କର୍ପୋରେଶନ୍ ଅଫ୍ ଇଣ୍ଡିଆ)ରୁ ତଥ୍ୟ ମିଳିଛି। ତେଣୁ ଟଙ୍କା ପଠାଇଥିବା ଲୋକଙ୍କୁ ଏସ୍‌ଟିଏଫ୍ ଧରିବାକୁ ପ୍ରୟାସ ଆରମ୍ଭ କରିଛି। ସମ୍ପୃକ୍ତ ଲୋକମାନେ ଆଇଏସ୍ଆଇ ଏଜେଣ୍ଟଙ୍କ ଲିଙ୍କ୍‌ରେ ଥିବା ମଧ୍ୟ ଏସ୍‌ଟିଏଫ୍ ସନ୍ଦେହ କରୁଛି। ଏସ୍‌ଟିଏଫ୍ ଏନେଇ ତଦନ୍ତ ଜାରି ରଖିଛି। ଏପରିକି ଏସ୍‌ଟିଏଫ୍ ଅନ୍ୟ ରାଜ୍ୟକୁ ଯାଇ ଟଙ୍କା ପଠାଇଥିବା ଲୋକଙ୍କୁ ଧରିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଅନ୍ୟ ନାଁରେ ମୋବାଇଲ ସିମ୍ ଆଣି ବିଭିନ୍ନ ସୋସିଆଲ ମିଡିଆ ଗ୍ରୁପ୍ ଦ୍ୱାରା ଆଇଏସ୍ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାର କରି ବିପୁଳ ଟଙ୍କା ପାଉଥିଲେ। ଆଇଏସ୍ଆଇ ଏଜେଣ୍ଟମାନେ ଉକ୍ତ ଓଟିପିକୁ ବ୍ୟବହାର କରି ହ୍ୱାଟ୍‌ସଆପ୍, ଟେଲିଗ୍ରାମ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଟୁଇଟର୍ ଆଦି ସୋସିଆଲ ମିଡିଆ ଏବଂ ଆମାଜନ୍, ଫ୍ଲିପ୍‌କାର୍ଟ ଭଳି ଶପିଂ ଆପ୍‌ରେ ଆକାଉଣ୍ଟ ଅପରେଟ୍ କରୁଥିବା ଜଣାପଡ଼ିଛି। କିଛିଦିନ ତଳେ ଏଭଳି ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ସନ୍ଧାନ ଏସ୍‌ଟିଏଫ୍ ପାଇଥିଲା। ସେଥିରେ ବହୁ ସଦସ୍ୟ ଥିବାବେଳେ ଏସ୍‌ଟିଏଫ୍ ଉପରୋକ୍ତ ୩ ଅଭିଯୁକ୍ତଙ୍କ ପରିଚୟ ପାଇବା ପରେ ସେମାନଙ୍କୁ ଗିରଫ କରି ଗତ ମେ ୧୪ରେ କୋର୍ଟଚାଲାଣ କରିଥିଲା।

# କାନ୍ସରେ 'ୱିଣ୍ଟର ଇଣ୍ଟରଲ୍ୟୁଡ୍' ପ୍ରଦର୍ଶିତ



ଭୁବନେଶ୍ୱର,୨୩।୫(ବ୍ୟୁରୋ)

ଜର୍ମାନୀର ମେ ୧୬ରୁ ଚାଲିଥିବା ୭୬ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ର ଓଡ଼ିଶାରେ ଜନ୍ମିତ ଜାତୀୟ ପୁରସ୍କାରପ୍ରାପ୍ତ ନିର୍ମାତା ବିଜୟା ଜେନାଙ୍କ କ୍ଷୁଦ୍ର ଚଳଚ୍ଚିତ୍ର 'ୱିଣ୍ଟର ଇଣ୍ଟରଲ୍ୟୁଡ୍'ର ଟ୍ରେଲର ପ୍ରଦର୍ଶିତ ହୋଇଛି। ଇଂଲିଶ ଭାଷାରେ ନିର୍ମିତ ଏହି କ୍ଷୁଦ୍ର ଚଳଚ୍ଚିତ୍ରରେ ଯୁଦ୍ଧ ବିରୋଧୀ ବାର୍ତ୍ତା ରହିଛି। କିଭଳି ଯୁଦ୍ଧ ଭଳି ଭୟଙ୍କର ଘଟଣା ଆମକୁ ଆମ ପରିବାରଠାରୁ ଦୂରେଇ ରଖିଥାଏ ତାହାର ବାସ୍ତବ ଚିତ୍ର ଏଥିରେ ରହିଛି। ଏଥିସହ ଗତ କିଛିବର୍ଷ ମଧ୍ୟରେ ବିଶ୍ୱ ମହାମାରୀ ମାନବ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥିଲା। ଏହି ମହାମାରୀ ଜଣେ ବଙ୍ଗୀୟ ମହିଳାଙ୍କ ସ୍ୱାମୀଙ୍କ ଜୀବନ ନେବା ପରେ ସେ ଇଷ୍ଟୋନିଆରେ ଥିବା ତାଙ୍କ କର୍ମକ୍ଷେତ୍ରକୁ ଯିବାକୁ ବାଧ ହୋଇଥିଲେ, ଯେଉଁଠାରେ ସେ ତାଙ୍କ ଚାକିରି ସହିତ ଶେଷ ଜୀବନ କାଟିଥିଲେ।

ଚଳଚ୍ଚିତ୍ର ନିର୍ମାତା ତଥା ବହୁମୁଖୀ କଳାକାର ବିଜୟା କଟକର ମୂଳ ବାସିନ୍ଦା। ସେ କେ.ଆ. ଅବ୍ବାସଙ୍କ 'ଦି ନକ୍ସଲମାନ୍' ଚଳଚ୍ଚିତ୍ର ସହିତ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଓଡିଆ ଚଳଚ୍ଚିତ୍ର 'ତାରା' ପାଇଁ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ଏଥିସହ ଓଡିଆ ଚଳଚ୍ଚିତ୍ର 'ଜଗା ବଳିଆ'ରେ ଅଭିନୟ ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ରାଜ୍ୟ ପୁରସ୍କାର ଗ୍ରହଣ କରିଥିଲେ। ସେ ହାକିମ ବାବୁରେ ଅଭିନୟ କରିଥିଲେ, ଯାହା ଶ୍ରେଷ୍ଠ ଓଡିଆ ଚଳଚ୍ଚିତ୍ର ପାଇଁ ଜାତୀୟ ପୁରସ୍କାର ପାଇଥିଲା।

## କାନ୍ସ ଫିଲ୍ମ ଫେଷ୍ଟିଭାଲରେ ୨ ଓଡ଼ିଆ



ଜିତେନ୍ଦ୍ର ମିଶ୍ର ପାର୍ଥ ପଣ୍ଡା

ଭୁବନେଶ୍ୱର,୨୩।୫(ବ୍ୟୁରୋ)

କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ର ରେଡ୍ କାର୍ପେଟରେ ଚାଲିଛନ୍ତି ୨ ଓଡ଼ିଆ। ସେମାନେ ହେଲେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର ଏବଂ ଉଦ୍ୟୋଗୀ ପାର୍ଥ ପଣ୍ଡା। ଏକ ଦଶନ୍ଧି ଧରି ସମ୍ବଲପୁରୀ ହସ୍ତତନ୍ତକୁ ଜିତେନ୍ଦ୍ର ପ୍ରୋତ୍ସାହିତ କରୁଛନ୍ତି। ଚଳିତଥର ସେ ନିଜେ ପ୍ରସ୍ତୁତ କରିଥିବା ଏକ ହ୍ୟାଣ୍ଡଲୁମ୍ ପିନ୍ଧି ସେଠାରେ ଉପସ୍ଥିତ ହୋଇଛନ୍ତି। ଗତବର୍ଷ ଜିତେନ୍ଦ୍ର ତାଙ୍କ ସ୍ତ୍ରୀ ଡୋନାଙ୍କ ସହ ସମ୍ବଲପୁରୀ ପୋଷାକରେ କାନ୍ସ ରେଡ୍ କାର୍ପେଟରେ ଚାଲିଥିଲେ। ହସ୍ତତନ୍ତର ପ୍ରଚାର ପ୍ରସାର ସହ ସମସ୍ତଙ୍କୁ ମାସ୍କ ବାଣ୍ଟିଥିଲେ। ଏହି ଅବସରରେ ସେ କହିଛନ୍ତି, ୨୦୧୨ରେ ପ୍ରଥମେ ମୁଁ କାନ୍ସ ଆସିଥିଲି। ଏ ପର୍ଯ୍ୟନ୍ତ ମୋତେ ୮ଥର ନିମନ୍ତ୍ରଣ କରାଯାଇଛି। ଏକ ଚଳଚ୍ଚିତ୍ର ନିର୍ମାତା ପାଇଁ ଏହା ସବୁଠୁ ବଡ଼ ଗର୍ବ ଓ ଖୁସିର କଥା। ସେହିପରି ଲଣ୍ଡନରେ ରହୁଥିବା ପାର୍ଥ ତାଙ୍କର ପ୍ରଥମ ଅନୁଭୂତି ବାଣ୍ଟି କହିଛନ୍ତି, କାନ୍ସ ଫେଷ୍ଟିଭାଲରେ ଅଂଶଗ୍ରହଣ କରିବା ଅର୍ଥ ସ୍ୱପ୍ନ ସତ ହେବା ଭଳି। ରେଡ୍ କାର୍ପେଟରେ ବିଶ୍ୱର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ ଉପସ୍ଥିତ ରହିବା ମୋ ପାଇଁ ଗର୍ବର କଥା। ଜିତେନ୍ଦ୍ର ମିଶ୍ର ତାଙ୍କ ନାମ ସୁପାରିଶ କରିଥିବାରୁ ପାର୍ଥ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଚନ୍ଦ୍ରର ଅତି ନିକଟରେ ଦେଖାଗଲା ଶୁକ୍ର

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)



ମଙ୍ଗଳବାର ଆକାଶରେ ଉଜ୍ଜ୍ୱଳ ଗ୍ରହ ଶୁକ୍ରର ଖୁବ୍ ନିକଟତର ହୋଇଥିଲା ଚନ୍ଦ୍ର। ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା ୧୫ ପର୍ଯ୍ୟନ୍ତ ଏହି ବିରଳ ମହାଜାଗତିକ ଦୃଶ୍ୟ ଦେଖାଯାଇଥିଲା। ଏହି ସମୟରେ ଶୁକ୍ର ଓ ଚନ୍ଦ୍ର ମଧ୍ୟରେ କୌଣିକ ଦୂରତା ପ୍ରାୟ ୨ ଡିଗ୍ରୀ ରହିଥିଲା। ଏହାକୁ ଖାଲି ଆଖିରେ ଦେଖି ହୋଇଥିବାବେଳେ ପଠାଣି ସାମନ୍ତ ପ୍ଲାନେଟାରିୟମ୍ ପକ୍ଷରୁ ଏନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ଯାଏ ପ୍ଲାନେଟାରିୟମ୍‌ରେ ପ୍ରାୟ ୨ଶହରୁ ଅଧିକ ଲୋକ ଏହି ଦୃଶ୍ୟକୁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଥିଲେ। ଏଥିସହ ପିଲାମାନଙ୍କ ସହିତ ଏ ନେଇ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ବୁଧବାରଠାରୁ ଶୁକ୍ର ଓ ଚନ୍ଦ୍ର ମଧ୍ୟରେ କୌଣିକ ଦୂରତା ବଢ଼ି ପ୍ରାୟ ୧୫ ଡିଗ୍ରୀ ହେବ। ମେ' ଶେଷ ସପ୍ତାହ ତଥା ଜୁନ୍ ୧୫ ତାରିଖ ଯାଏ ସବୁଦିନ ସନ୍ଧ୍ୟାରେ ପ୍ରାୟ ୨ଘଣ୍ଟା ଧରି ଉଜ୍ଜ୍ୱଳ ଶୁକ୍ର ଗ୍ରହକୁ ପଶ୍ଚିମ ଆକାଶରେ ଆମେ ଖାଲି ଆଖିରେ ଦେଖି ପାରିବା ବୋଲି ପ୍ଲାନେଟାରିୟମ୍ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ପୋକ ଦମନ କରିବ ପରଜୀବୀ ଉପକାରୀ ପୋକ

## ଧାନଚାଷ ପାଇଁ ଏନ୍ଆର୍ଆର୍ଆଇ ବୈଜ୍ଞାନିକଙ୍କ ଅଭିନବ ପ୍ରୟାସ

କଟକ ଅଫିସ,୨୩।୫

ଧାନଚାଷରେ ହାନିକାରକ ପୋକ ଦମନ ପାଇଁ କୀଟନାଶକର ବିକଳ୍ପ ଭାବରେ ପରଜୀବୀ ଉପକାରୀ ପୋକ ପ୍ରୟୋଗ କରାଯିବ। ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍ଆର୍ଆର୍ଆଇ) ବୈଜ୍ଞାନିକଙ୍କ ଦ୍ୱାରା ଉଦ୍ଭାବିତ ଏହି ଅଭିନବ କୌଶଳକୁ ଚାଷରେ ବହୁଳ ଭାବେ ବ୍ୟବହାର କରାଯିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହାଦ୍ୱାରା ଫସଲର ଗୁଣାତ୍ମକ ମାନ ବୃଦ୍ଧି ପାଇବା ସହ ମଣିଷର ଖାଦ୍ୟ ମଧ୍ୟ କୀଟନାଶକ ପ୍ରଭାବରୁ ମୁକ୍ତ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

ଆମ ଦେଶ ତଥା ରାଜ୍ୟରେ ଧାନ ମୁଖ୍ୟ ଫସଲ। ଭାରତର ବହୁସଂଖ୍ୟକ ଲୋକ ଖାଦ୍ୟ ପାଇଁ ଧାନ ଉପରେ ନିର୍ଭର କରିଥାନ୍ତି। ଧାନଚାଷରେ ରୋଗପୋକ ଦମନ ପାଇଁ ଦିନକୁ ଦିନ ରାସାୟନିକ କୀଟନାଶକ ଔଷଧର ବ୍ୟବହାର ବଢ଼ିବାରେ ଲାଗିଛି। ଫଳରେ ସେହି କୀଟନାଶକର ଅବଶିଷ୍ଟାଂଶ ମାଟି ଓ ପାଣିରେ ମିଶି ତାକୁ ଖରାପ କରୁଛି ଓ ମାଟିର ଉର୍ବରତା ହ୍ରାସ ପାଇବାରେ ଲାଗିଛି। ତେଣୁ ଆମେ ଖାଉଥିବା ଖାଦ୍ୟ ଓ ପିଉଥିବା ପାଣି ମଧ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷରେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେଉଛି। ଏହାକୁ ଦୃଷ୍ଟିରେ ରଖି ପୋକ ଦମନ ପାଇଁ ଏନ୍ଆର୍ଆର୍ଆଇ ପରିବେଶ ଅନୁକୂଳ ଜ୍ଞାନକୌଶଳ ବିକଶିତ କରିଛି। ଏହି ଜ୍ଞାନକୌଶଳଗୁଡିକ ମଧ୍ୟରେ ଟ୍ରାଇକୋଗ୍ରାମା ଜାପୋନିକମ, ଟ୍ରାଇକୋଗ୍ରାମା ଚିଲୋନିସ୍, ବ୍ରାକୋନ୍ ହେବିଟର ପରି ପରଜୀବୀ ଉପକାରୀ ପୋକ ଅନ୍ତର୍ଭୁକ୍ତ। ଟ୍ରାଇକୋଗ୍ରାମା ପରଜୀବୀ ପ୍ରଜାତିଟି ଧାନରେ ଲାଗୁଥିବା ପୋକର ଅଣ୍ଡା ଅବସ୍ଥାକୁ ଦମନ କରିଥାନ୍ତି।




ଟ୍ରାଇକୋଗ୍ରାମା ଜାପୋନିକମ୍ ହଳଦିଆ କାଣ୍ଡବିନ୍ଧା ପୋକକୁ ଦମନ କରୁଥିବାବେଳେ ଟ୍ରାଇକୋଗ୍ରାମା ଚିଲୋନିସ୍ ପତ୍ରମୋଡା ପୋକର ଦମନ ପାଇଁ ବ୍ୟବହାର କରାଯାଇଥାଏ। ଗୋଟିଏ କାର୍ଡରେ ପାଖାପାଖି ୨୦,୦୦୦ ଟ୍ରାଇକୋଗ୍ରାମା ପରଜୀବୀ ଅଣ୍ଡା ଥାଏ। ଥରକରେ ହେକ୍ଟର ପିଛା ୩ଟି କାର୍ଡ ପ୍ରୟୋଗ କରାଯାଏ। କାଣ୍ଡବିନ୍ଧା କିମ୍ବା ପତ୍ରମୋଡ଼ା ପୋକ କିଆରିରୁ ଦମନ କରିବା ପାଇଁ ୭-୧୦ ଦିନ ବ୍ୟବଧାନରେ ୪ ଥର ପ୍ରୟୋଗ କରାଯାଏ। ଧାନରେ ପତ୍ରମୋଡ଼ା ପୋକ ପାଇଁ ବ୍ରାକୋନ୍ ହେବିଟର କାର୍ଡ ପ୍ରୟୋଗ କରାଯାଏ। ହେକ୍ଟର ପ୍ରତି ୮ଟି ବ୍ରାକୋନ୍ କାର୍ଡ ପ୍ରୟୋଗ କରାଯାଏ। ଯେଉଁ କିଆରିରେ ଏହି କାର୍ଡ ବ୍ୟବହାର କରାଯାଏ, ସେଠାରେ କୌଣସି ପ୍ରକାର କୀଟନାଶକ ପ୍ରୟୋଗ କରିବା ଅନୁଚିତ୍।

ଧାନ କିଆରିରେ ୨-୩ ଫୁଟ ଉଚ୍ଚତାର ବାଉଁଶ ଖୁଣ୍ଟ ପୋତି ସେଥିରେ ଟ୍ରାଇକୋଗ୍ରାମା କିମ୍ବା ବ୍ରାକୋନ୍ କାର୍ଡ ବନ୍ଧାଯାଏ। ଖରା ଏବଂ ବର୍ଷାରୁ ଏହାକୁ ରକ୍ଷା କରିବା ପାଇଁ ଗୋଟିଏ ପ୍ଲାଷ୍ଟିକ ଗ୍ଲାସ ଓଲଟାଇ ତା' ଭିତରେ କାର୍ଡଟିକୁ ରଖାଯାଏ। ଗୋଟିଏ କାର୍ଡକୁ ୪ ଭାଗରେ ବିଭକ୍ତ କରି କିଆରିର ଅଲଗା ଅଲଗା ଜାଗାରେ ଲଗାଯାଏ। ଏହାକୁ ବହୁଳ ଭାବରେ ଉତ୍ପାଦନ କରାଯାଇ ବ୍ୟବସାୟିକ ଭିତ୍ତିରେ କୃଷକମାନଙ୍କୁ ଯୋଗାଇ ଦେବା ନିମନ୍ତେ ଏନ୍ଆର୍ଆର୍ଆଇରେ ଉପଲବ୍ଧ କରାଯାଇଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସାଗର



@ ଆଲୋକ



@ ଉପେନ୍ଦ୍ର



@ ରାମକୃଷ୍ଣ



@ ସୋନି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଅର୍ଥ ମନ୍ତ୍ରୀ



ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ।

ପୁରୀ ଅଫିସ, ୨୩।୫

ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ନୂଆ କାର୍ଯ୍ୟ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ମନ୍ତ୍ରୀ ଆରୁଖ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ସିଂହଦ୍ୱାର ନିକଟରୁ ସେବାୟତ ଓ ଶ୍ରୀମନ୍ଦିର ଅଧିକାରୀମାନେ ତାଙ୍କୁ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ମନ୍ତ୍ରୀ ଆରୁଖ ବାଇଶି ପାହାଚ ଦେଇ ପ୍ରବେଶ କରି ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ଏହାପରେ ଶ୍ରୀମନ୍ଦିର ଭିତର ବେଢାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ରହି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଧ୍ୟ ତାଙ୍କ ପରିବାର ସହ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ।

# ୫ହଜାର ଟଙ୍କାରେ ୩ ଦେଶ ଭ୍ରମଣ

**ଲଣ୍ଡନ:** ବୁଲିବାକୁ ପସନ୍ଦ କରୁଥିବା ଲୋକଙ୍କ ପାଖରେ ଯଦି ଟଙ୍କାର କିଛି ଅଭାବ ଥାଏ, ତେବେ ସେମାନେ ଏହା ଯୋଗାଡ଼ କରିନିଅନ୍ତି। କିନ୍ତୁ ନିକଟରେ ଜଣେ ଯୁବତୀ ଏମିତି କିଛି ଯୋଗାଡ଼ କରିଛନ୍ତି, ତାହା ଆଶ୍ଚର୍ଯ୍ୟ କରିଛି। ପୂର୍ବ ଲଣ୍ଡନର ଜଣେ ୨୯ ବର୍ଷୀୟା କଣ୍ଟେଣ୍ଟ କ୍ରିଏଟର ସବିନା ଟ୍ରୋଜାନୋଭା ମାତ୍ର ୫ହଜାର ଟଙ୍କାରେ ୩ ଦେଶ ବୁଲିଛନ୍ତି। ତାଙ୍କର ଏହି ଟ୍ରିକ୍‌କୁ ମଧ୍ୟ ଲୋକଙ୍କ ସହ ଶେୟାର କରିଛନ୍ତି। ସେ ମେ' ୯ରେ ୧୨.୯୯ ବ୍ରିଟିଶ ପାଉଣ୍ଡ ଅର୍ଥାତ୍ ୧୩୦୦ ଟଙ୍କାରେ ଲଣ୍ଡନରୁ ଡବଲିନ୍ ପାଇଁ ଫ୍ଲାଇଟ୍ ଧରିଲେ। ସେଠାରେ ୨ ଦିନ ବୁଲିବା ପରେ ସେ ସେଠାରୁ ୧୭.୩୮ ବ୍ରିଟିଶ ପାଉଣ୍ଡ ଅର୍ଥାତ୍ ୧୭୦୦ ଟଙ୍କା ଫ୍ରାନ୍ସର ମାର୍ସେଇଲି ପାଇଁ ଫ୍ଲାଇଟ୍ ଧରିଲେ।



ସେଠାରେ କିଛିଦିନ ବୁଲିବା ପରେ ସେ ୧୬ ବ୍ରିଟିଶ ପାଉଣ୍ଡ ଅର୍ଥାତ୍ ୧୬୦୦ ଟଙ୍କାରେ ସ୍ପେନ୍‌ର ପାଲ୍‌ମା ପାଇଁ ଫ୍ଲାଇଟ ଧରିଥିଲେ। ସବିନା କହିଛନ୍ତି, ସେ ତାଙ୍କର ଯାତ୍ରା ପାଇଁ ଆଉ କମ୍ ଟଙ୍କା ଖର୍ଚ୍ଚ କରିପାରିଥାନ୍ତେ। ତେବେ ତାଙ୍କର ସମୁଦାୟ ୬୧୩ ବ୍ରିଟିଶ ପାଉଣ୍ଡ ଅର୍ଥାତ୍ ୬୩ ହଜାର ଖର୍ଚ୍ଚ ହୋଇଥିଲା। ସେ ଏକ ନୂଆ ଦେଶକୁ ଯିବାକୁ ସବୁଠୁ କମ୍ ଦାମ୍‌ବାଲା ଫ୍ଲାଇଟ ଧରିଥିଲେ। ସେ ସମସ୍ତ ଜାଗାକୁ ଏକା ଯିବାକୁ ଚାହୁଁଥିଲେ। ସେ ଗୋଟିଏ ରାତି ପୂର୍ବରୁ ତାଙ୍କର ନୂଆ ଜାଗା ସ୍ଥିର କରୁଥିଲେ। ସେ ଦେଶରେ ସମସ୍ତ ଜାଗା ପାଦରେ ଚାଲି ଚାଲି ବୁଲିଥିଲେ। ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା, ସେହି ଦେଶରେ ଭଲ ସମୟ କାଟିବା ସହ ନିଜକୁ କିଛି ଟାସ୍କ ଦେଇଥିଲେ। ସେସବୁ ହେଲା ସେଠାକାର ପାରମ୍ପରିକ ଖାଦ୍ୟ ଓ ମିଠା ଖାଇବା, ସେଠାର ଐତିହାସିକ ସହ ଜଡ଼ିତ ଥିବା ମହିଳାଙ୍କ ସହ କଥା ହେବା ଏବଂ ସ୍ଥାନୀୟ ଲେଖକଙ୍କ ବହି ଖୋଜିବା। ସବିନା ଏପର୍ଯ୍ୟନ୍ତ ୬୦ଟି ଦେଶ ବୁଲିଥିବାବେଳେ ଏକୁଟିଆ ବୁଲିବା ଭଲ ଉପାୟ ବୋଲି କହିଥିଲେ।

# କେଦାରନାଥଙ୍କୁ ଦର୍ଶନକଲେ ଅକ୍ଷୟ

ମୁମ୍ବାଇ

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ମଙ୍ଗଳବାର ଉତ୍ତରାଖଣ୍ଡର ବାବା କେଦାରନାଥ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହାର ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ସେ ତାଙ୍କ ସିକ୍ୟୁରିଟି ଗାର୍ଡଙ୍କ ସହ କେଦାରନାଥ ମନ୍ଦିରରେ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି। ତାଙ୍କ ଚାରିପାଖରେ ପ୍ରଶଂସକଙ୍କ ଭିଡ଼ ମଧ୍ୟ ସ୍ପଷ୍ଟ ଦେଖାଯାଉଛି। ଏଥିସହ ଅକ୍ଷୟ ତାଙ୍କ କପାଳରେ ନାଲି ଏବଂ ହଳଦିଆ ରଙ୍ଗର ଟିକା ଲଗାଇଥିବାବେଳେ ଏକ କଳା ଅଧା ଟି-ଶାର୍ଟ ପିନ୍ଧିଥିବା ନଜର ଆସିଛନ୍ତି। ଭଗବାନଙ୍କୁ ଦର୍ଶନ କରି ଫେରିବା ପରେ ଅକ୍ଷୟ ଦୁଇ ହାତ ଯୋଡ଼ି ପ୍ରଶଂସକଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିକଟରେ ତାଙ୍କୁ ଫିଲ୍ମ 'ସେଲ୍ଫି'ରେ ଅଭିନେତା ଇମ୍ରାନ ହାସ୍‌ମିଙ୍କ ସହ ଦେଖିବାକୁ ମିଳିଥିଲା। ସେ ତାଙ୍କର ଚଳଚ୍ଚିତ୍ର କ୍ୟାରିୟର ୧୯୮୭ରୁ ଆରମ୍ଭ କରିଥିବାବେଳେ ଏବେ ତାଙ୍କ ହାତରେ ଅନେକ ମୁଭି ରହିଛି।



# କୁକୁର ମୁଣ୍ଡରେ ହେଲ୍‌ମେଟ୍



**ଚେନ୍ନାଇ:** ଆଜିକାଲି ସମୟରେ ମଣିଷ ବିଭିନ୍ନ ପ୍ରାଣୀକୁ ଘରେ ପାଳୁଥିବା ଦେଖିବାକୁ ମିଳୁଛି। ତେବେ କୁକୁରକୁ ଲୋକେ ଅଧିକ ମାତ୍ରାରେ ପାଳିବା ସହ ସେମାନଙ୍କ ଯତ୍ନ ମଧ୍ୟ ନେଉଛନ୍ତି। ସେମାନଙ୍କୁ ନିଜ ସହ କାର୍ କିମ୍ବା ସ୍କୁଟିରେ ବିଭିନ୍ନ ସ୍ଥାନକୁ ମଧ୍ୟ ବୁଲେଇବାକୁ ନେଉଛନ୍ତି। ହେଲେ ନିକଟରେ ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି, ଯାହା ଟିକେ ଅଜବ ଲାଗିବ। ଏକ କୁକୁର ହେଲ୍‌ମେଟ ପିନ୍ଧି ବାଇକ୍‌ରେ ବସି ଯାଉଥିବା ଦେଖିବାକୁ ମିଳିଛି। ଏହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ରାସ୍ତାରେ ଯିବା ସମୟରେ ସମସ୍ତଙ୍କୁ ରାସ୍ତାର ନିୟମ ମାନିବାକୁ ପଡିଥାଏ। ବାଇକ୍ ଚଲାଇବାବେଳେ ହେଲ୍‌ମେଟ ପିନ୍ଧିବାକୁ ପଡ଼େ। ତେବେ ଭାଇରାଲ ଭିଡିଓରେ ଦେଖାଯାଉଥିବା ଗାଡ଼ିର ନମ୍ବର ପ୍ଲେଟ୍‌ରୁ ଜଣାପଡୁଛି ଯେ ଗାଡ଼ିଟି ତାମିଲନାଡୁର। ସେଥିରେ ଜଣେ ବ୍ୟକ୍ତି ବାଇକ୍ ଚଲାଉଥିବାବେଳେ ତାଙ୍କ ପଛରେ ହେଲ୍‌ମେଟ ପିନ୍ଧି ଜଣେ ମହିଳା ବସିଥିବା ଭଳି ପ୍ରଥମେ ଦେଖାଗଲା। ହେଲେ ବାଇକ୍ ପାଖକୁ ଯିବାରୁ ଜଣାପଡ଼ିଲା ଯେ ତାହା କୁକୁର। ସେ ମଣିଷଙ୍କ ଭଳି ବାଇକ୍ ପଛରେ ବସି ହେଲ୍‌ମେଟ ପିନ୍ଧିଥିଲା। ବ୍ୟକ୍ତି ଜଣକ ନିଜର ସୁରକ୍ଷା ସହ ତାଙ୍କ କୁକୁରର ସୁରକ୍ଷା ଦୃଷ୍ଟିରୁ ଏପରି ହେଲ୍‌ମେଟ ପିନ୍ଧାଇଥିବା କହିଥିଲେ। ଏହି ଭିଡିଓରେ ଲୋକେ ବହୁତ ମଜାଳିଆ କମେଣ୍ଟ ଦେଇଥିବା ଦେଖିବାକୁ ମିଳିଛି।

# ଗାଡ଼ିରେ ରିଲ୍ସ ବନେଇ ଫାଇନ ଭରିଲେ

**ଲକ୍ଷ୍ନୌ:** ଲୋକେ ନିଜ ବିବାହକୁ ମେମୋରେବଲ କରିବା ପାଇଁ ବହୁତ ପ୍ଲାନ୍ କରୁଛନ୍ତି। ଏଥିସହ ବର କନ୍ୟା ବିବାହ ପୂର୍ବରୁ ବିଭିନ୍ନ ସ୍ଥାନକୁ ଯାଇ ପ୍ରିୱେଡିଂ ଫଟୋଶୁଟ ମଧ୍ୟ କରୁଥିବା ନଜରକୁ ଆସୁଛନ୍ତି।



ହେଲେ ନିକଟରେ ଜଣେ କନ୍ୟାଙ୍କ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ଲୋକଙ୍କ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ଲାଗିଛି। ଭିଡିଓରେ ଜଣେ ଝିଅ କନ୍ୟା ବେଶରେ କାରର ବୋନେଟ ଉପରେ ବସି ରିଲ୍ କରୁଥିବା ଦେଖିବାକୁ ମିଳିଛି। ସେଥିରେ ବିବାହ ଫିଲ୍ମର ଗୀତ ବାଜୁଛି। ଆଗରେ ଜଣେ କ୍ୟାମେରା ମ୍ୟାନ୍ ତାଙ୍କ ଭିଡିଓ ଶୁଟ କରୁଛନ୍ତି। ତାଙ୍କ ପାଖ ଦେଇ ଯାଉଥିବା ସମସ୍ତେ ତାଙ୍କୁ ବୁଲି ବୁଲି ଦେଖୁଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଉତ୍ତର ପ୍ରଦେଶର ପ୍ରୟାଗରାଜରେ। ଏହି ଭିଡିଓ ଭାଇରାଲ ପରେ ସେଠାକାର ପୋଲିସ ଏହି ମାମଲାରେ ତାଙ୍କ ଉପରେ ୧୫ ହଜାର ଟଙ୍କା ଜରିମାନା ଲଗାଇଛି। ଏଥିସହ ଆଉ ଏକ ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ବିନା ହେଲ୍‌ମେଟରେ ସ୍କୁଟି ଚଲାଉଛନ୍ତି। ଏହି ଘଟଣାରେ ତାଙ୍କୁ ସେଠାକାର ପୋଲିସ ୧୫୦୦ ଟଙ୍କା ଜରିମାନା ପକାଇଛି। ପୋଲିସ ଯାଞ୍ଚ କରିବାରୁ ଜଣାପଡିଛି, ଉକ୍ତ କନ୍ୟାଙ୍କ ନାମ ବର୍ଣ୍ଣିକା ଚୌଧୁରୀ। ସେ ପ୍ରଥମେ କାର୍‌ର ବୋନେଟ୍ ଉପରେ ବସି ପରେ ବିନା ହେଲ୍‌ମେଟରେ ସ୍କୁଟି ଚଲାଇ ରିଲ୍ ବନାଇଛନ୍ତି। ତେବେ ତାଙ୍କର ଏହି ଭିଡିଓରେ ଅନେକ ଲୋକ ତାଙ୍କୁ ସମର୍ଥନ କରିଥିବାବେଳେ କିଛି ଲୋକଙ୍କ ଭିନ୍ନ କମେଣ୍ଟ ଦେଖିବାକୁ ମିଳିଛି। ଜଣେ ୟୁଜର ଲେଖିଛନ୍ତି, ଆପଣ ବୋଧେ କାର୍ ଆଉ ମେକପ ଆର୍ଟିଷ୍ଟଙ୍କ ପ୍ରମୋଶନ କରୁଛନ୍ତି।

## ବିଶ୍ୱ ସ୍କିଜୋଫ୍ରେନିୟା ଦିବସ

# ସଚେତନତା ଲୋଡ଼ା

ଯେତେ ପ୍ରକାରର ମାନସିକ ସମସ୍ୟା ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିୟା ହେଉଛି ସବୁଠାରୁ ଗମ୍ଭୀର ସମସ୍ୟା। ଏଥିରେ ରୋଗୀର ବ୍ୟବହାର ଓ ଚିନ୍ତା କରିବାର ଶକ୍ତି ମୁଖତଃ ପ୍ରଭାବିତ ହୋଇଥାଏ। ପ୍ରତି ବର୍ଷ ମେ' ୨୪ ତାରିଖରେ ବିଶ୍ୱ ସ୍କିଜୋଫ୍ରେନିୟା ଦିବସ ପାଳନ କରାଯାଇଥାଏ। ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨.୫ କୋଟି ଲୋକ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ସ୍କିଜୋଫ୍ରେନିୟା ଆମ ଦେଶରେ ପ୍ରତି ଶହେ ଜଣରେ ଜଣକୁ ହୋଇଥାଏ। ଏହି ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ରହିଛି, ଯାହାଫଳରେ ରୋଗୀ ଠିକ୍ ସମୟରେ ଉଚିତ ଚିକିତ୍ସା ପାଇ ପାରୁନାହାନ୍ତି।

**ପ୍ରତିବର୍ଷ ମେ ୨୪ ତାରିଖକୁ 'ବିଶ୍ୱ ସ୍କିଜୋଫ୍ରେନିୟା ଦିବସ' ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାଙ୍କ ଅପେକ୍ଷା ପୁରୁଷଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ସନ୍ଦେହ କରିଥାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖା ଯାଇଥାଏ। ରୋଗୀ କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। କେତେକ ରୋଗୀ ନ ଥିବା ବସ୍ତୁ ବା ବ୍ୟକ୍ତିଙ୍କୁ ଦେଖିପାରୁଛନ୍ତି ବୋଲି ମଧ୍ୟ କହିଥାନ୍ତି। ରୋଗୀମାନେ ବେଳେ ବେଳେ ଏ ସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏହି ପ୍ରତିକ୍ରିୟାରେ ସେମାନେ ନିଜେ ମନେ ମନେ କଥା ହୁଅନ୍ତି। ଶୂନ୍ୟରେ ଜବାବ ଦିଅନ୍ତି, ମନକୁ ମନ ହସନ୍ତି ଓ କାନ୍ଦନ୍ତି। ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଓ ଉତ୍ତେଜିତ ହୋଇପଡ଼ନ୍ତି। ସେମାନେ ଘରୋଇ ଦାୟିତ୍ୱ ନେବା, କର୍ମ କ୍ଷେତ୍ରରେ କାର୍ଯ୍ୟଭାର ନେବା ଓ ବିଭିନ୍ନ ସାମାଜିକ ପରିସ୍ଥିତିରେ ନିଜକୁ ଖାପଖୁଆଇ ଚଳାଇବାରେ ଅସମର୍ଥ ହୁଅନ୍ତି। କେତେକ ରୋଗୀ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ୍ୟ କରିଥାନ୍ତି। ଅନେକ ରୋଗୀ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ସେବନ ମଧ୍ୟ କରିଥାନ୍ତି।

ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥ (ନ୍ୟୁରୋଟ୍ରାନ୍ସମିଟର)ର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତିକ ହୋଇଥାଏ। ଅନୁସନ୍ଧାନରୁ ଜଣାପଡ଼ିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିୟା ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୧୦ ପ୍ରତିଶତ ଆଶଙ୍କା ଥାଏ।

ସ୍କିଜୋଫ୍ରେନିୟା ଏକ ଜଟିଳ ରୋଗ ହେଲେ ମଧ୍ୟ ଏହାର ଚିକିତ୍ସା ସହଜରେ କରିହେବ। ଏଥିନିମନ୍ତେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ ଜରୁରୀ। ପ୍ରାରମ୍ଭିକ ଅବସ୍ଥାରେ ରୋଗର ଲକ୍ଷଣକୁ ଚିହ୍ନିବାରେ ପରିବାରର ସଦସ୍ୟମାନେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେକ ଲୋକ ସ୍କିଜୋଫ୍ରେନିୟା ରୋଗ ଓ ତଜ୍ଜନିତ ବ୍ୟବହାରକୁ ରୋଗର ଲକ୍ଷଣ ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଗାରେଡ଼ି ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଇଥାନ୍ତି। ଏ ସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭ କଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗୀ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବାର ଆଶଙ୍କା କମି ଯାଇଥାଏ।



ସ୍କିଜୋଫ୍ରେନିୟାର ଚିକିତ୍ସା ପାଇଁ ଔଷଧ (ଆଣ୍ଟିସାଇକୋଟିକ) ଗୁଡ଼ିକୁ ମୁଖ୍ୟତଃ ଟାବ୍ଲେଟ ମାଧ୍ୟମରେ ଯାଇଥାଏ। କେତେକ ରୋଗୀ ଔଷଧ ଖାଇବାକୁ ରାଜି ହୋଇ ନ ଥାନ୍ତି, ସେହି କ୍ଷେତ୍ରରେ ପ୍ରାରମ୍ଭିକ ଅବସ୍ଥାରେ ଔଷଧଗୁଡ଼ିକୁ ଇଞ୍ଜେକଶନ୍ ମାଧ୍ୟମରେ ଦିଆଯାଇଥାଏ। ବର୍ତ୍ତମାନ ସ୍କିଜୋଫ୍ରେନିୟାର ଚିକିତ୍ସା ନିମନ୍ତେ ଅନେକ ଉନ୍ନତ ଧରଣର ଔଷଧ ବ୍ୟବହାର କରାଗଲାଣି, ଯାହାର ବ୍ୟବହାର ଯୋଗୁ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉନାହିଁ। ଆଜିକାଲି ଏହି ଔଷଧଗୁଡ଼ିକ ଖୁବ୍ କମ୍ ଦାମ୍‌ରେ ମଧ୍ୟ ଉପଲବ୍ଧ ହେଉଛି। ସ୍କିଜୋଫ୍ରେନିୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ପୂର୍ବରୁ ଔଷଧ ବନ୍ଦ କରି ଦେଲେ ରୋଗ ପୁନର୍ବାର ଦେଖାଯିବାର ଆଶଙ୍କା ଦେଖାଯାଇଥାଏ। ଜାଣି ରଖିବା ଉଚିତ ଯେ ଏହି ଔଷଧଗୁଡ଼ିକୁ ଖାଇଲେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଉପରେ କୌଣସି ଖରାପ ପ୍ରଭାବ ପଡ଼ି ନ ଥାଏ କିମ୍ବା ଏହା ଅଭ୍ୟାସରେ ପଡ଼ିଯାଏ ନାହିଁ। ଏହି ରୋଗର ଚିକିତ୍ସା ପାଇଁ କେତେଦିନ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼ିବ ତାହା ରୋଗୀ ଓ ତାଙ୍କର ପରିବାରର ଲୋକମାନେ ଡାକ୍ତରଙ୍କଠାରୁ ବୁଝି ରଖିବା ଜରୁରୀ। ଔଷଧ ଛଡ଼ା ମନସ୍ତାତ୍ତ୍ୱିକ ଚିକିତ୍ସା (କାଉନ୍‌ସେଲିଂ) ସହିତ ରୋଗୀର ସାମାଜିକ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ମଧ୍ୟ ଦରକାର ପଡ଼ିଥାଏ।

ସରକାରଙ୍କ ତରଫରୁ ସ୍କିଜୋଫ୍ରେନିୟା ଆକ୍ରାନ୍ତ ରୋଗୀଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଯାହାଫଳରେ ସେମାନେ ଅନେକ ସୁବିଧା ଓ ସୁଯୋଗ ପାଇ ପାରୁଛନ୍ତି। ବିଶ୍ୱ ସ୍କିଜୋଫ୍ରେନିୟା ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ହେଲା ଏହି ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଯାହାଫଳରେ ପ୍ରାରମ୍ଭିକ ଅବସ୍ଥାରେ ଏହି ରୋଗକୁ ଚିହ୍ନଟ କରାଯାଇପାରିବ ଓ ରୋଗୀଙ୍କୁ ଠିକ୍ ଚିକିତ୍ସା ପ୍ରଦାନ କରାଯାଇ ପାରିବ। ଏହାଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ।

**- ଡା. ସତ୍ୟକାମ ମହାପାତ୍ର,**
ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ: ୮୪୫୬୯୧୫୫୦୬

## ରାଜ୍ୟ ଖବର

# ୯ ନୂଆ ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୨୩।୫(ବ୍ୟୁରୋ)

**ଲଇକେରା, କିର୍ମିରା ହେଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା**

ଝାରସୁଗୁଡ଼ା ଜିଲାର ଲଇକେରା ଓ କିର୍ମିରା ବ୍ଲକକୁ ନେଇ ନୂତନ ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ଗଠନ କରାଯାଇଛି। ଏହା ଅଧୀନରେ ଉଭୟ ବ୍ଲକର ସମସ୍ତ ଗାଁ ରହିବ। ଏଥିପାଇଁ ରାଜ୍ୟ ସରକାର ୯ଟି ନୂତନ ପଦବୀକୁ ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ନୂତନ ପଦବୀକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଏହି ୨ଟି ବ୍ଲକରେ ଜନଜାତି ବିକାଶ ଓ କଲ୍ୟାଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

ଏହି ନୂତନ ପଦବୀଗୁଡ଼ିକ ହେଲା, ପ୍ରକଳ୍ପ ପ୍ରଶାସକ (ପ୍ରୋଜେକ୍ଟ ଆଡ୍‌ମିନିଷ୍ଟ୍ରେଟର), ସ୍ୱତନ୍ତ୍ର ଅଧିକାରୀ (ସ୍ପେଶାଲ ଅଫିସର), ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଆସିଷ୍ଟାଣ୍ଟ ଇଞ୍ଜିନିୟର, ଆକାଉଣ୍ଟାଣ୍ଟ, ହେଡ୍ କ୍ଲର୍କ, କନିଷ୍ଠ ଷ୍ଟେନୋଗ୍ରାଫର, ବରିଷ୍ଠ କ୍ଲର୍କ ଓ କନିଷ୍ଠ କ୍ଲର୍କ।

ସୂଚନାଯୋଗ୍ୟ, ଲଇକେରା ଓ କିର୍ମିରା ବ୍ଲକରେ ମୁଖ୍ୟତଃ ଗଣ୍ଡ, ଭୂୟାଁ ଓ କିଷାନ ବର୍ଗର ଆଦିବାସୀ ରହୁଥିବା ବେଳେ ମୁଣ୍ଡା, କୋଲ୍ହ, ଓରାଓଁ, ଶବର, ଖରିଆ ଓ ସାରା ବର୍ଗର ଆଦିବାସୀ ମଧ୍ୟ ଅଛନ୍ତି। ଲଇକେରା ବ୍ଲକରେ ଆଦିବାସୀଙ୍କ ସଂଖ୍ୟା ୫୧.୭୮ ପ୍ରତିଶତ ହୋଇଥିବା ବେଳେ କିର୍ମିରାରେ ଏହା ୧୮.୪୬ ପ୍ରତିଶତ।

# ନୂଆପଡ଼ାରେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

ନୂଆପଡ଼ା ଅଫିସ,୨୩।୫

**୨ ଜଳସେଚନ ପ୍ରକଳ୍ପ ପରିଦର୍ଶନ**

ମହାନଦୀ ଜଳ ବିବାଦକୁ ନେଇ ଗଠିତ ଟ୍ରିବ୍ୟୁନାଲ ଟିମ୍ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏହି ଟିମ୍ ସୋମବାର ତୃତୀୟ ଦିନରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲା ଗସ୍ତ କରିଥିବା ବେଳେ ମଙ୍ଗଳବାର ଚତୁର୍ଥ ଦିନରେ ନୂଆପଡ଼ା ଗସ୍ତ କରିଛନ୍ତି। ସକାଳେ ଟିମ୍ ସଦସ୍ୟ ମହାନଦୀ ଉପରମୁଣ୍ଡରେ ଥିବା ବରଗଡ ଜିଲା ସୀମାନ୍ତ ନୂଆପଡା ସଦର ବ୍ଲକ ସାଇପଲା ଜଳସେଚନ ପ୍ରକଳ୍ପ ଅଞ୍ଚଳ ବୁଲି ଅନୁଧ୍ୟାନ କରିଥିଲେ। ପରେ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ବୁଲି ସ୍ଥିତି ସମୀକ୍ଷା କରିଥିଲେ। ଏହି ୩ଜଣିଆ ଟିମ୍‌ରେ ଅଧ୍ୟକ୍ଷ ଏ.ଏମ୍. ଖାନୱାଲିକର, ସଦସ୍ୟ ଜଷ୍ଟିସ୍ ରବି ରଞ୍ଜନ ଓ ସଦସ୍ୟ ଜଷ୍ଟିସ ଇନ୍ଦ୍ରଜିତ କୌର କୋଚିହାର ରହିଛନ୍ତି। ଏହା ସହିତ ଛତିଶଗଡ ଓ ଓଡ଼ିଶାର ଜଳ ସମ୍ପଦ ଅଧିକାରୀ, ଆଇନଜୀବୀ ଓ ବୈଷୟିକ ଟିମ ସଦସ୍ୟ ସାମିଲ ହୋଇଥିଲେ। ଏହି ଟିମ୍ ଆସନ୍ତା ୨୮ ପର୍ଯ୍ୟନ୍ତ କ୍ଷେତ୍ର ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଟ୍ରିବ୍ୟୁନାଲ ଟିମ୍ ଜିଲା ଆସିବା ପୂର୍ବରୁ ନୂଆପଡା ଜିଲାପାଳ ହେମକାନ୍ତ ସାଏ, ଏସ୍‌ପି ଜିଆର ରାଘବେନ୍ଦ୍ର ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା କରିଥିଲେ।



ଚେପକ୍ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍‌ର କ୍ୱାଲିଫାୟର-୧ରେ ଚେନ୍ନାଇ ଦଳର ବିଜୟରେ ଉଲ୍ଲସିତ ସୁପର କିଙ୍ଗ୍ସ ସମର୍ଥକ।



ଦର୍ଶନ ନଲକନ୍ଦେଙ୍କୁ ରନ୍‌ଆଉଟ କରିବାପରେ ଓଡ଼ିଆ ଖେଳାଳି ଶୁଭ୍ରାଂଶୁ ସେନାପତିଙ୍କୁ ମୋଇନ୍ ଅଲୀ ଓ ରବୀନ୍ଦ୍ର ଜାଡେଜାଙ୍କ ବଧେଇ।

## ଜାଡେଜାଙ୍କ ନୂଆ ମାଇଲଖୁଣ୍ଟ

**ଚେନ୍ନାଇ, ୨୩।୫:** ବୁଧବାର ଆଇପିଏଲ୍‌ର ପ୍ଲେ ଅଫ୍-୧ରେ ଏକ ନୂତନ ରେକର୍ଡ କରିଛନ୍ତି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା। ଆଇପିଏଲ୍ ଇତିହାସରେ ତୃତୀୟ ଖେଳାଳି ଭାବରେ ୧୦୦୦ ରନ୍ ଓ ୧୫୦ ଉଇକେଟ କ୍ଲବରେ ସାମିଲ ହୋଇଛନ୍ତି। ଜାଡେଜା ୨୬୭୭ ରନ୍ କରିଥିବା ବେଳେ ୧୫୦ ଉଇକେଟ ନେଇଛନ୍ତି। ଦାସୁନ ଶନକାଙ୍କୁ ଆଉଟ କରି ସେ ଏହି ସଫଳତା ହାସଲ କରିଥିଲେ। ତାଙ୍କ ପୂର୍ବରୁ କେବଳ ଡ୍ୱେନ୍ ବ୍ରାଭୋ ଓ ସୁନୀଲ ନାରିନ୍ ଏହି ରେକର୍ଡ ହାସଲ କରିଥିଲେ। ବ୍ରାଭୋ ନିଜ ଆଇପିଏଲ କ୍ୟାରିୟରରେ ୧୫୬୦ ରନ୍ କରିବା ସହିତ ୧୮୩ ଉଇକେଟ ନେଇଥିବା ବେଳେ ସୁନୀଲ ନାରିନ୍ ୧୦୪୬ ରନ୍ କରି ୧୬୩ ଉଇକେଟ ନେଇଛନ୍ତି।

## ଆଜିଠୁ ୨ ଦିନିଆ ସୁପରଲିଗ୍

**ଭୁବନେଶ୍ୱର, ୨୩।୫ (କ୍ରୀଡ଼ା ପ୍ରତିନିଧି):** କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ ଦିନିଆ ସୁପରଲିଗ୍ ବୁଧବାରଠାରୁ କଟକର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏଥିରେ ଭାଗ ନେବାକୁ ଯାଉଥିବା ୧୦ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଇକୋର୍ସା, କଟକ-ଏ, ସମ୍ବଲପୁର, ରେଷ୍ଟ ଅଫ୍ ଓଡ଼ିଶା-ଏ ଓ ରେଷ୍ଟ ଅଫ୍ ଓଡ଼ିଶା-ସି ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ବି'ରେ ଭୁବନେଶ୍ୱର-ଏ, ଝାରସୁଗୁଡ଼ା, ଢେଙ୍କାନାଳ, ରେଷ୍ଟ ଅଫ୍ ଓଡ଼ିଶା-ବି ଓ ରେଷ୍ଟ ଅଫ୍ ଓଡ଼ିଶା-ଡି ରହିଛି। ୨୪ ଓ ୨୫ ତାରିଖରେ ହେବାକୁଥିବା ମ୍ୟାଚରେ ଇକୋର୍ସା-କଟକ 'ଏ' (ଡ୍ରିମ୍ସ), ସମ୍ବଲପୁର-ରେଷ୍ଟ ଅଫ୍ ଓଡ଼ିଶା 'ଏ' (ରେଭେନ୍ସା ଗ୍ରାଉଣ୍ଡ) ଓ ଭୁବନେଶ୍ୱର 'ଏ'-ଝାରସୁଗୁଡ଼ା (ସନ୍‌ସାଇନ୍ ଗ୍ରାଉଣ୍ଡ) ପରସ୍ପରକୁ ଭେଟିବେ।

## ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୩।୫ (କ୍ରୀଡ଼ା ପ୍ରତିନିଧି):** କଟକ ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ଚଳିତମାସ ୨୫ରୁ ୩୧ ପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଅନୁଷ୍ଠିତ ହେବ। ବାରବାଟୀ ଷ୍ଟାଡିୟମ ପରିସରରେଥିବା ଚେସ୍ ସଂଘ କାର୍ଯ୍ୟାଳୟରେ ଏହି ଶିବିର ଆୟୋଜନ କରାଯିବ। ଶିବିର ୭ ଦିନଧରି ଚାଲିବ। ଏଥିରେ ଅଭିଜ୍ଞ ପ୍ରଶିକ୍ଷକମାନେ ଚେସ୍ ଖେଳର ମୌଳିକ ନିୟମ ଏବଂ ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେବେ। କଟକ ଜିଲାର ଯେ କୌଣସି ବିଦ୍ୟାଳୟର ୧୦ ବର୍ଷରୁ କମ୍ ବୟସ ବର୍ଗର ପିଲାମାନେ ଏଥିରେ ଭାଗ ନେଇପାରିବେ। ଏଣ୍ଟ୍ରି ଫି' ୪୦୦ ଟଙ୍କା ଧାର୍ଯ୍ୟ କରାଯାଇଛି।

## କ୍ୱାଲିଫାୟରରେ ଭାଗ ନେବେ ୧୦ ଦଳ

**ଦୁବାଇ, ୨୩।୫ (ପି.ଟି.):** ଜୁନ୍ ୧୮ରୁ ଜୁଲାଇ ୯ ପର୍ଯ୍ୟନ୍ତ ଜିମ୍ବାୱେରେ ହେବାକୁଥିବା ୨୦୨୩ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ କ୍ୱାଲିଫାୟରରେ ୧୦ଟି ଦଳ ଅଂଶଗ୍ରହଣ କରିବେ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ମଙ୍ଗଳବାର ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଦୁଇ ଦଳ ଅକ୍ଟୋବର-ନଭେମ୍ବରରେ ଭାରତରେ ହେବାକୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। କ୍ୱାଲିଫାୟରରେ ଭାଗ ନେବାକୁ ଥିବା ୧୦ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଆୟୋଜକ ଜିମ୍ବାୱେ, ୱେଷ୍ଟଇଣ୍ଡିଜ, ନେଦରଲାଣ୍ଡ୍ସ, ନେପାଳ ଓ ଯୁକ୍ତରାଷ୍ଟ୍ର ଆମେରିକା ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ଶ୍ରୀଲଙ୍କା, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ଓମାନ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବେ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୩ ଦଳ ସୁପର ସିକ୍ସ ପର୍ଯ୍ୟାୟକୁ ଉନ୍ନୀତ ହେବେ। ସୁପରସିକ୍ସ ପର୍ଯ୍ୟାୟରେ ଦଳଗୁଡ଼ିକ ଗ୍ରୁପ୍ ପର୍ଯ୍ୟାୟରେ ଭେଟି ନ ଥିବା ଦଳକୁ ଭେଟିବେ।

# ଆଇବିଏ ଦ୍ୱାରା ୪ ମହାସଂଘ ନିଲମ୍ବିତ

**ଲାଉସାନେ, ୨୩।୫ (ପି.ଟି.)**

ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ୍ (ଆଇବିଏ) ପକ୍ଷରୁ ୪ ଦେଶର ଜାତୀୟ ମହସଂଘକୁ ନିଲମ୍ବିତ କରାଯାଇଛି। ଏକ ବିଦ୍ରୋହୀ ସଙ୍ଗଠନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା କାରଣରୁ ଜର୍ମାନୀ, ନ୍ୟୁଜିଲାଣ୍ଡ, ସ୍ୱିଡେନ୍ ଓ ନେଦରଲାଣ୍ଡ୍ସକୁ ନିଲମ୍ବନ କରାଯାଇଛି। ଗତ ମାସରେ ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରିଟେନ ସମେତ କିଛି ଦେଶର ମହାସଂଘ ମିଳିତ ଭାବରେ ୱାର୍ଲ୍ଡ ବକ୍ସିଂ ନାମରେ ଅନୁଷ୍ଠାନ ଖୋଲିଥିଲେ। ଆଇବିଏ ଅଗୋଚରରେ ଏହି ୪ ରାଷ୍ଟ୍ରର ଅଫିସିଆଲମାନେ ୱାର୍ଲ୍ଡ ବକ୍ସିଂ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଆଇବିଏର ଆଚରଣ ବିଧି ଉଲ୍ଲଂଘନ କାରଣରୁ ଏହି ୪ ରାଷ୍ଟ୍ରଙ୍କୁ ନିଲମ୍ବିତ କରାଯାଇଛି। ୪ ମହାସଂଘ ଉପରୁ ବ୍ୟାନ ହଟାଇବା କିମ୍ବା କୌଣସି ଆଲୋଚନା ପୂର୍ବରୁ ଉକ୍ତ ସଙ୍ଗଠନଠାରୁ ନିଜକୁ ଦୂରେଇବାକୁ ପଡିବ ବୋଲି ଆଇବିଏ ପକ୍ଷରୁ ପ୍ରକାଶ। କୌଣସି ବି ପରିସ୍ଥିତିରେ ଅନ୍ୟ ଏକ ଅନ୍ତର୍ଜାତୀୟ ସଙ୍ଗଠନକୁ ଗ୍ରହଣ କରାଯିବ ନାହିଁ। ଏହା ପୂର୍ବରୁ ଚେକ୍ ରିପବ୍ଲିକ୍, ଲାଇବେରିଆ ଓ ଗୁଏନାର ମହାସଂଘକୁ ମଧ୍ୟ ନିଲମ୍ବିତ କରାଯାଇଥିଲା। କେବଳ ଆମେରିକୀୟ ବକ୍ସିଂ ମହାସଂଘ ଏହାର ସଦସ୍ୟତା ପ୍ରତ୍ୟାହାର କରି ନେଇଛି। ଲାଇବେରିଆ ଓ ଗୁଏନା ମହାସଂଘ ବାର୍ଷିକ ରିପୋର୍ଟ ପ୍ରଦାନରେ ଅସମର୍ଥ ରହିଥିବାରୁ ଏହାକୁ ନିଲମ୍ବନ କରାଯାଇଛି। ସମୁଦାୟ ୭ ମହାସଂଘ ନିଲମ୍ବିତ ହୋଇଥିବା ବେଳେ ଏହି ରାଷ୍ଟ୍ରର ବକ୍ସରମାନେ ବିଭିନ୍ନ ଆଇବିଏ ଇଭେଣ୍ଟରେ ଅଂଶଗ୍ରହଣ କରିପାରିବେ। ଆଇବିଏ କ୍ରୀଡା ବିଭାଗ ଦ୍ୱାରା ପଞ୍ଜୀକୃତ ଆଥ୍‌ଲେଟମାନେ ଅଂଶଗ୍ରହଣ କରିପାରିବେ ବୋଲି କୁହାଯାଇଛି। ଏହା ସହିତ ଭବିଷ୍ୟତରେ ଅଲିମ୍ପିକ୍ସରେ ବକ୍ସିଂର ଭବିଷ୍ୟତକୁ ନେଇ ମଧ୍ୟ ଆଶଙ୍କା ଦେଖାଦେଇଛି। ୨୦୨୮ ଲସ ଏଞ୍ଜେଲେସ୍ ଅଲିମ୍ପିକ୍ସରେ ବକ୍ସିଂ ଇଭେଣ୍ଟକୁ ସାମିଲ କରାଯାଇ ନାହିଁ। ଆଇବିଏ ପୂର୍ବରୁ ଏଆଇବିଏ ନାମରେ ରହିଥିବା ବେଳେ ୨୦୧୯ରେ ଅଲିମ୍ପିକ୍ସ କମିଟି ପକ୍ଷରୁ ଏହାକୁ ନିଲମ୍ବନ କରାଯାଇଥିଲା। ପ୍ରଥମେ ଟୋକିଓ ଅଲିମ୍ପିକ୍ସରେ ଆଇବିଏ ହାତରୁ ଆୟୋଜନ ଅଧିକାର ଛଡାଇ ନିଆଯାଇଥିବା ବେଳେ ପ୍ୟାରିସ୍ ଅଲିମ୍ପିକ୍ସରେ ମଧ୍ୟ ସମାନ ବ୍ୟବସ୍ଥା କରାଯାଇଛି।



କ୍ୟାଣ୍ଡେଲ ଶୋଭାଯାତ୍ରାରେ ଆନ୍ଦୋଳନରତ ରେସ୍‌ଲର।

# ଇଣ୍ଡିଆ ଗେଟ୍ ଯାଏ କ୍ୟାଣ୍ଡେଲ ଶୋଭାଯାତ୍ରା

**ଡବ୍ଲ୍ୟୁଏଫ୍ଆଇ ଯୌନ ଶୋଷଣ ମାମଲା**

**ନୂଆଦିଲ୍ଲୀ, ୨୩।୫ (ପି.ଟି.)**

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ଆନ୍ଦୋଳନରତ ରେସଲର ମାନେ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ମହମବତୀ ଶୋଭାଯାତ୍ରା କରିଛନ୍ତି। ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନକୁ ଏକମାସ ପୁରିବା ଫଳରେ ହଜାର ହଜାର ସମର୍ଥକଙ୍କ ଗହଣରେ ଏହି କ୍ୟାଣ୍ଡେଲ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୫ଟାରେ ଏହି ଶୋଭାଯାତ୍ରା ହୋଇଥିବା ବେଳେ ଏଥିରେ ସାଧାରଣ ଜନତା ଓ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଯୋଗ ଦେଇଥିଲେ। ଏହା ସହିତ ରେସ୍‌ଲର ମାନେ ଆସନ୍ତା ୨୮ ତାରିଖରେ ନୂତନ ସଂସଦ ଭବନ ସମ୍ମୁଖରେ ଏକ ମହିଳା ପଞ୍ଚାୟତ କରିବା ପାଇଁ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଜଣେ ନାବାଳିକାଙ୍କ ସମେତ ୭ ଜଣ ରେସ୍‌ଲର ବ୍ରିଜ୍‌ଭୂଷଣଙ୍କ ନାମରେ ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି।

# ଗାଷ୍ଟନଙ୍କୁ ବିପୁଳ ଜରିମାନା

**ଲଣ୍ଡନ, ୨୩।୫ (ଏପି)**

ଅଣଖେଳୁଆଡ ଆଚରଣ ପାଇଁ ଏଟିପି ଟୁର୍ ଫ୍ରେଞ୍ଚ ଟେନିସ ଖେଳାଳି ହୁଗୋ ଗାଷ୍ଟନଙ୍କୁ ୧,୪୪,୦୦୦ ୟୁରୋ (ପ୍ରାୟ ୧,୫୫,୦୦୦ ଡଲାର) ଜରିମାନା କରିଛି, ଯାହାକି ୨୦୨୩ରେ ସେ ପାଇଥିବା ମୋଟ ପୁରସ୍କାର ରାଶିଠାରୁ ଅଧିକ। ଏକ ଡୁ-ଓଭର ପାଇବା ଲାଗି ପ୍ରଚେଷ୍ଟା ବେଳେ ଏକ ପଏଣ୍ଟ ପାଇଁ ସେ ପକେଟରୁ ଏକ ବଲ୍ କାଢ଼ି କୋର୍ଟକୁ ଫିଙ୍ଗିଥିଲେ। ଚଳିତ ସିଜନରେ ଏହା ହେଉଛି ତାଙ୍କର ଚତୁର୍ଥ ଅଣଖେଳୁଆଡ ଆଚରଣ। ଏଟିପି ଟୁର୍ ସୋମବାର ଏହାର ରୁଲିଂ ଘୋଷଣା କରିଛି। ଗାଷ୍ଟନ ଜରିମାନାଙ୍କୁ ଅଧା ଅର୍ଥାତ୍ ୭୨,୦୦୦ ୟୁରୋ (ପ୍ରାୟ ୭୭,୫୦୦ ଡଲାର) କରିବା ଲାଗି ଅପିଲ କରିଥିଲେ। ଏଥିଲାଗି ତାଙ୍କ ପାଇଁ କିଛି ସର୍ତ୍ତ ରଖାଯାଇଛି। ତନ୍ମଧ୍ୟରେ ଏକ ବର୍ଷ ପ୍ରୋବେଶନାରି ପିରିୟଡ ମଧ୍ୟରେ ଏଭଳି ଆଚରଣ ନ ଦୋହରାଇବା ଲାଗି କୁହାଯାଇଛି। ଗୋଟିଏ ସିଜନରେ କ୍ରମାଗତ ଅଣଖେଳୁଆଡ ଆଚରଣ ଦେଖିବାକୁ ମିଳିଲେ ପ୍ରତିଟି ଉଲ୍ଲଂଘନ ପାଇଁ ଜରିମାନା ପରିମାଣ ଶତ ପ୍ରତିଶତ ବୃଦ୍ଧି ପାଇବ। ଚଳିତବର୍ଷ ଗାଷ୍ଟନ ଇତିମଧ୍ୟରେ ପୁରସ୍କାର ବାବଦରେ ୧,୨୦,୦୦୦ ଡଲାର ଉପାର୍ଜନ କରିସାରିଛନ୍ତି। ଏହି ବାମହାତି ଖେଳାଳିଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୫୮ ରହିଛି। ବର୍ତ୍ତମାନ କିନ୍ତୁ ସେ ର୍ୟାଙ୍କିଙ୍ଗ ତାଲିକାର ୧୦୮ ତମ ସ୍ଥାନରେ ଅଛନ୍ତି। ଗତ ଏପ୍ରିଲ ୨୮ରେ ବୋର୍ନା କୋରିକ୍ ବିପକ୍ଷ ୬-୩, ୬-୩ ମାଡ୍ରିଡ ଓପନ ଦ୍ୱିତୀୟ ରାଉଣ୍ଡରେ ପରାଜୟ ମ୍ୟାଚ ବେଳେ ସେ ଚେୟାର ଅମ୍ପାୟରଙ୍କ ନିକଟକୁ ଯାଇ ରିପ୍ଲେ ସହ ଏକ ପଏଣ୍ଟ ବାତିଲ କରିବା ଲାଗି ନିବେଦନ କରିଥିଲେ। ଆସନ୍ତା ରବିବାରରୁ ଫ୍ରେଞ୍ଚ ଓପନ ଆରମ୍ଭ ହେବ। ଏଥିପାଇଁ ଫ୍ରେଞ୍ଚ ଟେନିସ ଫେଡେରେଶନ ଗତ ସପ୍ତାହରେ ଗାଷ୍ଟନଙ୍କୁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ଦେଇଛି। ଏହି ଖେଳାଳି ତାଙ୍କ କ୍ୟାରିୟରରେ ଏକ ଗ୍ରାଣ୍ଡସ୍ଲାମରେ ଶ୍ରେଷ୍ଠ ପ୍ରଦର୍ଶନ ୨୦୨୦ ରୋଲାଣ୍ଡ ଗ୍ୟାରୋସଠାରେ କରିଥିଲେ। ସେତେବେଳେ ସେ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ବର୍ଷକ ପୂର୍ବେ ସେ ପ୍ୟାରିସରେ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇପାରିଥିଲେ।



ହୁଗୋ ଗାଷ୍ଟନ

## ୭ ବର୍ଷ ପରେ ଟପ୍ ୧୦ରେ ବୋପାନ୍ନା

**ନୂଆଦିଲ୍ଲୀ, ୨୩।୫ (ପି.ଟି.):** ଭାରତର ଭେଟେରାନ ଟେନିସ ଖେଳାଳି ରୋହନ ବୋପାନ୍ନା ଏଟିପି ଡବଲ୍ସ ର୍ୟାଙ୍କିଙ୍ଗରେ ଦୁଇଟି ସ୍ଥାନ ପଦୋନ୍ନତି ପାଇଛନ୍ତି। ଏଥିସହିତ ସେ ୭ ବର୍ଷରେ ପ୍ରଥମ ଥର ଟପ୍ ୧୦ରେ ପ୍ରବେଶ କରିଛନ୍ତି। ୪୩ ବର୍ଷୀୟ ଭାରତୀୟ ଖେଳାଳି ର୍ୟାଙ୍କିଙ୍ଗ ତାଲିକାର ୯ମ ସ୍ଥାନରେ ଅଛନ୍ତି। ୨୦୧୬ ଜୁନ ପରେ ସେ ପ୍ରଥମ ଥର ଟପ୍ ୧୦ରେ ପ୍ରବେଶ କରିଛନ୍ତି। ଆଣ୍ଠୁରେ ଆଘାତପ୍ରାପ୍ତ ଯୋଗୁ ବୋପାନ୍ନା ଡେଭିସ୍‌କପ୍ ଏବଂ ଅନ୍ୟ କେତୋଟି ଇଭେଣ୍ଟରୁ ଓହରି ଯିବାକୁ ବାଧ୍ୟ ହୋଇଥିଲେ। ସିଜନ ଆରମ୍ଭରେ ତାଙ୍କ ର୍ୟାଙ୍କିଙ୍ଗ ୧୯ ରହିଥିଲା। ୨୦୧୬ରେ ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩ ନମ୍ବର ସ୍ଥାନରେ ରହିଥିଲେ। ଏହି ସିଜନରେ ସେ ୧୩ ଟୁର୍ନାମେଣ୍ଟ ଖେଳିଥିଲେ। ଗତ ମାର୍ଚ୍ଚ ମାସରେ ବୋପାନ୍ନା ସବୁଠାରୁ ବୟସ୍କ ଖେଳାଳି ହିସାବରେ ଏଟିପି ମାଷ୍ଟର୍ସ ୧୦୦୦ ଟୁର୍ନାମେଣ୍ଟ ଜିତିଥିଲେ। ସେ ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବ୍‌ଡେନ୍ ସେତେବେଳେ ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ ଜିତିଥିଲେ।

# ୱେଷ୍ଟଇଣ୍ଡିଜର ଡେଭନ ଥୋମାସ ସସ୍‌ପେଣ୍ଡ

**ଏଲ୍‌ପିଏଲ୍‌ରେ ଫିକ୍ସିଂ ଅଭିଯୋଗ**

**ଦୁବାଇ, ୨୩।୫ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଙ୍ଗଳବାର ୱେଷ୍ଟଇଣ୍ଡିଜ ବ୍ୟାଟର ଡେଭନ ଥୋମାସଙ୍କୁ ସସ୍‌ପେଣ୍ଡ କରିଛି। ଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍) ୨୦୨୧ରେ ମ୍ୟାଚ ଫିକ୍ସିଂ କରିବା ଏବଂ ସେହିବର୍ଷ ଅନ୍ୟ ଦୁଇ ଫ୍ରାଞ୍ଚାଇଜ୍ ଟୁର୍ନାମେଣ୍ଟରେ ସେ ଦୁର୍ନୀତି କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗ ହୋଇଛି। ଥୋମାସ ୱେଷ୍ଟଇଣ୍ଡିଜ ତରଫରୁ ୨୦୨୨ ଅଗଷ୍ଟରେ ଖେଳିଥିଲେ। ସେ ଆଇସିସି ଦୁର୍ନୀତି ନିବାରଣ ଆଚରଣ ବିଧିର ୭ଟି ନିୟମର ଉଲ୍ଲଂଘନ କରିଛନ୍ତି। ଦୁବାଇରେ ୟୁଏଇ ବିପକ୍ଷ ଆଗାମୀ ଅନ୍ତର୍ଜାତୀୟ ଦିନିକିଆ ସିରିଜ ପାଇଁ ସେ ମନୋନୀତ ହୋଇଛନ୍ତି। ଫିକ୍ସିଂ ଅଭିଯୋଗ ବ୍ୟତୀତ ଏହି ୩୩ ବର୍ଷୀୟ କ୍ରିକେଟର ଆବୁଧାବୀ ଟି୧୦ ଓ କ୍ୟାରିବିୟନ ପ୍ରିମିୟର ଲିଗ୍ ୨୦୨୧ରେ ତାଙ୍କୁ ଦୁର୍ନୀତି କାର୍ଯ୍ୟ ପାଇଁ ଲପ୍ରୋଲୋଭିତ କରିଯାଇଥିଲେ ମଧ୍ୟ ସେ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣି ନ ଥିଲେ। ଥୋମାସଙ୍କୁ ୧୪ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଇଛି। ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲସି), ଦି ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଓ କ୍ୟାରିବିୟନ ପ୍ରିମିୟର ଲିଗ୍ (ସିପିଏଲ୍)ଙ୍କ ତରଫରୁ ଆଇସିସି ଏହି ପଦକ୍ଷେପ ନେଇଛି। ଆଇସିସି ଏକ ରିଲିଜରେ କହିଛି, ଥୋମାସ ତଦନ୍ତ ବେଳେ ଦୁର୍ନୀତି ନିବାରଣ ଅଫିଆଲଙ୍କୁ ସହଯୋଗ କରି ନ ଥିଲେ। ସୂଚନାଯୋଗ୍ୟ, ଥୋମାସ ୱେଷ୍ଟଇଣ୍ଡିଜ ତରଫରୁ ଗୋଟିଏ ଟେଷ୍ଟ ୨୧ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୨ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିଛନ୍ତି। ସେ ତାଙ୍କର ଏକମାତ୍ର ଟେଷ୍ଟ ଗତବର୍ଷ ଡିସେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ବର୍ତ୍ତମାନ ସେ ପ୍ରଥମ ଶ୍ରେଣୀ କ୍ରିକେଟର ଭାବେ ସକ୍ରିୟ ଅଛନ୍ତି।

# ନମ୍ବର ୧କୁ ଫେରିଲେ ଅଲ୍‌କାରାଜ

**ପ୍ୟାରିସ, ୨୩।୫ (ଏପି)**

ସଦ୍ୟ ପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗରେ ନୋଭାକ୍ ଜୋକୋଭିଚ୍‌ଙ୍କୁ ହଟାଇ କାର୍ଲୋସ ଅଲ୍‌କାରାଜ ନମ୍ବର ୱାନ ସ୍ଥାନ ଅଧିକାର କରିନେଇଛନ୍ତି। ଏଥିସହ ସେ ଫ୍ରେଞ୍ଚ ଓପନରେ ଟପ୍ ସିଡ୍ ମାନ୍ୟତା ଲାଭ କରିଛନ୍ତି। ଅନ୍ୟପକ୍ଷରେ ଇଟାଲିଆନ ଓପନ ଜିତିବା ପରେ ଡାନିଲ ମେଡଭେଡେଭ ଚଳିତବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ପୂର୍ବରୁ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛନ୍ତି। ରବିବାରଠାରୁ ଆରମ୍ଭ ହେବାକୁଥିବା ଫ୍ରେଞ୍ଚ ଓପନ୍‌ରେ ସେ ପ୍ରଥମ ଥର ଟପ୍ ସିଡ୍ ହେବାର ସୁଯୋଗ ପାଇଛନ୍ତି। ସ୍ପେନ୍‌ର ଏହି ଉଦୀୟମାନ ଖେଳାଳି ଚଳିତ ମାସରେ ୨୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ୨୦୨୩ରେ ସେ ୪ଟି ଟାଇଟଲ ଜିତିସାରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବରରେ ୟୁଏସ୍ ଓପନ ଜିତିବା ପରେ ଅଲ୍‌କାରାଜ ପ୍ରଥମ ଥର ନମ୍ବର ୱାନ ର୍ୟାଙ୍କିଙ୍ଗ ଖେଳାଳି ହୋଇପାରିଥିଲେ। ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା। ବର୍ଷ ଶେଷରେ ନମ୍ବର ୱାନ ଖେଳାଳି ହେବାରେ ସେ ସର୍ବକନିଷ୍ଠ ହୋଇଥିଲେ। ଗୋଡ଼ରେ ଇଞ୍ଜୁରି ଯୋଗୁ ସେ ଜାନୁୟାରୀରେ ଅଷ୍ଟ୍ରେଲିଆନ ଓପନ ଖେଳିପାରି ନ ଥିଲେ, ଯେଉଁଠାରେ ଜୋକୋଭିଚ୍ ତାଙ୍କ ୨୨ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସହ ରାଫାଲ ନାଡାଲଙ୍କ ରେକର୍ଡ ସମକକ୍ଷ ହୋଇଥିଲେ। କମ୍ପ୍ୟୁଟର ଦ୍ୱାରା ର୍ୟାଙ୍କିଙ୍ଗ ତାଲିକା ପ୍ରସ୍ତୁତ ଆରମ୍ଭ ହେବା ପରଠାରୁ ଟେନିସ ଖେଳର ଇତିହାସରେ ପୁରୁଷ ଅବା ମହିଳା ସବୁଠାରୁ ଅଧିକ ସପ୍ତାହ ନମ୍ବର ୱାନ ସ୍ଥାନରେ ରହିପାରିଛନ୍ତି ଜୋକୋଭିଚ। ଅନ୍ୟପକ୍ଷରେ ପ୍ୟାରିସ୍‌ରେ ଗତଥରର ଚାମ୍ପିୟନ ଇଗା ସ୍ୱିଟେକ୍ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନ ବଜାୟ ରଖିଛନ୍ତି। ଏକ ବର୍ଷରୁ ଅଧିକ ସମୟ ଧରି ସେ ଏହି ସ୍ଥାନ ବଜାୟ ରଖିଛନ୍ତି। ମହିଳା ର୍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଆରିନା ସାବାଲେଙ୍କା।



କାର୍ଲୋସ ଅଲ୍‌କାରାଜ

# ଇଂଲଣ୍ଡ ବିଜୟୀ, ଫ୍ରାନ୍ସ ପରାସ୍ତ

**୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍**

**ବୁଏନସ ଏୟାର୍ସ, ୨୩।୫ (ପି.ଟି.)**

ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି ଆଉ ଏକ ବିପର୍ଯ୍ୟୟ। ଦକ୍ଷିଣ କୋରିଆ ୨-୧ରେ ଫ୍ରାନ୍ସକୁ ପରାସ୍ତ କରି ସୃଷ୍ଟି କରିଛି ବିପର୍ଯ୍ୟୟ। ସୋମବାର ଇଂଲଣ୍ଡ, ଦକ୍ଷିଣ କୋରିଆ, ଗାମ୍ବିଆ ଓ ଉରୁଗୁଏ ବିଜୟୀ ହୋଇଛନ୍ତି। ଗ୍ରୁପ୍ ଇ'ରେ ଇଂଲଣ୍ଡ ଟ୍ୟୁନିସିଆକୁ ୧-୦ରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ୧୯ ବର୍ଷରୁ କମ୍ ୟୁରୋ କପ୍ ଚାମ୍ପିୟନ ଦଳ ସହିତ ଇଂଲଣ୍ଡ ଏହି ଟୁର୍ନାମେଣ୍ଟକୁ ଓହ୍ଲାଇଥିଲା। ଲା ପ୍ଲାଟାରେ ଖେଳିଥିବା ମ୍ୟାଚରେ ଦଳ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମାର୍ଦ୍ଧରେ ଡେନ୍ ସେଲ୍ଟରଙ୍କ ହେଡର ଜରିଆରେ ଇଂଲଣ୍ଡ ଅଗ୍ରଣୀ ହାସଲ କରିଥିବା ବେଳେ ଶେଷ ପର୍ଯ୍ୟନ୍ତ ଏହାକୁ ବଜାୟ ରଖିଥିଲା। ଆରମ୍ଭରୁ ଶେଷ ଯାଏ ଆମେ ଖେଳକୁ ନିୟନ୍ତ୍ରଣରେ ରଖିଥିଲୁ ବୋଲି କହିଛନ୍ତି ଇଂଲଣ୍ଡ କୋଚ୍ ଇଆନ୍ ଫୋଷ୍ଟର। ଅନ୍ୟପକ୍ଷରେ ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚରେ ଫ୍ରାନ୍ସ ଖେଳାଳିଙ୍କ ନିକଟରେ ଆତ୍ମବିଶ୍ୱାସର ଅଭାବ ଦେଖିବାକୁ ମିଳିଥିଲା। କୋରିଆ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିବା ସହିତ ୨୨ତମ ମିନିଟରେ ଲି ସେଉଙ୍ଗ ଓନ୍ ପ୍ରଥମ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୬୪ତମ ମିନିଟରେ ଲି ୟୋଙ୍ଗ ଜୋନ୍‌ଙ୍କ ଗୋଲ ବଳରେ କୋରିଆ ଏହାର ଅଗ୍ରଣୀକୁ ୨-୦ରେ ପହଞ୍ଚାଇ ଥିଲା। ୭୦ ତମ ମିନିଟରେ ଆଲାନ୍ ଭିର୍ଜିନିଅସ୍ ଫ୍ରାନ୍ସ ପକ୍ଷରୁ ଏକମାତ୍ର ଗୋଲଟି ପରିଶୋଧ କରିଥିଲେ। ତୃତୀୟ ମ୍ୟାଚରେ ଉରୁଗୁଏ ୪-୦ ଗୋଲରେ ଇରାକକୁ ପରାସ୍ତ କରିଥିଲା। ମାଟିଆସ୍ ଆବାଲ୍ଡୋ(୩୮), ଆନ୍ଦ୍ରେସ୍ ଫେରାରୀ(୪୮), ହୁସେନ ହସନ ଆମୋୟେଡ ରାସେଟିମ୍(୬୨, ଆତ୍ମଘାତୀ) ଓ ଆଲାନ ମାଟୁରୋ(୯୦+୨) ମିନିଟରେ ସ୍କୋର କରିଥିଲେ। ଅନ୍ତିମ ମ୍ୟାଚରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆ ୨-୧ ଗୋଲ୍‌ରେ ହଣ୍ଡୁରାସକୁ ପରାସ୍ତ କରିଛି। ଦଳ ପକ୍ଷରୁ ଆଡାମା ବୋଜଙ୍ଗ(୧ ଓ ୮୪) ମିନିଟରେ ଡବଲ ଗୋଲ ସ୍କୋର କରିଥିଲେ। ମ୍ୟାଚର ପ୍ରଥମ ମିନିଟରେ ବୋଜଙ୍ଗ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ଏହାର ୪ ମିନିଟ ପରେ ହଣ୍ଡୁରାସ ପକ୍ଷରୁ ମାର୍କୋ ଆସେଟିନୋ ସ୍କୋର କରି ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ୮୪ ତମ ମିନିଟରେ ବୋଜଙ୍ଗ ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ।



ଡବଲ ଗୋଲ ସ୍କୋର କରିବାପରେ ଆଡାମା ବୋଜଙ୍ଗଙ୍କ ସେଲିବ୍ରେଶନ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମମତାଙ୍କୁ ଭେଟିଲେ କେଜ୍‌ରିୱାଲ


କୋଲକାତାଠାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂ ମାନ ସାକ୍ଷାତ କରୁଛନ୍ତି।

**କୋଲକାତା, ୨୩।୫**

ଦିଲ୍ଲୀ ସରକାରଙ୍କ ସେବା ଅଧିକାରୀ ନିଯୁକ୍ତି ଓ ବଦଳି କ୍ଷମତାକୁ ସଙ୍କୁଚିତ କରିବା ପାଇଁ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିବା ପରେ ଉକ୍ତ ଅଧ୍ୟାଦେଶକୁ ରାଜ୍ୟ ସଭାରେ ଗୃହୀତ କରାଇ ନ ଦେବା ଲାଗି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଉଦ୍ୟମ ଚଳାଇଥିବାବେଳେ ବିରୋଧୀ ଦଳ ନେତାମାନଙ୍କ ସମର୍ଥନ ଯୋଗାଡ଼ରେ ଲାଗିଛନ୍ତି। ଏହି କ୍ରମରେ ମଙ୍ଗଳବାର କେଜରିୱାଲ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କୋଲକାତା ସଚିବାଳୟରେ ଭେଟିଛନ୍ତି। ଅଧ୍ୟାଦେଶ ବିରୋଧୀ ଲଢ଼େଇରେ ତୃଣମୂଳ କଂଗ୍ରେସ ଏଏପିକୁ ସମର୍ଥନ ଜଣାଇବ ବୋଲି ମମତା ଘୋଷଣା କରିଛନ୍ତି। ଅନ୍ୟ ଦଳଗୁଡ଼ିକ ମଧ୍ୟ ଅଧ୍ୟାଦେଶକୁ ବିରୋଧ କରିବା ପାଇଁ ଟିଏମ୍‌ସି ନେତ୍ରୀ ଆହ୍ୱାନ ଦେଇଛନ୍ତି।

କେଜରିୱାଲଙ୍କ ସହ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଏଏପି ରାଜ୍ୟ ସଭା ସଦସ୍ୟ ରାଘବ ଚଡ୍ଢା, ଦିଲ୍ଲୀ ମନ୍ତ୍ରୀ ଅତିଶି ସିଂ ଥିଲେ। ସେବା ଅଧିକାରୀ ନିଯୁକ୍ତି ଓ ବଦଳି କ୍ଷମତା ଦିଲ୍ଲୀର ନିର୍ବାଚିତ ସରକାରଙ୍କର ରହିଛି ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ଏହାକୁ ଅକାମୀ କରିଦେବା ଲାଗି କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଛନ୍ତି। କେନ୍ଦ୍ରର ଏହି ଅସାମ୍ବିଧାନିକ କାର୍ଯ୍ୟ ବିରୋଧରେ ବିରୋଧୀଙ୍କୁ ଏକାଠି କରିବାକୁ ଏଏପି ନେତା ଅଣ୍ଟା ଭିଡ଼ିଛନ୍ତି। ରାଜ୍ୟ ସଭାରେ ଉକ୍ତ ବିଲ୍‌କୁ ଅଟକାଇପାରିଲେ ଏହା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେମି ଫାଇନାଲ ହୋଇପାରିବ ବୋଲି କେଜରିୱାଲ କହିଥିଲେ। କେନ୍ଦ୍ର ବିରୋଧରେ ଲଢ଼େଇ ପାଇଁ କେଜରିୱାଲଙ୍କ ପ୍ରସ୍ତାବକୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମର୍ଥନ ଜଣାଇଛନ୍ତି।

# ରାଜ୍ୟରେ ଆଗୁଆ ନିର୍ବାଚନ ଚର୍ଚ୍ଚା

■ ଆଗୁଆ ନିର୍ବାଚନ ସମ୍ଭାବନା ସୃଷ୍ଟି ହୋଇପାରେ: ଦେବୀ ମିଶ୍ର
■ ଆମେ ପ୍ରସ୍ତୁତ: ଭାଜପା, କଂଗ୍ରେସ

**ଭୁବନେଶ୍ୱର, ୨୩।୫(ବ୍ୟୁରୋ)**

ରାଜ୍ୟରେ ଆଗୁଆ ବିଧାନସଭା ନିର୍ବାଚନ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ୨୦୨୩ ଡିସେମ୍ବରରୁ ୨୦୨୪ ଜାନୁୟାରୀ ମଧ୍ୟରେ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲଙ୍ଗାନା ଓ ମିଜୋରାମରେ ବିଧାନସଭା କାର୍ଯ୍ୟକାଳ ଶେଷହେବାକୁ ଯାଉଛି। ଉକ୍ତ ରାଜ୍ୟଗୁଡ଼ିକରେ ଚଳିତବର୍ଷ ଡିସେମ୍ବରରେ ନିର୍ବାଚନ ହେବାକୁ ଥିବାବେଳେ ଏହି ରାଜ୍ୟଗୁଡ଼ିକ ସହ ଓଡ଼ିଶାରେ ବିଧାନସଭା ନିର୍ବାଚନ କରାଇବା ଉଦ୍ଦେଶ୍ୟରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗୁଆ ବିଧାନସଭା ଭଙ୍ଗ କରିପାରନ୍ତି। ଅଧିକ ସଂଖ୍ୟକ ଲୋକ ସଭା ଆସନ ଜିତିବା ପାଇଁ ବିଜେଡି ରାଜ୍ୟରେ ଆଗୁଆ ବିଧାନସଭା ନିର୍ବାଚନକୁ ଯାଇପାରେ ବୋଲି କୁହାଯାଉଛି।

ରାଜ୍ୟରେ ଏକାଠି ବିଧାନସଭା ଓ ଲୋକ ସଭା ନିର୍ବାଚନ ହେଲେ ବିଜେଡି ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। ଦଳର ସମ୍ପୂର୍ଣ୍ଣ ଫୋକସ୍ ବିଧାନସଭା ଆସନ ଉପରେ ରହୁଛି। ବିଧାୟକ ଓ ନେତାମାନେ ବିଧାନସଭା ନିର୍ବାଚନ ଜିତିବା ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ଲୋକ ସଭା ନିର୍ବାଚନରେ ଦଳକୁ କ୍ଷତି ସହିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଦଳ ଗତ କିଛିମାସ ଧରି ଆଗୁଆ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି କରିବାରେ ଲାଗିଛି। ପୂର୍ବରୁ ମୁଖ୍ୟ ବିରୋଧୀ ଦଳ ଭାଜପାର ବରିଷ୍ଠ ନେତାମାନେ ଓଡ଼ିଶାରେ ଆଗୁଆ ବିଧାନସଭା ନିର୍ବାଚନ ପାଇଁ ସଜବାଜ ହେଉଥିବା ନେଇ ଗଣମାଧ୍ୟମରେ କହିସାରିଛନ୍ତି।

କେତେକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିଜେଡି ସଭାପତି ଦଳର ବରିଷ୍ଠ ନେତାମାନଙ୍କୁ ଡାକି ଦଳ ଆଗାମୀ ନିର୍ବାଚନରେ କିଭଳି ଅଧିକ ସଂଖ୍ୟକ ଲୋକ ସଭା ସିଟ ଜିତିବ ସେ ଦିଗରେ କାର୍ଯ୍ୟ କରିବାକୁ ବିଭିନ୍ନ ସମୟରେ ପରାମର୍ଶ ଦେଇଆସୁଛନ୍ତି। ଜାତୀୟ ସ୍ତରରେ ବିଜେଡି ନିଜର ସ୍ୱତନ୍ତ୍ର ଗୁରୁତ୍ୱ ରଖିବାକୁ ହେଲେ ଅଧିକ ଲୋକ ସଭା ସିଟ ଜିତିବା ଆବଶ୍ୟକ। ଏଥିପାଇଁ ଗତ ନିର୍ବାଚନଠାରୁ ଦଳ କିପରି ଭଲ ପ୍ରଦର୍ଶନ କରିବ ସେ ଦିଗରେ କାର୍ଯ୍ୟ କରିବାକୁ ପ୍ରାୟ ୩ରୁ ୪ମାସ ଧରି ଦଳର ସଭାପତିଙ୍କୁ ଭେଟୁଥିବା ବରିଷ୍ଠ ଦଳୀୟ ନେତାମାନଙ୍କୁ ପରାମର୍ଶ ଦେଉଛନ୍ତି। ଆସନ୍ତା ଡିସେମ୍ବରରେ ରାଜ୍ୟରେ ବିଧାନସଭା ନିର୍ବାଚନ କରାଇବା ନିମନ୍ତେ ଆଗୁଆ ଷୋଡ଼ଶ ବିଧାନସଭାକୁ ନବୀନ ଭଙ୍ଗ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

୨୦୧୯ ସାଧାରଣ ନିର୍ବାଚନରେ ମୋଟ ୧୪୭ ବିଧାନସଭା ଆସନରୁ ବିଜେଡିକୁ ୧୧୨ ସିଟ ମିଳିଥିଲା। ଅନ୍ୟପକ୍ଷରେ ମୋଟ ୨୧ ଲୋକ ସଭା ଆସନରୁ ଦଳକୁ ୧୨ଟି ସିଟ୍‌ରେ ସୀମିତ ହେବାକୁ ପଡ଼ିଥିଲା। ଯଦିଓ ଭାଜପାକୁ ମାତ୍ର ୨୩ଟି ବିଧାନସଭା ଆସନ ମିଳିଥିଲା, ତେବେ ଭାଜପା ୮ଟି ଲୋକ ସଭା ଆସନ ଜିତିବାରେ ସଫଳ ହୋଇଥିଲା। କଂଗ୍ରେସ ୯ଟି ବିଧାନସଭା ଓ ୧ଟି ଲୋକ ସଭା ସିଟ୍ ଜିତି ପାରିଥିଲା।

ଆଗୁଆ ନିର୍ବାଚନ ସମ୍ପର୍କରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆଗୁଆ ନିର୍ବାଚନ ନେଇ ସଙ୍କେତ ଦେଇଛନ୍ତି। ଯାହା ଶୁଣିବାକୁ ମିଳୁଛି ଲୋକଙ୍କ ମଧ୍ୟରେ ଏ ନେଇ ଆଲୋଚନା ହେଉଛି। ଆଗୁଆ ନିର୍ବାଚନ ସମ୍ଭାବନା ସୃଷ୍ଟି ହୋଇପାରେ। କର୍ଣ୍ଣାଟକ ପରେ ଅନ୍ୟ ୫ ରାଜ୍ୟ ସହିତ ଓଡ଼ିଶାରେ ନିର୍ବାଚନ କରିବାକୁ ଯଦି ଭାରତର ନିର୍ବାଚନ କମିଶନ ଚାହୁଁଥିବେ ତେବେ ଆଗୁଆ ନିର୍ବାଚନ ହୋଇପାରେ। ତେବେ ଏ ନେଇ ଦଳ ମଧ୍ୟରେ ସେମିତି କିଛି ଆଲୋଚନା ହୋଇନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ଏବଂ କଂଗ୍ରେସ ମଧ୍ୟ ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। କର୍ଣ୍ଣାଟକରେ କଂଗ୍ରେସ ବିଜୟ ହେବା ପରେ ରାଜ୍ୟ କଂଗ୍ରେସ ନେତାମାନେ ମଧ୍ୟ ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା କହୁଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଆଗୁଆ ନିର୍ବାଚନ ପାଇଁ ଆମେ ପ୍ରସ୍ତୁତ ଅଛୁ। ନିର୍ଦ୍ଧାରିତ ସମୟରେ ହେଉ କିମ୍ବା ୬ ମାସ ପୂର୍ବରୁ ନିର୍ବାଚନ ଘୋଷଣା କରାଗଲେ କିଛି ଅସୁବିଧା ନାହିଁ। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ନିର୍ବାଚନ ଯେତେବେଳେ ହେଲେ ଆମେ ପ୍ରସ୍ତୁତ ଅଛୁ।


CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
TARIFF
For Booking Contact 0674-2580385, 8637200816, 7894447167, 9338226635

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରଧାନମନ୍ତ୍ରୀ ଦୌଡ଼ରେ ନାହିଁ: ପାୱାର

**ପୁଣେ, ୨୩।୫:** ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ କାର୍ଯ୍ୟ କରୁଥିବା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି। ସେ ପ୍ରଧାନମନ୍ତ୍ରୀ ହେବା ଲାଗି ଦୌଡ଼ରେ ନ ଥିବା ସ୍ପଷ୍ଟ କରିଦେଇଛନ୍ତି। ଦେଶର ଉନ୍ନତି ପାଇଁ ବିରୋଧୀ ଜଣେ ନେତୃତ୍ୱ ଚାହାନ୍ତି ବୋଲି ଏନ୍‌ସିପି ନେତା ପୁଣେରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ବିରୋଧୀ ଦଳଗୁଡ଼ିକ ଏକାଠି ହେବା ପରେ ଜଣକୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରିବା ପାଇଁ ପଦକ୍ଷେପ ନେବାକୁ ହେବ। ସେମାନଙ୍କୁ ଏକାଠି କରିବାକୁ ସେ ଉଦ୍ୟମ ଚଳାଇଛନ୍ତି। ସେ ପ୍ରଧାନମନ୍ତ୍ରୀ ଦୌଡ଼ରେ ନାହାନ୍ତି କି ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ପାୱାର ଖବରଦାତାମାନଙ୍କୁ କହିଛନ୍ତି। ମହାରାଷ୍ଟ୍ରରେ ଶିବସେନା(ୟୁବିଟି) ଏବଂ କଂଗ୍ରେସ ସହ ଏନ୍‌ସିପିର ମେଣ୍ଟ ଥିବାରୁ ଆସନ ଭାଗବଣ୍ଟା ସମ୍ପର୍କିତ ପ୍ରଶ୍ନରେ ମହା ବିକାଶ ଅଘାଡ଼ିର ନେତାମାନେ ତାହା ସ୍ଥିର କରିବେ ବୋଲି ପାୱାର କହିଥିଲେ। ଏନେଇ ଉଦ୍ଧବ ଠାକ୍‌ରେ, ସୋନିଆ ଗାନ୍ଧୀ କିମ୍ବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସେ ଏକାଠି ବସି ନିଷ୍ପତ୍ତି ନେବେ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି।

# କୋରାପୁଟ ବିଧାୟକଙ୍କ ଗାଡ଼ିକୁ ଅଣ୍ଡା, ପଥରମାଡ଼

**କୋରାପୁଟ, ୨୩।୫(ସ୍ୱ.ପ୍ର.):** କୋରାପୁଟ ବିଧାୟକ ରଘୁରାମ ପଡାଲଙ୍କ ଗାଡି ଉପରକୁ ମଙ୍ଗଳବାର ଅଣ୍ଡା ଓ ପଥରମାଡ଼ ହୋଇଛି। ସେ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲମତାପୁଟ ବ୍ଲକରେ ନୂତନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରିବା ପାଇଁ ଆସିଥିବା ସମୟରେ କଂଗ୍ରେସ କର୍ମୀ ତାଙ୍କ ଗାଡ଼ି ଉପରକୁ ଏପରି ଅଣ୍ଡା ଓ ପଥର ମାଡ଼ କରିଥିବା ଜଣାପଡିଛି। ଏନେଇ ବ୍ଲକରେ ଉତ୍ତେଜନା ପ୍ରକାଶ ପାଇଛି।

ଖବରରୁ ପ୍ରକାଶ ଯେ, ବିଧାୟକ ପଡାଲ ନୂତନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ ଲାଗି ଧାର୍ଯ୍ୟ ସମୟରେ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେ କାରରୁ ଓହ୍ଲାଇବାକୁ ଯାଉଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା କଂଗ୍ରେସ କର୍ମୀମାନେ ବିଧାୟକଙ୍କ ଗାଡି ଉପରକୁ ଅଣ୍ଡା ଓ ପଥରମାଡ଼ କରିଥିଲେ। ପଥରମାଡରେ ତାଙ୍କ ଗାଡିର କେତେକ ସ୍ଥାନରେ ଚିହ୍ନ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ଗୃହ ଉଦ୍‌ଘାଟନୀ ନାମଫଳକରେ ଏମ୍‌ପି ସପ୍ତଗିରି ଉଲ୍ଲାକା ଓ ୨ଜଣ କଂଗ୍ରେସ ଜିଲା ପରିଷଦ ସଭ୍ୟଙ୍କ ପୂର୍ଣ୍ଣଚନ୍ଦ୍ର ପାଙ୍ଗି ଓ ଜି. ମେହେଲାଙ୍କ ନାମ ନ ଥିବାରୁ ସ୍ଥାନୀୟ କଂଗ୍ରେସ କର୍ମୀମାନେ ଏପରି ଘଟଣା ଘଟାଇଥିବା କୁହାଯାଉଛି। ବିଧାୟକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୩ଜଣ କଂଗ୍ରେସ କର୍ମୀଙ୍କୁ ଧରି ଆଣି ଥାନାରେ ଅଟକ ରଖିଛି।


# Classified Everyday
0674-2580101, 2549949


MATRIMONIAL

BRIDE WANTED

ଭୁବନେଶ୍ୱର ବାସିନ୍ଦା 51 ବୟସ୍କ Doctor, Widower 2ଟି ସନ୍ତାନ, ଧୋବା ଜାତିର ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371586968. D-0399

GROOM WANTED

Infosys Software Engineer Pune girl 34 years, caste Potter. 9437004169. D-73766

43 ବୟସ୍କା ଏକାକୀ ରହୁଥିବା କରଣ ଜାତିର ଝିଅଙ୍କୁ Widower, married, unmarried anycaste ପୁଅ ଦରକାର। 6371049105. D-0398


REAL ESTATE

SALE

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ: 9438620034. D-0346

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଟ୍ଟା ଥିବା ପ୍ଲଟ୍ ମିଳୁଛି। 9692213354. D-74686

4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact- 9438362399. D-0410

Duplex sale at Bhubaneswar @ 55 lakhs only. Contact: 9777433701. D-74864

Residential plot for sale just 3.5km from KIIT Square, Bhubaneswar, immediate registration/possession. 8917362239. D-74859

PURCHASE

ସ୍ଥିତିବାନ୍ ପ୍ଲଟ୍, ଲିଜ୍ ପ୍ଲଟ୍ independent ଘର, ଆପାର୍ଟମେଣ୍ଟ୍ କିଣିବାକୁ ଚାହୁଁଛନ୍ତି କି? ଅନ୍ଧାରୁଆ ଭରତପୁର ଦାସ୍‌ପୁର to ବାରଙ୍ଗ ପର୍ଯ୍ୟନ୍ତ available ଅଛି, 8328875466ରେ ଯୋଗାଯୋଗ କରନ୍ତୁ। D-0417

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309

ପାଠକଙ୍କ ପାଇଁ ସୂଚନା
 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856. D-0206

Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469. D-74862


FOR RENT

Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ। ରଙ୍ଗୀନ ଟ୪୨୦/- ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits SPA special offer @799, Master Canteen. 9124527173. D-75107

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74685

AFFIDAVIT

Change of name- By virtue of an affidavit (CF. No. 31 dated 22.05.2023) before the Executive Magistrate, Bhubaneswar, I, Soumya Kant Das, S/o Sukant Chandra Das resident of 1274 A, Sriram Nagar, Samantarapur, Bhubaneswar-751002, P.S.- Shree Lingaraj, have changed my legally adopted minor son's name from Shanjith Kumar S to Shanjith Soumya Kant Das. Henceforth, my minor son shall be known as Shanjith Soumya Kant Das for all purposes. D-73768

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Notary Public, Sambalpur, I, Sushree Sangeeta Mahapatra, W/o. Rashmiranjan Mahapatra, R/o. New Colony, PO. Budharaja, Dist. Sambalpur declare that my actual name is Sushree Sangeeta Mahapatra, but my name has been mentioned as Sushree Sangita Mahapatra in the birth certificate of my son namely Spandan Mahapatra . That both the names relates to one and same person. D-0422

LOST

Collection of receipt Books(1) Book No. 797226, Receipt Nos. 19930626 to 19930650, (2) Book No. 797227, Receipt Nos. 19930651 to 19930675, (3) Book No. 797228, Receipts Nos. 19930676 to 19930700, (4) Book No 797229, Receipt Nos. 19930701 to 19930725, (5) Book No. 797230, Receipt Nos. 19930726 to 19930750. I have misplaced/lost during cleaning of office. Complained in Town Police Station, Dhenkanal GD No. 008, dtd 20.05.2023. If any customer paid such amount against this receipt Bajaj Finance Ltd. is not liable for this. If anybody found this please submit to Kishore Chandra Das, Collection Manager, M/s Bajaj Finance Ltd. Dhenkanal Branch Shivam Tower, 1st Floor, Station Bazar, Dhenkanal-759013. D-74070



# ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବିଷ୍ଣୁପ୍ରିୟା ପଟ୍ଟନାୟକ (ଉର୍ମି)
ସ୍ୱାମୀ- ଶ୍ରୀ ପ୍ରଭୁଦତ୍ତ ପଟ୍ଟନାୟକ(କିସୁ),
ଶ୍ୱଶୁର-ସ୍ୱ ଦୁର୍ଗାପ୍ରସନ୍ନ ପଟ୍ଟନାୟକ (ଆଡ୍‌ଭୋକେଟ୍)
ଲୁଇସ୍ ରୋଡ୍, ଭୁବନେଶ୍ୱର
ଆବିର୍ଭାବ: ୧୩।୦୧।୧୯୭୧
ତିରୋଧାନ: ୧୪।୦୫।୨୦୨୩
ତୁମେ ଆମ ସମସ୍ତଙ୍କୁ ଛାଡି ଏତେ ଶୀଘ୍ର ପ୍ରଭୁଙ୍କ ପାଖକୁ ଚାଲିଯିବ ବୋଲି ଏବେ ବି ବିଶ୍ୱାସ ହେଉନାହିଁ। ତୁମର ଅନାବିଳ ସ୍ନେହ, ଅମଳିନ ଶ୍ରଦ୍ଧା ଓ ଆତ୍ମୀୟତା ଚିରଦିନ ଆମ୍ଭମାନଙ୍କ ପାଇଁ ପ୍ରେରଣା ହୋଇ ରହିଥିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: କନ୍ୟା- ପ୍ରିୟଙ୍କା (ପିଙ୍କି), ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୭୩୭୬୭

Sradhhanjali



11th Day of
Shri Raja Kishore Patnaik
22-11-1928 to 14-05-2023.
Bapa, You lived like a king and left for your heavenly abode like a king. Your style of living is itself a great lesson to us to lead our lives. Everything relating to you will be treasured in our hearts for ever and will be the greatest source of inspiration to lead our lives.
Fondly remembered by Family members & friends.
D-0409

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ବନଜଲତା ମହାନ୍ତି
ଚୋରଦା, ବ୍ୟାସନଗର, ଯାଜପୁର
ଆବିର୍ଭାବ: ୧୩।୦୮।୧୯୫୨ (ଜନ୍ମାଷ୍ଟମୀ)
ତିରୋଧାନ: ୦୪।୦୬।୨୦୨୨
(ଶିବବିବାହ, ଜ୍ୟେଷ୍ଠଶୁକ୍ଳ ପଞ୍ଚମୀ)
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ପବିତ୍ର ରଞ୍ଜନ ମହାନ୍ତି, ଭୁବନାନନ୍ଦ ମହାନ୍ତି, ବିବେକାନନ୍ଦ ମହାନ୍ତି ଓ ପରିବାରବର୍ଗ।
ଧ-୦୪୨୪

In Loving Memory of a Family Man and an Astute Businessman



Radha Mohan Mohanty
(Moni-babu)
(25.03.1933 - 19.05.2023)
Founding Member,
M/s G.N. Mohanty & Co.
Samantarapur
Bhubaneswar 751002
Odisha, India
Ph: (0674) 234-0528, 9437074183
gnmohantyandco@gmail.com
There are no goodbyes for us.
Wherever you are,
you will always be in our hearts.
Deeply mourned by family, relatives, friends, and other well-wishers
ଧ-୦୪୧୮

ଦଶାହ ଉପଲକ୍ଷେ



ସ୍ୱ ପ୍ରାଧ୍ୟାପକ ଶୁକଦେବ ରଥ
ଲୋକନାଥ ଘାଟ, ପାର୍ବତୀପୁର ପୁରୀ
ଅନାୟାସେନ ମରଣଂ ବିନାଦୈନ୍ୟେନ ଜୀବନମ୍
ଦେହାନ୍ତଂ ତବ ସାନ୍ନିଧ୍ୟଂ ଦେହି ମେ ପରମେଶ୍ୱରମ୍
ମହାପ୍ରୟାଣ- ୨୦।୦୫।୨୦୨୩
ଦଶାହ- ୨୯।୦୫।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ହତଭାଗ୍ୟ ଶୋକାକୁଳ ପୁତ୍ର - ପୁତ୍ରବଧୂ, ନାତି -ନାତୁଣୀ ଏବଂ ପରିବାରବର୍ଗ।
ଧ-୭୩୫୪୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଖରିଫ ଫସଲ ଯୋଜନା

ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ। ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।



# ଅଧିକ ଅମଳକ୍ଷମ ସାରୁ



ଜଳସେଚନର ସୁବିଧା ଥିଲେ ଏବେଠୁ ଜୁନ୍ ମାସରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ,ଟୋପି,ସାତମୁଖି ଓ ଝାଙ୍କଡ଼ି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନକରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ଼ ଗଭୀର ଚାଷକରି ମଇଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବରଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ , ୨୪କି.ଗ୍ରା. ଫସ୍‌ଫରସ,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ବ୍ୟବହାର କରନ୍ତୁ।

# ଚିନାବାଦାମରେ ଉଇ ଦମନ

ଉଇ ଉପଦ୍ରୁତ ଅଞ୍ଚଳରେ ଚିନାବାଦାମ ଲାଗି ଶେଷଓଡ଼ ୦ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ । ଚିନାବାଦାମରେ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଚିନାବାଦାମ ଚାଷ ଲାଗି ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ ।



# କେଜ୍ କଲ୍‌ଚର ପ୍ରଣାଳୀରେ ମାଛଚାଷ



ଡ. ମାନସ ରଞ୍ଜନ ପଟ୍ଟନାୟକ



"ବର୍ତ୍ତମାନ ମାଛଚାଷରେ ନୂତନ ଜ୍ଞାନକୌଶଳର ଏକ ଅଭିନବ ପ୍ରୟାସ ହେଉଛି କେଜ୍ କଲ୍‌ଚର। ବଡ଼ ଆକୃତିର ଜଳାଶୟରେ ଉକ୍ତ ପ୍ରଣାଳୀରେ ମାଛଚାଷ ଧୀରେ ଧୀରେ ଆଦୃତ ହେବାରେ ଲାଗିଲାଣି। ପ୍ରବହମାନ ଜଳ ସ୍ତରରୁ ଉତ୍ସକୁ ଗୋଟିଏ ଅଂଶକୁ ଜାଲ ଦ୍ୱାରା ଆବଦ୍ଧକରି (ଯନ୍ତା ଭଳି) ତା' ମଧ୍ୟରେ ମାଛଚାଷ କରିବାକୁ 'କେଜ୍ କଲ୍‌ଚର' କୁହାଯାଉଛି। ତେବେ ପରିବେଶ ସମସ୍ୟା କାରଣରୁ ନଦୀରେ କେଜ୍ କଲ୍‌ଚର କରାଯାଏ ନାହିଁ। କିନ୍ତୁ ନଦୀ ମୁହାଣ, ବୃହତ୍ ଏବଂ ମଧ୍ୟମ ଜଳଭଣ୍ଡାର, ହ୍ରଦ ଇତ୍ୟାଦିର ଗୋଟିଏ ଅଂଶ ଜାଲ ଦ୍ୱାରା ଆବଦ୍ଧ କରି ତା' ମଧ୍ୟରେ କେଜ୍ କଲ୍‌ଚର କରାଯାଏ । ଏଥିରେ ଜଳାଶୟର ପାଣିକୁ ଆବଦ୍ଧ କରାଯାଏ ନାହିଁ। ପାଣି ଯେମିତି ବୋହି ଚାଲିବା କଥା ବୋହୁଥାଏ। ପାଣି ମଧ୍ୟରେ କେବଳ ଫ୍ରେମ୍ ଏବଂ ନାଇଲନ୍ ଜାଲି ବିଛାଇ ଚାରି ପଟକୁ ଆବଦ୍ଧ କରାଯାଇ ମାଛଚାଷ କରାଯାଇପାରିବ।"

ଓଡ଼ିଶାର ଲୋକମାନେ ସାଧାରଣତଃ ମାଛ ପ୍ରିୟ। ଆମ ରାଜ୍ୟର ବିଭିନ୍ନ ଜିଲାରେ ମିଳୁଥିବା ପ୍ରାୟ ସବୁ ପ୍ରକାର ମାଛର ବଜାର ଚାହିଦା ରହିଥାଏ। ଅନ୍ୟ କୌଣସି ଚାଷ ଅପେକ୍ଷା ମାଛଚାଷରେ ଅଧିକ ଲାଭ ମିଳିଲାଣି। ଅପରପକ୍ଷେ ମାଛଚାଷର ଗୁରୁତ୍ୱ ଉପଲବ୍ଧିକରି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ସମୟରେ ବହୁ ପ୍ରକାର ଯୋଜାନା ପ୍ରସ୍ତୁତ କରୁଛନ୍ତି। ରାଜ୍ୟର ଶିକ୍ଷିତ ତଥା ବେକାର ଯୁବଗୋଷ୍ଠୀ ମତ୍ସ୍ୟଚାଷକୁ ଆୟର ପନ୍ଥା ଭାବରେ ଗ୍ରହଣକରିପାରିବେ। ଆଉ ଏବେ ମାଛଚାଷରେ ଉନ୍ନତ ଜ୍ଞାନକୌଶଳ ମଧ୍ୟ ପ୍ରୟୋଗ କରାଯାଉଛି।

'କେଜ୍ କଲ୍‌ଚର' ଏହି ନୂତନ ଜ୍ଞାନକୌଶଳର ଗୋଟିଏ ପନ୍ଥା ବା ଏକ ଅଭିନବ ପ୍ରୟାସ। ବଡ଼ ଆକୃତିର ଜଳାଶୟରେ କେଜ୍ କଲ୍‌ଚର ପ୍ରଣାଳୀରେ ମାଛଚାଷ ଏକ ନୂଆ ବିକଳ୍ପ ଭାବରେ ଧୀରେ ଧୀରେ ଆଦୃତ ହେବାରେ ଲାଗିଲାଣି। ପ୍ରବହମାନ ଜଳ ସ୍ତରରୁ ଉତ୍ସକୁ ଗୋଟିଏ ଅଂଶକୁ ଜାଲ ଦ୍ୱାରା ଆବଦ୍ଧକରି (ଯନ୍ତା ଭଳି) ତା' ମଧ୍ୟରେ ମାଛଚାଷ କରିବାକୁ 'କେଜ୍ କଲ୍‌ଚର' କୁହାଯାଉଛି। ତେବେ ପରିବେଶ ସମସ୍ୟା କାରଣରୁ ନଦୀରେ କେଜ୍ କଲଚର କରାଯାଏ ନାହିଁ। କିନ୍ତୁ ନଦୀ ମୁହାଣ, ବୃହତ୍ ଏବଂ ମଧ୍ୟମ ଜଳଭଣ୍ଡାର ହ୍ରଦ ଇତ୍ୟାଦିର ଗୋଟିଏ ଅଂଶ ଜାଲ ଦ୍ୱାରା ଆବଦ୍ଧ କରି ତା' ମଧ୍ୟରେ କେଜ୍ କଲ୍‌ଚର କରାଯାଏ। ଏଥିରେ ଜଳାଶୟର ପାଣିକୁ ଆବଦ୍ଧ କରାଯାଏ ନାହିଁ। ପାଣି ଯେମିତି ବୋହି ଚାଲିବା କଥା ବୋହୁଥାଏ। ପାଣି ମଧ୍ୟରେ କେବଳ ଫ୍ରେମ୍ ଏବଂ ନାଇଲନ୍ ଜାଲି ବିଛାଇ ଚାରିପଟକୁ ଆବଦ୍ଧ କରାଯାଇ ମାଛଚାଷ କରାଯାଇପାରିବ।

ଜଳାଶୟରେ ବନ୍ୟାଜଳ, ବର୍ଷାଜଳ ଇତ୍ୟାଦି ପ୍ରବେଶକଲେ ମଧ୍ୟ ମାଛର କୌଣସି କ୍ଷତି ହୋଇ ନ ଥାଏ। ଅନ୍ୟପକ୍ଷରେ ମାଛ ଭାସି ପଳେଇଯିବା ଆଶଙ୍କା ନ ଥାଏ। ଯେପରି ଜଳାଶୟର ଗଭୀରତା ଅତିକମ୍‌ରେ ୧୦ ମିଟର ହୋଇଥାଏ, କେଜ୍ କଲ୍‌ଚର କରାଯିବା ପାଇଁ ସେହି ସ୍ଥାନ ହିଁ ଉପଯୁକ୍ତ । କାରଣ ସାଧାରଣତଃ କେଜ୍‌ର ଉଚ୍ଚତା ୪ ମିଟର ଏବଂ କେଜ୍‌ର ତଳଠାରୁ ଜଳାଶୟର ଚଟାଣ ଗଭୀରତା ୬ ମିଟର ହେବା ଆବଶ୍ୟକ। କେଜ୍ କଲ୍‌ଚରରେ କେତେକ କେଜ୍‌କୁ ପାଖାପାଖି ରଖାଯାଇଥାଏ। କେଜ୍‌ର ଚାରିପାଖ ବନ୍ଦ ରହେ। କେବଳ ଉପର ପାଖଟି ଖୋଲା ଥାଏ। କେଜ୍‌ର ଆକାର ଗୋଲାକାର, ବର୍ଗାକାର କିମ୍ବା ଆୟତାକାର ହୋଇଥାଏ। ଏକ ମାନକ କେଜ୍‌ର ଲମ୍ବ ୬ ମିଟର, ଓସାର ୪ ମିଟର ଏବଂ ଉଚ୍ଚତା ୪ ମିଟର ହୋଇଥାଏ। କେଜ୍ ତିଆରି ନିମନ୍ତେ କଳଙ୍କିବିହୀନ ଫ୍ରେମ ବ୍ୟବହାର କରାଯାଏ। ସାଧାରଣତଃ ଏମ୍‌ଏସ୍ ତିଆରି, ପିଭିସି କିମ୍ବା ଏଚ୍‌ଡିର ପାଇପ୍‌କୁ ଫ୍ରେମ୍ ଭାବରେ ବ୍ୟବହାର କରାଯାଇଥାଏ। ଫ୍ରେମ୍ ଲାଗିବା ପରେ ସବୁ ନାଇଲନ୍ ଜାଲରେ କେଜ୍ ପ୍ରସ୍ତୁତ କରାଯାଏ। ଯାଆଁଳ ପାଇଁ ଅତି ସରୁ ଜାଲ (ଜାଲ ମଝିରେ ଫାଙ୍କ ୧୦-୧୨ ମି.ମି.) ବ୍ୟବହାର କରାଯାଏ। ନିଜର ଆବଶ୍ୟକତା ଅନୁଯାୟୀ ୬-୨୪ଟି ପର୍ଯ୍ୟନ୍ତ କେଜ୍ ଗୋଟିଏ ସ୍ଥାନରେ ରଖି ମାଛଚାଷ କରାଯାଇଥାଏ। ଯଦି ଜଣେ ଚାଷୀ ୧୦ଟି କେଜ୍‌କୁ ନେଇ ମାଛଚାଷ କରିବାକୁ ଚାହାନ୍ତି, ତେବେ ସେଥିରୁ ତିନୋଟି କେଜ୍‌କୁ (୩୦ ପ୍ରତିଶତ) ଯାଆଁଳ ଉତ୍ପାଦନ ପାଇଁ ବ୍ୟବହାର ପାରିବେ। ଆଉ ଅନ୍ୟ କେଜ୍‌ରେ ମାଛଚାଷ କରିପାରିବେ।

ସାଧାରଣତଃ ଗୋଟିଏ କେଜ୍‌ରୁ ଅନ୍ୟ କେଜ୍‌କୁ ମାଛ ସ୍ଥାନାନ୍ତର କରିବା ପରେ ଖାଲି କେଜ୍‌କୁ ବାହାରକୁ କଢ଼ାଯାଇ ସୂର୍ଯ୍ୟକିରଣରେ ଶୁଖାଇ ଦିଆଯାଏ। ତା'ପରେ କେଜ୍‌ରେ ଲାଗି ରହିଥିବା ସମସ୍ତ ମଇଳାକୁ ଘଷି ଘଷି ସଫା କରାଯାଇଥାଏ। ଏହିଭଳି ପଦ୍ଧତି ଅନୁସରଣ କଲେ ପାରମ୍ପରିକ ମାଛଚାଷଠାରୁ ଯାଆଁଳ ଉତ୍ପାଦନର ୩ଗୁଣ ଏବଂ ମାଛ ଉତ୍ପାଦନର ୨ ଗୁଣ ଅଧିକ ହୋଇଥାଏ। ଆମ ରାଜ୍ୟରେ ମାଛକୁଣ୍ଡ ଜଳଭଣ୍ଡାରରେ କେଜ୍ କଲ୍‌ଚର ବେଶ୍ ପୁରୁଣା ଏବଂ କେତେ ବର୍ଷ ହେଲା ହୀରାକୁଦ ଜଳଭଣ୍ଡାରରେ କେଜ୍ କଲ୍‌ଚରରେ ମାଛଚାଷ କରାଯାଇପାରୁଛି। ଏହାବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ କେଜ୍ କଲ୍‌ଚର ଚାଷୀମାନେ ମିଳିତ ଭାବେ ବି ଏହିଚାଷ କରୁଛନ୍ତି।

-ପ୍ରିନ୍ସିପାଲ, ଆଗ୍ରୋ ପଲିଟେକ୍‌ନିକ୍
ସେଣ୍ଟର (ଫିସରି ସାଇନ୍ସ),
ଓୟୁଏଟି, ରଙ୍ଗେଇଲୁଣ୍ଡା,
ମୋ : ୯୪୩୯୬୩୮୦୦୪

# ପ୍ରାଣୀଙ୍କ ଖାଦ୍ୟ

ବର୍ତ୍ତମାନ ଖରାଦିନ। ତେଣୁ ପ୍ରାଣୀଙ୍କୁ ପ୍ରଚୁର ଥଣ୍ଡାପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ। ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଜୁନ୍ ମାସରେ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ଦାନା ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ । ଏହି ସମୟରେ ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ। ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୫ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନ ସାରା ଚରିଲେ ମଧ୍ୟ ଏହି ସମୟରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ସମୟରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।



# ଡାଲି ବିହନ ବୁଣିବା ପୂର୍ବରୁ...

ଜମି ପ୍ରସ୍ତୁତକରି ନିଗିଡ଼ା ଢିପଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

# ମକା ବିହନ ଚୟନ



ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ କଞ୍ଚା ଖାଇବା ପାଇଁ ମକା ଫସଲ ଲଗାଯାଇପାରିବ। ଉନ୍ନତ ବିହନ କିସମ ଯଥା- ନବଜୋତ୍,ଶକ୍ତି,ଡେକାନ୍-୧୦୭,ଡେକାନ୍-୧୦୯ ନିକଟରେ ଥିବା କୃଷି ବିଭାଗ ବିହନ ବିକ୍ରୟ କେନ୍ଦ୍ରରୁ ସଂଗ୍ରହ କରନ୍ତୁ। ୧ ଏକର ଜମିରେ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କି.ଗ୍ରା. ଯବକ୍ଷାରଜାନ ,୧୬କି.ଗ୍ରା. ଫସ୍‌ଫରସ ଓ ୧୬ କି.ଗ୍ରା. ପଟାସ୍ ସାର ମଧ୍ୟରୁ ୩ଭାଗରୁ ଭାଗେ ଯବକ୍ଷାରଜାନ,ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ।

# ଧାନଚାଷ ପ୍ରସ୍ତୁତି

ଆଉ କିଛି ସପ୍ତାହ ପରେ ବର୍ଷାଦିନ ଆସିଯିବ। ତେଣୁ ଧାନଚାଷ ପାଇଁ ଜମି ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ। ଏଥିଲାଗି ପ୍ରଥମେ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡକରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣାଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣି ସାରି ଥରେ ମଇ ଦେଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନକରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ। ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ତଳିପଟିରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷା ଋତୁରେ ମୋଟ ୬୦ ମିଲି ମି. ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିଲାଗି ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ମୁଖ୍ୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨-୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ। ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନଜନିତ ରୋଗରୁ ରକ୍ଷା କରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ x ଥିରାମ୍ ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣି ଶକ୍ତି ଥିବା କିସମର ଧାନଚାଷ କରନ୍ତୁ । ତଣ୍ଟିକଟା (କେଣ୍ଡା ମହିଷା) ରୋଗର ପ୍ରତିକାର ପାଇଁ ୧ କି.ଗ୍ରା. ବିହନକୁ ୨.୫ ଗ୍ରାମ୍ ହିସାବରେ ମିଶ୍ରିତ ଫିମ୍ପିନାଶକ କାର୍ବୋକ୍ସିନ୍ (୩୭.୫%) x ଥିରାମ୍ (୩୭.୫%) ଦ୍ୱାରା ବିଶୋଧନ କରିବେ ଏବଂ ହେକ୍ଟର ପ୍ରତି ଟେବୁକୋନାଜୋଲ୍ ୫୦୦ ମି.ଲି. କିମ୍ବା କାଜୁଗାମାଇସିନ୍ (୩% ଏସ୍.ଏଲ୍.) ୫୦୦ ମି.ଲି. କିମ୍ବା ୭୫୦ ମି.ଲି. ଆଇସୋପ୍ରୋଥିଲେନ୍ (୪୦% ଇସି) ଦୁଇଥର ପତ୍ର ସିଞ୍ଚନ କରିବେ।



# ଫାଇନାଲରେ ଚେନ୍ନାଇ ସୁପରକିଙ୍ଗ୍ସ

ଚେନ୍ନାଇ,୨୩ା୫

ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍‌ର ପ୍ଲେ ଅଫ୍-୧କୁ ୧୫ ରନ୍‌ରେ ଜିତି ଟିକେଟ୍ ଟୁ ଫାଇନାଲ ହାସଲ କରିଛି ଚେନ୍ନାଇ ସୁପର କିଙ୍ଗ୍ସ। ଧିମା ଟ୍ରାକ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୭୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଗୁଜରାଟ ୨୦ ଓଭରରେ ୧୫୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ମେ ୨୮ ତାରିଖରେ ଚେନ୍ନାଇ ଫାଇନାଲ ଖେଳିବ। ଅନ୍ୟ ପକ୍ଷରେ ପରାଜିତ ହୋଇଥିବା ଗୁଜରାଟ ନିକଟରେ ଫାଇନାଲ ପ୍ରବେଶ ପାଇଁ ଆଉ ଏକ ସୁଯୋଗ ରହିଛି। କ୍ୱାଲିଫାୟର-୨ରେ ଲକ୍ଷ୍ନୌ ଓ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ବିଜେତାକୁ ମେ ୨୬ ତାରିଖରେ ଭେଟିବ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଏଲିମିନେଟର)
**ଲକ୍ଷ୍ନୌ ବନାମ ମୁମ୍ବାଇ**
**ସ୍ଥାନ: ଚେନ୍ନାଇ, ସମୟ: ରାତି ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**


ବୋଲିଂ ଆକ୍ସନରେ ମହମ୍ମଦ ଶାମି


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଋତୁରାଜ ଗାଏକ୍ୱାଡ୍

## ନୋ ବଲ୍‌ରୁ ୫୮ ରନ୍‌ର ଫାଇଦା

ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଋତୁରାଜ ଗାଏକ୍ୱାଡ(୬୦) ଓ ଡେଭନ୍ କନ୍‌ୱେ(୪୦) ପ୍ରଥମ ଉଇକେଟରେ ୮୭ ରନ୍ ଯୋଡିଥିଲେ। ତେବେ ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ଦର୍ଶନ ନଲକନ୍ଦେଙ୍କ ନୋ ବଲ୍ ଚେନ୍ନାଇକୁ ୫୮ ରନ୍‌ର ଫାଇଦା ମିଳିଥିଲା। ଦ୍ୱିତୀୟ ଓଭରରେ ଋତୁରାଜ ଗାଏକ୍ୱାଡ ୭ ବଲ୍‌ରୁ୨ ରନ୍ କରିଥିବା ବେଳେ ନଲକନ୍ଦେଙ୍କ ବଲ୍‌ରେ ଶୁବମନ ଗିଲଙ୍କୁ କ୍ୟାଚ୍ ଦେଇଥିଲେ। ରିପ୍ଲେରୁ ନଲକନ୍ଦେ ଓଭର ଷ୍ଟେପିଂ କରିଥିବା ଜଣାପଡିଥିଲା। ପରେ ଗାଏକ୍ୱାଡ ଦ୍ରୁତ ବ୍ୟାଟିଂ କରିବା ସହିତ ୪୪ ବଲ୍ ଖେଳି ୭ ଚୌକା ଓ ୧ ଛକା ସହିତ ୬୦ ରନ୍ କରି ମୋହିତ ଶର୍ମାଙ୍କ ବଲ୍‌ରେ ଆଉଟ ହୋଇଥିଲେ।

## କନ୍‌ୱେଙ୍କ ଧିମା ବ୍ୟାଟିଂ

ଚେନ୍ନାଇର ଅନ୍ୟତମ ଓପନର ଡେଭନ କନ୍‌ୱେ ଧିମା ବ୍ୟାଟିଂ କରି ୩୪ ବଲ୍‌ରୁ ୪୦ ରନ୍ କରିଥିଲେ। ୧୬ତମ ଓଭର ଯାଏ ବ୍ୟାଟିଂ କରିଥିଲେ ମଧ୍ୟ କନ୍‌ୱେ ମାତ୍ର ୪ ଚୌକା ମାରିଥିଲେ। ଶିବମ ଦୁବେ ୧ ରନ୍ କରିଥିବା ବେଳେ ଅଜିଙ୍କ୍ୟ ରାହାନେ ୧୦ ବଲ୍‌ରୁ ୧୭ ଓ ଅମ୍ବାତି ରାୟୁଡୁ ୯ ବଲ୍‌ରୁ ୧୭ ରନ୍ କରିଥିଲେ। ଚେପକ୍‌ରେ ଚଳିତ ସିଜନର ଶେଷ ମ୍ୟାଚ ଖେଳୁଥିବା ମହେନ୍ଦ୍ର ସିଂ ଧୋନୀ ମାତ୍ର ୧ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଶେଷ ଆଡକୁ ରବୀନ୍ଦ୍ର ଜାଡେଜା ୧୬ ବଲ୍‌ରୁ ୨୨(୨ ଚୌକା) ଓ ମୋଇନ୍ ଅଲୀ ୪ ବଲ୍‌ରୁ ୯ ରନ୍ କରିବାରୁ ଚେନ୍ନାଇ ୧୭୦ ରନ୍ ପାର କରିଥିଲା।

ମିଡିଲ ଓଭରରେ ମୋହିତ ଶର୍ମା ପ୍ରଭାବିତ କରିଥିବା ବେଳେ ମହମ୍ମଦ ଶାମି ପାୱାର ପ୍ଲେ ଓ ଡେଥ୍ ଓଭରରେ ଚମତ୍କାର ବୋଲିଂ କରିଥିଲେ। ଉଭୟ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦର୍ଶନ ନଲକନ୍ଦେ, ରାଶିଦ ଖାନ୍ ଓ ନୁର ଅହମ୍ମଦଙ୍କ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

୧୭୩ ରନ୍ ଲକ୍ଷ୍ୟର ପିଛା କରୁଥିବା ଗୁଜରାଟ ଦଳୀୟ ସ୍କୋର ୨୨ରେ ଋଦ୍ଧିମାନ ସାହା(୧୨ରନ୍)ଙ୍କ ଉଇକେଟ ହରାଇଥିଲା। ଅଧିନାୟକ ହାର୍ଦ୍ଦିକ୍ ପାଣ୍ଡ୍ୟା ୮ରନ୍ କରି ଥିକସାନାଙ୍କ ବଲରେ ଆଉଟ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ଶନକା କିଛି ଆକର୍ଷଣୀୟ ଶଟ୍ ଖେଳି ୧୭ ରନ୍ କରି ଗିଲ୍‌ଙ୍କ ସହିତ ୩୧ ରନ୍ ଯୋଡିଥିଲେ। ତେବେ ରିଭର୍ସ ସୁଇପ୍ ଖେଳିବାକୁ ଯାଇ ଶନକା ନିଜ ଉଇକେଟ ହରାଇଥିଲେ। ଡେଭିଡ ମିଲର ୪ ରନ୍ କରି ଆଉଟ ହେବା ବେଳକୁ ଗୁଜରାଟ ୮୮ ରନ୍‌ରେ ୪ ଉଇକେଟ ହରାଇଥିଲା। ପରବର୍ତ୍ତୀ ଓଭରରେ ଦୀପକ ଚହରଙ୍କୁ ପୁଲ୍ ଶଟ୍ ଖେଳିବାକୁ ଯାଇ ଶୁବମନ ଗିଲ୍ (୪୨ ରନ୍) ଆଉଟ ହେବା ସହିତ ଗୁଜରାଟର ବିଜୟ ଆଶା ମଉଳି ଯାଇଥିଲା। ଆଉଟ ହେବା ପୂର୍ବରୁ ଗିଲ୍ ୩୮ ବଲ୍‌ରୁ ୪ ଚୌକା ଓ ୧ ଛକା ମାରିଥିଲେ।

ଗୁଜରାଟର ବିଜୟ ଅସମ୍ଭବ ମନେ ହେଉଥିବା ବେଳେ ବିସ୍ଫୋରକ ବ୍ୟାଟିଂ କରିଥିଲେ ରଶିଦ୍ ଖାନ୍। ୧୬ ବଲ୍‌ରୁ ବିସ୍ଫୋରକ ୩୦ ରନ୍ କରିଥିଲେ। ଏହି ଇନିଂସରେ ୩ ଚୌକା ଓ ଦୁଇ ଛକା ସାମିଲ ଥିଲା। ୧୯ ତମ ଓଭରରେ ରଶିଦ୍ ବଡ ଶଟ୍ ଖେଳିବା ପ୍ରୟାସରେ ତୁଷାର ଦେଶପାଣ୍ଡେଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡେଜା, ମହୀଷ ଥିକ୍‌ସାନା ଓ ଦୀପକ ଚହର ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଆ ଖେଳାଳି ଶୁଭ୍ରାଂଶୁ ସେନାପତି ଏକ ଚମତ୍କାର ଥ୍ରୋ ଜରିଆରେ ଦର୍ଶନ ନଲକନ୍ଦେଙ୍କୁ ରନ୍‌ଆଉଟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୨/୭ (ଋତୁରାଜ ଗାଏକ୍ୱାଡ-୬୦, ଡେଭନ୍ କନ୍‌ୱେ-୪୦, ରବୀନ୍ଦ୍ର ଜାଡେଜା-୨୨, ମହମ୍ମଦ ଶାମି-୨/୨୮, ମୋହିତ ଶର୍ମା-୨/୩୧, ନୁର ଅହମଦ-୧/୨୯, ରଶିଦ ଖାଁ-୧/୩୭, ଦର୍ଶନ ନଲକନ୍ଦେ-୧/୪୭)। ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୫୭/୧୦ (ଶୁବମନ ଗିଲ-୪୨, ରଶିଦ୍ ଖାନ୍-୩୦, ଦସୁନ୍ ଶନକା-୧୭, ରବୀନ୍ଦ୍ର ଜାଡେଜା-୨/୧୮, ମହୀଷ ଥିକ୍‌ସାନା-୨/୨୮, ଦୀପକ ଚହର-୨/୨୯)।

# ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ


କୋଚ୍ ଶିବ ପ୍ରସାଦ ଦାସ (ମଝି)ଙ୍କ ସହ ଦୀପ୍ ରଞ୍ଜନ ବିଷୋୟୀ ଓ ପ୍ରମୋଦ ଭଗତ।

■ ବାହାରିନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ
■ ଦୀପ୍ ରଞ୍ଜନ ବିଷୋୟୀଙ୍କୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୨୩ା୫ (କ୍ରୀଡ଼ା ପ୍ରତିନିଧି)

ବାହାରିନ୍‌ର ମାନାମାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରମୋଦ ଭଗତ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ମିକ୍ସଡ ଡବଲ୍ସରେ ତାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ମଙ୍ଗଳବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ନିଜ ଦେଶର ନିତେଶ କୁମାରଙ୍କୁ ୨୧-୧୬, ୨୧-୧୭ରେ ପରାସ୍ତ କରିଛନ୍ତି। ସେହିପରି ସୁକାନ୍ତ କଦମଙ୍କୁ ସାଥିକରି ସେ ଡବଲ୍ସ ଫାଇନାଲରେ ନିତେଶ କୁମାର ଓ ତରୁଣ ଯୋଡ଼ିଙ୍କୁ ୨୨-୨୪, ୨୧-୯ ଓ ୨୧-୧୪ରେ ହରାଇ ଦେଇଛନ୍ତି। ପ୍ରଥମ ସେଟ୍‌ରେ ପ୍ରମୋଦ-ସୁକାନ୍ତ ଯୋଡ଼ି ପରାଜିତ ହୋଇଥିଲେ ହେଁ ଦ୍ୱିତୀୟ ସେଟ୍‌ରେ ସହଜ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ମିକ୍ସଡ ଡବଲ୍ସ ସେମିଫାଇନାଲରେ ପରାଜିତ ହୋଇଥିବାରୁ ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ଅନ୍ୟତମ ଓଡ଼ିଆ ଖେଳାଳି ଦୀପ୍ ରଞ୍ଜନ ବିଷୋୟୀ ଡବଲ୍ସରେ ମନୋଜ ସରକାରଙ୍କୁ ସାଥିକରି ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଯୋଡ଼ି ସେମିଫାଇନାଲରେ ପ୍ରମୋଦ-ସୁକାନ୍ତଙ୍କ ନିକଟରୁ ହାରି ଯାଇଥିଲେ। ଓଡ଼ିଶା ଖେଳାଳିଙ୍କ ସହ କୋଚ୍ ଶିବ ପ୍ରସାଦ ଦାସ ବାହାରିନ ଯାତ୍ରା କରିଥିଲେ।

# ଭିନିସିୟସ୍‌ଙ୍କୁ ଜାତିଆଣ ଆକ୍ଷେପ ମାମଲାରେ ୪ ଗିରଫ

ମାଡ୍ରିଡ୍,୨୩ା୫(ପି.ଟି.)

ସ୍ପାନିସ୍ ଲିଗ୍ ଫୁଟବଲରେ ବ୍ରାଜିଲର ଭିନିସିୟସ୍ ଜୁନିୟର ଜାତିଆଣ ଆକ୍ଷେପ ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଭାଲେନ୍ସିଆ ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୧-୦ ପରାଜୟରେ ମଷ୍ଟାଲ୍ଲା ଷ୍ଟାଡିୟମରେ ଜାତିଆଣ ଆକ୍ଷେପ ହେବାପରେ ଇନ୍‌ଷ୍ଟାଗ୍ରାମ ଓ ଟୁଇଟରରେ ସେ ଏହାକୁ ନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଥିଲେ। ୪ ବର୍ଷ ମଧ୍ୟରେ ୯ ଥର ତାଙ୍କୁ ଏମିତି ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡିଥିଲା। ଭିନିସିୟସ ଏ ସମ୍ପର୍କରେ ପୋଷ୍ଟ କରିବା ପରେ ତାଙ୍କୁ ସମଗ୍ର ବିଶ୍ୱରୁ ସମର୍ଥନ ମିଳିବାରୁ ପୋଲିସ ମଧ୍ୟ ଆକ୍ସନ ମୋଡ୍‌କୁ ଆସିଛି। ଜାନୁୟାରୀରେ କିଛି ଲୋକ ତାଙ୍କର ଏକ ଏଫିଗି(କଣ୍ଢେଇ ଆକୃତିର ପ୍ରତିମୂର୍ତ୍ତି)କୁ ଫାଶୀ ଦେଇଥିଲେ। କୋପା ଡେଲ୍‌ରେ ଟୁର୍ନାମେଣ୍ଟରେ ରିୟଲ ମାଡ୍ରିଡ୍ ଓ ଆଟଲେଟିକୋ ମାଡ୍ରିଡ ମ୍ୟାଚ୍ ପୂର୍ବରୁ ଏହି ଘଟଣା ଘଟିଥିଲା। ଏକ କଣ୍ଢେଇ ଉପରେ ଭିନିସିୟସ୍ ଲେଖି ଏହାକୁ ବ୍ରିଜ୍‌ରେ ଝୁଲାଇବାକୁ ପ୍ରୟାସ କରାଯାଇଥିଲା। ଗିରଫ ହୋଇଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣ ଆଟଲେଟିକୋ'ସ ଫ୍ୟାନ୍ ଗ୍ରୁପ୍‌ର ସଦସ୍ୟ ଓ ଜଣେ ଏହାର ସମର୍ଥକ। ଗିରଫ ୪ ଜଣଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ବେଳେ ସେମାନେ ଗିରଫ ମଧ୍ୟ ହୋଇ ସାରିଛନ୍ତି। ସମସ୍ତଙ୍କ ବୟସ ୧୯-୨୪ ବର୍ଷ ମଧ୍ୟରେ ବୋଲି ପୋଲିସ୍ ସ୍ପଷ୍ଟ କରିଛି। ଏହା ପୂର୍ବରୁ ଭାଲେନ୍ସିଆ ବିପକ୍ଷ ମ୍ୟାଚରେ ଦର୍ଶକ ଷ୍ଟାଣ୍ଡରୁ ଜଣେ ଭିନିସିୟସଙ୍କୁ ମାଙ୍କଡ଼ ବୋଲି ସମ୍ବୋଧନ କରିବା ସହିତ ଇଙ୍ଗିତ କରି ଦେଖାଇଥିଲେ। ରିୟଲ ମାଡ୍ରିଡ୍ କୋଚ୍ କାର୍ଲୋ ଆନ୍ସେଲୋଟ୍ଟି ଅସନ୍ତୋଷ ପ୍ରକାଶ କରିବା ସହିତ ଭିନିସିୟସଙ୍କୁ ପଡ଼ିଆରୁ ବାହାରକୁ ନେଇଥିଲେ। ଏହି ଘଟଣା ପରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାଇକୋ ଲୁଲା ଡି ସିଲ୍‌ଭା ଖୋଲାଖୋଲି ଭାବରେ ଭିନିସିୟସଙ୍କ ପ୍ରତି ସମର୍ଥନ ଜଣାଇଥିଲେ।

## ଗ୍ଲୋବାଲ ଚେସ୍ ଲିଗ୍‌ରେ ଭାଗ ନେବେ ଆନନ୍ଦ

**ଦୁବାଇ, ୨୩ା୫ (ପି.ଟି.):** ଗ୍ଲୋବାଲ ଚେସ୍ ଲିଗ୍ (ଜିସିଏଲ୍)ର ଉଦ୍‌ଘାଟନୀ ସଂସ୍କରଣରେ ବିଶ୍ୱନାଥନ ଆନନ୍ଦ, ମାଗ୍ନସ କାର୍ଲସେନ, ହୋଉ ୟିଫାନ୍ ଓ ଡିଙ୍ଗ୍ ଲିରେନଙ୍କ ଭଳି ଖେଳର ଆଇକନମାନେ ଭାଗ ନେବେ। ଟେକ୍ ମହିନ୍ଦ୍ରା ଓ ଅନ୍ତର୍ଜାତୀୟ ଚେସ୍ ମହାସଂଘ ଫିଡେର ମିଳିତ ଆନୁକୂଲ୍ୟରେ ହେବାକୁଥିବା ଜିସିଏଲ୍ ପାଇଁ ଖେଳାଳି ତାଲିକା ମଙ୍ଗଳବାର ଘୋଷଣା କରାଯାଇଛି। ଗ୍ଲୋବାଲ ଚେସ୍ ଲିଗ୍‌ର ପ୍ରଥମ ସିଜନ ଜୁନ୍ ୨୧ରୁ ଜୁଲାଇ ୨ ପର୍ଯ୍ୟନ୍ତ ଦୁବାଇ ଚେସ୍ ଓ କଲ୍‌ଚର କ୍ଲବରେ ହେବ। ଲିରେନ ହେଉଛନ୍ତି ବର୍ତ୍ତମାନର ବିଶ୍ୱ ଚାମ୍ପିୟନ।

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ


ବଲ୍ ରିଟର୍ନ ଅବସରରେ ଭାରତୀୟ ଖେଳାଳି।

**କାଭା ମହିଳା ଭଲିବଲ ଚ୍ୟାଲେଞ୍ଜ୍ କପ୍**

**ଭୁବନେଶ୍ୱର, ୨୩ା୫ (କ୍ରୀଡ଼ା ପ୍ରତିନିଧି):** ନେପାଳର କାଠମାଣ୍ଡୁରେ ଚାଲିଥିବା ଏନ୍‌ଏସ୍‌ସି ସେଣ୍ଟ୍ରାଲ ଏସିଆନ ଭଲିବଲ ଆସୋସିଏଶନ (କାଭା) ମହିଳା ଭଲିବଲ ଚ୍ୟାଲେଞ୍ଜ୍ କପ୍‌ରେ ଭାରତୀୟ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରିଲିମିନାରି ଦ୍ୱିତୀୟ ଲିଗ୍ ମ୍ୟାଚରେ ଭାରତ ୩-୦ (୨୫-୧୭, ୨୫-୧୮, ୨୫-୧୮)ରେ କିର୍ଗିଜସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚରେ ଭାରତ ପକ୍ଷରୁ ବ୍ଲକର ଅଶ୍ୱିନ ଓ ସୌର୍ଯ୍ୟା ଏବଂ ଆଟାକର ନିରାମାଲ ଓ ଅନୁଶ୍ରୀ ଟପ୍ ସ୍କୋରର ରହିଥିଲେ। ସୋମବାର ପ୍ରଥମ ମ୍ୟାଚରେ ଭାରତ ୩-୦ (୨୫-୧୩, ୨୫-୧୯, ୨୫-୧୬) ସେଟ୍‌ରେ ବାଂଲାଦେଶକୁ ହରାଇ ଦେଇଥିଲା। ଭାରତୀୟ ଦଳ ଏହାର ପରବର୍ତ୍ତୀ ମ୍ୟାଚ ୨୪ ତାରିଖରେ ଆୟୋଜକ ନେପାଳ ବିପକ୍ଷରେ ଖେଳିବ। ନେପାଳରେ ପ୍ରଥମଥର ଏହି ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଲିଗ୍ ଏବଂ ନକ୍‌ଆଉଟ ଭିତ୍ତିରେ ଖେଳାଯାଉଥିବା ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଭାରତ ଗ୍ରୁପ୍ 'ଏ'ରେ ବାଂଲାଦେଶ, କିର୍ଗିଜସ୍ତାନ ଓ ନେପାଳ ସହିତ ସ୍ଥାନ ପାଇଥିବାବେଳେ ଗ୍ରୁପ୍ 'ବି'ରେ ରହିଛନ୍ତି ଶ୍ରୀଲଙ୍କା, ମାଳଦ୍ୱୀପ, କାଜାଖସ୍ତାନ ଓ ଉଜବେକିସ୍ତାନ। ଗତ ୨୨ରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

**ଜାତୀୟ ସବ୍‌ଜୁନିୟର ପୁରୁଷ ହକି**

# ଆସାମ ୨୭-୦ରେ ବିଜୟୀ

ଭୁବନେଶ୍ୱର, ୨୩ା୫ (କ୍ରୀଡ଼ା ପ୍ରତିନିଧି)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୧୩ଶ ଜାତୀୟ ସବ୍‌ଜୁନିୟର ପୁରୁଷ ହକିର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଆସାମ, ପଞ୍ଜାବ ଓ ଚଣ୍ଡିଗଡ଼ ଦଳ ବିଜୟ ହାସଲ କରିଛି। ପ୍ରତିଯୋଗିତାର ୬ଷ୍ଠ ଦିବସ ପ୍ରଥମ ମ୍ୟାଚରେ ଆସାମ ୨୭-୦ ଗୋଲରେ ତ୍ରିପୁରାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ରୋହିତ ଯାଦବ ଏକାକୀ ୧୦ଟି ଗୋଲ ସ୍କୋର କରିଥିଲେ। ସେ ୧୯ ଓ ୩୮ତମ ମିନିଟରେ ୨ଟି ଲେଖାଏ ଏବଂ ୪, ୬, ୩୪, ୩୭, ୪୬ ଓ ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହା ବ୍ୟତୀତ ମହମ୍ମଦ ଇସ୍ତେୟାକ ରାଜା ୭, ୯, ୧୨ ଓ ୬୦ତମ ମିନିଟରେ ୪ଟି, ଅମିତ ଦୟାଲ ୧୬, ୧୭ ଓ ୫୨ତମ ମିନିଟରେ ୩ଟି, ରିତିକ ପଟିର ୫୧ ମିନିଟରେ ଗୋଟିଏ ଓ ୫୯ତମ ମିନିଟରେ ୨ଟି, ଅଧିନାୟକ ନେକ୍ ଅଲୀ ୫୧, ୫୭ ଓ ୫୮ତମ ମିନିଟରେ ୩ଟି, ରିତେଶ ଗୁପ୍ତା ୧୧ ଓ ୩୩ ମିନିଟରେ ୨ଟି ଏବଂ ସୋବିତ କାର୍କି ୧୦ ଓ ସୂରଜ ଠାକୁର ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ମ୍ୟାଚରେ ପଞ୍ଜାବ ୮-୧ ଗୋଲରେ ଅରୁଣାଚଳ ପ୍ରଦେଶକୁ ୨-୦ରେ ଦିଲ୍ଲୀକୁ ଏବଂ ଚଣ୍ଡିଗଡ଼ ପ୍ରଦେଶକୁ ପରାସ୍ତ କରିଛି।


ଆସାମ ଓ ତ୍ରିପୁରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ମହିଳା ସ୍କିଟ୍‌ରେ ଭାରତକୁ ରୌପ୍ୟ ଓ ବ୍ରୋଞ୍ଜ

**ଅଲମାଟି, ୨୩ା୫ (ପି.ଟି.):** ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ସିନିୟର ମହିଳା ସ୍କିଟ୍ ଇଭେଣ୍ଟରେ ଭାରତୀୟ ଶୁଟରମାନେ ପ୍ରଥମ ଥର ଦୁଇଟି ପଦକ ହାସଲ କରି ଇତିହାସ ସୃଷ୍ଟି କରିଛି। ଗାନେମତ ସେଖନ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଓ ଦର୍ଶନା ରାଠୋର ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପାଇଛନ୍ତି। ସ୍ଥାନୀୟ ଫେଭରିଟ୍ କାଜାଖସ୍ତାନର ଆସେମ ଓରିନ୍‌ବେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ତେବେ ତାଙ୍କୁ ଗାନେମତଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଉଭୟେ ୬୦ ଶଟ୍ ଫାଇନାଲରେ ସମାନ ୫୦ ହିଟ୍ ଲଗାଇଥିଲେ। ଓରିନ୍‌ବେ ଶୁଟ୍-ଅଫ୍‌ରେ ବିଜୟ ଲାଭ କରିଥିଲେ। ଦ୍ୱିତୀୟ ଦିବସ ପ୍ରାରମ୍ଭରେ ଅନୁଷ୍ଠିତ କ୍ୱାଲିଫାଇଙ୍ଗ ରାଉଣ୍ଡରେ ଦର୍ଶନା ୧୨୦ ସ୍କୋର କରି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ବେଳେ ଗାନେମତ ୧୧୭ ଶୁଟିଂ ସହ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ୬ ମହିଳା ଶୁଟରଙ୍କୁ ନେଇ ଫାଇନାଲ ହୋଇଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ